RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in
VOLUME- 41 ISSUE-324
BHUBANESWAR TUESDAY
21 MAY 2024 PAGE-16 ₹ 6.00

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

ବର୍ଷ-୪୧ ସଂଖ୍ୟା-୩୨୪ ଭୁବନେଶ୍ୱର ମଙ୍ଗଳବାର ୨୧ ମେ ୨୦୨୪ ପୃଷ୍ଠା-୧୬ ଟ.୬.୦୦



# "ମହାପ୍ରଭୁଙ୍କ ଅପାର କରୁଣାର ପ୍ରତୀକ 'ପରିକ୍ରମା' ପ୍ରକଳ୍ପ"

**ସମ୍ଭବତଃ ଓଡ଼ିଶା ରାଜନୈତିକ ଇତିହାସରେ ୨୦୨୪ ହେଉଛି ପ୍ରଥମ ନିର୍ବାଚନ ଯେଉଁଥିରେ କୋଟିକୋଟି ଓଡ଼ିଆଙ୍କ ଆରାଧ୍ୟ ଓ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ରାଜନୈତିକ ସ୍ୱାର୍ଥରେ ଆୟୁଧ କରିଛନ୍ତି କିଛି ଅଳ୍ପଜ୍ଞାନୀ ଅହଂକାରୀ । ରୁଚିହୀନ ରାଜନୀତିର ପଶାପାଲିରେ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ, ରତ୍ନଭଣ୍ଡାର ଚାବିକୁ ଗୋଟି କରି ଓଡ଼ିଶାବାସୀଙ୍କ ଧାର୍ମିକ ଭାବନାକୁ ଆହତ କରିଛନ୍ତି । ମାତ୍ର ପରିକ୍ରମା ପ୍ରକଳ୍ପର ରୂପାୟନ ପଛରେ ମହାପ୍ରଭୁଙ୍କର ଅପାର କରୁଣାର କାହାଣୀ କହିଛନ୍ତି କାର୍ତ୍ତିକ ପାଣ୍ଡିଆନ । ମହାପ୍ରଭୁଙ୍କୁ ନିଜ ଅନୁପ୍ରେରଣାର ଉତ୍ସ ବୋଲି ବର୍ଣ୍ଣନା କରି ଶ୍ରୀ ପାଣ୍ଡିଆନ ପରିକ୍ରମା ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପଛରେ ମହାପ୍ରଭୁଙ୍କ ଲୀଳାର ରହସ୍ୟ ଉନ୍ମୋଚନ କରିଛନ୍ତି । ନିର୍ବାଚନର ବ୍ୟସ୍ତତା ସତ୍ତ୍ୱେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ତାଙ୍କର ଆତ୍ମିକ ଅନୁଭବର ଅସଂଖ୍ୟ କାହାଣୀ ଆମ ନିକଟରେ ବର୍ଣ୍ଣନା କରିଥିଲେ ଶ୍ରୀ ପାଣ୍ଡିଆନ । ଏହାମଧ୍ୟରୁ ଗୋଟିଏ ଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ରୂପାୟନ ସଂକ୍ରାନ୍ତରେ...**



ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକ ପରିକ୍ରମା ପ୍ରକଳ୍ପ ପାଇଁ ମନ ସ୍ଥିର କରିଥିଲେ । ମାତ୍ର ବିଭିନ୍ନ ବାଧକ ଯୋଗୁଁ ତାହା ସମ୍ଭବ ହୋଇ ପାରି ନ ଥିଲା। ସବୁ ପ୍ରତିବନ୍ଧକ ସତ୍ତ୍ୱେ ନିଜ ରାଜନୈତିକ ଜୀବନକୁ ବାଜି ଲଗାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ମାତ୍ର ଜାତୀୟ ସ୍ମାରକ ପ୍ରାଧିକରଣ (ଏନ୍‌ଏମ୍‌ଏ)ରେ ଏହା ଅଟକି ଯାଇଥିଲା। ଏହାର ସଦସ୍ୟମାନେ ଯଦିଓ ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ସକାରାତ୍ମକ ମନୋଭାବ ପୋଷଣ କରୁଥିଲେ, ମାତ୍ର ସଦସ୍ୟ ସଚିବ ଥିବା ବ୍ୟକ୍ତିବିଶେଷ ଏହାକୁ ଆଦୌ ଗୁରୁତ୍ୱ ଦେଉ ନ ଥିଲେ। ତାଙ୍କ ସହ ୬ ମାସ ଧରି ଯୋଗାଯୋଗ କରିବାକୁ ଯାବତୀୟ ଉଦ୍ୟମ ସତ୍ତ୍ୱେ ଆମେ ସଫଳ ହୋଇ ପାରୁ ନ ଥିଲୁ। ମୁଖ୍ୟମନ୍ତ୍ରୀ ନିରାଶ ହୋଇ ଯାଇଥିଲେ।

ସେଦିନ ଶନିବାର ଥାଏ । ଅନ୍ୟ ଶନିବାର ପରି ମୁଁ ପୁରୀ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଯାଇଥାଏ। ପରିକ୍ରମା ପ୍ରକଳ୍ପ ନେଇ ମୋ ମନରେ ଭାରି ଦୁଃଖ ଥାଏ । ସେଦିନ ମହାପ୍ରଭୁଙ୍କ ସମ୍ମୁଖରେ ଦୁଇ ହାତ ଟେକି ମୁଁ ପ୍ରକଳ୍ପ ନିଷ୍ପତ୍ତି ତାଙ୍କୁ ସମର୍ପଣ କରି ଦେଲି । ଅତ୍ୟନ୍ତ ଭାରାକ୍ରାନ୍ତ ମନ ନେଇ ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ଚମତ୍କାର ଘଟିଲା। ଦିଲ୍ଲୀରେ ରାଜ୍ୟ ସରକାରଙ୍କ ଜଣେ ଉଚ୍ଚ ଅଧିକାରୀ ଆକସ୍ମିକ ଭାବରେ ମୋତେ ଫୋନ୍ କଲେ। ଯେଉଁ ସଦସ୍ୟ ସଚିବ ପରିକ୍ରମା ପ୍ରକଳ୍ପକୁ ଏଡ଼ାଇ ଚାଲିଥିଲେ, ଆମକୁ ଧରାଛୁଆଁ ଦେଉ ନ ଥିଲେ; ସେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀଙ୍କୁ ଫୋନ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗୋଟିଏ ବହି ଦେବା ପାଇଁ ଅନୁରୋଧ କରିଥିବା ଶୁଣି ମୁଁ ହତଚକିତ ହୋଇଗଲି । ମୋର ଦୁଇ ଆଖିରୁ ଦୁଇଧାର ଲୁହ ବୋହି ଆସିଲା।

ତୁରନ୍ତ ସେହି ରାତିରେ ବହିଟିଏ ଯୋଗାଡ଼ କରି ଦିଲ୍ଲୀ ପଠାଗଲା। ରବିବାର ରାଜ୍ୟ ସରକାରଙ୍କ ଅଧିକାରୀ ଜଣକ ସେହି ବହିଟିକୁ ନେଇ ସେଇ ସଦସ୍ୟ ସଚିବଙ୍କୁ ପ୍ରଦାନ କଲେ। ଏହା ସହ ବିନା କୌଣସି ଚାପର ବଶୀଭୂତ ନ ହୋଇ, ରାଜନୈତିକ ଚାପର ଊର୍ଦ୍ଧ୍ୱରେ ରହି ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲେ। ଏହାର ଠିକ୍ ପରଦିନ ଅର୍ଥାତ୍ ସୋମବାର ଦିନ ପରିକ୍ରମା ପ୍ରକଳ୍ପ ପ୍ରସ୍ତାବରେ ଏନ୍‌ଏମ୍‌ଏ ମୋହର ମାରିଲା। ଏହାଠାରୁ ଆଉ ବଡ଼ ଅନୁଭବ ଓ ଅନୁଭୂତି ଆଉ କ'ଣ ହୋଇପାରେ ?

କାର୍ତ୍ତିକ ପାଣ୍ଡିଆନଙ୍କ ସହ
ସ୍ୱତନ୍ତ୍ର ସାକ୍ଷାତକାର ପୃଷ୍ଠା-୩ରେ

### କେନ୍ଦ୍ରାପଡ଼ାରୁ ପ୍ରଧାନମନ୍ତ୍ରୀଙ୍କ ତିନି ପ୍ରଶ୍ନର ଉତ୍ତର ଦେଲେ କାର୍ତ୍ତିକ ପାଣ୍ଡିଆନ

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେ ସ୍ୱଚ୍ଛ ତାହା ସାରା ଦୁନିଆ ଜାଣିଛି



- ଏମ୍‌ଏସ୍‌ପି ବୃଦ୍ଧି କେନ୍ଦ୍ରର ଦାୟିତ୍ୱ: ୧୦ ବର୍ଷ ପରେ ଚାଷୀଙ୍କ କଥା ମନେ ପଡ଼ୁଛି
- ଏନ୍‌ଏଚ୍-୫୫ରେ ପ୍ରଧାନମନ୍ତ୍ରୀ ଗାଡ଼ିରେ ଯାଆନ୍ତୁ, ଡବଲ ଇଞ୍ଜିନ୍ ସ୍ପିଡ୍ ଜାଣିପାରିବେ
- ସଂସଦରେ ମୋଦୀ ନବୀନଙ୍କୁ ପ୍ରଶଂସା କଲେ; ଏବେ ଭୋଟ ପାଇଁ ନିନ୍ଦା କରୁଛନ୍ତି
- ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦେଲେ ଓଡ଼ିଶାବାସୀ ଖୁସି ହେବେ
- ଆପଣମାନେ ଜାଣିଛନ୍ତି, ନିର୍ବାଚନ ସମୟରେ କିଏ କୁମ୍ଭୀର କାନ୍ଦଣା କାନ୍ଦୁଛି
- ରାଜନୀତି କି କ୍ଷମତା ପାଇଁ ନୁହେଁ; ଲୋକଙ୍କ ସେବା କରିବାକୁ ନବୀନ ଆସିଛନ୍ତି
- ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର ଦେବା ଏକ ଫମ୍ପା ଆବାଜ୍
- ଦେଶର ବଜେଟ ୨୦ଲକ୍ଷ କୋଟି, 'ସୁଭଦ୍ରା' ପାଇଁ ୩୦ଲକ୍ଷ କୋଟି କେଉଁଠୁ ଆଣିବେ?
- ଯେଉଁ ହାତ ଖାଇବାକୁ ଦେଉଛି, ସେହ ହାତକୁ କାମୁଡ଼ୁଛନ୍ତି ବୈଜୟନ୍ତ ପଣ୍ଡା

■ **ଭୁବନେଶ୍ୱର, ୨୦।୫ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେ ସ୍ୱଚ୍ଛ ଆଉ ତାଙ୍କର ଦକ୍ଷତା କେତେ, ତାହା ସାରା ଦୁନିଆ ଜାଣିଛି। ଖୋଦ୍ ପ୍ରଧାନମନ୍ତ୍ରୀ ନିଜେ ଉଭୟ ରାଜ୍ୟସଭା ଓ ଲୋକସଭାରେ ନବୀନ ପଟ୍ଟନାୟକଙ୍କୁ ଭୂରି ଭୂରି ପ୍ରଶଂସା କରି କହିଥିଲେ, ଯଦି ଜଣେ ମୁଖ୍ୟମନ୍ତ୍ରୀ ସ୍ୱଚ୍ଛତାର ସହ କାମ କରୁଛନ୍ତି, ତା'ହେଲେ ସେହି ରାଜ୍ୟ ବହୁତ ଉପରକୁ ଯିବ। କିନ୍ତୁ ଆଜି ଭୋଟ ପାଇଁ ସେହି ମୁହଁରେ ନବୀନ ପଟ୍ଟନାୟକଙ୍କୁ ନିନ୍ଦା କରିବା, ସ୍ୱଚ୍ଛ ନୁହେଁ ବୋଲି କହିବା ହାସ୍ୟାସ୍ପଦ ଛଡ଼ା ଆଉ କିଛି ନୁହେଁ। ସୋମବାର କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ ଦଳୀୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଭୋଟ ନିବେଦନ କରିବା ଅବସରରେ ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟେରଛା ବାଣ ମାରିବା ସହ ତାଙ୍କ ସବୁ ପ୍ରଶ୍ନର ଉତ୍ତର ଦୃଢ଼ତାର ସହ ଦେଇଛନ୍ତି। ଶ୍ରୀ ପାଣ୍ଡିଆନ୍ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ଠାର ସହ କାମ କରୁଛନ୍ତି। ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ଅହରହ ପରିଶ୍ରମ କରୁଛନ୍ତି। ସାରା ଓଡ଼ିଶାବାସୀ ହେଉଛନ୍ତି ତାଙ୍କ ପରିବାର। ରାଜନୀତି ▶ପୃଷ୍ଠା-୯

### ଗର୍ବ, ଅହଙ୍କାରରେ ହିତାହିତ ଜ୍ଞାନ ଭୁଲିଗଲେ ସାଂସଦ ପ୍ରାର୍ଥୀ

# ଜଗନ୍ନାଥ ମୋଦୀଙ୍କ ଭକ୍ତ: ସମ୍ବିତ

■ **ଭୁବନେଶ୍ୱର, ୨୦।୫ (ସମିସ):** ଗର୍ବ ଓ ଅହଙ୍କାରର ସବୁ ସୀମା ପାର୍ କରିଛନ୍ତି ପୁରୀ ଲୋକସଭା ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର। ଧର୍ମକୁ ନେଇ ରାଜନୀତି କରୁଥିବା ବିଜେପିର କୁହାଳିଆ ନେତା ସମ୍ବିତ ପାତ୍ର କୋଟି ଓଡ଼ିଆର ମଉଡ଼ମଣି, ସଭିଙ୍କର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ନେଇ ସୋମବାର ଦେଇଥିବା ଅତ୍ୟନ୍ତ ଅରୁଚିକର ମନ୍ତବ୍ୟ ଆଜି ସାରା ଓଡ଼ିଶାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

**ମହାପ୍ରଭୁଙ୍କୁ ଅନ୍ୟ ଜଣେ ମନୁଷ୍ୟର ଭକ୍ତ କହିବା ମହାପ୍ରଭୁଙ୍କ ପ୍ରତି ସବୁଠୁ ବଡ଼ ଅପମାନ**

**ସମ୍ବିତଙ୍କ ବୟାନକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା**

**ବୟାନକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ**


**ରାହୁଲ ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଦୃଢ଼ ନିନ୍ଦା**

'ଶ୍ରୀଜଗନ୍ନାଥ ହେଉଛନ୍ତି ମୋଦୀଙ୍କ ଭକ୍ତ' ବୋଲି ସମ୍ବିତ ପାତ୍ର ନିର୍ବାଚନ ପ୍ରଚାର ଅବସରରେ ଗଣମାଧ୍ୟମ ଆଗରେ ଦେଇଥିବା ବୟାନ ଅଗଣିତ ଜଗନ୍ନାଥପ୍ରେମୀ ଭକ୍ତଙ୍କ ମନରେ ପ୍ରଚଣ୍ଡ ଆଘାତ ପହଞ୍ଚାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସମ୍ବିତଙ୍କ ଏହି ଅପମାନସୂଚକ ବୟାନ ପ୍ରଚାରିତ ହେବାପରେ ଅଗଣିତ ଭକ୍ତ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ▶ପୃଷ୍ଠା-୯

## ଲୋକକଥା



ମିଛ କହି ତୁଚ୍ଛା ବହପ ମାରିଲେ
ହୁଏ ଏଇମିତି ଦଶା,
ସାଜିଥିଲେ ଦିନେ ଭକ୍ତ ସାଲବେଗ
ଆଜି ହେଲେ ଲୋକହସା !
ଚଢ଼ିଛି ଗାଦିର ନିଶା,
ଜଗନ୍ନାଥ ନାମେ ରାଜନୀତି କଲେ
ଉଡ଼ିଯିବ ତାଙ୍କ ହଂସା !!



# ହେଲିକପ୍ଟର ଦୁର୍ଘଟଣାରେ ଇରାନ ରାଷ୍ଟ୍ରପତି ରାଇସିଙ୍କ ମୃତ୍ୟୁ

- ୧୭ ଘଣ୍ଟା ପରେ ମୃତଦେହ, ଭଗ୍ନାବଶେଷ ଠାବ
- ମୃତକଙ୍କ ମଧ୍ୟରେ ବୈଦେଶିକ ମନ୍ତ୍ରୀ ଓ ବହୁ ବରିଷ୍ଠ ଅଧିକାରୀ
- କାମଚଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଲେ ମହମ୍ମଦ ମୁଖବେର




ତେହରାନ, ୨୦।୫(ଏଜେନ୍ସି)

ହେଲିକପ୍ଟର ଦୁର୍ଘଟଣାରେ ଗତକାଲି ସନ୍ଧ୍ୟାରେ ଇରାନ ରାଷ୍ଟ୍ରପତି ଆୟାତୋଲ୍ଲା ଡ. ସୟେଦ ଇବ୍ରାହିମ୍ ରଇସିଙ୍କ ମୃତ୍ୟୁ ହୋଇଥିବା ସୋମବାର ସ୍ପଷ୍ଟ ହୋଇଛି। ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ରଇସି ,ବିଦେଶ ମନ୍ତ୍ରୀ ହୋସେନ ଅମିରାବ୍ଦୁଲାହିୟନ ଓ ଇରାନର ପୂର୍ବ ଅଜରବୈଜାନ ପ୍ରଦେଶର ଗଭର୍ଣ୍ଣର ମାଲେକ ରହମାତିଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ହୋଇଛି। ହେଲିକପ୍ଟରର ପାଇଲଟ୍, କୋ-ପାଇଲଟ୍, କ୍ରିଉ ଚିଫ୍ ଓ ଜଣେ ଅଙ୍ଗରକ୍ଷୀ ମଧ୍ୟ ପ୍ରାଣ ହରାଇଛନ୍ତି। ହେଲିକପ୍ଟର ନିଖୋଜ ହେବାର ପ୍ରାୟ ୧୭ ଘଣ୍ଟା ପରେ ସୋମବାର ସକାଳେ ଭଗ୍ନାବଶେଷ ଠାବ କରାଯିବା ସହିତ ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି। ରବିବାର ସନ୍ଧ୍ୟାରେ ରାଷ୍ଟ୍ରପତି ରଇସି ଏକ ଉଚ୍ଚ ପ୍ରତିନିଧି ଦଳ ସହିତ ତିନୋଟି ହେଲିକପ୍ଟରରେ ପୂର୍ବ ଅଜରବୈଜାନ ପ୍ରଦେଶର ନବରଜ୍ ସହରରୁ ତେହରାନ ଅଭିମୁଖେ ଫେରୁଥିଲେ। ଅନ୍ୟ ଦୁଇଟି ହେଲିକପ୍ଟର ଠିକଣା ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥିଲେ ହେଁ ରାଷ୍ଟ୍ରପତି ରଇସି ଏବଂ ବିଦେଶ ମନ୍ତ୍ରୀ ହୋସେନ ଅମିରାବ୍ଦୁଲାହିୟନଙ୍କୁ ନେଇଆସୁଥିବା ହେଲିକପ୍ଟର ଖରାପ ପାଗ ଯୋଗୁଁ ଏକ ପାହାଡ଼ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ଦୁର୍ଘଟଣା ପୂର୍ବରୁ ଏଟିସି ସହ ପାଇଲଟଙ୍କ ସମ୍ପର୍କ ଛିନ୍ନ ହୋଇଥିବାରୁ ଏହା ନିଶ୍ଚିତ ଦୁର୍ଘଟଣାର ଶିକାର ହୋଇଥିବା କୁହାଯାଇଥିଲା। ଏହାପରେ ସଂପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଘନ କୁହୁଡ଼ି ସନ୍ଧାନ ପାଇଁ ପ୍ରତିବନ୍ଧକ ସାଜି ଥିଲା ବେଳେ ତୁର୍କୀର ସ୍ୱତନ୍ତ୍ର ଡ୍ରୋନ ଏବଂ ରୁଷିଆର ଅନୁସନ୍ଧାନକାରୀ ଦଳ ଏହି ସର୍ଚ୍ଚ ଅପରେସନରେ ସାମିଲ ହୋଇଥିଲେ। ଶେଷରେ ସୋମବାର ତୁର୍କୀର ଡ୍ରୋନ ହିଁ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟର ସମ୍ପର୍କରେ ସୂଚନା ଦେବା ପରେ ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବାକୁ ସକ୍ଷମ ହୋଇଥିବା କୁହାଯାଇଛି। ସମସ୍ତ ମୃତ ଶରୀର ଉଦ୍ଧାର କରାଯିବା ପରେ କବର ଦେବା ପାଇଁ ପୂର୍ବ ଅଜରବୈଜାନ ପ୍ରଦେଶର ତାବ୍ରିଜ୍ ସହରକୁ ପଠାଯାଇଛି।ଦିବଂଗତ ରାଷ୍ଟ୍ରପତି ରଇସି ଏବଂ ତାଙ୍କ ସହ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଆତ୍ମା ପ୍ରତି ସୁପ୍ରିମ୍ ଲିଡର୍ ଆୟାତେଲ୍ଲା ଅଲୀ ଖାମେନି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସମସ୍ତଙ୍କ ପାଇଁ ପ୍ରାର୍ଥନା କରିଛନ୍ତି। ଇବ୍ରାହିମ୍ ରଇସିଙ୍କ ଜନ୍ମସ୍ଥାନ ହେଉଛି ମାସ୍‌ହାଦ୍। ଯାହା କି ସିହା ଇସଲାମର ଅନ୍ୟତମ ପବିତ୍ରତମ ଧର୍ମପୀଠ। ରଇସିଙ୍କ ନିଧନରେ ଶୋକବ୍ୟକ୍ତ କରିବା ପାଇଁ ରଇସିଙ୍କ ହଜାର ହଜାର ସମର୍ଥକ ମାସ୍‌ହଦ୍‌ର ପବିତ୍ର ପୀଠ 'ଇମାମ ରିଜା'ରେ ସମବେତ ହୋଇଛନ୍ତି।ଇରାନ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ମୋଖବେର ସୁପ୍ରିମ ଲିଡରଙ୍କ ଅନୁମୋଦନ କ୍ରମେ କାମଚଳା ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେହିଭଳି କାମଚଳା ବିଦେଶ ମନ୍ତ୍ରୀ ଭାବେ ଇରାନର ଅଣୁ କାର୍ଯ୍ୟକ୍ରମର ମୁଖ୍ୟ ସୂତ୍ରଧର(ଚିଫ୍ ନେଗୋସିଏଟର୍) ଥିବା ଅଲୀ ବାଘେରିଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଥମ ଉପରାଷ୍ଟ୍ରପତି, ଇରାନ ସଂସଦର ବାଚସ୍ପତି ଓ ନ୍ୟାୟପାଳିକାର ମୁଖ୍ୟ ମିଳିତ ଭାବେ ଅତି ବେଶିରେ ୫୦ ଦିନ ଭିତରେ ରାଷ୍ଟ୍ରପତି ନିର୍ବାଚନର ବ୍ୟବସ୍ଥା କରିବେ। ଇରାନ ମନ୍ତ୍ରିମଣ୍ଡଳର ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବା ପରେ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ ,ରାଷ୍ଟ୍ରପତିଙ୍କ ଅକାଳ ବିୟୋଗରେ ସମଗ୍ର ଦେଶ ଶୋକାକୁଳ। କିନ୍ତୁ ତାଙ୍କ ଅନୁସୃତ ମାର୍ଗରେ ଜନସେବା କାର୍ଯ୍ୟ ନିରନ୍ତର ଚାଲୁରହିବ। ଇରାନ ତା'ର ସହିଦ ରାଷ୍ଟ୍ରପତି ଓ ତାଙ୍କ ସହ ସହିଦ ହୋଇଥିବା ଅନ୍ୟମାନଙ୍କ ସମ୍ମାନରେ ଆଜିଠାରୁ ୫ ଦିନ ରାଷ୍ଟ୍ରୀୟ ଶୋକ ପାଳନ କରିବ ବୋଲି ସୁପ୍ରିମ୍ ଲିଡର୍ ଆୟାତୋଲ୍ଲା ଅଲୀ ଖାମେନି ଘୋଷଣା କରିଛନ୍ତି । ୬୩ବର୍ଷ ବୟସ୍କ ଅତିଶୟ ରକ୍ଷଣଶୀଳ ରଇସିଙ୍କୁ ଇରାନର ସୁପ୍ରିମ୍ ଲିଡର୍ ଆୟାତୋଲ୍ଲା ଅଲୀ ଖାମେନିଙ୍କ ସମ୍ଭାବ୍ୟ ଉତ୍ତରାଧିକାରୀ କୁହାଯାଉଥିଲା। ରଇସିଙ୍କ ସମୟରେ ଇରାନରେ ଅତି-ରକ୍ଷଣଶୀଳତା ବିରୋଧରେ ଅନେକ ବାର ଜନ ଆନ୍ଦୋଳନ ହୋଇଥିଲା। ୧୯୭୯ରେ ଇରାନରେ ଇସଲାମିକ୍ ବିପ୍ଳବ ହେବା ପରଠାରୁ ରଇସି ଥିଲେ ଇରାନର ଅଷ୍ଟମ ରାଷ୍ଟ୍ରପତି। ୨୦୨୧ରେ ନିର୍ବାଚନ ଜିତି ସେ ରାଷ୍ଟ୍ରପତି ଓ ମହମ୍ମଦ ମୋଖବେର ପ୍ରଥମ ଉପରାଷ୍ଟ୍ରପତି ହୋଇଥିଲେ। ରାଷ୍ଟ୍ରପତି ହେବା ପରେ ରଇସି ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ବାଣିଜ୍ୟ ସମ୍ପର୍କକୁ ପଛରେ ପକାଇ ଆମେରିକାର ବଡ଼ ଶତ୍ରୁ ରୁଷ୍ ଓ ଚୀନ୍ ସହ ଇରାନର ଦ୍ୱିପାକ୍ଷିକ ସମ୍ପର୍କକୁ ନିବିଡ଼ତର କରାଇବାକୁ ଚାହିଁଥିଲେ।

## ସାରା ବିଶ୍ୱରୁ ଛୁଟିଛି ଶୋକବାର୍ତ୍ତାର ସୁଅ

ରାଷ୍ଟ୍ରପତି ରଇସିଙ୍କ ନିଧନରେ ସାରା ବିଶ୍ୱରୁ ଇରାନ ପ୍ରତି ଶୋକବାର୍ତ୍ତାର ସୁଅ ଛୁଟିଛି। ଅଜରବୈଜାନ ରାଷ୍ଟ୍ରମୁଖ୍ୟଙ୍କ ସମେତ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ , ଚୀନ , ସାଉଦି ଆରବ , ଫ୍ରାନ୍ସ, ୟୁରୋପୀୟ ସଂଘ, ଜର୍ମାନୀ , ତୁର୍କୀ , ଲେବାନନ, ସିରିଆ ଆଦି ରାଷ୍ଟ୍ରମୁଖ୍ୟ ଶୋକବ୍ୟକ୍ତ କରିଛନ୍ତି। ଏପରିକି ରଇସିଙ୍କ ଅକାଳ ମୃତ୍ୟୁକୁ ନେଇ ନାଟୋ ମଧ୍ୟ ଶୋକବ୍ୟକ୍ତ କରିଛି। ପାକିସ୍ତାନ ତା'ର ପତାକାକୁ ଅର୍ଦ୍ଧନମିତ ରଖି ଦିନକ ପାଇଁ ଶୋକଦିବସ ପାଳନ କରୁଛି। ମାସକ ତଳେ ରାଷ୍ଟ୍ରପତି ରଇସି ଓ ବିଦେଶ ମନ୍ତ୍ରୀ ହୋସେନ ଅମିରାବ୍ଦୁଲାହିୟନ ପାକିସ୍ତାନକୁ ସରକାରୀ ଗସ୍ତରେ ଯାଇଥିଲେ। ପରଲୋକଗତ ରାଷ୍ଟ୍ରପତି ରଇସି ଓ ତାଙ୍କ ସହ ସହିଦ ହୋଇଥିବା ବ୍ୟକ୍ତିମାନଙ୍କ ସମ୍ମାନରେ ପାକିସ୍ତାନ ଶୋକ ଦିବସ ପାଳିଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ କହିଛନ୍ତି। ହେଲିକପ୍ଟର ଦୁର୍ଘଟଣାରେ ଇରାନ ରାଷ୍ଟ୍ରପତିଙ୍କ ମୃତ୍ୟୁ ଖବର ପାଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ସାପ୍ତାହିକ ଛୁଟି ବାତିଲ କରି ହ୍ୱାଇଟ୍ ହାଉସ୍ ଫେରିଆସିଛନ୍ତି।

## ଇରାନବାସୀଙ୍କ ଦୁଃଖରେ ଭାରତ ସମଦୁଃଖୀ



ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ନିଧନରେ ଭାରତ ଗଭୀର ଦୁଃଖ ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି, ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ଅକାଳ ବିୟୋଗରେ ସେ ଗଭୀର ଦୁଃଖୀ। ଭାରତ-ଇରାନ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରସାରିତ କରି ନୂଆ ଉଚ୍ଚତାକୁ ନେବାରେ ତାଙ୍କର ସହଯୋଗ ଅବିସ୍ମରଣୀୟ ରହିବ। ରଇସି ପରିବାରକୁ ମାର୍ମିକ ସମବେଦନା ଜଣାଇ ଇରାନବାସୀଙ୍କ ଉଦ୍ଦ୍ୟେଶରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଇରାନର ଦୁଃଖରେ ଭାରତ ସମଦୁଃଖୀ। ବିପତ୍ତି ଓ ଦୁର୍ଯୋଗ ବେଳାରେ ଭାରତ ସବୁବେଳେ ଇରାନ ସଙ୍ଗରେ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ତାଙ୍କ ସୋସିଆଲ ମିଡିଆ ଏକ୍ସ ଆକାଉଣ୍ଟରେ ଶୋକବାର୍ତ୍ତା ଦେଇଛନ୍ତି। ରାଷ୍ଟ୍ରପତି ରଇସି, ବିଦେଶ ମନ୍ତ୍ରୀ ହୋସେନ ଅମିରାବ୍ଦୁଲାହିୟନଙ୍କ ବିୟୋଗ ତାଙ୍କୁ ସ୍ତବ୍ଧ କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ବହୁବାର ସେ ରାଷ୍ଟ୍ରପତି ରଇସି, ବିଦେଶ ମନ୍ତ୍ରୀ ଅମିରାବ୍ଦୁଲାହିୟନଙ୍କୁ ଭେଟିଥିବା ଓ ଶେଷଥର ଗତ ଜାନୁଆରୀରେ ଭେଟିଥିବା ମନେପକାଇ ଜୟଶଙ୍କର ରଇସି ଓ ଅନ୍ୟ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କଂଗ୍ରେସ ତରଫରୁ ରାଷ୍ଟ୍ରପତି ରଇସିଙ୍କ ନିଧନରେ ଶୋକବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀରେ ଥିବା ଇରାନ ଦୂତାବାସରେ ପତାକା ଅର୍ଦ୍ଧନମିତ ରଖାଯାଇଛି।

---

**ଦୁର୍ଘଟଣା ନା ଷଡ଼ଯନ୍ତ୍ର**

## ସନ୍ଦେହ ଘେରରେ ଇସ୍ରାଏଲ ଓ ଆମେରିକା

**ବଦଳିପାରେ ମଧ୍ୟପ୍ରାଚ୍ୟ ଭୂ-ରାଜନୀତିକ ସ୍ଥିତି**



ତେହରାନ, ୨୦।୫(ଏଜେନ୍ସି): ଇରାନ ରାଷ୍ଟ୍ରପତି ରଇସିଙ୍କ ଅପ୍ରତ୍ୟାଶିତ ମୃତ୍ୟୁ ଖବର ବିଶ୍ୱ ନେତୃବୃନ୍ଦଙ୍କୁ ହତବାକ୍ କରିଦେଇଥିଲା ବେଳେ ତାଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ନା ଏକ ଷଡ଼ଯନ୍ତ୍ର , ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଜଣେ କଠୋରବାଦୀ ନେତା ଭାବେ ରାଷ୍ଟ୍ରପତି ରାଇସି ବିଗତ ଦିନରେ ବିବାଦୀୟ ରହିବା ସହିତ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର ଇସ୍ରାଏଲ ସହ ତାଙ୍କର ସମ୍ପର୍କ କ୍ଷୁଣ୍ଣ ହୋଇଥିଲା। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏହା ବିରୋଧରେ ଆର୍ଥିକ କଟକଣା ଜାରି କରିଥିଲା ବେଳେ ହମାସ ଆତଙ୍କବାଦୀଙ୍କୁ ଇରାନ ସହଯୋଗ କରିବା କାରଣକୁ ନେଇ ଇସ୍ରାଏଲ ଇରାନର ଘୋର ବିରୋଧୀ ହୋଇପଡ଼ିଥିଲା। ତେବେ କିଛି ଦିନ ତଳେ ଇରାନ ଅଚାନକ ଭାବେ ଇସ୍ରାଏଲ ଉପରେ ଆକ୍ରମଣ କରିବା ଘଟଣାକୁ ନେଇ ଇସ୍ରାଏଲ ଇରାନ ଉପରେ କ୍ଷୁବ୍ଧ ହେବା ସହିତ ଠିକଣା ସମୟରେ ଆକ୍ରମଣର ଜବାବ ଦେବ ବୋଲି କହିଥିଲା। ତେଣୁ ଗତକାଲିର ହେଲିକପ୍ଟର ଦୁର୍ଘଟଣା ପଛରେ ଇସ୍ରାଏଲର ହାତ ଥାଇପାରେ ବୋଲି କୁହାଯାଉଛି। ଇରାନରେ ରହିଥିବା ରଇସିଙ୍କ ବିରୋଧୀଙ୍କୁ ହାତ କରି ଇସ୍ରାଏଲର ଗୁଇନ୍ଦା ଏଜେନ୍ସି ମୋସାଦ ଷଡ଼ଯନ୍ତ୍ର କରିଥାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ରଇସି ଯେଉଁ ହେଲିକପ୍ଟରରେ ଗସ୍ତ କରିଥିଲେ ତାହାକୁ ଇରାନ ଆମେରିକା ଠାରୁ ପାଇଥିଲା। ଆମେରିକା ସହ ଇରାନର ସମ୍ପର୍କ ଯେତେବେଳେ ଭଲ ଥିଲା ସେତେବେଳେ ଇରାନ ଏହି ' ବେଲ୍-୨୧୨' ହେଲିକପ୍ଟର ଆମେରିକାରୁ ପାଇଥିଲା। ବହୁ ବର୍ଷ ଧରି ଏହି ଶ୍ରେଣୀର ହେଲିକପ୍ଟର ଇରାନରେ ନିୟୋଜିତ ରହିଥିଲା ବେଳେ ଅଚାନକ ଭାବେ ଏହା କିଭଳି ଦୁର୍ଘଟଣାର ଶିକାର ହେଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ତେଣୁ ଦୁର୍ଘଟଣା ପଛରେ ଆମେରିକାର ଗୁଇନ୍ଦା ଏଜେନ୍ସି ସିଆଇଏର ଭୂମିକାକୁ ବାଦ୍ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ତେବେ ଏଭଳି କିଛି ଘଟିଥିଲେ ରାଇସିଙ୍କ ମୃତ୍ୟୁ ଘଟଣା ପୁଣିଥରେ ମଧ୍ୟପ୍ରାଚ୍ୟରେ ଅଶାନ୍ତି ସୃଷ୍ଟି କରିବା ସହିତ ଭୂ-ରାଜନୀତିକ ସ୍ତରକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ପୂର୍ବରୁ ୨୦୧୦ ରୁ ୨୦୨୦ ମଧ୍ୟରେ ବିଦେଶ ମାଟିରେ ଇରାନର ୫ ପ୍ରତିଷ୍ଠିତ ପରମାଣୁ ବୈଜ୍ଞାନିକଙ୍କୁ ହତ୍ୟା କରାଯାଇଥିଲା। ୨୦୨୦ ନଭେମ୍ବରରେ ଇରାନର ପ୍ରମୁଖ ବୈଜ୍ଞାନିକ ମୋସେନ ଫକ୍‌ରିଜାଦେଙ୍କୁ ଏକ ' ରିମୋଟ ଅପରେଟେଡ୍ ମେସିନ ଗନ୍'ରେ ମୋସାଦ ହତ୍ୟା କରିଥିଲା। ଏହାପରେ କିଛି ମାସ ତଳେ ସିରିଆରେ ଇରାନ କୂଟନୈତିକ କାର୍ଯ୍ୟାଳୟ ଉପରେ ରକେଟ୍ ମାଡ଼ କରି ଇସ୍ରାଏଲ ଏହାର ଦୁଇ ପ୍ରମୁଖ ଜେନେରାଲଙ୍କୁ ମଧ୍ୟ ହତ୍ୟା କରିଥିଲା। ତେଣୁ ରଇସିଙ୍କ ଦୁର୍ଘଟଣା ପଛରେ ମୋସାଦର ହାତ ରହିଥାଇପାରେ ବୋଲି ସନ୍ଦେହ କରାଯାଉଛି।

## ୨୦ ଫୁଟ୍ ତଳକୁ ଖସିଲା ପିକ୍‌ଅପ୍ ଭ୍ୟାନ; ୧୯ ମୃତ



ରାୟପୁର, ୨୦।୫(ଏଜେନ୍ସି): ଛତିଶଗଡ଼ରେ ସୋମବାର ଦିନ ଘଟିଛି ଏକ ଭୟାନକ ସଡ଼କ ଦୁର୍ଘଟଣା। ଏକ ପିକଅପ୍ ଭ୍ୟାନ ନିୟନ୍ତ୍ରଣ ହରାଇ ଘାଟି ଉପରୁ ୨୦ ଫୁଟ୍ ତଳକୁ ଖସିପଡ଼ିବାରୁ ଏଥିରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୯ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି।ଅନ୍ୟ ୭ରୁ ୮ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ସ୍ଥାନୀୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପିକଅପ ଗାଡ଼ିରେ ୨୫ରୁ ୩୦ଜଣ ଶ୍ରମିକ ଯାଉଥିଲେ। ଗାଡ଼ି ଓଲଟି ୨୦ଫୁଟ ତଳକୁ ବାହାପାଣି ଘାଟିଠାରେ ଖସିଯାଇ ଏଭଳି ଦୁର୍ଘଟଣା ଘଟିଛି।କାୱାର୍ଧ ଜିଲ୍ଲାର ପୁଲିସ ଅଧୀକ୍ଷକ ଅଭିଶେକ ପଲ୍ଲଭ କହିଛନ୍ତି, ପିକଅପରେ ଯାଉଥିବା ଶ୍ରମିକମାନେ ସ୍ଥାନୀୟ ଜଙ୍ଗଲରୁ କେନ୍ଦୁପତ୍ର ତୋଳି ଫେରୁଥିବା ସମୟରେ ଏଭଳି ଘଟଣା ଘଟିଛି। ବାଇଗା ସମ୍ପ୍ରଦାୟର ଏହି ଲୋକମାନେ ବିଡି ବ୍ୟବସାୟ କରିବା ପାଇଁ କେନ୍ଦୁପତ୍ର ସଂଗ୍ରହ କରି ଚଳିଥାଆନ୍ତି।

## ସରିଲା ୫ମ ପର୍ଯ୍ୟାୟ ନିର୍ବାଚନ; ମତଦାନ ହାର ୫୮%

**ପଶ୍ଚିମବଙ୍ଗରେ ସର୍ବାଧିକ ୭୩ %**

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି)

ସୋମବାର ଲୋକସଭା ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ ଏହି ପର୍ଯ୍ୟାୟରେ ମତଦାନ କରାଯାଇଥିଲା ବେଳେ ୬୯୫ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ କଏଦ ହୋଇଛି। ଲୋକସଭାର ମୋଟ ୫୪୩ ଆସନ ମଧ୍ୟରୁ ବର୍ତ୍ତ;ମାନ ସୁଦ୍ଧା ୪୨୮ ଆସନ ପାଇଁ ନିର୍ବାଚନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଓଡ଼ିଶାର ୫ଟି ଆସନ ସମେତ ଝାଡ଼ଖଣ୍ଡ ୩, ଉତ୍ତରପ୍ରଦେଶ ୨୪, ବିହାର ୫, ମହାରାଷ୍ଟ୍ର ୧୩, ପଶ୍ଚିମବଙ୍ଗ ୭, ଲଦାଖ ୧ ଓ ଜମ୍ମୁ କାଶ୍ମୀରର ଗୋଟିଏ ଆସନ ପାଇଁ ମତଦାନ କରାଯାଇଛି। ହାରାହାରି ଭାବେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୫୮ ପ୍ରତିଶତ ରହିଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗରେ ସର୍ବାଧିକ ଭାବେ ମତଦାନ ହାର ୭୩% ରହିଥିବା ବେଳେ ଦ୍ୱିତୀୟରେ ଲଦାଖରେ, ଝାଡ଼ଖଣ୍ଡରେ ୬୩%, ଉତ୍ତରପ୍ରଦେଶରେ ୫୭.୭୯%, ଜମ୍ମୁ କାଶ୍ମୀରରେ ୫୪.୬୭%, ବିହାରରେ ୫୨.୬୯% ଏବଂ ମହାରାଷ୍ଟ୍ରରେ ସର୍ବନିମ୍ନ ଭାବେ ୪୯.୬୪% ମତଦାନ ହୋଇଥିବା ସୂଚନା ମିଳିଛି। ନିର୍ବାଚନ କମିସନଙ୍କ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ଶେଷ ହୋଇଥିବା ୫ଟି ପର୍ଯ୍ୟାୟରେ ହାରାହାରି ମତଦାନ ହାର ୬୭ ପ୍ରତିଶତ ରହିଛି ଏବଂ ୪୫୧ ନିୟୁତ ଲୋକ ଭୋଟ୍ ଦେଇସାରିଛନ୍ତି।

## ୧୧୮ ନୂଆ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ କଏଦ

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ଲୋକସଭା ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ମୋଟ ସଂଖ୍ୟା ୬୯୫ ହୋଇଥିବା ବେଳେ ବିଜେପି, କଂଗ୍ରେସ, ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ, ଶିବସେନା, ଏନ୍‌ସିପି, ବହୁଜନ ସମାଜ ପାର୍ଟି, ଆରଜେଡି, ଜେଡିୟୁ, ଜେଏମ୍‌ଏମ୍ ଭଳି ବୃହତ ରାଜନୈତିକ ଦଳଗୁଡ଼ିକର ପ୍ରାର୍ଥୀଙ୍କ ମୋଟ ସଂଖ୍ୟା ହେଉଛି ୧୬୨। ଏହି ୧୬୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୧୪ ହେଉଛନ୍ତି ନୂଆ ମୁହଁ। ଅର୍ଥାତ୍ ଏହି ୧୧୪ ନୂଆ ମୁହଁଙ୍କର କୌଣସି ସଂସଦୀୟ ଅଭିଜ୍ଞତା ନାହିଁ। ଏହି ୧୬୨ ପ୍ରାର୍ଥୀଙ୍କ ମଧ୍ୟରେ ୪ଜଣ ରାଜ୍ୟସଭା ସାଂସଦ ଅଛନ୍ତି ଯାହାଙ୍କର ଲୋକସଭା ଅଭିଜ୍ଞତା ନାହିଁ। ପଞ୍ଚମ ପର୍ଯ୍ୟାୟର ୪୯ ଲୋକସଭା ଆସନରେ ଏନ୍‌ଡିଏ ସମସ୍ତ ଆସନରେ ପ୍ରାର୍ଥୀ ଦେଇଛି। ଏନଡିଏ ପ୍ରାର୍ଥୀଙ୍କ ମଧ୍ୟରୁ ୨୨ ହେଉଛନ୍ତି ନୂଆ ମୁହଁ। ୪୦ ବିଜେପି ପ୍ରାର୍ଥୀଙ୍କ ମଧ୍ୟରୁ ୧୭ ଜଣ ହେଉଛନ୍ତି ନୂଆ ମୁହଁ। ଇଣ୍ଡିଆ ବ୍ଲକ୍‌ର ୪୨ ଜଣ ପ୍ରାର୍ଥୀ ହେଉଛନ୍ତି ନୂଆ ମୁହଁ। ସମାଜବାଦୀ ପାର୍ଟିର ସମସ୍ତ ୧୦ ପ୍ରାର୍ଥୀ ହେଉଛନ୍ତି ନୂଆ ମୁହଁ। ବହୁଜନ ସମାଜ ପାର୍ଟିର ୪୬ ପ୍ରାର୍ଥୀଙ୍କ ମଧ୍ୟରୁ ୪୫ ଜଣ ହେଉଛନ୍ତି ନୂଆ ମୁହଁ। ପଞ୍ଚମ ପର୍ଯ୍ୟାୟରେ ମହାରାଷ୍ଟ୍ରର ୧୩ ଲୋକସଭା ଆସନରେ ମତଦାନ ଆଜି ହୋଇଛି ଓ ସରିଛି। ଏହି ୧୩ ଆସନରେ ବଡ଼ ରାଜନୈତିକ ଦଳଙ୍କର ୪୨ ଜଣ ପ୍ରାର୍ଥୀ ଅଛନ୍ତି। ସେହି ୪୨ଙ୍କ ମଧ୍ୟରୁ ୩୩ ଜଣ ହେଉଛନ୍ତି ନୂଆ ମୁହଁ ରହିଛି।

## ଗୁଜରାଟରୁ ୪ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ଅହମଦାବାଦ, ୨୦।୫(ଏଜେନ୍ସି): ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ ଅହମ୍ମଦବାଦସ୍ଥିତ ଅନ୍ତର୍ଜାତିକ ବିମାନ ବନ୍ଦରରୁ ୪ଜଣ ଆଇଏସଆଇଏସ୍ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି।ଅହମ୍ମଦବାଦ ବିମାନ ବନ୍ଦରକୁ ବୋମା ପକାଇ ଉଡ଼ାଇଦେବା ଧମକର କିଛି ଦିନ ପରେ ଏହି ଆତଙ୍କବାଦୀଙ୍କୁ ଗିରଫ କରାଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗିରଫ ସମସ୍ତ ସନ୍ଦିଗ୍ଧ ଆତଙ୍କବାଦୀ ଶ୍ରୀଲଙ୍କା ନାଗରିକ ବୋଲି ଜଣା ପଡ଼ିଛି।ସୋମବାର ଦିନ ଏହି ଆତଙ୍କବାଦୀମାନେ ଚେନ୍ନାଇ ଦେଇ ଅହମ୍ମଦବାଦରେ ପହଞ୍ଚିଥିଲେ। ଏମାନଙ୍କର ଯୋଗାଯୋଗ ଇସଲାମିକ ଦେଶ ଇରାକ୍ ଓ ସିରିୟା ସହ ରହିଛି ବୋଲି ଅଧିକାରୀ କହିଛନ୍ତି। ନରେନ୍ଦ୍ର ମୋଦୀ ମୋଟେରା ଷ୍ଟାଡିୟମରେ ଆଗକୁ ଖେଳାଯିବାକୁ ଥିବା ଆଇପିଏଲ ମ୍ୟାଚର କ୍ୱାଲିଫାଏରଓଇଲିମେଣ୍ଟରମ୍ୟାଚରଦିନକୁପୂର୍ବରୁଏମାନଙ୍କୁଗିରଫକରାଯାଇଛି। ଏମାନଙ୍କୁ ହେପାଜତକୁ ନେଇ ଗୁଜୁରାଟ ଆଣ୍ଟି ଟେରୋର ସ୍କ୍ୱାଡ ତଦନ୍ତ କରୁଛି।

**● ପୁଣି ବଢ଼ିଲା କେଜ୍ରିୱାଲଙ୍କ ଅଡୁଆ**

## ବିଦେଶୀ ପାଣ୍ଠି ସଂଗ୍ରହ ଅଭିଯୋଗ ଆଣିଲା ଇଡି

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ଦିଲ୍ଲୀ ମଦ ନୀତି ମାମଲାକୁ ନେଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମସ୍ୟା ଶେଷ ହୋଇ ନଥିଲା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ତାଙ୍କ ବିରୋଧରେ ପୁଣି ଏକ ଗୁରୁତର ଅଭିଯୋଗ ଆଗତ କରାଯାଇଛି। ବିଦେଶରୁ ଆପ୍ ବହୁ ପରିମାଣରେ ପାଣ୍ଠି ଦଳ ପାଇଁ ସଂଗ୍ରହ କରିଥିବା ଇଡି କହିଛି। ଅଗଷ୍ଟ ୨୦୨୨ରେ ଇଡି ଗୃହ ମନ୍ତ୍ରଣାଳୟକୁ ଅବଗତ କରିଥିଲା ଯେ ଆମ୍ ଆଦମୀ ପାର୍ଟି ୨୦୧୪ରୁ ୨୦୨୨ ମଧ୍ୟରେ ଏଫସିଆରଏ, ଆରପିଏକୁ ଉଲ୍ଲଂଘନ କରି ବିଦେଶରୁ ପାଣ୍ଠି ପାଇଥିଲା। ଆପ୍‌କୁ କାନାଡା, ଆମେରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସାଉଦି ଆରବ, ୟୁଏଇ, କୁଏତ, ଓମାନ ଏବଂ ଅନ୍ୟାନ୍ୟ ଦେଶରୁ ପାଣ୍ଠି ମିଳିଥିବା ଇଡି କହିଛି।

**ସ୍ପୋର୍ଟର୍ସ କାର୍ ଚଢ଼ାଇ ଦମ୍ପତିଙ୍କୁ ମାରି ଦେଲେ ମଦ୍ୟପ ନାବାଳକ**

## ରଚନା ଲେଖିବା ସର୍ତ୍ତ ରଖି କୋର୍ଟ ଦେଲେ ଜାମିନ

ପୁନେ,୨୦।୫(ଏଜେନ୍ସି): ପୁନେ ସହରରେ ଗତ ରବିବାର ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଏକ ଯୁବ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା ବେଳେ ଦୁର୍ଘଟଣା ଘଟାଇଥିବା ମଦ୍ୟପ ନାବାଳକ କାର୍ ଚାଳକଙ୍କୁ ସ୍ଥାନୀୟ କୋର୍ଟ ୧୪ ଘଣ୍ଟା ମଧ୍ୟରେ ଜାମିନ ଦେବା ବିଷୟ ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ସ୍ଥାନୀୟ କୋର୍ଟ ସଂପୃକ୍ତ କାର୍ ଚାଳକଙ୍କୁ ସଡ଼କ ଦୁର୍ଘଟଣା ଉପରେ ଏକ ରଚନା ଲେଖିବାର ସର୍ତ୍ତ ରଖି ଜାମିନ ଦେଇ ବିତର୍କ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଯାହାକୁ ପୁନେ ପୁଲିସ କମିସନର ବିରୋଧ କରି ସ୍ୱର ଉତ୍ତୋଳନ କରିଛନ୍ତି। ମିଳିଥିବା ଖବର ଅନୁସାରେ , ପୁନେର କଲ୍ୟାଣୀ ନଗର ଅଞ୍ଚଳରେ ଆଇଟି ସେକ୍ଟରରେ କାର୍ଯ୍ୟ କରୁଥିବା ଏକ ଯୁବ ଦମ୍ପତି ସେମାନଙ୍କ ବନ୍ଧୁଙ୍କ ଘରୁ ଏକ ବାଇକ୍‌ରେ ଫେରୁଥିଲା ବେଳେ ସେମାନଙ୍କୁ ଏକ ପୋର୍ସ ସ୍ପୋର୍ଟର୍ସ କାର୍ ଧକ୍କା ଦେଇଥିଲା। ମୃତ ଦମ୍ପତିଙ୍କ ବୟସ ୨୪ ବର୍ଷ ଏବଂ ସେମାନେ ଅନିଶ ଦୁଧିଆ ଏବଂ ଅଶ୍ୱିନୀ କୋଷ୍ଟା ବୋଲି ଚିହ୍ନଟ କରାଯାଇଥିଲା। ହେଲେ କାର୍ ଚାଳକ ଜଣକ ସ୍ଥାନୀୟ ଜଣେ ରିଅଲ ଇ।।ଷ୍ଟେଟ ମାଲିକଙ୍କ ପୁଅ ବୋଲି ଜଣାପଡ଼ିଥିଲା। ଚାଳକଙ୍କ ବୟସ ୧୭ ରହିଥିଲା ବେଳେ ସେ ତାଙ୍କର ଜଣେ ସାଙ୍ଗଙ୍କ ସହ ମଦ୍ୟପାନ କରି ଅତି ତୀବ୍ର ବେଗରେ ଗାଡି ଚଳାଇ ଏହି ଦମ୍ପତିଙ୍କୁ ଧକ୍କା ଦେଇଥିଲେ ବୋଲି ପୁଲିସ କହିଛି। ଗାଡିଟି ଚାଳକଙ୍କ ବାପାଙ୍କ ନାମରେ ପଞ୍ଜିକୃତ ହୋଇଥିଲା ବେଳେ ଗାଡିରେ ନମ୍ବର ପ୍ଲେଟ୍ ନଥିଲା। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରିଥିଲା ବେଳେ ସ୍ଥାନୀୟ କୋର୍ଟ ଉକ୍ତ ଚାଳକଙ୍କୁ ଜାମିନରେ ଛାଡିଛନ୍ତି। ଅଭିଯୁକ୍ତ ଚାଳକକୁ କଡ଼ା ଦଣ୍ଡ ଦେବା ପରିବର୍ତ୍ତେ ଅଜବ ସର୍ତ୍ତ ସହ କୋର୍ଟ ଜାମିନ ଦେବା ଘଟଣା ସାରା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରାଫିକ ପୁଲିସ ସହ ୧୫ଦିନ କାମ କରିବା ସହିତ ଦୁର୍ଘଟଣା ଉପରେ ରଚନା ଲେଖିବା ଏବଂ ମଦ ପିଇବାର ଅଭ୍ୟାସ ପାଇଁ ନିଜର ଚିକିତ୍ସା କରାଇବାକୁ ସର୍ତ୍ତ ରଖି କୋର୍ଟ ଅଭିଯୁକ୍ତକୁ ଜାମିନ ଦେଇଛନ୍ତି। ଯାହା ବିରୋଧରେ ପୁନେ ପୁଲିସ କମିସନର ମଧ୍ୟ ସ୍ୱର ଉତ୍ତୋଳନ କରିଛନ୍ତି। ଯେଉଁ ଚାଳକ ମଦ୍ୟପାନ କରି ଘଣ୍ଟାପ୍ରତି ୨୦୦ କିମି ବେଗରେ ଗାଡି ଚଳାଇ ଦୁଇ ଜଣଙ୍କ ଜୀବନ ନିର୍ବାପିତ କରିଦେଲା ତା'କୁ କୋର୍ଟ କିଭଳି ଜାମିନ ଦେଲେ ବୋଲି କମିସନର ପ୍ରଶ୍ନ କରିଛନ୍ତି। ଅଭିଯୁକ୍ତ ବିରୋଧରେ ପୁଲିସ ଆଇପିସି ଧାରା ୩୦୪ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତକୁ ନାବାଳକ ନୁହେଁ ,ବରଂ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଧାରା ୨ ଅନୁସାରେ ସାବାଳକ ଭାବେ ବିଚାର କରିବାକୁ ପୁଲିସ କୋର୍ଟରେ ଯୁକ୍ତି ରଖିଥିଲା। ଏହାସତ୍ତ୍ୱେ କୋର୍ଟ ଅଭିଯୁକ୍ତକୁ ଜାମିନ ଦେବା ଘଟଣା ଆଶ୍ଚର୍ଯ୍ୟଜନକ ବୋଲି କମିସନର ଅମିତେଶ କୁମାର ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ କହିଛନ୍ତି।



ମୃତ ଦମ୍ପତି

**୩ ଜୋତା ବ୍ୟବସାୟୀଙ୍କ ଘରେ ଚଢ଼ଉ**

## ୫୦ କୋଟି ଟଙ୍କା, ୬୦ କୋଟିର ସୁନା ଜବତ

ଆଗ୍ରା, ୨୦।୫(ଏଜେନ୍ସି): ଆଗ୍ରାରେ ତିନିଜଣ ଜୋତା ବ୍ୟବସାୟୀଙ୍କ ଘରେ ଆୟକର ବିଭାଗ ଚଢ଼ଉ କରି ବିପୁଳ ଟଙ୍କା ଏବଂ ସୁନା ଅଳଙ୍କାର ଜବତ କରିଛି। ଗତ ୧୮ ତାରିଖରୁ ୩ ଦିନ ଧରି ଚଢ଼ଉ କରାଯାଇଥିଲା ବେଳେ ଏପର୍ଯ୍ୟନ୍ତ ନଗଦ ୫୦କୋଟି ଟଙ୍କା ସହ ୬୦ କୋଟି ଟଙ୍କାର ସୁନା ଅଳଙ୍କାର ଜବତ କରାଯାଇଛି।ଜୋତା ବ୍ୟବସାୟୀଙ୍କ ଘରୁ ଏତେ ପରିମାଣର ଟଙ୍କା ଜବତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସୂଚନା ଅନୁସାରେ ଏହି ତିନି ଜୋତା ବ୍ୟବସାୟୀ ଆଗ୍ରାରେ ବ୍ୟବସାୟ କରନ୍ତି। କିନ୍ତୁ ସେମାନଙ୍କ ଆର୍ଥିକ କାର୍ଯ୍ୟାକଳାପ ଉପରେ ସନ୍ଦେହ କରାଯିବା ପରେ ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। କିନ୍ତୁ ଚଢ଼ଉ ସମୟରେ ଯେଭଳି ନୋଟ୍‌ର ପାହାଡ଼ ମିଳିଛି ତାହାକୁ ଦେଖି ଆୟକର ବିଭାଗୀୟ ଅଧିକାରୀମାନେ ମଧ୍ୟ ବିସ୍ମିତ ହୋଇପଡ଼ିଛନ୍ତି। ବହୁ କର୍ମଚାରୀ ଏବଂ ମେସିନ ଦ୍ୱାରା ଟଙ୍କା ଗଣତି ଚାଲିଥିଲେ ହେଁ ଏବେ ସୁଦ୍ଧା ଗଣତି ସରିନାହିଁ।



‘ରକ୍‌ଷ୍ଟାର୍’ର ସିକ୍ୱେଲ୍

▶ପୃଷ୍ଠା ୧୪ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-324 ◆BHUBANESWAR ◆TUESDAY ◆21 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୪ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୧ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




## ’୨୪ ନିର୍ବାଚନର ସ୍ୱତନ୍ତ୍ର ବୈଶିଷ୍ଟ୍ୟ

# ‘ବାଇ ଦି ନବୀନ, ଫର ଦି ନବୀନ, ଅଫ୍ ଦି ନବୀନ’



**ଖରା ତାତିକୁ ବଳି ଯାଇଥିଲା ପ୍ରଚାର ଝାଞ୍ଜି । ସମ୍ବଲପୁରରୁ ସାଲେପୁର, ମାହାଙ୍ଗା, କୁଆଁପାଳ, ରାଜକନିକା ପରେ ରାଜନଗରରେ ଦଳ ପାଇଁ ମାରାଥନ ପ୍ରଚାର । ମଞ୍ଚ ଉପରେ ଦଳର ନେତାମାନଙ୍କୁ ବିପୁଳ ଭୋଟରେ ବିଜୟ ନିମନ୍ତେ ନିବେଦନ । ଜୁଆର ପରି ମାଡ଼ି ଆସୁଥିବା ଲୋକଙ୍କ ସହ ଭାବବିନିମୟ, ହଜାର ହଜାର ଲୋକଙ୍କ ସହ କରମର୍ଦ୍ଦନ, ଟିକିଏ ଝଲକ ପାଇଁ ବୟସ ନିର୍ବିଶେଷରେ ବ୍ୟତିବ୍ୟସ୍ତ ମଣିଷଙ୍କ ସହ ସେଲ୍‌ଫି । ମୁଣ୍ଡ ଉପରେ ଗଦା ହୋଇ ପଡୁଥିବା ଫୁଲ ପାଖୁଡ଼ାର ଆଶିଷ ଭିତରେ ଆମେ ଯେଉଁ ମଣିଷଟିକୁ ଦେଖୁଥିଲୁ, ସେ କିନ୍ତୁ ଜମା କ୍ଳାନ୍ତ ଜଣାପଡୁ ନ ଥିଲେ । ଚେହେରାରେ ଆପଣାର ଅନୁଭବ, ମୁହଁରେ ସ୍ୱଭାବସୁଲଭ ହସ, ଚାଲିରେ ଅଜେୟ ଅର୍ଜୁନଙ୍କ ଠାଣି । ପ୍ରଚାର ଅବସରରେ ମାତ୍ର ଅଧ ଘଣ୍ଟାଏ ମଧ୍ୟରେ ତାଙ୍କ ମୁହଁରୁ ଆମେ ଶୁଣିଥିଲୁ ମହାପ୍ରଭୁ ଜଗନ୍ନାଥଙ୍କ କଥା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଥା, ଓଡ଼ିଶାର ବିକାଶର କାହାଣୀ, କପଟର ଜଉଘରେ ପ୍ରତିପକ୍ଷଙ୍କୁ ଅଗ୍ନିସମାଧି ଦେବା ନିମନ୍ତେ ମୁଖାପିନ୍ଧା ଦଳେ କପଟୀ ମଣିଷଙ୍କ ଷଡ଼ଯନ୍ତ୍ରର କଥା । ସେ ପୁଣି କହିଥିଲେ ଓଡ଼ିଶା ବିକାଶ ପାଇଁ ଅଙ୍କାଯାଇଥିବା ‘ନବୀନ ନକ୍ସା’ । ସେ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ । ସାମ୍ପ୍ରତିକ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରେ ଦ୍ୱିତୀୟ ଶୀର୍ଷ ତାରକା ପ୍ରଚାରକ । ଅନ୍ୟତମ ଅଦ୍ୱିତୀୟ ଯାଦୁକରୀ ବ୍ୟକ୍ତିତ୍ୱ । ତାହା ନ ହୋଇଥିଲେ, ମଧ୍ୟାହ୍ନର ଡହଡହ ତତଲା ଖରାରେ ତାଙ୍କୁ ଦେଖିବାକୁ ଏତେ ଭିଡ଼ ଜମୁ ନ ଥାନ୍ତା; ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ତାଙ୍କୁ ଦେଖିବାକୁ ଅପେକ୍ଷା କରୁ ନ ଥାନ୍ତେ, ତାଙ୍କ କଥା ଶୁଣିବାକୁ ଖରା ତରା ନ ମାନି କାହିଁ କେତେ ଦୂରରୁ ଧାଇଁ ଆସୁ ନ ଥାନ୍ତେ । ଫୁଲ ବିଞ୍ଚି ଆଶୀର୍ବାଦ ଦେଉ ନ ଥାନ୍ତେ । ସୋମବାର ରାଜନଗର ମିନି ଷ୍ଟାଡିୟମରେ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସମାବେଶ ଯିଏ ଦେଖିଛି, ସେ ଅନୁଭବ କରିଛି ଲୋକମାନେ ତାଙ୍କୁ କେତେ ଭଲ ପାଉଛନ୍ତି, ଆଉ ତାଙ୍କ ଯାଦୁକରୀ ବ୍ୟକ୍ତିତ୍ୱ, ନିକଟ ଆତ୍ମୀୟଙ୍କ ପରି ଛଳନାହୀନ ପ୍ରତିଶ୍ରୁତି କେମିତି ତାଙ୍କୁ ଲୋକମାନଙ୍କର ସ୍ୱଜନରେ ପରିଣତ କରିଛି । ଆମେ ଦେଖିଛୁ ଏହି ଦୃଶ୍ୟ । ପ୍ରଚଣ୍ଡ ରୌଦ୍ରତାପ, ପ୍ରବଳ ଭିଡ଼ ଆଉ ପ୍ରଚାରର ବ୍ୟସ୍ତତା ମଧ୍ୟରେ ଆମେ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଥିଲୁ ଏକ ନିର୍ବାଚନୀ ଅବସରରେ । ସ୍ୱଳ୍ପ ସମୟ ମଧ୍ୟରେ ପଚାରିଥିଲୁ ଅନେକ ପ୍ରଶ୍ନ । ଏତେ ବ୍ୟସ୍ତତା ସତ୍ତ୍ୱେ ସେ ଆମପାଇଁ କିଛି ସମୟ ଦେଇଥିଲେ । ଅତ୍ୟନ୍ତ ସରଳ, ସଂକ୍ଷେପ ଓ ସାବଲୀଳ ଭାବରେ ପ୍ରଦାନ କରିଥିଲେ ଗୋଟିଗୋଟି ଉତ୍ତର । ତାଙ୍କଠାରୁ ଆମେ ଶୁଣିଥିବା କିଛି କଥା ଓ ବ୍ୟଥାର ମର୍ମାଂଶ-**

**ସକାଳ: ରାଜନୀତିରେ ପ୍ରବେଶ ପରେ ୨୦୨୪ ନିର୍ବାଚନ ଆପଣଙ୍କର ପ୍ରଥମ ପ୍ରତ୍ୟକ୍ଷ ନିର୍ବାଚନ । କିଛି ଭିନ୍ନ ଅନୁଭବ?**

**ପାଣ୍ଡିଆନ:** ଚଳିତ ନିର୍ବାଚନ ହେଉଛି ସମ୍ପୂର୍ଣ୍ଣ ଭିନ୍ନ। ଏହି ନିର୍ବାଚନର ବୈଶିଷ୍ଟ୍ୟ ହେଉଛି **‘ବାଇ ଦି ନବୀନ, ଫର ଦି ନବୀନ, ଅଫ୍ ଦି ନବୀନ’।**

**ସକାଳ: ବିରୋଧୀ ବିଜେପିର ନେତାମାନେ ଆପଣଙ୍କୁ ନିଶାଣ କରୁଛନ୍ତି । ଅପଶବ୍ଦ ପ୍ରୟୋଗ କରୁଛନ୍ତି, ଅତ୍ୟନ୍ତ କଦର୍ଯ୍ୟ ଶବ୍ଦରେ ଗାଳି ଦେଉଛନ୍ତି । ଆପଣଙ୍କୁ ରାଗ ଲାଗେ ନାହିଁ?**

**ପାଣ୍ଡିଆନ:** (ଅଳ୍ପ ହସି) ନାଁ। ଆଦୌ ନୁହେଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମୁଁ ଜଣେ ସୈନିକ । ଜଣେ ସୈନିକର କାର୍ଯ୍ୟ ହେଉଛି ସୁରକ୍ଷା ଦେବା । ଯଦି ମୋତେ ଗାଳିଦେଇ, ମୋ ପ୍ରତି ଅପଶବ୍ଦ ପ୍ରୟୋଗ କରି କେହି ଖୁସି ହେଉଛି ହେଉ । ମୁଁ ମୋର ଲକ୍ଷ୍ୟରେ ବ୍ରତୀ ଅଛି, ମୋତେ ମୋ ଲକ୍ଷ୍ୟ ପଥରୁ କେହି ବିଚ୍ୟୁତ କରିପାରିବେ ନାହିଁ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରତି କେହି କୌଣସି ଅପଶବ୍ଦ ପ୍ରୟୋଗ କଲେ ମୁଁ ସହ୍ୟ କରିପାରିବି ନାହିଁ ।

**ସକାଳ: ବିଜେଡି ଚଳିତ ନିର୍ବାଚନରେ ନିଜ ସରକାରର ପ୍ରଦର୍ଶନ ଓ ବ୍ରାଣ୍ଡ ନବୀନଙ୍କୁ ନେଇ ଲୋକଙ୍କ ପାଖକୁ ଯାଉଛି, ବିରୋଧୀ ଓଡ଼ିଆ ଅସ୍ମିତା ନାମରେ ବ୍ୟକ୍ତିକୈନ୍ଦ୍ରୀକ ନିନ୍ଦା ଓ ଅପଶବ୍ଦ ପ୍ରୟୋଗ କରୁଛନ୍ତି ?**

ପାଣ୍ଡିଆନ: ସେମାନେ ତାଙ୍କ ଦୃଷ୍ଟିରେ ଓଡ଼ିଆ ଅସ୍ମିତାର ବ୍ୟାଖ୍ୟା କରୁଛନ୍ତି । ଭାଷା, ଧର୍ମ, ଅଞ୍ଚଳ, ଜାତିବାଦକୁ ନେଇ ରାଜନୀତି କରୁଛନ୍ତି । ଯେତେବେଳେ ଗୋଟିଏ ଦଳ ପ୍ରଚଣ୍ଡ ପରାଜୟ ଆଶଙ୍କା କରେ, ସେତେବେଳେ ଧର୍ମ, ଅଞ୍ଚଳ ଓ ଜାତିକୁ ନେଇ ରାଜନୀତି କରିଥାଏ ।

**ସକାଳ: ବିଜେପିର ଶତାଧିକ ଜାତୀୟ ନେତା, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଓଡ଼ିଶାରେ ଡ଼େରା ପକାଇଛନ୍ତି । ଜାତୀୟ ନେତାମାନଙ୍କ ସାଲାଇନ୍ ଓଡ଼ିଶାରେ ବିଜେପିକୁ ଜିଆଇ ପାରିବ କି ?**

ପାଣ୍ଡିଆନ: ସାଲାଇନ୍ ନୁହେଁ, ମୁଁ ତ କହୁଛି ବୁଷ୍ଟର ଡ଼ୋଜ୍। ମୁଁ ତ ସବୁବେଳେ କହି ଆସିଛି, ବିଜେପିର ଜାତୀୟ ନେତାମାନେ ଓଡ଼ିଶା ବିଜେପିକୁ ବୁଷ୍ଟର ଡ଼ୋଜ୍ ଦେବାକୁ ଆସୁଛନ୍ତି । ନିକଟ ଅତୀତରେ ବିଜେପି ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନରେ ପ୍ରଚଣ୍ଡ ପରାଭବ ଭୋଗିଛି । ଦଳର କର୍ମୀ ଓ କର୍ମକର୍ତ୍ତାମାନେ ହତାଶା ଦେଇ ଗତି କରୁଛନ୍ତି । ସେଥିପାଇଁ କେନ୍ଦ୍ରୀୟ ନେତାମାନେ ବୁଷ୍ଟର ଡ଼ୋଜ ଦେବାକୁ ଆସୁଛନ୍ତି ।

ସକାଳ: ବିଜେପିର କିଛି ଜାତୀୟ ନେତା ରାମମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଓଡ଼ିଶାବାସୀଙ୍କୁ ଆପଣଙ୍କ ସରକାର ଛାଡ଼ିଲେ ନାହିଁ ବୋଲି କରୁଥିବା ଅଭିଯୋଗ କରୁଛନ୍ତି ।

ପାଣ୍ଡିଆନ: ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଦିନ ରାଜ୍ୟ ସରକାର ଅଧା ଦିନ ସରକାରୀ ଛୁଟି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଉତ୍ସବ ସମ୍ପର୍କରେ ଟ୍ୱିଟ୍ କରିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଏଥିପାଇଁ ଧନ୍ୟବାଦ ଦେଇଥିଲେ। ମାତ୍ର ରାଜନୀତି ପାଇଁ ସେ ଯଦି ଏହାକୁ ମନେ ନ ରଖିବେ ତାହା ଭିନ୍ନ କଥା। ସେଇଥିପାଇଁ ମୁଁ କହିଛି, ନିଶ୍ଚିତ ପରାଜୟ ଆଭାସ ମିଳିଲେ କିଛି ଲୋକ ଜାତି-ଧର୍ମ-ଆଞ୍ଚଳିକତା ରାଜନୀତି କରିଥାଆନ୍ତି ।

**ସକାଳ: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ୪୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବିଜେପି ପ୍ରଚାର କରୁଛି । ଏହା ପଛରେ ବାସ୍ତବ ସତ୍ୟ କ’ଣ?**

**ପାଣ୍ଡିଆନ:** ଏହା ନିରାଧାର। ବାସ୍ତବରେ ପରିକ୍ରମା ପ୍ରକଳ୍ପର ବ୍ୟୟବରାଦ ମାତ୍ର ୩୫୦ କୋଟି ପାଖାପାଖି ଖର୍ଚ୍ଚ ହୋଇଛି। ଅବଶିଷ୍ଟ ଅର୍ଥ ହେଉଛି ‘ଅବଢ଼ା’ ଯୋଜନାର ଅଂଶବିଶେଷ। ଏଥିରେ ଶ୍ରୀ ସେତୁ, ହବିଷ୍ୟାଳିଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ, ଜମି ପ୍ରଦାନର କ୍ଷତିପୂରଣ ଓ ଅନ୍ୟାନ୍ୟ କାର୍ଯ୍ୟ ହେଉଛି। ଏହି ପ୍ରଚାର ସମ୍ପୂର୍ଣ୍ଣ ନିରାଧାର।

**ବଡ଼ ପରାଜୟ ଆଭାସ ମିଳିଲେ ବିରୋଧୀ ଜାତି, ଧର୍ମ ଓ ଭାଷାର ରାଜନୀତି କରନ୍ତି**

**ସକାଳ: ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ମାଗଣା ବିଜୁଳି, ବିଏସ୍‌କେୱାଇ ଓ ପେନସନ୍ ସ୍ୱାକ୍ଷର କରିବେ ବୋଲି କହିଛନ୍ତି । ତେବେ ଷଷ୍ଠପାଳିରେ ପ୍ରଥମ ୬୦ ଦିନର ରୋଡ୍ ମ୍ୟାପ୍ ?**

**ପାଣ୍ଡିଆନ:** ୬୦ ଦିନ ନୁହେଁ, ଆମେ ଆଗାମୀ ୧୦ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବୁ। ଯୁବ ବଜେଟ୍ ଆମର ପ୍ରଥମ ଲକ୍ଷ୍ୟ ହେବ । ଏହି ବଜେଟରେ ୧୦ ବର୍ଷରେ ଯୁବ ବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ବରାଦ କରାଯିବ । ଏହା ରାଜ୍ୟର ଯୁବଗୋଷ୍ଠୀଙ୍କ ଭବିଷ୍ୟତ ପାଇଁ ଗେମ୍ ଚେଞ୍ଜର ହୋଇପାରିବ।

**ସକାଳ: ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀ କାର୍ତ୍ତିକ ପାଣ୍ଡିଆନଙ୍କ ଜୀବନ ଶୈଳୀ ଓ ବିଜୁ ଜନତା ଦଳ ନେତା, ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ଜୀବନ ଶୈଳୀ ମଧ୍ୟରେ ପାର୍ଥକ୍ୟ ?**

**ପାଣ୍ଡିଆନ:** କୌଣସି ପାର୍ଥକ୍ୟ ନାହିଁ। ଏକମାତ୍ର ଲକ୍ଷ୍ୟ ହେଉଛି ଜନସେବା। ପ୍ରଶାସକର ଦାୟିତ୍ୱ ହେଉଛି ଜନକଲ୍ୟାଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଓ ରାଜନେତାର ଦାୟିତ୍ୱ ହେଉଛି ଏହାର ବାସ୍ତବ ରୂପାୟନ। ପ୍ରଶାସନିକ ଅଧିକାରୀରୁ ରାଜନେତାକୁ ପରିବର୍ତ୍ତିତ ହେବାରେ ମୋର ଭୂମିକାରେ କୌଣସି ପରିବର୍ତ୍ତନ ହୋଇଥିବା ମୁଁ ଲକ୍ଷ୍ୟ କରିପାରୁ ନାହିଁ । ଜୀବନ ଶୈଳୀରେ କୌଣସି ପରିବର୍ତ୍ତନ ନାହିଁ । ସେତେବେଳେ ରାତି ୪ଟାରୁ ବିଭିନ୍ନ କାର୍ଯ୍ୟର ସମୀକ୍ଷା ପାଇଁ ପହଞ୍ଚି ଯାଉଥିଲି, ଏବେ ରାତି ୪ଟାରେ ବି ଲୋକଙ୍କ ପାଖରେ ପହଞ୍ଚୁଛି । ଆପଣମାନଙ୍କୁ ଭେଟୁଛି ।

**ସକାଳ: ସରକାର ଚଳାଇବା ଓ ପ୍ରାଶାସନିକ ପରିଚାଳନାରେ ଭାବପ୍ରବଣତାର ଭୂମିକା କ’ଣ? ଏହାର ସୀମା କେତେ ଯାଏ ରହିବା ଉଚିତ ।**

**ପାଣ୍ଡିଆନ:** ଲୋକଙ୍କ ହୃଦୟ ଜିତିବା ହିଁ ଭାବପ୍ରବଣତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶ୍ରେଷ୍ଠ ଉଦାହରଣ। ମନରେ ଭାବପ୍ରବଣତା ନ ଥିଲେ ଆପଣ ଲୋକଙ୍କ ଭଲ ପାଇଁ କିଛି କରିପାରିବେ ନାହିଁ । ଖାଇବାକୁ ପାଉ ନ ଥିବା ଲୋକଙ୍କ ପାଇଁ ଖାଦ୍ୟ ଖଞ୍ଜିବା, ଆର୍ଥିକ ସକ୍ଷମ ନ ଥିବା ଅଭିଭାବକଙ୍କ ପିଲାଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ପଢ଼ିବା ପାଇଁ ବ୍ୟବସ୍ଥା କରିବା, ଚିକିତ୍ସା ପାଇଁ ଅର୍ଥାଭାବର ଶିକାର ଲୋକଙ୍କୁ ବିଏସ୍‌କେୱାଇରେ ମାଗଣା ଚିକିତ୍ସା ଯୋଗାଇବା ପାଇଁ ବଡ଼ ହୃଦୟ ଓ ମନରେ ଭାବପ୍ରବଣତା ରହିବା ଦରକାର ।

**ସକାଳ : ଅନେକ ସମୟରେ ଆପଣଙ୍କୁ ଅନେକ ପ୍ରସଙ୍ଗରେ ତ୍ୱରିତ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏପରି ତତ୍‌କ୍ଷଣାତ୍ ନିଷ୍ପତ୍ତି ନେବା ପଛରେ କାହାକୁ ଆପଣ ପ୍ରେରଣା ମନେକରନ୍ତି ?**

**ପାଣ୍ଡିଆନ:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ମୋର ପ୍ରେରଣା। ସେତେବେଳେ ମୁଁ ମୟୂରଭଞ୍ଜରେ ଜିଲ୍ଲାପାଳ ଥାଏ। ଦିବ୍ୟାଙ୍ଗମାନଙ୍କ ପାଇଁ ସେଠାରେ ମୁଁ କାର୍ଯ୍ୟକାରୀ କରିଥିବା କେତେକ କାର୍ଯ୍ୟକ୍ରମ ସର୍ବଭାରତୀୟସ୍ତରରେ ପ୍ରଶଂସିତ ହେବା ସହ ମୋତେ ଜାତୀୟ ପୁରସ୍କାର ମିଳିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ମୋତେ ଫୋନ୍ କଲେ ଓ ଏହି ବଞ୍ଚିତ ବର୍ଗଙ୍କ ପାଇଁ ମୋର କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ଏହାକୁ ସମଗ୍ର ରାଜ୍ୟରେ ଲାଗୁ କରିବା ନିମନ୍ତେ ସନ୍ଧ୍ୟା ସୁଦ୍ଧା ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଲେ। ତାଙ୍କର ଏପରି ତ୍ୱରିତ ପଦକ୍ଷେପ ମୋତେ ଗଭୀର ପ୍ରଭାବିତ କରିଥିଲା । ତ୍ୱରିତ ନିଷ୍ପତ୍ତି ନେବାରେ ତାଙ୍କର ସମକକ୍ଷ ନେତା କେହି ନାହାନ୍ତି ।

**ସକାଳ:** କାର୍ଯ୍ୟଚାପ, ମାନସିକ ଅସ୍ଥିରତାକୁ ଆପଣ କେମିତି ପରିଚାଳନା କରନ୍ତି ?

**ପାଣ୍ଡିଆନ:** ଯେଉଁଠାରେ ସ୍ୱାର୍ଥ ଥାଏ, ସେଠାରେ ମାନସିକ ଚାପ ରହେ। ମାତ୍ର ମହାପ୍ରଭୁଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପିତ ହୋଇ କାର୍ଯ୍ୟ କଲେ ଆଦୌ ଚାପ ଅନୁଭବ ହେବ ନାହିଁ । ଶ୍ରୀମଦ୍ ଭଗବତ୍ ଗୀତାରେ ନିଜ କର୍ମ ଉପରେ ବିଶ୍ୱାସ ରଖିବାକୁ କୁହାଯାଇଛି । ମୁଁ ଗୀତା ବାଣୀରେ ବିଶ୍ୱାସ କରେ । କର୍ମ ହିଁ ଭଗବାନଙ୍କ ସ୍ୱରୂପ । ଯେଉଁଠି ଭଗବାନ ଅଛନ୍ତି ସେଠାରେ କାର୍ଯ୍ୟ ଚାପ, ମାନସିକ ଅସ୍ଥିରତାର ସ୍ଥାନ କାହିଁ ?

**ସକାଳ:** ଜୀବନରେ କେବେ କୌଣସି କାର୍ଯ୍ୟ ପାଇଁ କେବେ ଅନୁଶୋଚନା କରିଛନ୍ତି? ପଶ୍ଚାତାପ କରିଛନ୍ତି କି ?

**ପାଣ୍ଡିଆନ:** ନା, ଆଦୌ ନୁହେଁ । କେବେ କୌଣସି କାର୍ଯ୍ୟ ପାଇଁ ମୁଁ ପଶ୍ଚାତାପ କରିନାହିଁ, ଅନୁଶୋଚନା କରିନାହିଁ। ବିବେକାନୁମୋଦିତ ଭାବରେ ମୁଁ କାର୍ଯ୍ୟ କରିଥାଏ । ମୋ ଜୀବନରେ ଏପରି କୌଣସି ନିଷ୍ପତ୍ତି କେବେ ନେଇନାହିଁ, ଯେଉଁଥିପାଇଁ ମୋତେ ଅନୁଶୋଚନା କରିବାକୁ ପଡ଼ିବ । ■

**(ସାକ୍ଷାତକାର: କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ ଏବଂ ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି)**

# ନବୀନମୟ ରାଜଧାନୀ



■ **ଭୁବନେଶ୍ୱର, ୨୦।୫ (ସମିସ):** ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜଧାନୀରେ ନିର୍ବାଚନୀ ଉଷ୍ମତା ବାରିହୋଇ ପଡୁଛି। ସୋମବାର ସନ୍ଧ୍ୟାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜଧାନୀରେ କରିଥିଲେ ଦ୍ୱିତୀୟ ରୋଡ୍ ଶୋ’। ଏହି ଅବସରରେ ରାଜରାସ୍ତାର ଦୁଇପାର୍ଶ୍ୱରେ ହଜାର ହଜାର ରାଜଧାନୀବାସୀଙ୍କ ଉପସ୍ଥିତି ନବୀନଙ୍କ ପ୍ରତି ସେମାନଙ୍କ ଉଚ୍ଛ୍ୱସିତ ଭଲ ପାଇବାର ପ୍ରଦର୍ଶନ ଥିଲା ହୃଦୟସ୍ପର୍ଶୀ। ମୁଖ୍ୟମନ୍ତ୍ରୀଙ୍କ ସ୍ମିତହାସ୍ୟରୁ ବାରି ହୋଇପଡୁଥିଲା ଲୋକଙ୍କ ପ୍ରତି ତାଙ୍କର ଅନାବିଳ ସ୍ନେହ ଓ ଭଲପାଇବା।

ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଛକରେ ସ୍ୱତନ୍ତ୍ର ‘କ୍ୟାମ୍ପେନ ଭ୍ୟାନ’ରୁ ବାହାରି ଆସି ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜନତାଙ୍କୁ ସମ୍ବୋଧନ କରୁଥିଲେ। ତାଙ୍କ ନିଜସ୍ୱ ସାବଲୀଳ ଶୈଳୀରେ ‘ଆପଣମାନେ ଖୁସି ତ?’ ପ୍ରଶ୍ନ ପଚାରିଥିଲେ। ହଜାର ହଜାର ଜନତା ଏକ ସ୍ୱରରେ କହି ଉଠୁଥିଲା ‘ହଁ! ଆମେ ଖୁସି।’ ପରେ ପଚାରିଥିଲେ ବିଜେଡିକୁ ଭଲ ପାଉଛନ୍ତି ତ? ଭିଡ କହୁଥିଲା, ଆମେ ବହୁତ ଭଲ ପାଉଛୁ। ପ୍ରତ୍ୟେକ ଛକରେ ନବୀନ ଲୋକଙ୍କୁ ସମ୍ବୋଧନ ବେଳେ ନିର୍ବାଚନ ଇସ୍ତାହାର ଗ୍ୟାରେଣ୍ଟି ଦେଉଥିଲେ। କହୁଥିଲେ ଆଉ ଜୁଲାଇ ମାସରୁ ବିଜୁଳି ବିଲ ଆସିବ ନାହିଁ। ପ୍ରତ୍ୟେକଙ୍କୁ ବିଏସ୍‌କେୱାଇରେ ସାମିଲ କରାଯିବ। ମିଶନ ଶକ୍ତି ମା’ ମାନଙ୍କୁ ପେନସନ ମିଳିବ। ଏହା ଆମର ପ୍ରତିଶ୍ରୁତି। ବିଜୁ ଜନତା ଦଳର ବିଧାୟକ ପାର୍ଥୀ ଏବଂ ସାଂସଦ ପାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

ଯୋଡି ଶଙ୍ଖ ଚିହ୍ନ, ନବୀନ ନବୀନ ସଙ୍ଗୀତ, ନବୀନ ମୁଖା, ନବୀନ ଟୋପି, ସବୁଜ ବେଲୁନ୍, ଦଳୀୟ କର୍ମୀଙ୍କ ଉତ୍ସାହ ଏବଂ ମହିଳାଙ୍କ ହୁଳହୁଳି ସହ ଶଙ୍ଖ ନାଦରେ ନବୀନମୟ ହୋଇଉଠିଥିଲା ଏକାମ୍ର ନିର୍ବାଚନ ମଣ୍ଡଳୀ। ସନ୍ଧ୍ୟା ପ୍ରାୟ ୭ଟାରେ ପୁନାମା ଗେଟ୍ ଫ୍ଲାଏଓଭରରୁ ଆରମ୍ଭ ହୋଇଥିଲା ରୋଡ୍ ଶୋ। ପରେ ଏହା ବିଡିଏ କଲୋନୀ ଛକ, ସୁନ୍ଦରପଦା ହାଟ, ପୋଖରୀପୁଟ, ଶିରିପୁର ଛକ, ଗଙ୍ଗନଗର ଛକରେ ପହଞ୍ଚିଲା ପରେ ଏକାମ୍ର ଛକରେ ରୋଡ ଶୋ’ ଶେଷ ହୋଇଥିଲା। ବିଜୁ ଜନତା ଦଳର ଏକ ନମ୍ବର ଷ୍ଟାର ପ୍ରଚାରକ ନବୀନ ପଟ୍ଟନାୟକଙ୍କ ରୋଡ଼ ଶୋ’ରେ ହଜାର ହଜାର ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ଜନ ସମୁଦ୍ର ପାଲଟି ଥିଲା ଏକାମ୍ରର ନିର୍ବାଚନ ମଣ୍ଡଳୀର ରାସ୍ତା ଘାଟ। ନବୀନଙ୍କ ଗୋଟିଏ ଝଲକ ପାଇବାକୁ ଯେପରି ଘଣ୍ଟା ଘଣ୍ଟା ଧରି ଚାହିଁ ବସିଥିଲେ ତାଙ୍କ ସମର୍ଥକ। ରୋଡ଼ ସୋ ବେଳେ ବିଭିନ୍ନ ସ୍ଥାନରେ ନବୀନଙ୍କୁ ଦେଖିବା ମାତ୍ରେ ଉପସ୍ଥିତ ଥିବା କର୍ମୀ, ସମର୍ଥକ, ପ୍ରଶଂସକମାନେ ମଧ୍ୟରେ ଉତ୍ସାହ ଭରିଯାଇଥିଲା। ବିଶେଷ କରି ମହିଳା ସମର୍ଥକଙ୍କ ମଧ୍ୟରେ ଉତ୍ସାହ ସବୁଠାରୁ ଅଧିକ ଥିଲା। ରାସ୍ତା ସାରା ଯୁଆଡେ ଚାହିଁଲେ ମହିଳା ସମର୍ଥକଙ୍କ ଏକ ନିଆରା ଭିଡ ଦେଖିବାକୁ ମିଳିଥିଲା। ନବୀନ ପଟ୍ଟନାୟକ ତାଙ୍କ ପୁରୁଣା ଅନ୍ଦାଜରେ ହାତ ହଲାଇବା ମାତ୍ରେ ଭିଡ ବେକାବୁ ହୋଇ ପଡୁଥିଲା। ଏକ ସ୍ୱରରେ କହି ଉଠୁଥିଲେ ନବୀନ ନବୀନ। ଭିଡକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷାକର୍ମୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ନବୀନଙ୍କ ରୋଡ ଶୋ’ରେ ଲୋକଙ୍କ ଭିଡ ବିରୋଧିଙ୍କ ନିଦ ହଜାଇ ଦେଇଥିଲା ବେଳେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେଡି ପାର୍ଥୀ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ସାଂସଦ ପାର୍ଥୀ ମନ୍ମଥ ପାର୍ଥୀ ଖୁସି ଦେଖାଯାଉଥିଲେ।



# ଗଣତନ୍ତ୍ରର ମହାପର୍ବରେ ସମସ୍ତେ ଏକାଠି


















ସୋମବାର ରାଜ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ କରୁଛନ୍ତି ପ୍ରାର୍ଥୀ-ନେତା-ଜନତା

## ମହଙ୍ଗା ପଡ଼ିଲା ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପକୁ ଭଣ୍ଡୁର ଉଦ୍ୟମ

# ନିଜ ଅଠାକାଠିରେ କଂଗ୍ରେସ: ଭାଙ୍ଗୁଛି ଭୋଟ୍ ବ୍ୟାଙ୍କ

**ବାଲେଶ୍ୱର, ୨୦।୫ (ସମିସ):** ବାଲେଶ୍ୱର ସମେତ ଉତ୍ତର ଓଡ଼ିଶା ଏବଂ ସମଗ୍ର ପୂର୍ବ-ଭାରତର ଅର୍ଥନୈତିକ ବିକାଶକୁ ଗତି ଦେବା ପାଇଁ ସୁବର୍ଣ୍ଣରେଖା ବନ୍ଦରର ସ୍ୱପ୍ନ ଦେଖିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟ ପ୍ରଗତିରେ ଥିବା ବେଳେ ରାଜନୈତିକ ବିରୋଧାଭାସ ଯୋଗୁଁ ନିର୍ମାଣ କାର୍ଯ୍ୟ ଗତି ଭରିପାରୁନି। କଂଗ୍ରେସ ଓ ବାମପନ୍ଥୀଙ୍କ ବିକାଶ ବିରୋଧୀ ଆଭିମୁଖ୍ୟ ପାଇଁ ଆଞ୍ଚଳିକ ବିକାଶ ବହୁମାତ୍ରାରେ ପ୍ରଭାବିତ ହୋଇଛି। ସୁବର୍ଣ୍ଣରେଖା ବନ୍ଦର ବିରୋଧୀ ମଞ୍ଚ ତିଆରି କରି କଂଗ୍ରେସ ପରୋକ୍ଷରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜନମତକୁ ପ୍ରଭାବିତ କରି ଆସୁଥିଲା। ବନ୍ଦର ଓ ବିକାଶ ବିରୋଧୀ ଆଭିମୁଖ୍ୟକୁ ଆୟୁଧ କରି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଭୋଟ୍ ରାଜନୀତିରେ କିଛିଟା ସଫଳତା ମଧ୍ୟ ହାସଲ କରିଥିଲା। ତୃଣମୂଳସ୍ତରର ନେତୃବର୍ଗ ଏବଂ ଚାଷୀମାନଙ୍କୁ ହଜାର ହଜାର ଏକର ଚାଷ ଜମି ହରାଇବାର ଭୟ ଦେଖାଇ ସୁବର୍ଣ୍ଣରେଖା ବନ୍ଦରକୁ ବିରୋଧ କରାଯାଉଥିଲା। ଯେଉଁଥିପାଇଁ ବନ୍ଦର ନିର୍ମାଣ ଓ ଗମନାଗମନ ସୁବିଧା ପାଇଁ ରେଳପଥ ଓ ସଡ଼କପଥ ନିର୍ମାଣ ପାଇଁ ଚାଲିଥିବା ଜମି ଅଧିଗ୍ରହଣକୁ ପ୍ରଭାବିତ କରିବାକୁ ଜୋରଦାର ପ୍ରଚେଷ୍ଟା ଚାଲିଥିଲା। କିନ୍ତୁ ସାଧାରଣ ନିର୍ବାଚନ ଆସୁଆସୁ ବନ୍ଦରବିରୋଧୀ ଆଭିମୁଖ୍ୟ ପଛର ଅସଲ କାରଣ ଜଣାପଡ଼ିବା ପରେ ତୃଣମୂଳସ୍ତରରେ ନେତା କଂଗ୍ରେସଠୁ ଦୂରେଇବାରେ ଲାଗିଛନ୍ତି। ପ୍ରଜାମେଳି ନାଁରେ ସ୍ଥାନୀୟ ଲୋକଙ୍କୁ ଏକଜୁଟ କରି ମହତ୍ତ୍ୱାକାଂକ୍ଷୀ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକୁ ବିରୋଧ କରି ନିଜର ରାଜନୀତି ଚମକାଉଥିବା କଂଗ୍ରେସ ପ୍ରାର୍ଥୀ ବିଜନ ନାୟକଙ୍କ ଶକ୍ତି କମିବାରେ ଲାଗିଛି।

ଲୋକଙ୍କ ଜୀବନଜୀବିକାକୁ ସୁରକ୍ଷିତ ରଖି ଆଗାମୀ ଶତାବ୍ଦୀ ପାଇଁ ଆଞ୍ଚଳିକ ବିକାଶର ସ୍ୱପ୍ନ ଦେଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁବର୍ଣ୍ଣରେଖା ବନ୍ଦର ସ୍ୱପ୍ନକୁ ସାକାର କରିବାକୁ ରାଜନୈତିକ ସ୍ତରରେ ସମର୍ଥନ ମିଳି ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ଗ୍ୟାରେଣ୍ଟିକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ



(ଫାଇଲ୍ ଫଟୋ)

### ବିକାଶ ସପକ୍ଷରେ ରାଜନୈତିକ ସମୀକରଣ

ପାଖରେ ସ୍ପଷ୍ଟ ଭାବେ ପହଞ୍ଚାଇବାରେ ବାହକ ସାଜିଛନ୍ତି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା। ଭିଟାମାଟିକୁ ସୁରକ୍ଷିତ ରଖି ବିକାଶକୁ ଆଗକୁ ବଢ଼ାଯିବା ସହ ପ୍ରଗତିର ଏକ ନୂତନ ଅଧ୍ୟାୟ ଲିପିବଦ୍ଧ ହେବ ବୋଲି ଶ୍ରୀ ଜେନା ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତୃଣମୂଳ ସ୍ତରରୁ ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ପ୍ରତି ସମର୍ଥନ ବଢ଼ିବାରେ ଲାଗିଥିବାରୁ ବିକାଶ ବିରୋଧୀଙ୍କ ଆଖିରୁ ନିଦ ହଜିବାକୁ ବସିଲାଣି।

ମୁଖ୍ୟମନ୍ତ୍ରୀ ୨୦୧୯ ମସିହାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚୌମୁଖଠାରେ ସୁବର୍ଣ୍ଣରେଖା ବନ୍ଦର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଟାଟା କମ୍ପାନି ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ପରେ ୫ ହଜାର କୋଟି ଟଙ୍କା ବ୍ୟୟରେ ଏହି ବନ୍ଦର ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସରକାର ୯୯୨ ଏକର ଜମି ଲିଜ୍ ସୂତ୍ରରେ ଯୋଗାଇ ଦେଇଥିବା ବେଳେ ଉକ୍ତ ଶିଳ୍ପଭିତ୍ତିକ ବନ୍ଦରରୁ ବାର୍ଷିକ ୫୫ନିୟୁତ ଟନ୍ ପଣ୍ୟ କାରବାର ହେବାର ଲକ୍ଷ୍ୟ ରହିଛି। ପାଖାପାଖି ୨୦ ହଜାର ଯୁବକ/ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ବାଲେଶ୍ୱରର ଅର୍ଥନୀତି ବହୁତ ବଡ଼ ଲମ୍ଫଡ଼ିଆଁ ମାରିବ ବୋଲି ଆକଳନ କରାଯାଇଛି। ଖାଲି ସେତିକି ନୁହେଁ, ଅର୍ଥନୈତିକ କରିଡର୍ ଖୋଲିବା ସହିତ ଆନୁସଙ୍ଗିକ କଳକାରଖାନା ଖୋଲିବାରେ ସୁବର୍ଣ୍ଣରେଖା ବନ୍ଦର ସହାୟକ ହେବ। ଦକ୍ଷିଣ-ପୂର୍ବ ରେଳପଥ ସହ ଏହି ସାମୁଦ୍ରିକ ବନ୍ଦର ଯୋଡ଼ି ହେଲେ ଆଞ୍ଚଳିକ ଅର୍ଥନୈତିକ କରିଡର୍ ଖୋଲିବା ସହ ବିକାଶର ଏକ ନୂଆ ଅଧ୍ୟାୟ ଯୋଡ଼ି ହେବ। କିନ୍ତୁ ପ୍ରସ୍ତାବିତ ବନ୍ଦରକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ରହିଥିବା ନକାରାତ୍ମକ ମନୋଭାବକୁ ଜିଲ୍ଲା ପ୍ରଶାସନ ବୁଝାସୁଝା କରିବାକୁ ଯାଉଥିବା ବେଳେ କିଛି ମୁଷ୍ଟିମେୟ ବିକାଶ ବିରୋଧୀ ବ୍ୟକ୍ତିବିଶେଷ ନିଆଁରେ ଘିଅ ଢ଼ାଳିବାରେ ଲାଗିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗକୁ ପ୍ରମୁଖ ରାଜନୈତିକ ମୁଦ୍ଦା କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ବାଜିରେ ଲଗାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ସୁବର୍ଣ୍ଣରେଖା ବନ୍ଦର ବିରୋଧରେ ଭିଟାମାଟି ସୁରକ୍ଷା ମଞ୍ଚ ଆନ୍ଦୋଳନ କରି ଆସୁଥିବା ବେଳେ କଂଗ୍ରେସ ଦଳ ଖୋଲାଖୋଲି ସମର୍ଥନ କରି ସରକାରଙ୍କୁ ଟାର୍ଗେଟ କରି ଆସୁଥିଲା। ଭିଟାମାଟି ସୁରକ୍ଷା ମଞ୍ଚରେ କଂଗ୍ରେସ ନେତାମାନେ ବସି ଉକ୍ତ ଆନ୍ଦୋଳନକୁ ଏକ ରାଜନୈତିକ ମଞ୍ଚ କରି ଦେଇଥିଲେ। ଗତ ୨୦୨୧ ମସିହା ଡିସେମ୍ବର ୨୭ ତାରିଖରେ ତତ୍କାଳୀନ ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଚେଲ୍ଲା କୁମାର ଓ ଅନ୍ୟାନ୍ୟ ନେତାମାନେ ଯୋଗଦେଇ ଭିଟାମାଟି ସୁରକ୍ଷା ମଞ୍ଚକୁ ସମର୍ଥନ ଜଣାଇବା ସହ ବନ୍ଦର ଓ ଶିଳ୍ପକୁ ବିରୋଧ କରିବାକୁ ପ୍ରବର୍ତ୍ତାଇଛନ୍ତି। ବନ୍ଦରକୁ ବିରୋଧ କରି ଜୁନ୍ ୭ତାରିଖ ୨୦୨୨ ମସିହାରେ କଂଗ୍ରେସ ଓ ବାମପନ୍ଥୀ ନେତାଙ୍କ ଜନ ସମାବେଶ ମଞ୍ଚରୁ ଭିଟାମାଟି ସୁରକ୍ଷା ନାଁରେ ଏକ ରାଜନୈତିକ ବାର୍ତ୍ତା ଜନସାଧାରଣଙ୍କୁ ଯାଇଥିଲା। ସମାଜସେବୀ ମେଧା ପାଟକରଙ୍କୁ ଡ଼ାକି କରି କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ସମେତ ରାଜ୍ୟ ବହୁ ନେତୃବର୍ଗ ଯୋଗ ଦେଇଥିଲେ। ଏପରିକି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବନ୍ଦର ଓ ଶିଳ୍ପ ବିରୋଧୀ ପ୍ରସଙ୍ଗକୁ ଆଧାର କରି ରାଜନୈତିକ ଫାଇଦା ନେବାକୁ କଂଗ୍ରେସ ଏହି ସମାବେଶ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିଲା।

ବାଲିଆପାଳ ବ୍ଲକର ୬ଟି ପଞ୍ଚାୟତ ଜମ୍ବିରାଇ, ନୂଆଗାଁ, ଅଁଳାଡ଼ିହା, ବେତଗଡ଼ିଆ, ଡ଼ଗରା ଓ ଚୌମୁଖ ଗ୍ରାମ ପଞ୍ଚାୟତରେ ଉକ୍ତ ପ୍ରସଙ୍ଗକୁ ନେଇ ପ୍ରଭାବ ଥିବାରୁ କଂଗ୍ରେସ ସାମୟିକ ଫାଇଦା ନେବାକୁ ଚେଷ୍ଟା କରିଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳବାସୀ କଂଗ୍ରେସର ଆଭିମୁଖ୍ୟକୁ ସଠିକ୍ ଢ଼ଙ୍ଗରେ ଜାଣିବା ପରେ ଏବେ କଂଗ୍ରେସର ଭୋଟ୍ ବ୍ୟାଙ୍କ ଭାଙ୍ଗିବାରେ ଲାଗିଛି।

# ବଡ଼ଦାଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ’

## ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଲେ



**ପୁରୀ, ୨୦।୫ (ସମିସ):** ମହାପ୍ରଭୁଙ୍କୁ ଦର୍ଶନ ସହ ପୁରୀରେ ରୋଡ୍ ଶୋ’ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଧାନମନ୍ତ୍ରୀ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର୍ ଯୋଗେ ଆସି ସୋମବାର ସକାଳ ୭ଟାରେ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରୁ ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ ବାହାରି ସିଧାସଳଖ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲା। ମନ୍ଦିର ନିକଟରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ପ୍ରଧାନମନ୍ତ୍ରୀ ଗରୁଡ଼ ସ୍ତମ୍ଭଙ୍କୁ ଦର୍ଶନ କରି ମନ୍ଦିର ଭିତରକୁ ଯାଇଥିଲେ। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ। ପ୍ରାୟ ୪୦ ମିନିଟ୍ ମନ୍ଦିରରେ ବିତାଇବା ପରେ ବଡ଼ଦାଣ୍ଡରେ କରିଥିଲେ ରୋଡ୍ ଶୋ’। ମିରୀଚିକୋଟ ଛକରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ’ ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୁରୀର ବିଜେପି ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର, ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ଜନସମାଗମ ହୋଥିଲା। ଏହି ରୋଡ୍ ଶୋ’ରେ ଲୋକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ ପ୍ରଧାନମନ୍ତ୍ରୀ। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏସ୍‌ପିଜି, ସୁରକ୍ଷା ବାହିନୀ, ସ୍ଥାନୀୟ ପୁଲିସ ମୁତୟନ ହୋଇଥିଲେ।

■ ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ବିବାଦୀୟ ବୟାନ

# ଗୋ-ଚାଲାଣକାରୀଙ୍କୁ ଖୋଲା ମଞ୍ଚରୁ ଦେଲେ ଅଭୟବାଣୀ

**ବାଲେଶ୍ୱର, ୨୦।୫ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ବିବାଦୀୟ ବୟାନକୁ ନେଇ ଜଳେଶ୍ୱର ରାଜନୀତି ସରଗରମ ହେବାରେ ଲାଗିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ କାଦରାୟାଁଠାରେ ବିଜେପିର ନିର୍ବାଚନୀ ସଭା ଥିଲା। ମଞ୍ଚରୁ ବିଜେପିର ପ୍ରାର୍ଥୀ ଶ୍ରୀ ପ୍ରଧାନ କହିଥିଲେ ଯେ ସେ ଜିତିଲେ, ଗୋରୁ ବେପାରୀଙ୍କୁ ସବୁ ପ୍ରକାର ସହଯୋଗ କରିବେ। ଜିତିବା ପରେ ଗୋରୁ ବେପାରୀ ଆରାମରେ ପଶ୍ଚିମବଙ୍ଗକୁ ଗୋ-ଚାଲାଣ କରିପାରିବେ। କାଦରାୟାଁରୁ ପଶ୍ଚିମବଙ୍ଗର ସୁନାକଣିଆକୁ ଗୋ-ଚାଲାଣରେ କିଛି



ଅସୁବିଧା ହେବନି। ଅସୁବିଧା ହେଲେ ମୁଁ ଆଗରେ ଠିଆ ହେବି ବୋଲି ଶ୍ରୀ ପ୍ରଧାନ କହିଥିଲେ। ଶ୍ରୀ ପ୍ରଧାନଙ୍କ ଏହି ମନ୍ତବ୍ୟ ପରେ ଜଳେଶ୍ୱର ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ଭୋଟ ହାତେଇବାକୁ ବ୍ରଜମୋହନ ଗୋ-ଚାଲାଣକୁ ସମର୍ଥନ କରୁଛନ୍ତି ବୋଲି ରାଜନୈତିକମହଲରେ ଚର୍ଚ୍ଚା ଜୋର୍ ଧରିଛି।




### ଗଢ଼ାଚାଲିଛି ତିନିରଥ...

## ତିନିରଥର ୪୨ଟି ଯାକ ତୁମ୍ବରେ ବିନ୍ଧ ସରିଲା



**ପୁରୀ,୨୦।୫(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ରଥଯାତ୍ରା ପାଇଁ ରଥଖଳାରେ ତିନିରଥ ନିର୍ମାଣ ଚାଲିଛି। ପ୍ରଥମେ ତୁମ୍ବ ତିଆରି କରାଯାଉଥିବା ବେଳେ ସୋମବାର ତିନିରଥର ୪୨ଟି (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ଯାକ ତୁମ୍ବରେ ବିନ୍ଧ ସରିଛି। ମହାରଣା ମାନେ ମାପ ଅନୁଯାୟୀ ବିନ୍ଧଗୁଡ଼ିକୁ ନିହାଣ ଦ୍ୱାରା ସାଇଜ୍ କରିଛନ୍ତି। ମଧ୍ୟାହ୍ନ ବିରତି ପରେ ତିନିରଥର ମହାରଣା ସେବକମାନେ ତୁମ୍ବ ଗୁଡିକରେ ଅଖ ସଂଯୋଗ ପାଇଁ ପଦାରୀ ଗାତ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ ତିନି ରଥର କମାର ସେବକମାନେ ଚକାଡେରା ନୀତି ପାଇଁ ଆବଶ୍ୟକ ପ୍ରକାରେ ଗୋଟିଏ ଗୋଟିଏ ନାହାକା ତୁମ୍ବ ପାଇଁ ୪ଟି ଲେଖାଏଁ ୧୬ଟି ପଦାରି ବଳା ନିର୍ମାଣ କରିଛନ୍ତି। ଏଥିସହ ତିନିରଥର ଦୁଇଟି ଲେଖାଏଁ ତୁମ୍ବ ପାଇଁ ଆବଶ୍ୟକ ୩୨ ଯୋଡ଼ା କରି ଅରକଣ୍ଟା ତିଆରି କରିଛନ୍ତି। ବାକି ତୁମ୍ବଗୁଡ଼ିକ ପାଇଁ ଅର କଣ୍ଟା ଏବଂ ପଦାରୀ ବଳା ନିର୍ମାଣ ଜାରି ରଖିଛନ୍ତି।

# ଦୁର୍ଘଟଣାରେ ୬ ମୃତ

## ସ୍ୱାମୀ-ସ୍ତ୍ରୀ-ଝିଅ ସମେତ ୪ଜଣଙ୍କୁ ଚାପିଦେଲା ହାଇୱା

**ଢେଙ୍କାନାଳ,୨୦।୫(ସମିସ):** ଢେଙ୍କାନାଳ ଜିଲ୍ଲା ନିହଳପ୍ରସାଦ ଥାନା ଅନ୍ତର୍ଗତ ପିଙ୍ଗୁଆ ଟୋଲରପଶି ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସ୍ୱାମୀ, ସ୍ତ୍ରୀ ଓ ଝିଅ ସମେତ ମୋଟ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଖଙ୍କିରା ଫୁଲଝର ଗ୍ରାମର ଗୋବିନ୍ଦ ଦେଓଗମ (୩୫), ପତ୍ନୀ ସାବିତ୍ରୀ ଦେଓଗମ (୩୦), ତାଙ୍କ ଝିଅ ପୂର୍ଣ୍ଣିମା ଦେଓଗମ(୫)। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅନ୍ୟ ଜଣେ ନାବାଳକର ପରିଚୟ ମିଳି ପାରିନାହିଁ। ତାଙ୍କର ଘର ବାଲେଶ୍ୱରରେ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ବାଲେଶ୍ୱରର ଏହି ଯୁବକଙ୍କୁ ପିଙ୍ଗୁଆରେ ଛାଡ଼ିବା ପାଇଁ ଏମାନେ ସମସ୍ତେ ଗୋଟିଏ ବାଇକ୍‌ରେ କଟକ ଜିଲ୍ଲା ଟାଙ୍ଗିରୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପିଙ୍ଗୁଆ ନିକଟରେ ଏକ ଦ୍ରୁତଗାମୀ ହାଇୱା ପଛରୁ ସେମାନଙ୍କ ବାଇକ୍ ଉପରେ ମାଡ଼ି ଯାଇଥିଲା। ଏଥିରେ ଗୋବିନ୍ଦ ଓ ସାବିତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାଇକ୍‌ରେ ଥିବା ପୂର୍ଣ୍ଣିମା ଅନ୍ୟ ଜଣେ ନାବାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ମୃତାହତମାନଙ୍କୁ ଏକ ଆମ୍ବୁଲାନ୍ସରେ ପ୍ରଥମେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ନିହଳ ପ୍ରସାଦ ଥାନା ପୁଲିସ୍



ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ଗାଡ଼ିକୁ ପୁଲିସ ଜବତ କରି ତଦନ୍ତ ଚଳାଇଛି।

## ଶଳା-ଭିଣୋଇଙ୍କ ଉପରେ ମାଡ଼ିଗଲା ଟ୍ରକ୍

**ଛତ୍ରପୁର, ୨୦।୫ (ସମିସ):** ଛତ୍ରପୁର ବ୍ଲକ ଚମାଖଣ୍ଡି ଥାନା ଅନ୍ତର୍ଗତ ଟାଟା ପ୍ଲାଣ୍ଟ ସମ୍ମୁଖ ଜାତୀୟ ରାଜପଥରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କାରେ ଶଳା-ଭିଣୋଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାମନ୍ତରାୟପୁର ଗ୍ରାମର ଗଦାଧର ପ୍ରଧାନ( ୪୫) ଓ ତାଙ୍କ ଭିଣୋଇ କରୁଣାକର ବିଶ୍ୱାଳ (୫୦)। ସୂଚନାନୁସାରେ, ଗଦାଧର ଓ କରୁଣାକର ବ୍ରହ୍ମପୁର ବଡ଼ ମେଡିକାଲରୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଟାଟା ପ୍ଲାଣ୍ଟ ଗେଟ୍ ସମ୍ମୁଖ ଜାତୀୟ ରାଜପଥରେ ପଛପଟୁ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ପଛରୁ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଚମାଖଣ୍ଡି ଥାନା ଏଏସ୍‌ଆଇ ମାନସୀ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏହି ଘଟଣାରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ଶାଶୂ ଓ ପତ୍ନୀ ହତ୍ୟା ମାମଲା

## ଜ୍ୱାଇଁଙ୍କୁ ଆଜୀବନ ଜେଲ୍

**ବାରିପଦା, ୨୦।୫(ସମିସ):** ୨୦୧୯ ମସିହାରେ ସଂଘଟିତ ଏକ ଡବଲ୍-ମର୍ଡର୍ ମାମଲାର ରାୟ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧) କୋର୍ଟରେ ସୋମବାର ପ୍ରକାଶ ପାଇଛି। ବିଚାରପତି ସତ୍ୟନାରାୟଣ ପାତ୍ର ମାମଲାର ବିଚାର କରି ଅଭିଯୁକ୍ତ ମୋରଡ଼ା ଥାନା ଅନ୍ତର୍ଗତ ଖୁଣ୍ଟାପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତ (୫୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, କୌଣସି କାରଣରୁ ପୂର୍ଣ୍ଣଚନ୍ଦ୍ର ମହାନ୍ତ ତାଙ୍କ ଶାଶୂ ମମତା ମହାନ୍ତ ଓ ପତ୍ନୀ ସୁନତି ମହାନ୍ତଙ୍କୁ ଗତ ୨୦୧୯ରେ ହତ୍ୟା କରିଥିଲେ। ସେମାନେ ଘରେ ଥିବା ବେଳେ ଉତ୍କ୍ଷିପ୍ତ ହୋଇ ଏକ



କୁରାଢ଼ିରେ ପୂର୍ଣ୍ଣ ଉଭୟଙ୍କୁ ହତ୍ୟା କରିଥିଲେ। ଘରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଉଭୟଙ୍କ ମୃତଦେହକୁ ସ୍ଥାନୀୟ ଲୋକେ ହସ୍ପିଟାଲକୁ ନେଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପରିବାରଲୋକେ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ ଗିରଫ ପୂର୍ବକ କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

### ବିଜେଡି ଖୋଲିଲା ବିଜେପିର ଜନଜାତି ଯାତନାର ମୁଖା

## ଆଦିବାସୀମାନଙ୍କ ପାଇଁ ବିଜେପି କେବଳ କୁମ୍ଭୀର କାନ୍ଦଣା ନାଟକ କରୁଛି

- ୧ କୋଟି ଜନଜାତିଙ୍କ ବିକାଶ ପାଇଁ ନବୀନ ଗ୍ୟାରେଣ୍ଟି
- ମୁଖ୍ୟମନ୍ତ୍ରୀ ଜାଣିଛନ୍ତି, ଆଦିବାସୀଙ୍କ କଲ୍ୟାଣ ବିନା ସାମଗ୍ରୀକ ବିକାଶ ସମ୍ଭବ ନୁହେଁ
- ୫ ଜନଜାତି ଭାଷାକୁ ଆଜି ପର୍ଯ୍ୟନ୍ତ କାହିଁକି ମାନ୍ୟତା ଦେଲ ନାହିଁ?
- ୧୬୪ ପ୍ରଜାତିର ସମ୍ପ୍ରଦାୟଙ୍କୁ କାହିଁକି ଜନଜାତି ସ୍ୱିକୃତି ଦେଇନ?
- କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ କଲେନି, ୧୦ ଲକ୍ଷ ଶ୍ରମିକଙ୍କୁ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ
- ଜନଜାତିଙ୍କ ଉନ୍ନତି ପାଇଁ ଆସନ୍ତା ଦଶ ବର୍ଷରେ ୧୦ ହଜାର କୋଟି ଖର୍ଚ୍ଚ ହେବ

**ଭୁବନେଶ୍ୱର,୨୦।୫(ସମିସ):** ବର୍ଷ ବର୍ଷ ଧରି ଆଦିବାସୀଙ୍କ ଲୁହ ଦେଖା ଗଲା ନାହିଁ। ସେମାନଙ୍କ ମୁଣ୍ଡ ଉପରୁ ବୋଝ ହାଲୁକା କଲେ ନାହିଁ। ଏବେ ନିର୍ବାଚନ ପାଇଁ ଆଦିବାସୀଙ୍କ କଥା ମନେ ପଡୁଛି। ବାସ୍ତବତା ହେଉଛି ଭାରତୀୟ ଜନତା ପାର୍ଟିର ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ କୌଣସି ଆନ୍ତରିକତା ନାହିଁ। କିନ୍ତୁ ଆଦିବାସୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଗ୍ୟାରେଣ୍ଟି ବିଜେପିର ନିଦ ହଜାଇ ଦେଇଛି ବୋଲି ବିଜେଡି କହିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ଡ଼ଃ ଅମର ପଟ୍ଟନାୟକ କହିଥିଲେ ଯେ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ନବୀନ ସରକାର ସର୍ବଦା ପ୍ରାଥମିକତା



ଦେଇ ଆସୁଛନ୍ତି। ଦେଶରେ ସବୁଠାରୁ ସର୍ବାଧିକ ଜନଜାତି ସମ୍ପ୍ରଦାୟର ଲୋକେ ଓଡ଼ିଶାରେ ବସବାସ କରନ୍ତି। ମୁଖ୍ୟମନ୍ତ୍ରୀ ଭଲ ଭାବେ ଜାଣିଛନ୍ତି ଜନଜାତି ସମ୍ପ୍ରଦାୟର ଉତ୍‌ଥାନ ବିନା ଓଡ଼ିଶାର ସାମଗ୍ରିକ ବିକାଶ ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ। ସେଥିପାଇଁ, ବିଜେଡଇ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ଜନତା ଦଳର ନିର୍ବାଚନୀ ଇସ୍ତାହାରରେ ଏହାର ପଞ୍ଚମ ଗ୍ୟାରେଣ୍ଟି ଭାବେ ଜନଜାତି ସମ୍ପ୍ରଦାୟର ବିକାଶକୁ ସ୍ଥାନ ଦେଇଛନ୍ତି। ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ବିଜୁ ଜନତା ଦଳର ବିଭନ୍ନ ଦାବି ପ୍ରତି କେନ୍ଦ୍ର ଉଦାସୀନ ରହିଆସିଛି। ଆମେ ବିଜେପି ନେତୃତ୍ୱଙ୍କୁ ପ୍ରଶ୍ନ କରୁଛୁ ଯେ ଜନଜାତି ସମ୍ପ୍ରଦାୟର ପାଞ୍ଚଟି ଭାଷା ଯଥା ହୋ, ମୁଣ୍ଡାରୀ, କୁଇ, ସଉରା ଓ ଭୂମିଜକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି କାହିଁକି କର୍ଣପାତ କରୁ ନାହାନ୍ତି? ରାଜ୍ୟ ସରକାରଙ୍କ ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶାରେ ବାସ କରୁଥିବା ୧୬୪ ପ୍ରଜାତିର ଜନଜାତି ସମ୍ପ୍ରଦାୟଙ୍କୁ ଜନଜାତି ବର୍ଗର ପରିଚୟ ଏପର୍ଯ୍ୟନ୍ତ ମିଳି ପାରି ନାହିଁ। ବହୁବର୍ଷ ଏହି ଦାବି ପ୍ରତି ଟାଳଟୁଳ ନୀତି ଅବଲମ୍ବନ କଲେ ଆଉ ନିର୍ବାଚନ ଥିବାରୁ ମାତ୍ର ୪୦ଟି ପ୍ରଜାତିକୁ ଜନଜାତି ପରିଚୟ ପ୍ରଦାନ କରାଯାଇଛି।

ଡ଼ ପଟ୍ଟନାୟକ କହିଥିଲେ, ଓଡ଼ିଶାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଦାବୀକୁ ଆଗ୍ରହ୍ୟ କରି ଆନ୍ଧ୍ର ପ୍ରଦେଶରେ ପ୍ରତିଷ୍ଠା କଲେ। ରାଜ୍ୟର କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ରିହାତି ସ୍ୱରୂ କେନ୍ଦ୍ର ସରକାରଙ୍କ ଦ୍ୱାରା ଲଗା ଯାଇଥିବା ଜିଏସଟିକୁ ଉଚ୍ଛେଦ କରିବା ପାଇଁ ବାରମ୍ବାର ଓଡ଼ିଶା ସରକାର ଦାବୀ କରି ଆସୁଥିଲେ ମଧ୍ୟ କେନ୍ଦ୍ର ଏହାକୁ ଅଣଦେଖା କରି ଆସୁଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳୀ ଭାବେ କାର୍ଯ୍ୟରତ ପ୍ରାୟ ଦଶଲକ୍ଷ ଜନଜାତିଙ୍କ ହିତ ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତି କେଜିର ମୂଲ୍ୟ ଦୁଇ ଟଙ୍କା ବଢ଼ାଇଛନ୍ତି ଓ ୫୦ ପ୍ରତିଶତ ବୋନସ ବୃଦ୍ଧି କରିଛନ୍ତି। ଓଡ଼ିଶାରେ ନିର୍ମିତ ହୋଇଥିବା ତିନୋଟି ନୂଆ ମେଡିକାଲ କଲେଜର ନାମ ଜନଜାତି ସମ୍ପ୍ରଦାୟର ମହାପୁରୁଷ ମାନଙ୍କ ନାମରେ ନାମିତ ହୋଇଛି। ସେହିପରି ରାଉରକେଲାରେ ନିର୍ମିତ ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିଅମ ମଧ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ ହୋଇଛି। ଜନଜାତିଙ୍କ ସମୃଦ୍ଧ କଳା, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଓ ଉତ୍ଥାନ ପାଇଁ ରାଜ୍ୟର ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ଭାରତର କୌଣସି ରାଜ୍ୟରେ ଏପରି ପରିଷଦ ଗଠନ କରା ଯାଇନାହିଁ। ଏହି ପରିଷଦ ଗୁଡିକୁ ପ୍ରତି ବର୍ଷ ମିଳୁଥିବା ଅନୁଦାନକୁ ଦ୍ୱିଗୁଣ କରାଯିବ ବୋଲି ବିଜେଡି ଏହାର ଘୋଷଣାପତ୍ରରେ ପ୍ରକାଶ କରିଛି। ଜନଜାତି ସମ୍ପ୍ରଦାୟର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ମାଗଣା ଶିକ୍ଷା ଓ ହଷ୍ଟେଲ ବ୍ୟବସ୍ଥା ଉପଲବ୍ଧ କରା ଯାଇଥିବା ବେଳେ ଶିକ୍ଷା ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି। ବିଜେଡିର ଘୋଷଣାପତ୍ରରେ ୧୦, ୦୦୦ ଜନଜାତି ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବି କରିବା ଲକ୍ଷ୍ୟରେ ଆସନ୍ତା ଦଶ ବର୍ଷରେ ଦଶ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଜେଡି ପ୍ରତିଶ୍ରୁତି ଦେଇଛି। ଓଡ଼ିଶାର ଜନଜାତି ଭାଇ ଭଉଣୀ ମାନଙ୍କ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରତିଶ୍ରୁତି କୁମ୍ଭୀର କାନ୍ଦଣା ଛଡ଼ା ଆଉ କିଛି ନୁହେଁ ବୋଲି ଡ଼ ପାତ୍ର କହିଛନ୍ତି।

## ମଧ୍ୟବିତ୍ତଙ୍କ ପାଇଁ ୪ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

**ଭୁବନେଶ୍ୱର,୨୦।୫(ସମିସ):** ମଧ୍ୟବିତ୍ତମାନେ ହେଉଛନ୍ତି ଗୋଟେ ସମାଜର ମେରୁଦଣ୍ଡ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ବହୁତ କାମ କରିଛନ୍ତି। ଏହି ଗତିକୁ ଆହୁରି ବଢ଼ାଇବା ପାଇଁ ଚଳିତ ନିର୍ବାଚନରେ ବିଜେଡି ଇସ୍ତାହାରରେ ମଧ୍ୟବିତ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୪ ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ବିଜେଡି ପକ୍ଷରୁ ପ୍ରସ୍ତୁତ ଇସ୍ତାହାରରେ ମଧ୍ୟବିତ୍ତମାନଙ୍କ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଇଛି। ମଧ୍ୟବିତ୍ତ ପରିବାର ବର୍ଗର ଲୋକମାନେ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଏସ୍‌କେୱାଇ ଯୋଜନାରେ ସାମିଲ ହେବାକୁ ସର୍ବାଦା ଇଚ୍ଛା ପ୍ରକାଶ କରୁଥିଲେ। ମୁଖ୍ୟମନ୍ତ୍ରୀ ଏହି ବର୍ଗଙ୍କ ଆଗ୍ରହକୁ ବିଚାରକୁ ନେଇଛନ୍ତି ଓ ରାଜ୍ୟର ସମସ୍ତ ମଧ୍ୟବିତ୍ତ ବର୍ଗର ପରିବାରକୁ ବିଏସ୍‌କେୱାଇ କାର୍ଡ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ମଧ୍ୟବିତ୍ତ ପରିବାର ବର୍ଗର ଲୋକମାନେ ଘର କରିବା ପାଇଁ ସବୁବେଳେ ସ୍ୱପ୍ନ ଦେଖିଥାନ୍ତି। ଏଥିପାଇଁ ମଧ୍ୟବିତ୍ତ ପରିବାର ବର୍ଗ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣରେ ରାଜ୍ୟ ସରକାର ରିଆତି ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ମଧ୍ୟବିତ୍ତ ବର୍ଗଙ୍କ ପିଲାମାନଙ୍କ ଶିକ୍ଷାର ଉନ୍ନତି ପାଇଁ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ନୂଆ-ଓ ବୃତ୍ତି ପ୍ରଦାନ କରିବା ସହ ଶିକ୍ଷାଋଣରେ କ୍ଷେତ୍ରରେ ରାଜ୍ୟ ସରକାର ରିଆଦି ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏହି ୩ ସେବା ସହିତ ମଧ୍ୟବିତ୍ତ ବର୍ଗଙ୍କୁ ସାଧାରଣ ପରିପବହନ ସେବାରେ ମଧ୍ୟ ରିଆତି ଯୋଗାଇ ଦିଆଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ମଧ୍ୟବିତ୍ତ ବର୍ଗଙ୍କୁ ଶସକ୍ତ କଲେ ଓଡ଼ିଶା ଆଗକୁ ବଢ଼ିବ। ମଧ୍ୟବିତ୍ତମାନନଙ୍କୁ ଅଭିବୃଦ୍ଧିର ଇଂଜିନ କହିବା ସହ ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ବିଜେଡି ସବୁବେଳେ ଗୁରୁତ୍ୱ ଦେଉଛି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟରେ ବିଜେଡି ସୁଇପ୍ କରିବ

**ଭୁବନେଶ୍ୱର, ୨୦।୫(ସମିସ):** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ତୁଳନାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବିଜୁ ଜନତା ଦଳ ବହୁତ ଭଲ ପ୍ରଦର୍ଶନ କରିବ। ବିଜେଡି ସରକାରଙ୍କ କାମ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଯୋଗୁ ବିଜେଡି ଆଶାତୀତ ସଫଳତା ଲାଭ କରିବ। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବି ବିଜେଡି ସୁଇପ କରିବ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ସମ୍ବଲପୁରରେ ହୋଇଥିବା ରୋଡ୍ ଶୋ'ରୁ ନବୀନ ପଟ୍ଟନାୟକ କେତେ ଲୋକପ୍ରିୟ, ତାହା ଜଣାପଡୁଥିବା ବେଳେ ସମ୍ବଲପୁରରେ ବି ବିଜେଡିକୁ ଆଶାତୀତ ସଫଳତା ମିଳିବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

### ସୁନାବେଡ଼ା ଅଭୟାରଣ୍ୟରେ ମାଓବାଦୀ

## ଏସ୍‌ଓଜି କ୍ୟାମ୍ପ ଉପରେ ଗୁଳିବର୍ଷା; ଯବାନ ଗୁରୁତର

**ନୂଆପଡ଼ା, ୨୦।୫ (ସମିସ):** ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜଙ୍ଗଲରେ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏସ୍‌ଓଜି କ୍ୟାମ୍ପ ଉପରକୁ ଗୁଳିବର୍ଷା କରି ଚ୍ୟାଲେଞ୍ଜ ଦେଇଛନ୍ତି। ଏଥିରେ ଜଣେ ଏସ୍‌ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯବାନଜଣକ ହେଲେ, ନେପାଳର ପ୍ରକାଶ ସାହି (୩୨)। ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଛି।



କିଛି ଦିନ ହେଲା, ନୂଆପଡ଼ା ଜିଲ୍ଲା ସୀମାନ୍ତ ସନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ଅଘଟଣ ଘଟାଇବାକୁ ମାଓବାଦୀମାନେ ମେଳି ବାନ୍ଧୁଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ନୂଆପଡ଼ା ଏସ୍‌ପି ଜି.ଆର୍ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଓଜିର ୧ ପ୍ଲାଟୁନ୍ ଫୋର୍ସ ୨ଦିନ ହେଲା ଅଭୟାରଣ୍ୟ ଅଞ୍ଚଳରେ କମ୍ବିଂ ଅପରେସନ୍ ଚଳାଇଥିଲା। ରବିବାର ଅଭୟାରଣ୍ୟର ଶିବନାରାୟଣପୁର ଗାଁ ନିକଟ ଜଙ୍ଗଲରେ କମ୍ବିଂ ଅପରେସନ ପରେ ଯବାନମାନେ କ୍ୟାମ୍ପରେ ବିଶ୍ରାମ ନେଉଥିଲେ। ଏହି ସମୟରେ ମାଓବାଦୀମାନେ କ୍ୟାମ୍ପ ଉପରକୁ ଅତର୍କିତ ଗୁଳିବର୍ଷା କରିଥିଲେ। ସେଥିରୁ ଗୋଟିଏ ଗୁଳି ପ୍ରକାଶଙ୍କ ତଣ୍ଟିରେ ବାଜିଥିଲା। ତେବେ ଏସ୍‌ଓଜି ପକ୍ଷରୁ ପାଲଟା ଜବାବ ଦିଆଯିବାରୁ ମାଓବାଦୀମାନେ ସେଠାରୁ ପ୍ରାଣ ବିକଳରେ ଖସି ପଳାଇଥିଲେ। ଅପରପକ୍ଷେ, ସୋମବାର ସକାଳେ ଘଟଣାସ୍ଥଳକୁ ଯାଇଥିବା ଟିମ୍ ସହ ମଧ୍ୟ ମାଓବାଦୀଙ୍କ ଗୁଳି ବିନିମୟ ହୋଇଛି। ଫଳରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ କମ୍ବିଂ ଅପରେସନ୍‌କୁ ଆହୁରି ଜୋରଦାର୍ କରିଦିଆଯାଇଛି।

### ସରସରା ଗ୍ରାମରେ ହତ୍ୟାକାଣ୍ଡ

# ପୂର୍ବ ଶତ୍ରୁତାରୁ ଭୁଜାଲି ଚୋଟ

**ବରଗଡ଼, ୨୦।୫ (ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ବାରିକଟିକ୍ରାରେ ସ୍ପଷ୍ଟ ଦିବାଲୋକରେ ଜଣେ ଅଟୋ ଚାଳକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ହେଲେ, ବାରିକଟିକ୍ରାର ବିଶ୍ୱନାଥ ମିର୍ଦ୍ଧା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ମତଦାନ ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ରାସ୍ତା ଅବରୋଧ କରିଥିଲେ। ଉତ୍ତେଜନା ବୃଦ୍ଧି ପାଇବା ସହ ଲୋକେ ମତଦାନ ବନ୍ଦ କରିଦେଇଥିଲେ। ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା। ପରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାଇ ମୀନା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକରୁ ନିବୃତ୍ତ କରାଇଥିଲେ। ପରେ ମତଦାନ ସ୍ୱାଭାବିକ ହୋଇଥିଲା।

ସୂଚନାନୁଯାୟୀ, ଦିନ ପ୍ରାୟ ସାଢ଼େ ୧୧ଟାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଶ୍ୱନାଥ ରାସ୍ତାକଡ଼ରେ ପଡ଼ିଥିବା ଦେଖି ଅନ୍ୟ ଜଣେ ଅଟୋଚାଳକ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। କେହି ଦୁର୍ବୃତ୍ତ ତାଙ୍କ ଡାହାଣ ହାତର କହୁଣୀ ପାଖରୁ ହାଣି ଦେଇଥିଲା। ଗୁରୁତର ବିଶ୍ୱନାଥଙ୍କୁ ବରଗଡ଼ ଟାଉନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଅଶୋକ ମହାନନ୍ଦଙ୍କ ସହ ବିଶ୍ୱନାଥଙ୍କର ପୂର୍ବ ଶତ୍ରୁତା ଥିଲା। ଏହା ହିଁ ହତ୍ୟାକାଣ୍ଡର କାରଣ ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ଅଭିଯୁକ୍ତକୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ, ଘଟଣା ପରଠାରୁ ଅଶୋକ କେଉଁଆଡ଼େ ଫେରାର୍ ହୋଇଯାଇଥିବା ଜଣାଯାଇଛି। ତେବେ ଏହି ହତ୍ୟାକାଣ୍ଡ ସହ ନିର୍ବାଚନର କୌଣସି ସମ୍ପର୍କ ନାହିଁ ବୋଲି ଜିଲ୍ଲାପାଳ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ନିର୍ବାଚନୀ ହିଂସା ନୁହେଁ: ଡିଜିପି

- କାଁ ଭାଁ ସ୍ଥାନକୁ ଛାଡ଼ି ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଶେଷ
- ମାଓବାଦୀଙ୍କୁ ଖାତିର ନକରି ଭୋଟ୍ ଦେଲେ

**ଭୁବନେଶ୍ୱର, ୨୦।୫(ସମିସ):** ବରଗଡ଼ରେ ଘଟିଥିବା ହତ୍ୟାକାଣ୍ଡ ରାଜନୈତିକ ହିଂସା ନୁହେଁ। ତେଣୁ ଅଯଥାରେ ଏହାକୁ ରାଜନୈତିକ ରଙ୍ଗ ଦିଆ ନଯାଉ ବୋଲି ଡିଜିପି ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡ ଉପରେ ବିସ୍ତୃତ ବିବରଣୀ ରଖି ଡିଜିପି କହିଛନ୍ତି ଯେ ଅଟୋଚାଳକ ବିଶ୍ୱନାଥ ଓ ଅଶୋକ ଉଭୟ ମିଶି ମଦ ପିଇଥିଲେ। ସେତିକିବେଳେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସେହି ରାଗରେ ବିଶ୍ୱନାଥଙ୍କୁ ଅଶୋକ ଏକ ଛୁରା ଭୁଶି ଦେଇଥିଲା। ବିଶ୍ୱନାଥଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେଣୁ ଏହା ନିର୍ବାଚନୀ ହିଂସା ନୁହେଁ ବୋଲି ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ବିବରଣୀ ରଖି ଡିଜିପି ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ଭଞ୍ଜନଗର ନିର୍ବାଚନମଣ୍ଡଳୀର କାଁ ଭାଁ ସ୍ଥାନରେ ଗଣ୍ଡଗୋଳ ବ୍ୟତୀତ ବାକି ସବୁ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଛି। ଭଞ୍ଜନଗରର ତୁରୁମି ପଞ୍ଚାୟତର ବେରୁଆବାଡ଼ି ଗାଁର ୪୭ନମ୍ବର ବୁଥ୍‌ରେ ସାମାନ୍ୟ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳକାରୀଙ୍କୁ ତୁରନ୍ତ ପୁଲିସ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ସେହିପରି ମାଓ ଗଡ଼ରେ ସକାଳୁ ଲୋକେ ଆସି ଶାନ୍ତିଶୃଙ୍ଖଳାରେ ଭୋଟ ଦେଇଛନ୍ତି। ମାଓବାଦୀଙ୍କୁ ଭୟ ନକରି ସେମାନେ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇଥିବା ଡିଜିପି କହିଛନ୍ତି। ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ବୁଥ୍ ଚାରିପଟେ ପୁଲିସ ଜଗି ରହିଥିଲା। ସମ୍ବେଦନଶୀଳ ବୁଥ୍ ଆଖପାଖରେ ବନ୍ଧୁକଧାରୀ ପୁଲିସ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରିଥିଲା। ଏଥିପାଇଁ କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ବରଗଡ଼ ଏବଂ ରାଉରକେଲାରେ ମାଓବାଦୀଙ୍କ ଦ୍ୱାରା କିଛି ଅଘଟଣ ଦେଖିବାକୁ ମିଳିନି ବୋଲି ଡିଜିପି ସୂଚନା ଦେଇଛନ୍ତି। ସେହିପରି କେନ୍ଦୁଝରେ ଘଷିପୁରା ଗୁଣ୍ଡାଗର୍ଦ୍ଦିକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ ) ନିକୁଞ୍ଜ ଧଳ ପୁଲିସ ଡିଜିପିଙ୍କ ସହ କଥା ହୋଇଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ ଆଣିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସିଇଓ ଡିଜିପିଙ୍କୁ କହିଛନ୍ତି। ଡିଜିପି ଏଭଳି ସ୍ଥିତି ନଘଟିବା ପାଇଁ ସ୍ଥାନୀୟ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ପିଏମ୍‌ଙ୍କ ନିର୍ବାଚନୀ ସଭା

# ନାଲ୍‌କୋ ନଗରରେ ବିଜୟ ସଂକଳ୍ପ ସମାବେଶ

### ସମସ୍ତେ ଭୋଟ ଦେଇ ମତସାବସ୍ତ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ






**ଅନୁଗୁଳ,୨୦।୫(ସମିସ)**

ଚଳିତ ସାଧାରଣ ନିର୍ବାଚନରେ ଆଜି ୫ମ ପର୍ଯ୍ୟାୟ ଭୋଟ ଗ୍ରହଣ ହେଉଛି ।ଦେଶ ଗଠନରେ ଜାଗୃତ ଯୁବଗୋଷ୍ଠୀ ଙ୍କ ଉତ୍ସାହ ପୂର୍ଣ ଯୋଗଦାନ ସବୁଠି ଦେଖିବାକୁ ମିଳୁଛି । ଦେଶର ସମସ୍ତ ନାଗରିକ ଭୋଟ ମାଧ୍ୟମରେ ନିଜର ମତ ସାବସ୍ତ୍ୟ ଅଧିକାର ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ସୋମବାର ସକାଳେ ପୁରୀ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେଇ ପୁରୀ ସହରରେ ଦଳୀୟ ପ୍ରଚାରର ରୋଡ୍‌-ଶୋ କାର୍ଯ୍ୟକ୍ରମ ପରେ ହେଲିକପ୍ଟର ଯୋଗେ ସିଧା ଆସି ପହଞ୍ଚିଥିଲେ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ନାଲକୋ ନଗର ବିଜୁପଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସମାବେଶରେ। ପ୍ରଧାନମନ୍ତ୍ରୀଙ୍କୁ ସେଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏବଂ ଶିକ୍ଷା ଓ ଦକ୍ଷତା କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଞ୍ଚସଞ୍ଚାଳନ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଜୟ ଜଗନ୍ନାଥ, ଉପସ୍ଥିତ ଭାଇଭଉଣୀମାନଙ୍କୁ ମୋର ନମସ୍କାର. ଜୁହାର,ଏ ମାଟିର ମହାପୁରୁଷ ମହିମା ଗୋସେଇଁ ଓ ସନ୍ଥ ଭୀମ ଭୋଇଙ୍କୁ ଓଡ଼ିଆ ଭାଷାରେ ନମସ୍କାର ଜଣାଇ ଉଦବୋଧନ ଆରମ୍ଭ କରିଥିଲେ। ଓଡିଶା ଜଗନ୍ନାଥ ର ରାଜ୍ୟ।ଏହାର ଐତିହ୍ୟ,ସଂସ୍କୃତି, ପରମ୍ପରା ସହିତ ପ୍ରକୃତି ଦତ୍ତ ଖଣିଜ ସମ୍ପଦରେ ସମୃଦ୍ଧ ଓଡିଶା ରାଜ୍ୟ।ଓଡ଼ିଶାର ବିକାଶ ପାଇଁ ବିଜେପି ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ଉଦବୋଧନରେ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। ଧାନର ଏମଏସପି ମୂଲ୍ୟ ବୃଦ୍ଧି କରିବା, ବିଜୁଳି ବିଲ ରୁ ମୁକ୍ତ ପାଇଁ ସୋଲାର ପାନେଲ ଉପଯୋଗ ହେବ ଏବଂ ଏଥି ଲାଗି ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ, ଦୀର୍ଘ ଦିନ ଧରି ଅଚଳାବସ୍ଥା ଥିବା ବିଭିନ୍ନ ପ୍ରକଳ୍ପକୁ ପୁନରୁଦ୍ଧାର କରାଯିବ ଏହାହିଁ ହେଉଛି ମୋଦି ଗ୍ୟାରେଣ୍ଟି ବୋଲି ସେ କହିଥିଲେ।।ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ସମସ୍ତ ୯ଜଣ ବିଜେପି ବିଧାୟକ ପ୍ରାର୍ଥୀ ଏବଂ ଢେଙ୍କାନାଳ ଓ ସମ୍ବଲପୁର ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପ୍ରଧାନମନ୍ତ୍ରୀ ଅପିଲ କରିଥିଲେ।ଏହି ସମାବେଶରେ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ,ଅନୁଗୋଳ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ,ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ,ପରଜଙ୍ଗ ପ୍ରାର୍ଥୀ ବିଭୂତି ପ୍ରଧାନ ତାଳଚେର ପ୍ରାର୍ଥୀ କାଳନ୍ଦୀ ସାମଲ,ଛେଣ୍ଡିପଦା ପ୍ରାର୍ଥୀ ଅଗସ୍ତି ବେହେରା, ହିନ୍ଦୋଳ ପ୍ରାର୍ଥୀନୀ ସୀମାରଣୀ ନାଏକ ପ୍ରମୁଖ ଅଭିଭାଷଣ ରଖିଥିଲେ। ଅଶୋକ ମହାନ୍ତି, କୃଷ୍ଣଚନ୍ଦ୍ର ପାତ୍ର, ନବୀନ ନନ୍ଦ,ରମେଶ ସାଏ, ଆଶାଲତା ବେହେରା, ଅନ୍ତର୍ଯ୍ୟାମୀ ମିଶ୍ର,ରବି ନାରାୟଣ ନାଏକ,ଦିଲ୍ଲୀପ ପ୍ରଧାନ, ମୀରା ଗଡ଼ନାୟକ, ରାମ ପାତ୍ର, ପ୍ରକାଶ ଡାଙ୍ଗ,ପ୍ରତିମା ମିଶ୍ର,ଅଶୋକ ମିଶ୍ର ପ୍ରମୁଖଙ୍କ ସମେତ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ସମସ୍ତ ବିଜେପି ଦଳୀୟ ପ୍ରାର୍ଥୀ ନେତୃବର୍ଗ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଡ଼ଭୋକେଟ ଦିଲୀପ ଦାସ, ଅନୁଗୁଳ ଉପ ନଗର ପାଳ ଅନୁପମା ସାହୁ, ଦୁଃଖବନ୍ଧୁ ସାହୁ, ରଞ୍ଜନ ଜେନା, ଛବି ନାରାୟଣ ସାହୁ, ଶ୍ୱେତସ୍ୱାଇଁ, ଏବଂ ଆଠମଲ୍ଲିକର ପୂର୍ବତନ ନଗରପାଳ ସନ୍ତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ନିଖୋଜ ଛାତ୍ର ଉଦ୍ଧାର

**କିଶୋରନଗର, ୨୦।୫(ସମିସ):** କିଶୋରନଗର ଥାନା ବୁଡିଆବାହାଳ ଅଞ୍ଚଳର ତୁଷାର ପ୍ରଧାନ (୧୪) ଜଣେ ନବମ ଶ୍ରେଣୀ ଛାତ୍ର ରବିବାର ଦିନ ନିଖୋଜ ହୋଇ ଯାଇଥିଲେ। ସୋମବାର ଦିନ ପୁରୀ ରେଳ ଷ୍ଟେସନରୁ ତାଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ସମ୍ପର୍କୀୟ ମାନେ ତାଙ୍କୁ ଉଦ୍ଧାର କରିଥିବା ତାଙ୍କ ପରିବାରଠାରୁ ଜଣାପଡିଛି । ସେ ତାଙ୍କ ମାମୁଁଙ୍କ ଘର ଦୋହଲି ଗ୍ରାମରୁ କିଶୋରନଗର ଅଭିମୁଖେ ରବିବାର ଦିନ ଟିଉସନ ଯାଉଥିବା ବେଳେ ନିଖୋଜ ହୋଇ ଯାଇଥିଲେ । ଏ ନେଇ ତାଙ୍କ ବାପା ଠାକୁର ପ୍ରଧାନ କିଶୋରନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।

# ସ୍ୱାଧୀନ ପ୍ରାର୍ଥୀଙ୍କ ଘରଘର ବୁଲି ଭୋଟଭିକ୍ଷା

**ତାଳଚେରସଦର, ୨୦।୫(ସମିସ):** ତାଳଚେର ବିଧାନସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ସହିତ ଜଡ଼ିତ ସ୍ୱାଧୀନପ୍ରାର୍ଥୀ ଭୂପେନ ଥମ୍ବ ଚର୍ଚ୍ଚା ପରିଧିକୁ ଆସିଥିବା ବେଳେ ଏଥର ସେ ନୂତନଭାବେ ତାଳଚେର ବିଧାନସଭା ଆସନକୁ ଅକ୍ତିଆର କରିବାକୁ ନେଇ ରାଜନୈତିକ ମଇଦାନକୁ ଓହ୍ଲାଇଛନ୍ତି। ସେ ଏମସିଏଲ ପକ୍ଷରୁ ନୂତନଭାବେ ନିର୍ମାଣ କରାଯାଇଥିବା ୩ଶହଶଯ୍ୟା ବିଶିଷ୍ଟ ମେଡ଼ିକାଲ କଲେଜ ରାଜ୍ୟ ସରକାର ଚଳାଇବାକୁ ନେଇ ବିଭିନ୍ନ ସମୟରେ ଦାବି ଉପସ୍ଥାପନା କରି ଆସୁଥିଲେ ଓ ପରିଶେଷରେ ଆନ୍ଦୋଳନକରି ଜେଲ ଯିବା ଘଟଣା ତାଳଚେର ଅଞ୍ଚଳରେ ସେହି ସମୟରେ ଚର୍ଚ୍ଚା ଯୋରଧରିଥିଲା। ତାଳଚେର ଅଞ୍ଚଳରେ ବହୁବିଧ ସମସ୍ୟା ରହିଛି। ମୁଖ୍ୟତଃ ସେଥିମଧ୍ୟରୁ ବ୍ୟାପକ ପ୍ରଦୂ୍ୟଷଣ, ଉତ୍କଟ ଜଳସଙ୍କଟ, ୧୪୯ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ, ଜଙ୍ଗଲସୁରକ୍ଷା, ବିସ୍ଥାପିତ ଅଞ୍ଚଳବାସୀଙ୍କ ସମସ୍ୟା ଓ ଶିଳ୍ପନଗରୀ ତାଳଚେରରେ ବେକାରୀ ସମସ୍ୟା ପ୍ରଭୃତି ମୌଳିକ ଅଧିକାରକୁ ନେଇ ସ୍ୱର ଉଠାଇଥାନ୍ତି। ଏହାକୁ ଆୟୁଧ କରି ସେ ଏକମାତ୍ର ପ୍ରାର୍ଥୀ ସ୍ୱଳ୍ପ ଖର୍ଚ୍ଚରେ ଘରଘର ବୁଲି ଭୋଟଭିକ୍ଷା କରୁଥିବା ଭୋଟରମାନଙ୍କୁ ସୁହାଉଥିବା ବେଳେ ଏନେଇ ଭୋଟରମାନେ କେତେ ପ୍ରଭାବିତ ହେଉଛନ୍ତି ତାହା ଦେଖିବାକୁ କେବଳ ବାକି ରହିଛି।

# ନଳିନୀକାନ୍ତ ପ୍ରଧାନଙ୍କ ଜୋରଦାର ପ୍ରଚାର





**ବଉଣ୍ଡା, ୨୦।୫(ସମିସ):** କିଶୋରନଗର ଓ ଆଠମଲ୍ଲିକ ବ୍ଲକରେ ରବିବାର ଓ ସୋମବାର ଦିନ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ବିଭିନ୍ନ ଗ୍ରାମରେ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ସେ ରବିବାର ଦିନ ଶଣ୍ଡମୁଣ୍ଡା , ଘୋଷାର, ଦୋହଲି, କଦଳୀମୁଣ୍ଡା, ପାଣ୍ଡୁରୀପଥର, କୁସୁଣୀ, ବଡ ରୋହିଲା, ରଣିଆକଟା ଆଦି ଅଞ୍ଚଳ ର ବିଭିନ୍ନ ଘର ବୁଲିବା ସହ ଭୋଟ ଭିକ୍ଷା କରିଥିଲେ।। ନବୀନ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଆଗାମୀ ଦିନରେ ବିଜେଡି ସରକାର ଗଠନ କରିଲେ ମାଗଣା ବିଜୁଳି ମିଳିବ ବୋଲି ସେ କହିଥିଲେ। ଏଥିସହ ଏହି ଅଞ୍ଚଳରେ ଥିବା ସମସ୍ତ ସମସ୍ୟା ଗୁଡିକ ସମାଧାନ କରାଯିବ ବୋଲି ସେ କହିଥିଲେ। ଏପରିକି ଯୋଡି ଶଙ୍ଖରେ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ସେହିପରି ସୋମବାର ଦିନ ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ମଇମୁରା, କନ୍ତପଡା, ମଇମୁରା, ଟାପଢୋଲ ଆଦି ପଞ୍ଚାୟତ ଗୁଡିକରେ ବିଜେଡିର ପ୍ରଚାର କରାଯାଇଛି। ଏଥିରେ ଶ୍ରୀ ପ୍ରଧାନ କହିଲେ ଯେ ଏହା ହେଉଛି ବିଜେଡି ଗଡ। ବିଜେଡ଼ି ଅମଳରେ ଏହି ଅଞ୍ଚଳ ଗୁଡିକର ଅନେକ ବିକାଶ ହୋଇଛି। ଆଉ ଯାହା ବାକି ରହିଛି ତାହା ବିକାଶ କରାଯିବ ବୋଲି ଲୋକଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭାଗିରଥି ପ୍ରଧାନ, ବିଜେଡି ନେତା ସଦାଶିବ ନାୟକ, ଲବ କୁମାର ପ୍ରଧାନ, ଅଜିତ ପ୍ରଧାନ, ସନ୍ତୋଷ ପ୍ରଧାନ, ଜିତେନ୍ଦ୍ର ସାହୁ, ମହେଶ୍ୱର ଦେହୁରିଙ୍କ ସମେତ ବହୁ ବିଜେଡି ନେତା ସାମିଲ ହୋଇଥିଲେ।

# ଏସ୍‌ୟୁସିଆଇର ବିଧାୟକ ଓ ଲୋକସଭା ପ୍ରାର୍ଥୀଙ୍କ ପ୍ରଚାର

**କଣିହାଁ,୨୦।୫(ସମିସ):** ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ତାଳଚେର ବିଧାୟକ ପ୍ରାର୍ଥୀ ପ୍ରହ୍ଲାଦ ଚନ୍ଦ୍ର ସାହୁ ଓ ଢେଙ୍କାନାଳ ଲୋକସଭା ପ୍ରାର୍ଥୀନୀ ମାନସୀ ସ୍ୱାଇଁ କଣିହାଁ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ବଜାରରେ ନିର୍ବାଚନ ପ୍ରଚାର କରିଛନ୍ତି। ଗଦାଶିଳା, କରଡେଇ, କାଟେଣୀ, ରଙ୍ଗବେଡା, ବିଜିଗୋଳ, ବାରଡାଙ୍ଗୁଆ, ପାଟଣାସାହି, ଆମ୍ବପାଳ, ଟୋଲକବେଡା, ପଥରମୁଣ୍ଡା, ଭୀମକାଣ୍ଡ, କଣିହାଁ, ଟାକୁଆ ଆଦି ଗ୍ରାମରେ ଘରକୁ ଘର ଯାଇ ଗ୍ଲାସ୍ ଚିହ୍ନରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହିତ ନିର୍ବାଚନୀ ପାଣ୍ଠି ସଂଗ୍ରହ କରିଥିଲେ। ସେହିପରି ଏନଟିପିସି ଓ କଣିହାଁ ବଜାରରେ ମଧ୍ୟ ପ୍ରଚାର କରିଥିଲେ। ଖଣି ଓ କଳକାରଖାନା ଦ୍ୱାରା ବିସ୍ଥାପିତଙ୍କ ସମସ୍ୟାର ସମାଧାନ, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ପ୍ରଦୂଷଣ ବନ୍ଦ , ସର୍ବସାଧାରଣ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ, ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବା, ସମସ୍ତ ମେଡିକାଲରେ ଆବଶ୍ୟକୀୟ ଡାକ୍ତର କର୍ମଚାରୀ ନିଯୁକ୍ତି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ତାଳଚେର ଠାରୁ କଣିହାଁ ପର୍ଯ୍ୟନ୍ତ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଶୀତଳ ଭଣ୍ଡାର ନିର୍ମାଣ, ଶ୍ରମିକ କର୍ମଚାରୀଙ୍କ ସମସ୍ୟାର ସମାଧାନ କରିବା, ପ୍ରିପେଡ ସ୍ମାର୍ଟମଟର ବସାଇବା ବନ୍ଦ , ମଦ, ମାଦକ ଦ୍ରବ୍ୟ ଓ ନାରୀ ନିର୍ଯାତନା ବନ୍ଦ ଇତ୍ୟାଦି ମୁଖ୍ୟ ପ୍ରସଙ୍ଗକୁ ନେଇ ଦଳର ପ୍ରାର୍ଥୀମାନେ ଭୋଟରମାନଙ୍କ ପାଖକୁ ଯାଇ ଭୋଟ ପାଇଁ ନିବେଦନ କରୁଛନ୍ତି। ଜନଗଣଙ୍କ ବିଭିନ୍ନ ଦାବିକୁ ବିଧାନସଭା ଓ ଲୋକସଭାରେ ଉପସ୍ଥାପନ କରିବା ଏବଂ ଗଣ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଏସୟୁସିଆଇ (କମ୍ୟୁନିଷ୍ଟ) ଦଳର ପ୍ରାର୍ଥୀମାନଙ୍କୁ ଗ୍ଲାସ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଏକ ନିବେଦନ ପତ୍ର ଜନଗଣଙ୍କୁ ପ୍ରଦାନ କରୁଛନ୍ତି।




## ଚୋରା କୋଇଲା ଚାଲାଣରେ ଯୋଜନାବଦ୍ଧ ମେଣ୍ଟ

# ଖସୁଛନ୍ତି ମାଫିଆ, ଧରାପଡୁଛନ୍ତି ନିରୀହ

**ଅନୁଗୁଳ,୨୦।୫(ସମିସ):** ତାଳଚେରସ୍ଥିତ ହିଙ୍ଗୁଳା, ବଳରାମ,ଭୁବନେଶ୍ୱରୀ, ଭରତପୁର, ଅନନ୍ତ, ଜଗନ୍ନାଥ, ନନ୍ଦିରା, ଲିଙ୍ଗରାଜ ଓ କଣିହାଁ କୋଇଲା ଖଣିରୁ ବ୍ୟାପକ ମାତ୍ରାରେ କୋଇଲା ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଖଣିଗୁଡିକରେ କାର୍ଯ୍ୟରତ କିଛି ଅସାଧୁ ଅଧିକାରୀ, କର୍ମଚାରୀ ଓ ବେସରକାରୀ ସୁରକ୍ଷା କର୍ମୀଙ୍କୁ ହାତ କରି ମାଫିଆମାନେ ନିର୍ବିଘ୍ନରେ କୋଇଲା ଚୋରା ଚାଲାଣ କରୁଛନ୍ତି। କୋଇଲା ଲୁଟ୍ ପାଇଁ ସେମାନଙ୍କ ଭିତରେ ମହାମେଣ୍ଟ ହୋଇଥିବା ଶ୍ରମିକ ସଂଘଗୁଡ଼ିକ ଅଭିଯୋଗ କରିଛନ୍ତି। ଏବେ କିଛିଦିନ ହେଲା ପୁଣି ତାଳଚେରରେ ମାଫିଆ ଗୋଷ୍ଠୀ କୋଇଲା ଚାଲାଣରେ ସକ୍ରିୟ ହୋଇପଡିଛନ୍ତି। ପୁଲିସ ନିଜ ଆଡୁ ଚୋରା କୋଇଲା ବେପାରରେ ସମ୍ପୃକ୍ତ କେତେକ ଟ୍ରକ ଜବତ କରି ଚାଳକ ଓ ଖଲାସିଙ୍କୁ ଗିରଫ କରୁଛି। କିନ୍ତୁ ମାଫିଆମାନେ ଖସି ଯାଉଛନ୍ତି। ଏମସିଏଲର କୋଟି କୋଟି ଟଙ୍କା କ୍ଷତି ହେବା ସହ ରାଜ୍ୟ ସରକାର ମଧ୍ୟ ବ୍ୟାପକ ରାଜସ୍ୱ ହରାଉଛନ୍ତି। କୋଇଲାର ଚୋରା କାରବାର ପଛରେ ଏକ ସୁଚିନ୍ତିତ ରାକେଟ କାମ କରୁଛି ।କିପରି ଏହାର ଟେର ପାଉନି ପୁଲିସ ଏହାକୁ ନେଇ ବିଭିନ୍ନ ପ୍ରକାରର କଳ୍ପନା ଜଳ୍ପନା ଚାଲିଥିବା ଶୁଣିବାକୁ ମିଳୁଛି। ଏହାକୁ ଖଣିର କିଛି ଅସାଧୁ ଅଧିକାରୀ, କର୍ମଚାରୀ, ଏ ଅଞ୍ଚଳ କୋଇଲା ମାଫିଆ ଓ ଇଟାଭାଟିର ମାଲିକ, ଖଣିଗୁଡିକରେ ନିୟୋଜିତ ବେସରକାରୀ ସୁରକ୍ଷା କର୍ମଚାରୀ ଓ ରାଜ୍ୟ ସରକାରଙ୍କ ଖଣି ବିଭାଗରଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର କେତେକ ମାଫିଆ ସମ୍ପୃକ୍ତ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏଣେ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ, ବର୍ଷା, ଘରୋଇ ଅପରେଟର ଓ କୋଇଲା ପୋଡ଼ି ଯୋଗୁ ଉତ୍ପାଦନ ହ୍ରାସ ପାଉଥିବା ଦ୍ୱାହି ଦିଆଯାଉଛି ।କୋଇଲା ଗଦାରେ କେତେ ଷ୍ଟକ ଅଛି, ସେଥିରୁ କେତେ ପରିବହନ ହୋଇଛି ତାହାର ସଠିକ ତଥ୍ୟ ଦିଆଯାଉନି। ଏସବୁ କାର୍ଯ୍ୟର ମୁଖ୍ୟ ସୂତ୍ରଧର ସାଜିଛନ୍ତି ବିଭିନ୍ନ କୋଇଲା ଖଣିର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ। ବେସରକାରୀ ସୁରକ୍ଷା କର୍ମଚାରୀ ଓ ଅସାଧୁ କର୍ମଚାରୀଙ୍କୁ ହାତକରି କୋଇଲା ମାଫିଆମାନେ ବେଳେ ବେଳେ ସିଧାସଳଖ ଖଣିରୁ ଟ୍ରକ ଯୋଗ କୋଇଲା ନେଇ ବିଭିନ୍ନ କଳକାରଖାନା ଓ ଇଟାଭାଟିଗୁଡିକୁ ବିକ୍ରି କରୁଛନ୍ତି। ଏଭଳି କାରବାର ଦୀର୍ଘଦିନ ଧରି ଚାଲି ଆସୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ଶ୍ରମିକ ସଙ୍ଗଠନଗୁଡିକ ମତବ୍ୟକ୍ତ କରିଛନ୍ତି।






### ବିଜେଡି ନିୟନ୍ତ୍ରଣରେ ହିନ୍ଦୋଳ ବ୍ଲକ

# ଭୋଟରଙ୍କୁ ଯାଦୁକରିଛି ମାଗଣା ବିଜୁଳି ଓ ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନା

**ଢେଙ୍କାନାଳ, ୨୦।୪(ସମିସ)** : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବିଜେଡିର ଗଡ ଭାବରେ ପରିଚିତ। ବିଜେଡି ଗଡରେ ବିଜେଡି ବିଧାୟକ ପ୍ରାର୍ଥୀ ମହେଶ ସାହୁ ଏବଂ ବିଜେପି ପ୍ରାର୍ଥୀ ସୀମାରାଣୀ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମାଗଣା ବିଜୁଳି ଏବଂ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡଯୋଜନାରେ ସାମିଲ କରିବା ପରେ ଏହା ଯାଦୁଭଳି କାମ କରିବାକୁ ଯାଉଛି। ମାଗଣା ବିଜୁଳି ପାଇଁ ଗରିବଠାରୁ ମଧ୍ୟବିତ୍ତ ପରିବାର ଏବଂ ବିଏସକେୱାଇଁ ଯୋଜନା ପାଇଁ ସମସ୍ତ ଭୋଟର ମଧ୍ୟରେ ଉନ୍ମାଦନା ଦେଖାଦେଇଛି।

ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ୩୫ଟି ପଞ୍ଚାୟତ ଓ ୪ଟି ଜିଲ୍ଲା ପରିଷଦ ଜୋନ୍‌ରେ ୧ ଲକ୍ଷ ୩୨ ହଜାର ୩୦୪ ଭୋଟର ରହିଛନ୍ତି। ବିଜେଡିର ଗଡ ଭାବେ ପରିଚିତ ହିନ୍ଦୋଳ ବ୍ଲକ୍‌ରେ ଗତ ନିର୍ବାଚନରେ ବିଜେଡି ଗତ ୨୫ବର୍ଷଧରି ନିଜ ନିୟନ୍ତ୍ରଣରେ ରଖିଛି। ଚଳିତ ଥର ନିର୍ବାଚନରେ ବିଜେଡି-ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହି ନିର୍ବଚାନମଣ୍ଡଳୀରେ ବିଜେଡି ସରକାର ସମୟରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଶାସକ ବିଜେଡି ଓ ବିଜେପି ପାଇଁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ସାଧାରଣ ନିର୍ବାଚନ ପାଇଁ ଏକ ମାଇଲଖୁଣ୍ଟ ହାଇଥିବା ବେଳେ ଦିନକୁ ଦିନ ବିଜେଡ ପ୍ରତି ସମସ୍ତରଙ୍କର ଆସ୍ଥା ବୃଦ୍ଧି ପାଇବାରେଲାଗିଛି।ହିନ୍ଦୋଳ ବ୍ଲକ୍‌ର ୧ନଂ ଜୋର ଗାଲପଡା, କଡଲା, କନ୍ତାମିଳି, ଗୁଳେହି,

## ସୀମାଙ୍କ ପାଇଁ ସବୁରାସ୍ତା ବନ୍ଦ

ପାଇକପୁରୁଣାକୋଟ, ପାଟଲା, ମହାଲୁଣ୍ଡା, ସଞ୍ଜପଡା ଏବଂ ନୂଆଗାଁ ପଞ୍ଚାୟତରେ ମୋଟ ୩୧ ହଜାର ୭୨୪ ଭୋଟର ରହିଥିବା ବେଳେ ଏବେ ବିଜେଡି ପାଇଁ ଗାଁ ଗାଁରେ ପ୍ରଚାରଚାଲିଛି। ହିନ୍ଦୋଳ ୨ ନଂ ଜୋନ କନ୍ତାମିଲା, କଂସରା, ଦୁଦୁରକୋଟ, ନୂଆବଗ, ବାଉଁଶପୋଖରୀ, ହାତୁରା ପଞ୍ଚାୟତରେ ମୋଟ ଭୋଟର ସଂଖ୍ୟା ୨୬ ହଜାର ୩୧୬ ରହିଛି। ଏହି ଗ୍ରାମ ଗୁଡିକରେ ବିଜେଡି ପ୍ରତି ହାୱା ଅଧିକ ରହିଛି। ସେହିପରି ହିନ୍ଦୋଳ ବ୍ଲକ୍‌ର କାରନ୍ଦା, ଗିରିଧରପ୍ରସାଦ, ଚିତ୍ତଲପୁର, ବମ୍ପା, ବାବନ୍ଧ, ରଞ୍ଜାଗୋଳ, ଠୋକର, କୁକୁଟା, ଅସରଡା, କୁଟୁଣିଆ ପଞ୍ଚାୟତରେ ମୋଟ୍ ୩୮ ହଜାର ୪୫୩ ଭୋଟର ରହିଛନ୍ତି । ଅଧିକାଂଶ ଗ୍ରାମରେ ବିଜେଡିର ଦବଦବା ରହିଥିବାର ଜଣାପଡିଛି। ହିନ୍ଦୋଳ ୪ନଂ ଜୋନ ବ୍ଲକ୍‌ର କୁନୁଆ, ଖଲିବୋରେଇ, ଗଣ୍ଡାନାଳି, ଝାରଡା, ଦଣ୍ଡିର, ନବକିଶୋରପୁର, ମାଧପୁର, ରାସୋଳ, କଳିଙ୍ଗା, ବୁହାଳିପାଳ ପଞ୍ଚାୟତରେ ୩୫ ହଜାର ୮୧୧ ଭୋଟର ଥିବା ବେଳେ ଏହି ଜୋନ୍‌ରେ ମଧ୍ୟ ବିଜେଡି ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାହେବ ବୋଲି ଜଣାପଡିଛି। ହିନ୍ଦୋଳ ବ୍ଲକ ସୀମାରଣୀଙ୍କ ନିଜର ଘର ହୋଇଥିବା ବେଳେ ସେ ବିଜେପିକୁ ଯିବା ପରେ ହାତଗଣତି ଅଳ୍ପକେତେଜଣ କର୍ମୀ ତାଙ୍କ ସହିତ ରହିଛନ୍ତି। ହିନ୍ଦୋଳ ଏନଏସି ବିଜେଡି ନିୟନ୍ତ୍ରଣରେ ରହିଥିବା ବେଳେ ଜିଲ୍ଲାପରିଷଦ,ସମିତସଭ୍ୟ ଏବଂ ସରପଞ୍ଚ ମାନେ ମଧ୍ୟ ବିଜେଡି ପାଇଁ ଦିନରାତି ଏକାକାର କରିଦେଉଥିବାର ଦେଖିବାକୁମିଳିଛି।ବିଜେଡି ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ,ମିଶନ ଶକ୍ତି,ମମତା ଯୋଜନା,ଲକ୍ଷ୍ମୀବସ,୫ଟି ସ୍କୁଲ,କାଳିଆ ଯୋଜନା,ମଧୁବାବୁ ପେନସନ ଯୋଜନା,ଜବ କାର୍ଡକୁ ନେଇ ପ୍ରଚାର କରୁଛନ୍ତି। ବିଭିନ୍ନ ସ୍ଥାନରେ ସଭାସମିତି କରି ଭୋଟରମାନଙ୍କୁ ନବୀନ ପଟ୍ଟନାୟକଙ୍କର ଦୁଇ ଗ୍ୟାରେଣ୍ଟି ଆସନ୍ତା ଜୁନ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶପଥ ନେବା ପରେ ତାଙ୍କର ପ୍ରଥମ ଦସ୍ତଖତ ୧ଶହ ୟୁନିଟ ମାଗଣା ବିଜୁଳି ପାଇଁ ପ୍ରଥମ ସ୍ୱାକ୍ଷର ଏବଂ ସମସ୍ତଙ୍କ ପାଇଁ ବିଏସକେୱାଇ ଯୋଜନା ଲାଗୁହେବ ବୋଲି କହିଛନ୍ତି। ବିଜେଡି ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଏବଂ ବିଏସକେୱାଇ ଯୋଜନାର ଘୋଷଣା ପରେ ଭୋଟର ମାନେ ବେଶ ଉତ୍ସାହିତ ଥିବା ବେଳେ ମହେଶ ସାହୁଙ୍କ ପାଇଁ ହିନ୍ଦୋଳବ୍ଲକ ମଧ୍ୟ ଭୋଟ ବ୍ୟବଧାନ ଅଧିକ ରହିବ ବୋଲି ଜଣାପଡିଛି। ହିନ୍ଦୋଳ ଏବଂ ଓଡାପଡା ବ୍ଲକକୁ ନେଇ ଗଠିତ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡିର ମହେଶ ସାହୁ ବାଜିମାତ କରି ବିଜେଡିଗଡର ସ୍ୱାଭିମାନ ରକ୍ଷା କରିବେ ବୋଲି ଆଲୋଚନା ହେଉଛି।

# ସାଂସଦ ପ୍ରାର୍ଥୀଙ୍କ ପାଇଁ ଅର୍ଚ୍ଚିତା ଓ ସବ୍ୟସାଚୀଙ୍କ ପ୍ରଚାର




**ଢେଙ୍କାନାଳ, ୨୦।୫(ସମିସ)** :ଢେଙ୍କାନାଳ ଲୋକସଭା କ୍ଷେତ୍ରର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡି ଷ୍ଟାର କ୍ୟାମ୍ପେନର ସବ୍ୟସାଚୀ ଏବଂ ଅର୍ଚ୍ଚିତା ପ୍ରଚାର କରିବା ସହିତ ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କ ନିମନ୍ତେ ଯୋଡି ଶଙ୍ଖରେ ଭୋଟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ସୋମବାର ଦିନ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଓ ହିନ୍ଦୋଳ ବିଧାୟକ ପ୍ରାର୍ଥୀ ମହେଶ ସାହୁ ଓଡାପଡା ବ୍ଲକ କମଳାଙ୍ଗ କମଳେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଓଡାପଡା ଏବଂ ହିନ୍ଦୋଳନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର ଚଳାଇଥିଲେ। ଶହ ଶହ କର୍ମୀମାନଙ୍କୁ ନେଇ ଏକ ବିଶାଳ ମୋଟରସାଇକେଲ ଶୋଭଯାତ୍ରାରେ କଣ୍ଟାବଣିଆ,ମଙ୍ଗଳପୁର,ନାଧରା ,ନିମବାହାଳୀ,

- ବିଶାଳ ମୋଟରସାଇକଲ ଶୋଭାଯାତ୍ରା
- ଅବିନାଶ ଏବଂ ମହେଶ ସାହୁଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ

ମେରାମଣ୍ଡଳୀ,ଗୁଡିଆକାଟେଣୀ ସହିତ ସାତମାଇଲି, ଖଜୁରିଆକଟା ଅଞ୍ଚଳରେ ଗାଁକୁ ଗାଁ ଯାଇ ପ୍ରଚାର କରିଥିଲେ। ତାଙ୍କ ସହିତ ଷ୍ଟାର କାମ୍ପେନର ସବ୍ୟସାଚୀ ଏବଂ ଅର୍ଚ୍ଚିତା ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ବିଜୟୀ କରିବାକୁ ଯୋଡି ଶଙ୍ଖରେ ଭୋଟଦେଇ ଉଭୟ ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହିତ ଚଳିତ ନିର୍ବାଚନରେ ୭ଟି ବିଧାନସଭାରେ ବିଜେଡି ବିଜୟ ଲାଭ କରିବ ବୋଲି କହିଥିଲେ। ବିଜେଡି ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ,ମିଶନ ଶକ୍ତି,ମମତା ଯୋଜନା,ଲକ୍ଷ୍ମୀବସ,୫ଟି ସ୍କୁଲ,କାଳିଆ ଯୋଜନା,ମଧୁବାବୁ ପେନସନ ଯୋଜନା,ଜବ କାର୍ଡକୁ ନେଇ ପ୍ରଚାର କରୁଛନ୍ତି। ବିଭିନ୍ନ ସ୍ଥାନରେ ସଭାସମିତି କରି ଭୋଟରମାନଙ୍କୁ ନବୀନ ପଟ୍ଟନାୟକଙ୍କର ଦୁଇ ଗ୍ୟାରେଣ୍ଟି ଆସନ୍ତା ଜୁନ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶପଥ ନେବା ପରେ ତାଙ୍କର ପ୍ରଥମ ଦସ୍ତଖତ ୧ଶହ ୟୁନିଟ ମାଗଣା ବିଜୁଳି ପାଇଁ ପ୍ରଥମ ସ୍ୱାକ୍ଷର ଏବଂ ସମସ୍ତଙ୍କ ପାଇଁ ବିଏସକେୱାଇ ଯୋଜନା ଲାଗୁହେବ ବୋଲି କହିଛନ୍ତି। ବିଜେଡି ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଏବଂ ବିଏସକେୱାଇ ଯୋଜନାର ଘୋଷଣା ପରେ ଭୋଟର ମାନେ ବେଶ ଉତ୍ସାହିତ ଥିବା ବେଳେ ମହେଶ ସାହୁ ଏବଂ ଅବିନାଶ ସାମଲ ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବେ ବୋଲି ଆଲୋଚନା ହେଉଛି। ଏହି ଶୋଭଯାତ୍ରାରେ ଅର୍ଚ୍ଚିତା ଏବଂ ସବ୍ୟସାଚୀଙ୍କୁ ଦେଖିବାକୁ ଗାଁ ଗହଳିରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।

# ୱାର୍ଡସ୍ତରୀୟ ବିଜେଡି କର୍ମୀ ସମାବେଶ



**ଢେଙ୍କାନାଳ,୨୦।୫ (ସମିସ)**: ଢେଙ୍କାନାଳ ପୌରାଞ୍ଚଳରେ ଥିବା ବିଭିନ୍ନ ୱାର୍ଡ ଗୁଡିକରେ ବିଜେଡି ତରଫରୁ କର୍ମୀ ସମାବେଶ କରାଯାଇ ଭୋଟ ପ୍ରଚାର ଯୋରଦାର କରାଯାଇଛି। ପୌରଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ସଭାପତିତ୍ୱରେ ୫-ନମ୍ବର ୱାର୍ଡ ଚାନ୍ଦମାରି ସାହିରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି କର୍ମୀ ସମାବେଶରେ ବିଧାୟକ ପ୍ରାର୍ଥୀ ତଥା ବିଧାୟକ ସୁଧିର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ଇସ୍ତାହାର ସମ୍ପର୍କରେ ସୂଚନା ଦେବା ସହ ଜମି, ଜଳ,ବିଜୁଳି ବିଲ, ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକାର୍ଡ ଓ ଇସ୍ତାହାରରେ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସଫଳ ଯୋଜନା ଗୁଡିକ ବିଷୟରେ କହିବା ସହ ଆଗାମୀ ୨୫ ତାରିଖରେ ହେବାକୁଥିବା ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥୀ ଡ଼ା ଅବିନାଶ ସାମଲ ଓ ବିଧାନସଭା ଆସନ ପାଇଁ ଯୋଡି ଶଙ୍ଖରେ ବିପୁଳ ଭୋଟ ଦେଇ ଜୟ ଯୁକ୍ତ କରିବାପାଇଁ ଅନୁରୋଧ କରିଥିଲେ। ଏହି ସମାବେଶରେ ଶତାଧିକ ମହିଳା ଓ ପୁରୁଷ ବିଜେଡି କର୍ମୀ ଯୋଗଦେଇ ଦୁଇଟି ଯାକ ଭୋଟ ଶଙ୍ଖ ଚିହ୍ନରେ ଦେବା ପାଇଁ ଶପଥ ନେଇଥିବା ବେଳେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ନିମନ୍ତେ ସଂକଳ୍ପ ନେଇଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ବିଜେଡି ମହିଳା ସଭାପତି ସାଗରୀକା ମିଶ୍ର, ଜିଲ୍ଲା ବିଜେଡି ଉପସଭାପତି ସୁକାନ୍ତ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅଭିମନ୍ୟୁ ପଣ୍ଡା,କାଉନସିଲର ଦିପ୍ତୀରଞ୍ଜନ ସେଠୀ,ଶୁଭଲକ୍ଷ୍ମୀ ସାହୁ, ସାଗିର ମହମ୍ମଦ, ଯୁବନେତା ସନ୍ତୋଷ କୁଅଁର, ବିଜେଡି ଜିଲ୍ଲା ସମ୍ପାଦକ ଗଙ୍ଗାଧର ରାଉତ, ରଞ୍ଜନ କୁମାର ନାୟକ ଉପସ୍ଥିତ ରହିଥିବା ବେଳେ ପ୍ରଦୀପ ରାଉତ, ବିଶ୍ୱଜିତ ମାନସିଂହ, ଦେବରାଜ ଜେନା , ଜିତେନ୍ଦ୍ର ସାହୁ, ସରୋଜ ବେହେରା, ସୁବ୍ରତ ସାମଲ, ବଳରାମ ବିଶ୍ୱାଳ , ନଗେନ୍ ବେହେରା, ଗୌରିଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ସମାବେଶରେ ଶତାଧିକ ବିଜୁ ଜନତାଦଳ ସମର୍ଥକ ବ୍ୟକ୍ତି ସାମିଲ ହୋଇଥିଲେ।

### ଗ୍ରୀଷ୍ମକାଳୀନ ନିଃଶୁଳ୍କ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦଯାପିତ

# ୪୯ଜଣ ନେଲେ ପ୍ରଶିକ୍ଷଣ




**ଢେଙ୍କାନାଳ,୨୦।୫ (ସମିସ)**:ଜିଲ୍ଲା ବ୍ୟାଡମିଟନ ଏକାଡେମୀ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ନିଃଶୁଳ୍କ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଓ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଢେଙ୍କାନାଳ ସହରର ନୂଆ ପୋଖରୀ ନିକଟସ୍ଥ ଇଣ୍ଡୋର ଷ୍ଟାଡିୟମଠାରେ ଏହି ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଓ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଉଦଯାପନ ଅବସରରେ ଚୟନ କରାଯାଇଥିବା କୁନି କୁନି ବ୍ୟାଡମିଣ୍ଟନ ପ୍ରତିଭା ଓ ପ୍ରଶିକ୍ଷଣରେ ସାମିଲ ଥିବା ସମସ୍ତ କୁନି କୁନି ପ୍ରତିଭା ମାନଙ୍କୁ ଏହି ଅବସରରେ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ପ୍ରୋତ୍ସାହିତ କରାଯାଇଛି। ଯାହାକୁ ନେଇ ଜିଲ୍ଲାବ୍ୟାପୀ ବ୍ୟାଡମିଣ୍ଟନ ପ୍ରେମୀ ଉତ୍ସାହିତ ହୋଇପଡିଛନ୍ତି । ଜିଲ୍ଲାର ଲୁକାୟିତ ବ୍ୟାଡମିଣ୍ଟନ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କ ବିକାଶ ପାଇଁ ଅଣ୍ଟା ଭିଡ଼ିଚି ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀ। ଏଥି ସହିତ ବ୍ୟାଡମିଣ୍ଟନ ଖେଳ ପ୍ରତି କୁନି କୁନି ପିଲା ମାନଙ୍କୁ ଆକୃଷ୍ଟ ଓ ପ୍ରୋତ୍ସାହିତ କରି ଜାତୀୟ ସ୍ତରରେ ବ୍ୟାଡମିଣ୍ଟନ ପ୍ରତିଭା ସୃଷ୍ଟି କରିବା ପାଇଁ ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀ ତାର ଅଭିନବ ପ୍ରୟାସ ଜାରିରଖିଛି । ଏହି ଲକ୍ଷ୍ୟ ନେଇ ପ୍ରତିବର୍ଷ ପରି ଚଳିତ ବର୍ଷ ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀ ଏକ ଗ୍ରୀଷ୍ମ କାଳୀନ ନିଃଶୁଳ୍କ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଓ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଗତ ମାସ ୨୮ ତାରିଖରୁ ଶୁଭାରମ୍ଭ କରିଥିଲା। ସହରର ନୂଆପୋଖରୀ ନିକଟସ୍ଥିତ ନୂଆ ଇଣ୍ଡୋର ହଲ ପରିସରରେ ଗତ ୨୧ଦିନ ଧରି ଅପରାହ୍ନ ୪ଟା ରୁ ସନ୍ଧ୍ୟା ୭ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଚାଲିଥିବା ଏହି ନିଃଶୁଳ୍କ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏହି ଶିବିରରେ ଉଭୟ ନବାଗତ ବାଳକ ବାଳିକା ମୋଟ ୪୯ଜଣ କୁନି କୁନି ପ୍ରଶିକ୍ଷ୍ୟାର୍ଥୀ ସାମିଲ ଥିଲେ। ପରିଶେଷରେ ଏମାନଙ୍କ ମଧ୍ୟରେ ୫ଟି ବର୍ଗରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦକ୍ଷତା, ଆଗ୍ରହ,ଶୃଙ୍ଖଳା, ବ୍ୟାଡମିଣ୍ଟନ୍ ଜ୍ଞାନ କୌଶଳ, ସାଧାରଣ ଜ୍ଞାନ ଓ ବ୍ୟାଡମିଣ୍ଟନ ଖେଳକୁ ନେଇ ପ୍ରତିଯୋଗିତା କରାଯାଇ ଚାମ୍ପିଆନ ଓ ରନର୍ସ ଅପ ଖେଳାଳି ମନୋନୟନ କରାଯାଇଛି। ଏହି କୃତି ପ୍ରତିଯୋଗୀଙ୍କୁ ମଧ୍ୟରେ ନବାଗତ କୁନି ପ୍ରତିଭା ଭାବେ ଲିଟିଲ ଚ୍ୟାମ୍ପ ଦଳର ଆଦିତ୍ୟ ପ୍ରତାପ ରାଉତ ଓ ଅଭିଷେକ ଆଶ୍ରିର୍ବାଦ, ସାଇନିଂ ଷ୍ଟାର ଗ୍ରୁପର 'ଏ' ଶ୍ରେଷ୍ଟ ସ୍ୱସ୍ତିକା ଭୋଳ ଓ ରନର୍ସ ଅପ ଆନା ନନ୍ଦ, ଗ୍ରୁପ ବି ରେ ଏସ ଅନନ୍ୟା ଓ ରିଧିମା ପାତ୍ର , ରଙ୍କି ଷ୍ଟାର ଗ୍ରୁପର ପୀୟୂଷ ରଞ୍ଜନ ବେହେରା ଓ ଏସ ପ୍ରିୟାଂଶୁ , ସୁପର ଷ୍ଟାର ଗ୍ରୁପର ଶ୍ରେଷ୍ଠ ମୟଙ୍କ ପଟ୍ଟନାୟକ ଓ ରନର୍ସ ଅପ ତିଳକ କୁମାର କୃତିତ୍ୱ ହାସଲ କରିଛନ୍ତି। ସେହିପରି ପ୍ରଶିକ୍ଷଣ ଶିବିରରେ ସୌରଜିତ ନାୟକ ଓ ଆୟୁଷ ରଞ୍ଜନ ବେହେରା କଠିନ ଓ ନିଷ୍ଠାପରତା ପାଇଁ ମନୋନୀତ କରାଯାଇଛି। ଏହି ଶିବିରକୁ ମୁଖ୍ୟ କୋଚ ମଳୟ ପଟ୍ଟନାୟକ ପ୍ରଶିକ୍ଷଣ ଦେଇଥିବାବେଳେ ସହକାରୀ କୋଚ ଭାବେ ଆକାଶ ଦାସ ଓ ଗିରିଜା ଶଙ୍କର ପଟନାୟକ ସହଯୋଗ କରିଥିଲେ। ତେବେ ଏହି ପ୍ରଶିକ୍ଷଣ ଶିବିରର ଉଦଯାପନୀ ଅବସର ରେ ଏହି କୃତି ପ୍ରତିଯୋଗୀ ଓ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆ ଇଣ୍ଡୋର ହଲ ଠାରେ ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉଦ ଯାପନ କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘର ସଭାପତି ତଥା ସଂଗ୍ରାମୀ ସଂଗଠକ ସଞ୍ଜୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆଜିର ବୈଷୟିକ ଯୁଗରେ ଅବସର ସମୟରେ ମୋବାଇଲ ଇଣ୍ଟରନେଟ ଠାରୁ ଦୂରେଇ ରଖିବାର ପ୍ରକୃଷ୍ଟ ମାଧ୍ୟମ ହେଉଛି ଏହି ବ୍ୟାଡମିଣ୍ଟନ ଖେଳ। କ୍ରୀଡା ଶିଶୁ ମାନଙ୍କର ମାନସିକ ଓ ଶାରୀରିକ ବିକାଶ ତଥା ବୌଦ୍ଧିକ ବିକାଶର ମୁଖ୍ୟ ମାଧ୍ୟମ। ସୁସ୍ଥ ନିରାମୟ ଜୀବନ ପାଇଁ ଏହି କ୍ରୀଡା ନିତ୍ୟାନ୍ତ ଆବଶ୍ୟକ ଥିବାରୁ ପ୍ରତ୍ୟେକ ଅଭି ଭାବକ ମାନେ ଏଥିପ୍ରତି ଯତ୍ନବାନ ହେବା ଜରୁରୀ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ତେବେ ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ସମସ୍ତ କୁନି କୁନି ବ୍ୟାଡମିଣ୍ଟନ ପ୍ରଶିକ୍ଷାର୍ଥୀ ଓ କୃତି ପ୍ରତିଯୋଗୀ ମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ସହିତ ମେଡାଲ ପ୍ରଦାନ କରାଯାଇଛି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ବ୍ୟାଡମିଣ୍ଟନ ଏକାଡ଼େମୀର ସଭାପତି ପ୍ରତାପ ବରାଳ ସଭାପତିତ୍ୱ କରି ପ୍ରଶିକ୍ଷଣରେ ସାମିଲ ହୋଇଥିବା କୁନି କୁନି ପିଲାଙ୍କର ଉତ୍ସାହ ଓ ଅଭିଭାବକ ମାନଙ୍କର ଆଗ୍ରହ ଏହି ପ୍ରଶିକ୍ଷଣ ଶିବିର ପାଇଁ ଏକାଡେମୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପରିଶ୍ରମକୁ ସାର୍ଥକ କରିପାରିଛି ବୋଲି ପ୍ରକାଶ କରିଥିଲେ। ଶିବିରର ଇଭେଣ୍ଟ ମ୍ୟାନେଜର ତଥା ସଂଗଠନ ସଂପାଦକ ଅଶୋକ ସ୍ୱାଇଁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏକାଡ଼େମୀର ସାଧାରଣ ସମ୍ପାଦକ ତଥା ମୁଖ୍ୟ କୋଚ ମଳୟ ପଟ୍ଟନାୟକ ପ୍ରଶିକ୍ଷଣ ସମ୍ପର୍କରେ ବିବରଣୀ ପ୍ରଦାନ କରି ୭ବର୍ଷରୁ ୧୭ବର୍ଷ ପର୍ଯ୍ୟନ୍ତ ଉଭୟ ବାଳକ ଓ ବାଳିକାଙ୍କୁ ଦୁଇଟି ଭାଗରେ ଏହି ପ୍ରଶିକ୍ଷଣ ଦିଆଯାଇଛି। ଚଳିତ ବର୍ଷ ଏହି ପ୍ରଶିକ୍ଷଣ ଶିବିରରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ୪୯ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷାନର ସୁଯୋଗ ହାସଲ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ପିଲାଙ୍କର ବ୍ୟାଡମିଣ୍ଟନ ଖେଳ ପାଇଁ ଶାରୀରିକ ବ୍ୟାୟାମ ଓ ପ୍ରାଥମିକ ଶୈଳୀ ଠାରୁ ଆରମ୍ଭ କରି ସୁସ୍ଥ ଜୀବନର ମୂଳମନ୍ତ୍ର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିତେନ୍ଦ୍ର କର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ସଂଜୀବ ଶତପଥୀ ସ୍ୱାଗତ ଭାଷଣ ଓ ଉପସଭାପତି ହେମନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏକାଡ଼େମୀର ସକ୍ରିୟ ସଦସ୍ୟ ପ୍ରଶାନ୍ତ ମିଶ୍ର , ରାଜେଶ ବେହେରା, ଶେଖ ମହସିନ, ମାନସ ସାହୁ, ଅରଜିତ ସାହୁ, ଦେବାଶିଷ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉଦଯାପନୀ ଅବସରରେ ପ୍ରଶିକ୍ଷାର୍ଥୀ, ବ୍ୟାଡମିଣ୍ଟନ ଖେଳାଳୀ, କ୍ରୀଡ଼ାପ୍ରେମୀ ସମେତ ଅଭିଭାବକ ମାନେ ଉପସ୍ଥିତ ଥିଲେ ।

**ପ୍ରୋତ୍ସାହିତ ହେଲେ କୁନି କୁନି ପ୍ରତିଭା**

ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା।
କଳାକ' ଷୋଳକଳା କରି, ଗୋପେ ବିହରେ ନରହରି।
-ଦିବାକର ଦାସ(ଶ୍ରୀଜଗନ୍ନାଥ ଚରିତାମୃତ)

ସକାଳ
THE SAKALA

# ଓଡ଼ିଶାରେ ମହିଳା ମତଦାନ ହାର ବୃଦ୍ଧି ସ୍ୱାଗତଯୋଗ୍ୟ

ନିର୍ବାଚନରେ ମହିଳା ଭୋଟରଙ୍କ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାର୍ଥୀଙ୍କ ଜୟ ପରାଜୟ ନିର୍ଦ୍ଧାରଣ କରିବାରେ ଏମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥା'ନ୍ତି। ଆଉ ସେ ଯୁଗ ନାହିଁ, ଯେଉଁଠି ମହିଳାମାନେ ଭୋଟ୍ ଅଧିକାର ପାଇ ମଧ୍ୟ ତାହାକୁ ସାବ୍ୟସ୍ତ କରି ନ ପାରି ଘରେ ଲୁଚି ରହିବାକୁ ବାଧ୍ୟ ହେଉଥିଲେ। ଚଳିତ ଲୋକସଭା ନିର୍ବାଚନରେ ମଇ ୧୩ ରେ ହୋଇଥିବା ଚତୁର୍ଥ ପର୍ଯ୍ୟାୟ ମତଦାନରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟର ମତଦାନ କରିଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ଦେଶର ପୂର୍ବାଞ୍ଚଳର ଏସବୁ ରାଜ୍ୟ ପରସ୍ପରର ପଡ଼ୋଶୀ ଏବଂ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବିକାଶ ହୋଇପାରିନାହିଁ। ଏହିସବୁ ରାଜ୍ୟର ଆଉ ଏକ ବିଶେଷତ୍ୱ ହେଲା ଏଠାରେ ତଫସିଲଭୁକ୍ତ ଜାତି, ଉପଜାତି, ଓବିସି ଓ ଗରିବ ବର୍ଗର ଅଧିକ ଲୋକ ବସବାସ କରନ୍ତି; ଯେଉଁମାନଙ୍କର ଶିକ୍ଷାଗତ ହାର ମଧ୍ୟ କମ୍। ଏସବୁ ପ୍ରତିବନ୍ଧକ ସତ୍ତ୍ୱେ ଏହି ସବୁ ରାଜ୍ୟରେ ପୁରୁଷ ଭୋଟରଙ୍କ ତୁଳନାରେ ଅଧିକ ମହିଳା ଭୋଟ ଦେବା ନିଶ୍ଚିତ ଉତ୍ସାହଜନକ। ସେମାନେ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ନିଜର ସାମ୍ବିଧାନିକ ଅଧିକାର କେବଳ ସାବ୍ୟସ୍ତ କରୁନାହାନ୍ତି, ଦେଶର ଭବିଷ୍ୟତ ରାଜନୀତିର ଧାରାକୁ ମଧ୍ୟ ପ୍ରଭାବିତ କରୁଛନ୍ତି।

ଓଡ଼ିଶାରେ ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ମଧ୍ୟ ଚାରି ପର୍ଯ୍ୟାୟରେ ହେଉଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଦକ୍ଷିଣାଞ୍ଚଳରେ ଚାରିଟି ଲୋକସଭା ଓ ତତ୍‌ସଂଲଗ୍ନ ୨୮ଟି ବିଧାନସଭାରେ ଯେଉଁ ଭୋଟ ହୋଇଥିଲା ସେଥିରେ ମୋଟ ୬୨, ୮୭, ୨୨୨ ଭୋଟରଙ୍କ ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୩୦, ୯୭, ୫୨୭। ଦେଶର ଚତୁର୍ଥ ତଥା ଓଡ଼ିଶାର ପ୍ରଥମ ପର୍ଯ୍ୟାୟରେ କୋରାପୁଟ, ନବରଙ୍ଗପୁର, ବ୍ରହ୍ମପୁର ଓ କଳାହାଣ୍ଡିରେ ମତଦାନ ସମ୍ପନ୍ନ ହୋଇସାରିଛି। ସେହି ଅଞ୍ଚଳ ଆଦିବାସୀ ଓ ଦଳିତ ଅଧ୍ୟୁସିତ ଏବଂ ଭୋଟରମାନେ, ବିଶେଷକରି ମହିଳା ଭୋଟରମାନେ, ପ୍ରାୟତଃ ଅଶିକ୍ଷିତ। ତେବେ ସେମାନେ ୨୦୧୯ ନିର୍ବାଚନ ତୁଳନାରେ ଚଳିତ ଥର ଅଧିକ ସଂଖ୍ୟାରେ ଭୋଟ ଦେବା ନିଶ୍ଚିତ ଏକ ଉଲ୍ଲେଖନୀୟ ଘଟଣା। ଏଥିରୁ ସେମାନଙ୍କର ସଚେତନତା ଓ ରାଜନୈତିକ ଦାୟିତ୍ୱବୋଧର ପ୍ରମାଣ ମିଳେ। ଅବଶ୍ୟ ଯୁକ୍ତି କରାଯାଇପାରେ ଯେ ଏହି ମହିଳାଙ୍କ ଲିଙ୍ଗଗତ ଅନୁପାତ ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ ପୁରୁଷଙ୍କଠାରୁ ଅଧିକ। ତେଣୁ ମହିଳା ଭୋଟ ହାର ଏଥର ବଢ଼ିଛି। ତେବେ ଏହି ଯୁକ୍ତି ଗ୍ରହଣୀୟ ନୁହେଁ। କାରଣ ଭୋଟର ତାଲିକାରେ ପୁରୁଷଙ୍କ ସଂଖ୍ୟା ଏହି ଚାରିଟି ଲୋକସଭା କ୍ଷେତ୍ରରେ ଅଧିକ ଥିଲା।

ସତକଥା ହେଲା ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ଅନଗ୍ରସର ମହିଳାଙ୍କ ମଧ୍ୟରେ ଭୋଟର ସଚେତନତା ବଢ଼ିଛି। ଅନ୍ୟାନ୍ୟ ବର୍ଗର ମହିଳାମାନେ ମଧ୍ୟ ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ଭୋଟ ଦେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ନୂଆକରି ଭୋଟର ହୋଇଥିବା ଯୁବତୀମାନେ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ଆଗ୍ରହ ପ୍ରକାଶ କରୁଥିବାରୁ ମହିଳା ଭୋଟ ହାର ମଧ୍ୟ ବୃଦ୍ଧି ପାଉଛି। ଓଡ଼ିଶାରେ ସୋମବାର (ଗତକାଲି) ଦ୍ୱିତୀୟ ପର୍ଯ୍ୟାୟ ଏବଂ ଦେଶର ପଞ୍ଚମ ପର୍ଯ୍ୟାୟ ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏଥିରେ ଆସିକା, କନ୍ଧମାଳ, ବଲାଙ୍ଗୀର, ବରଗଡ଼ ଓ ସୁନ୍ଦରଗଡ଼ ଭଳି ପାଞ୍ଚଟି ସଂସଦୀୟ କ୍ଷେତ୍ର ଓ ତତ୍‌ସଂଲଗ୍ନ ୩୫ ବିଧାନସଭା ଅଞ୍ଚଳରେ ମତଦାନ ସମ୍ପନ୍ନ ହୋଇଛି। ଏହିସବୁ ଅଞ୍ଚଳ ଦକ୍ଷିଣାଞ୍ଚଳ ଭଳି ଆଦିବାସୀ ଓ ଦଳିତ ଅଧ୍ୟୁସିତ ହୋଇଥିଲେ ମଧ୍ୟ ସେଠାରେ ଭୋଟରଙ୍କ ଶିକ୍ଷା ଓ ସଚେତନତା ଅପେକ୍ଷାକୃତ ଅଧିକ। ପ୍ରାଥମିକ ଆକଳନ ଅନୁସାରେ ଏସବୁ ଆସନରେ ଭୋଟ ହାର ପ୍ରାୟ ୬୫ ଶତାଂଶ ରହିଛି ଏବଂ ଚୂଡ଼ାନ୍ତ ତଥ୍ୟରେ ଏହା ବଢ଼ିପାରେ। ଏହି ପର୍ଯ୍ୟାୟ (ଓଡ଼ିଶାର ୨ୟ) ମତଦାନରେ ମହିଳା ଭୋଟରଙ୍କ ସଂଖ୍ୟା ପ୍ରଥମ ପର୍ଯ୍ୟାୟ ତୁଳନାରେ ଯଥେଷ୍ଟ ଅଧିକ। ମୋଟ୍ ୭୯, ୬୯, ୮୮୭ ଭୋଟରଙ୍କ ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୩୯, ୩୫, ୦୪୪। ଅତଏବ ପ୍ରଥମ ପର୍ଯ୍ୟାୟର ଧାରା ଯଦି ଅବ୍ୟାହତ ରହେ ତେବେ ଏହି ପର୍ଯ୍ୟାୟରେ ଅଧିକରୁ ଅଧିକ ମହିଳା ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିବା ପ୍ରାୟ ନିଶ୍ଚିତ। ଅବଶିଷ୍ଟ ଦୁଇ ପର୍ଯ୍ୟାୟ ନିର୍ବାଚନ, ଯାହା ଅଧିକ ସଚେତନ ଉପକୂଳ ଅଞ୍ଚଳରେ ହେବ, ସେଠାରେ ମହିଳାଙ୍କ ଭୋଟଦାନ ହାର ଅଧିକ ହେବା ପ୍ରାୟ ନିଶ୍ଚିତ।

ଓଡ଼ିଶାରେ ମହିଳା ଭୋଟରଙ୍କ ମତଦାନ ହାର ଶାସକ ବିଜେଡି ପାଇଁ ବାସ୍ତବରେ ଏକ ଶୁଭସୂଚନା। ଏହାଦ୍ୱାରା ବିଜେଡି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳଙ୍କଠାରୁ ସୁବିଧାଜନକ ସ୍ଥିତିରେ ରହିବ ବୋଲି ପର୍ଯ୍ୟବେକ୍ଷକମାନଙ୍କ ମତ। ଏହାର କାରଣ ଅତି ସ୍ପଷ୍ଟ। ବିଜେଡି ସରକାର ଗତ ୨୪ ବର୍ଷ ମଧ୍ୟରେ ମହିଳାଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚଳନ କରିଛି। ଏହାଦ୍ୱାରା ମହିଳାଙ୍କ ଶିକ୍ଷା ଓ ସଚେତନତା ବଢ଼ିବା ସହିତ ସେମାନେ ଅଧିକ ସଶକ୍ତ ତଥା ଆତ୍ମନିର୍ଭର ହୋଇପାରିଛନ୍ତି। ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ଦିଷ୍ଟ 'ମିଶନଶକ୍ତି' ଯୋଜନା ବିଜେଡିର ଏକ ବଡ଼ ରାଜନୈତିକ ସମର୍ଥନ ସୂତ୍ର ପାଲଟିଛି। ୨୦୦୧ରୁ ଏହା କାର୍ଯ୍ୟକାରୀ ହେଉଛି ଏବଂ ଗ୍ରାମାଞ୍ଚଳରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଗଠନ କରି ସରକାର ସେମାନଙ୍କୁ ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇ ସେମାନଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ସଶକ୍ତୀକରଣରେ ସହାୟକ ହେଉଛନ୍ତି। ଓଡ଼ିଶାରେ ଏବେ ପ୍ରାୟ ୬ ଲକ୍ଷ ମହିଳା ଏସ୍‌ଏଚ୍‌ଜି କାର୍ଯ୍ୟ କରୁଛି ଏବଂ ଏଥିରେ ୭୦ ଲକ୍ଷରୁ ଅଧିକ ମହିଳା ସଦସ୍ୟ ଅଛନ୍ତି। ସେମାନେ ତୃଣମୂଳସ୍ତରରେ ଅତ୍ୟନ୍ତ ସୁସଂଗଠିତ, ସଚେତନ ଓ ସକ୍ରିୟ ହେବାର ଦେଖାଯାଉଛି। ବିଗତ ନିର୍ବାଚନଗୁଡ଼ିକରେ 'ମିଶନଶକ୍ତି' ସହିତ ସମ୍ପୃକ୍ତ ମହିଳାମାନେ ବିଜେଡିର ନିରନ୍ତର ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଏଥର ବିଜେଡି ତାହାର ନିର୍ବାଚନ ଇସ୍ତାହାରରେ 'ମିଶନ୍‌ଶକ୍ତି'ର ସଭ୍ୟାମାନଙ୍କୁ ୬୦ ବର୍ଷ ପରେ ପେନ୍‌ସନ ଭଳି ମାସିକ ଭତ୍ତା ଦେବାକୁ ଘୋଷଣା କରିଥିବାରୁ ଦଳ ପାଇଁ ସେମାନଙ୍କର ଉତ୍ସାହ ବୃଦ୍ଧି ପାଇଥିବାର ଲକ୍ଷ୍ୟ କରାଯାଉଛି।

ବିଜେଡି ଶାସନ କାଳରେ ଏ ପର୍ଯ୍ୟନ୍ତ ମହିଳାମାନେ ବିଭିନ୍ନ ସୁବିଧା ସୁଯୋଗ ପାଇଥିବାରୁ 'ମିଶନଶକ୍ତି'ର ଶାସକ ଦଳକୁ ସମର୍ଥନ କରିବା କିଛି ବିଚିତ୍ର ନୁହେଁ। ଏହା ଦେଖିବା ପରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳ ବିଜେପି 'ସୁଭଦ୍ରା' ଯୋଜନା ନାମରେ ରାଜ୍ୟର ମହିଳାଙ୍କ ପାଇଁ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଘୋଷଣା କରିଛି। ଏଥିରେ ଅଙ୍ଗନବାଡ଼ି କର୍ମୀ, ମହିଳାଙ୍କ ନିରାପତ୍ତା, ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ବାର୍ଷିକ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ ବୋଲି ପ୍ରଚାର କରାଯାଉଛି। କଂଗ୍ରେସ ମଧ୍ୟ ପ୍ରତ୍ୟେକ ମହିଳାଙ୍କୁ ବାର୍ଷିକ ଏକଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ସୁବିଧା ଦେବାକୁ ତାହାର ସଂକଳ୍ପପତ୍ରରେ ପ୍ରତିଶ୍ରୁତି ଦେଇଛି। ତେବେ କଥା ହେଲା 'ମିଶନଶକ୍ତି' ୨୩ ବର୍ଷର ଯୋଜନା ଏବଂ ଏହାଦ୍ୱାରା ଲକ୍ଷ ଲକ୍ଷ ମହିଳା ଓ ସେମାନଙ୍କ ପରିବାର ଉପକୃତ ହୋଇ ଆସୁଛନ୍ତି। ତେଣୁ ମହିଳାଙ୍କ ଭୋଟ ଦାନ ହାର ବଢ଼ିବା ନିଃସନ୍ଦେହରେ ବିଜେଡି ପାଇଁ ଅନୁକୂଳ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କର ମତ।

# ଶୂନ୍ୟ ପ୍ରଦୂଷଣ ପାଇଁ ପଞ୍ଚସୂତ୍ରୀ ଉପାୟ



ଡ.ଇଂ.ସଞ୍ଜୟ କୁମାର ପଣ୍ଡା
ବୌଦ୍ଧ, ମୋ: ୯୪୩୭୦୭ ୯୦୯୯

ଆଧୁନିକ ସମାଜରେ ବୈଜ୍ଞାନିକ ଚିନ୍ତାଚେତନାକୁ ପରିବର୍ଦ୍ଧିତ କରି ମାନବ ନୂତନ ବ୍ରହ୍ମାଣ୍ଡ ସୃଷ୍ଟି ପାଇଁ ଯେତିକି ଉଦ୍ଦାମତା ପ୍ରକାଶ କରୁଛି, ତାର ଅଜ୍ଞତା କିମ୍ବା ପରୋକ୍ଷ ଜ୍ଞାତସାରରେ ବିକାଶ ନାମରେ ବିନାଶର ଗତିକୁ ସମଭାବେ କ୍ଷୀପ୍ରତର କରୁଛି। ବ୍ରହ୍ମାଣ୍ଡରେ ଉପଲବ୍ଧ ପ୍ରାକୃତିକ ସମ୍ପଦକୁ ପୂର୍ଣ୍ଣମାତ୍ରାରେ ବିନିଯୋଗ କରି ନିଜକୁ ଜ୍ଞାନୀ ଓ ବିକାଶପୁରୁଷ ମନେ କରୁଥିବା ବେଳେ ପ୍ରକୃତିକୁ ଅଣଦେଖା କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଚିନ୍ତାର ବିଷୟ। ବୈଜ୍ଞାନିକ ଧୀମତ୍ତାକୁ କେବଳ ବିକାଶ ସର୍ବସ୍ୱ ଚିନ୍ତାକରି ପଞ୍ଚଭୂତକୁ ଅସନ୍ତୁଳିତ କରିବାର ପରିଣାମ କ୍ରମଶଃ ସମାଜରେ ଅନୁଭୂତ ହେବାର ପ୍ରାରମ୍ଭିକ ପର୍ବ ଦୃଶ୍ୟମାନ ହେଲାଣି। ପ୍ରକୃତିର ସମ୍ଭାର ସର୍ବଦା ଅକ୍ଷୟ ହୋଇ ନ ପାରେ। ଅକ୍ଷୟ ଶକ୍ତି ବ୍ୟତିରେକ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଆଗାମୀ କିଛି ଦଶନ୍ଧିରେ ବିଲୁପ୍ତ ହୋଇଯିବ। ତେଣୁ ପ୍ରକୃତିର ସଦୁପଯୋଗ, ସନ୍ତୁଳିତ ବ୍ୟବହାର ଓ ଆଗାମୀ ପିଢ଼ି ପାଇଁ ପ୍ରାକୃତିକ ସମ୍ବଳର ସଂରକ୍ଷଣ ସାମ୍ପ୍ରତିକ ପରିସ୍ଥିତିରେ ଏକ ବୃହତ ଆହ୍ୱାନ ରୂପେ ପ୍ରତୀୟମାନ ହେଉଛି। ଆଧୁନିକ ବିକାଶ ପରମ୍ପରା ହେତୁ ବର୍ଜ୍ୟବସ୍ତୁ ନିଷ୍କାସନ ଏକ ଅବଶ୍ୟମ୍ଭାବୀ ପ୍ରକ୍ରିୟା। କିନ୍ତୁ ଏହାର ସଫଳ ପରିଚାଳନାର ଅଭାବରେ ପୃଥିବୀ ଯଥେଷ୍ଟ ମାତ୍ରାରେ ପ୍ରଦୂଷିତ, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ।

ସମଗ୍ର ପୃଥିବୀରେ ଅଧୁନା ପ୍ରତିବର୍ଷ ୨.୧ ବିଲିୟନ୍ ଟନ୍ ସହରୀ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ବେଳେ ଏହି ଧାରା ଜାରି ରହିଲେ ୨୦୫୦ମସିହା ସୁଦ୍ଧା ଏହା ୭୫ପ୍ରତିଶତ ବୃଦ୍ଧି ପାଇ ୩.୮ ବିଲିୟନ୍ ଟନ୍‌ରେ ପହଞ୍ଚିବାର ଆକଳନ କରାଯାଇଛି। ସମଗ୍ର ଭାରତରେ ପ୍ରତିବର୍ଷ ହାରାହାରି ୬୨ ନିୟୁତ ଟନ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ବେଳେ କେବଳ ୪୩ ନିୟୁତ ଟନ୍ ସଂଗୃହୀତ ଓ ପରିଚାଳିତ ହେଉଛି। ଅବଶିଷ୍ଟ ୩୦ପ୍ରତିଶତ ଅର୍ଥାତ୍ ୩୧ ନିୟୁତ ଟନ୍ ବର୍ଜ୍ୟବସ୍ତୁ ପରିବେଶ ପ୍ରଦୂଷଣ ସୃଷ୍ଟି କରୁଛି। ୨୦୫୦ ମସିହା ସୁଦ୍ଧା ଅସଂଗୃହୀତ ବର୍ଜ୍ୟବସ୍ତୁ ପରିମାଣ ୪୩୬ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ।

କଠିନ ବର୍ଜ୍ୟବସ୍ତୁର ଅସଫଳ ପରିଚାଳନା ହେତୁ ମୃତ୍ତିକା ପ୍ରଦୂଷିତ ହେବା ସହ ଏହାର ଉର୍ବରତା କ୍ରମଶଃ ହ୍ରାସ ପାଉଛି। ପ୍ଲାଷ୍ଟିକ ମୃତ୍ତିକାରେ ପଚିଶଢ଼ି ପାରୁ ନ ଥିବାରୁ ଏଥିରୁ ନିର୍ଗତ 'ଡାଇଇଥାଇଲ୍ ହାଇଡ୍ରୋକ୍ସିଲାମିନ୍' ନାମକ ରସାୟନିକ ପଦାର୍ଥ ଯକୃତ ରୋଗ, ଓଜନ ହ୍ରାସ, ପ୍ରଜନନ କ୍ଷମତା ହ୍ରାସ, କର୍କଟ ରୋଗ ଆଦି ସୃଷ୍ଟି କରେ। ମୁକ୍ତ ପ୍ରାଙ୍ଗଣରେ ବର୍ଜ୍ୟବସ୍ତୁ ଜ୍ୱଳନ ହେତୁ ଏଥିରୁ ନିର୍ଗତ ପ୍ରଦୂଷିତ ବାଷ୍ପ ବାୟୁ ପ୍ରଦୂଷଣ କରିବା ସହ ବିଭିନ୍ନ ରୋଗ ସୃଷ୍ଟି କରେ। ବର୍ଷା ହେଲେ ମୁକ୍ତ ବର୍ଜ୍ୟବସ୍ତୁ ଦ୍ୱାରା ନିର୍ଗତ ଗ୍ୟାସ ଦ୍ୱାରା ଅମ୍ଳବର୍ଷା ହୁଏ, ଯାହା ପୃଥିବୀର ଉଦ୍ଭିଦ ଓ ପ୍ରାଣିଜଗତ ପ୍ରତି ବିପଦ ସୃଷ୍ଟି କରେ।

ତେଣୁ ପ୍ରକୃଷ୍ଟ ବର୍ଜ୍ୟବସ୍ତୁ ପରିଚାଳନା କରିବା ପାଇଁ '୫-ଆର୍' ପଦ୍ଧତି ଅବଲମ୍ବନ ବିଧେୟ। ଯଥା ରିଫ୍ୟୁଜ୍ (ବାରଣ କରିବା), ରିଡ୍ୟୁସ୍ (କମ୍ ବ୍ୟବହାର), ରିୟୁଜ୍ (ପୁନଃ ବ୍ୟବହାର), ରିସାଇକେଲ୍ (ପୁନଃ ପ୍ରକ୍ରିୟାକରଣ), ରିକଭର (ସଂରକ୍ଷଣ)। ପ୍ରତ୍ୟେକ ଗୃହରେ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ବର୍ଗୀକରଣ କରି ସଫଳ ନିଷ୍କାସନ ପ୍ରକ୍ରିୟାରେ ସରକାରଙ୍କୁ ସହଯୋଗ କରିବା ବିଧେୟ। ଜୈବିକ ବର୍ଜ୍ୟବସ୍ତୁକୁ ଭର୍ମି କମ୍ପୋଷ୍ଟିଙ୍ଗ୍ ମାଧ୍ୟମରେ ଜୈବିକ ସାର ପ୍ରସ୍ତୁତ କଲେ କ୍ଷୁଦ୍ର ଉଦ୍ୟାନରେ ବ୍ୟବହାର କରାଗଲେ ପ୍ରଦୂଷଣ ମାତ୍ରା ହ୍ରାସ ପାଇବ। ସରକାରୀ ରିହାତି, ସାଧାରଣ ଜନତା ଜାଗରଣ



ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପ୍ରଦୂଷଣ ମୁକ୍ତି ସଂଗ୍ରାମ ପାଇଁ ଅନିର୍ବାର୍ଯ୍ୟ। ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଜିପିଏସ୍ ଓ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ମାଧ୍ୟମରେ ମଧ୍ୟ ପ୍ରଦୂଷଣ ସମସ୍ୟାରୁ ଅନେକାଂଶରେ ନିସ୍ତାର ମିଳିବ।

ଭାରତରେ ଆନୁମାନିକ ୭୦ ପ୍ରତିଶତ ଭୂପୃଷ୍ଠ ଜଳ ପ୍ରଦୂଷିତ ହେବା ସହ ପାନୀୟ ଅଯୋଗ୍ୟ ଥାଏ। ପ୍ରତ୍ୟେକ ଦିନ ଅନ୍ୟୂନ ୪୦ ନିୟୁତ ଲିଟର ପ୍ରଦୂଷିତ ଜଳ ନଦୀ, ନାଳ, ପୋଖରୀ, ହ୍ରଦ ଆଦିରେ ପ୍ରବେଶ କରୁଥିବାରୁ ଏହା ମଧ୍ୟମବର୍ଗ ପରିବାର ପାଇଁ ଏକ ବିପଦ। ଦେଶର ସାମଗ୍ରିକ ଘରୋଇ ବିକାଶ ହାରର ଏହା ହେତୁ ପ୍ରାୟତଃ ୫୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବିତ ହୁଏ। ପ୍ରାୟତଃ ୧୬ ପ୍ରତିଶତ କୃଷି ହ୍ରାସ ପାଇଥାଏ। ଅତଏବ ଜଳ ବିଶୋଧନ ବ୍ୟବସ୍ଥା ଏକମାତ୍ର ବିକଳ୍ପ। କାରଖାନା ଜଳ ଓ ମଳ ପାଣିକୁ ବିଶୋଧନ କରାଯିବା ସହ ଏହାକୁ କୃଷି କ୍ଷେତ୍ରରେ ଓ ପୁନଃ ଶିଳ୍ପରେ ବ୍ୟବହାର କରାଯିବା ଉଚିତ୍। ଧର୍ମୀୟ ଭାବନା ସହିତ ଜଡ଼ିତ ଗଙ୍ଗା, ଯମୁନା, ମହାନଦୀ ଆଦିଙ୍କୁ ସର୍ବଦା ଜନଜାଗରଣ ମାଧ୍ୟମରେ ପରିଷ୍କାର ରଖାଯିବା ବିଧେୟ। ଗ୍ରାମୀଣ ଜଳ ଭଣ୍ଡାରରେ ୟୁଟ୍ରିଫିକେସନ୍ ହେତୁ ସୃଷ୍ଟି ହେଉଥିବା ଜଳ ପ୍ରଦୂଷଣରୁ ମୁକ୍ତି ପାଇଁ ଜଳରୁ ଉଭିଦକୁ ମୂଳୋତ୍ପାଟନ କରିବା ସହ ବିଶୋଧନ ବିଧେୟ। ଜଳ ବିଶୋଧିତ ହେଲେ ଜଳଜ ପ୍ରାଣୀଙ୍କ ବୃଦ୍ଧି ଘଟିବା ସହ ପରିବେଶ ସନ୍ତୁଳିତ ହୋଇପାରିବ।

ବାୟୁ ପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା ରୂପରେ ସାରା ବିଶ୍ୱକୁ କବଳିତ କରିବାକୁ ଲାଗିଲାଣି। ସାରା ବିଶ୍ୱରେ ଚୀନ ଗ୍ରୀନ୍ ହାଉସ ବାୟୁ ପ୍ରଦୁଷଣରେ ପ୍ରଥମ ସ୍ଥାନରେ ଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଜନସଂଖ୍ୟା ଓ ପ୍ରଦୂଷଣ ଅନୁପାତରେ ପ୍ରଥମ ଅଟେ। ୨୦୧୫ ପ୍ୟାରିସ ଚୁକ୍ତି ଅନୁଯାୟୀ ଦେଶମାନେ ବିଶ୍ୱ ତାପମାତ୍ରା ବୃଦ୍ଧି ପରିମାଣକୁ ହ୍ରାସ କରିବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ତାହା ଏବେ ସୁଦୂର ପରାହତ ହେବାରେ ଲାଗିଲାଣି। ବର୍ତ୍ତମାନ ଓଡ଼ିଶାର ହାରାହାରି ତାପମାତ୍ରା ୪୪ ଡିଗ୍ରୀ ପାର ହୋଇ ଏସିଆରେ ପ୍ରଥମ ହେବା ଅତ୍ୟନ୍ତ ଗମ୍ଭୀର ବିଷୟ। ବାୟୁ ପ୍ରଦୂଷଣର ମାତ୍ରା ବଢ଼ିବା ହେତୁ ପ୍ରତିବର୍ଷ ୬.୭ ନିୟୁତରୁ ଅଧିକ ଅକାଳ ମୃତ୍ୟୁ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁଶୀଳନ ଅନୁଯାୟୀ ୯୯ ପ୍ରତିଶତ ଲୋକ ପ୍ରଦୂଷିତ ବାୟୁ ପରିବେଶରେ ବସବାସ କରନ୍ତି। ପ୍ରଦୂଷଣ ହେତୁ ସାଧାରଣତଃ କର୍କଟ, ଯକୃତ, ଫୁସ୍‌ଫୁସ୍, ହୃଦୟ, ବୃକକ୍ ରୋଗ ବୃଦ୍ଧି ପାଇ ଧନଜୀବନ ନଷ୍ଟ ହୁଏ।

ବାୟୁ ପ୍ରଦୂଷଣ ମୁଖ୍ୟତଃ ଜୀବାଶ୍ମ ଇନ୍ଧନ, ଶିଳ୍ପଦ୍ୱାରା ପ୍ରଦୂଷଣ ନିଷ୍କାସନ, ଜଙ୍ଗଲ ନିଆଁ, ଅନ୍ତର୍ଗୃହ ପ୍ରଦୂଷଣ, ପରିବହନ, ବର୍ଜ୍ୟବସ୍ତୁର ମୁକ୍ତାକାଶରେ ଦହନ, ସୂକ୍ଷ୍ମ ଜୈବିକ କ୍ଷୟ, ନିର୍ମାଣ ଓ ଭଗ୍ନକାର୍ଯ୍ୟ, କୃଷିକାର୍ଯ୍ୟ, ରସାୟନିକ ଉତ୍ପାଦ ଆଦି ବିଭିନ୍ନ ପ୍ରକ୍ରିୟା ଦ୍ୱାରା ବୃଦ୍ଧି ପାଇଥାଏ। ପରିବହନ ଓ ଶିଳ୍ପକ୍ଷେତ୍ରରୁ ପ୍ରଦୂଷଣ ନିର୍ଗତ ହୋଇ ଅମ୍ଳ ବର୍ଷାରେ ସହାୟକ ହୁଏ। ଏହାଦ୍ୱାରା ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବା ସହ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି ହୁଏ। ପୁନଶ୍ଚ ଶୀତଳ ଯନ୍ତ୍ର, ବାତାନୁକୂଳ ଯନ୍ତ୍ରର ବ୍ୟବହାର ହେତୁ କ୍ଲୋରଫ୍ଲୁରୋ କାରବନ୍ ନିର୍ଗତ ହେବାରୁ ଓଜୋନ ସ୍ତର ଦୁର୍ବଳ ହେଉଛି। ଫଳରେ ସୂର୍ଯ୍ୟର ପ୍ରକୋପ ବୃଦ୍ଧି ପାଇବା ସହ ଅତିବାଇଗଣୀ ରଶ୍ମି ପ୍ରବାହ ବୃଦ୍ଧି ପାଇ ଚର୍ମ, ଚକ୍ଷୁ ଆଦି ରୋଗ ବୃଦ୍ଧି ପାଉଛି।


ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଧାର୍ମିକ ଅନୁଷ୍ଠାନ, ସମୁଦ୍ର ତଟ, ବ୍ୟବସାୟିକ ଅନୁଷ୍ଠାନ ଆଦିରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ବାୟୁ ପ୍ରଦୂଷଣର ଆଉ ଏକ ପ୍ରମୁଖ କାରଣ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବାୟୁ ପ୍ରଦୂଷଣରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଏବେ ପ୍ଲାଷ୍ଟିକର ବ୍ୟବହାରରେ ଶକ୍ତି ଉତ୍ପନ୍ନ କରିବାର ଜ୍ଞାନକୌଶଳ ଉଦ୍ଭାବନ କରିବା ଏକ ଆହ୍ୱାନ। ପ୍ଲାଷ୍ଟିକ ତନ୍ତ୍ୱକୁ ବିଭାଜନ କରିବା କୌଶଳକୁ ତ୍ୱରାନ୍ୱିତ କରି ବିଭିନ୍ନ ବୋତଲ, ମୁଣା ଆଦି ଦ୍ରବ୍ୟ ପ୍ରସ୍ତୁତ କରିବା ଆବଶ୍ୟକ। ପ୍ଲାଷ୍ଟିକର ପୁନଃ ପ୍ରସ୍ତୁତିକରଣ ହୋଇ ଏହା ସୌନ୍ଦର୍ଯ୍ୟ ବସ୍ତୁ ନିର୍ମାଣରେ ବ୍ୟବହାର କରିବା କଥା। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥାନ (ଆଇଏଇଏ) ଅନୁଶୀଳନ ଅନୁଯାୟୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ମତ୍ସ୍ୟ ତୁଳନାରେ ପ୍ଲାଷ୍ଟିକ ଅନୁପାତ ଅଧିକ ଦୃଶ୍ୟମାନ ହେବ। ଏଥିପାଇଁ ଆଣବିକ ବିକିରଣ ବୈଷୟିକ ପଦ୍ଧତି ଅବଲମ୍ବନ କରି ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ହ୍ରାସ କରିବା ପ୍ରଚେଷ୍ଟା ଜାରି ରହିଛି। ଆଣବିକ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ କ୍ଷୁଦ୍ର ଦାନାଯୁକ୍ତ ପ୍ଲାଷ୍ଟିକକୁ ଚିହ୍ନଟ କରି ତାହାର ବିଭାଜୀକରଣ କରିବାରେ ସହାୟକ ହୋଇଥାଏ। ବିଭିନ୍ନ ଏନ୍‌ଜାଇମ୍ ବ୍ୟବହାର ଦ୍ୱାରା ପ୍ଲାଷ୍ଟିକର ମୌଳିକ ରୂପାନ୍ତରୀକରଣ ସମ୍ଭବ, ଯଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ। ବିଭିନ୍ନ ପ୍ରକାର ଫଙ୍ଗସ୍ ବ୍ୟବହାର କରାଯାଇ ପ୍ଲାଷ୍ଟିକର ରସାୟନିକ ଶିକୁଳିକୁ ଭଗ୍ନ କରାଯାଇପାରିବ। ବିବୋଟ, ରୋବଟ ସାହାଯ୍ୟରେ ମଧ୍ୟ ସାମୁଦ୍ରିକ ପ୍ରଦୂଷଣ ହ୍ରାସ କରାଯାଇପାରେ। ଯଦ୍ୱାରା ଜଳଦ ପ୍ରାଣୀଙ୍କୁ ସୁରକ୍ଷିତ ରଖିବା ସହ ଅର୍ଥନୈତିକ ବିକାଶ ମଧ୍ୟ କରାଯାଇପାରିବ। ଭାସମାନ ବର୍ଜ୍ୟବସ୍ତୁ ସଂଗ୍ରାହକ ଦ୍ୱାରା ମଧ୍ୟ ସମୁଦ୍ରରୁ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ପାରିବ।

ପୃଥିବୀକୁ ଜଳ, ସ୍ଥଳ ଆକାଶର ପ୍ରଦୂଷଣରୁ ମୁକ୍ତ କରି ଶୂନ୍ୟ ପ୍ରଦୂଷଣ କରିବାକୁ ହେଲେ ସମଗ୍ର ବିଶ୍ୱବାସୀଙ୍କୁ ଏକତ୍ରିତ ହୋଇ ଗାମ୍ଭୀର୍ଯ୍ୟପୂର୍ଣ୍ଣ, ଅନୁଶାସନାତ୍ମକ, ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ପଦକ୍ଷେପମାନ ଗ୍ରହଣ କରିବାକୁ ପଡ଼ିବ। ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ପ୍ରଦୂଷଣର ବର୍ଗ, କାରଣ ଓ ନିବାରଣ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରି ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ବିଧେୟ। ପ୍ରତ୍ୟେକ ଗ୍ରାମ, ସହର, ଗଳିକନ୍ଦିରେ ପ୍ରଦୂଷଣ ପରିଚାଳନା ପାଇଁ ଜନ ସଚେତନତା, ପଥପ୍ରାନ୍ତ ନାଟକ, ସଙ୍ଗୀତ, କର୍ମଶାଳା ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ନିତାନ୍ତ ଜରୁରୀ। ଏଥିସହ ସାଧାରଣ ପରିବହନ, ସରଳ ଜୀବନ ଯାପନ, ବୃକ୍ଷରୋପଣ, ସୌରଶକ୍ତି ବ୍ୟବହାର, ଶକ୍ତି ଅପଚୟରୁ ବିରତ, ପ୍ଲାଷ୍ଟିକ ବ୍ୟବହାର ନିଷେଧ, ଗୋଷ୍ଠୀ ଜୀବନ ଯାପନ, ବିଜ୍ଞାନ ଉପଯୋଗ ଆଦିର ସଫଳ ପ୍ରୟୋଗ ସାମାଜିକ ସ୍ତରରେ ତ୍ୱରାନ୍ୱିତ କରାଗଲେ ପ୍ରଦୂଷଣ ପରିମାଣକୁ ହ୍ରାସ କରାଯାଇ ପାରିବ। ବୃକ୍ଷରୋପଣ ଓ ସୌରଶକ୍ତିର ପ୍ରଚୁର ଅବଲମ୍ବନ ପ୍ରମୁଖ ଭୂମିକା ଗ୍ରହଣ କଲେ ପ୍ରଦୂଷଣରୁ ପରିବେଶ ରକ୍ଷା ପାଇବ। ଉଭୟ ଉଦ୍ଭିଦ ଓ ପ୍ରାଣିଜଗତ ସହ ଜୈବିକ ସନ୍ତୁଳନ ବଜାୟ ରହିଲେ ଉତ୍ତର ପିଢ଼ିଙ୍କ ପାଇଁ ପରିବେଶ, ପ୍ରାକୃତିକ ସମ୍ପଦ ସଂରକ୍ଷିତ ହୋଇ ରହିପାରିବ।

# ଉତ୍କଳୀୟ ବୈଷ୍ଣବ ପରମ୍ପରା



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭



ଷୋଡ଼ଶ ଶତାବ୍ଦୀର ବୈଷ୍ଣବ ଧର୍ମକୁ ବିଭିନ୍ନ ସାହିତ୍ୟିକ, ଐତିହାସିକ ଓ ସମାଲୋଚକ ପଞ୍ଚସଖା ଧର୍ମ, ଜ୍ଞାନମିଶ୍ରା ଭକ୍ତି ଧର୍ମ, ଓଡ଼ିଶୀ ବୈଷ୍ଣବ ଧର୍ମ ଓ ଜଗନ୍ନାଥ ଧର୍ମ ନାମରେ ନାମିତ କରିଛନ୍ତି। ଗୋଟିଏ ଜ୍ଞାନମିଶ୍ରା ବୈଷ୍ଣବ ଧର୍ମ ଥିଲାବେଳେ ଅନ୍ୟଟି ଥିଲା ବିଶୁଦ୍ଧ ପ୍ରେମଭକ୍ତି ମୂଳକ ବୈଷ୍ଣବ ଧର୍ମ। ଓଡ଼ିଶୀ ବୈଷ୍ଣବ ଧର୍ମର ମୂଳପିଣ୍ଡ ଥିଲା ଜଗନ୍ନାଥ ଧର୍ମଧାରଣା। ମୁକ୍ତି ମାର୍ଗ ଥିଲା ଏହାର ପ୍ରଧାନ ଲକ୍ଷ୍ୟ। ଏମାନେ ଥିଲେ ରାୟରାମାନନ୍ଦ ଓ ଓଡ଼ିଶାର ଅନ୍ୟ ସନ୍ଥ ସାଧକ, ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ଦାସ। ଶ୍ରୀଚୈତନ୍ୟଙ୍କର ଅଠର ବର୍ଷ ଅବସ୍ଥାନ ସମୟରେ ଏମାନେ ତାଙ୍କର ଘନିଷ୍ଠ ସମ୍ପର୍କରେ ଆସିଥିଲେ। ଶ୍ରୀଚୈତନ୍ୟ ମଧ୍ୟ ଉତ୍କଳୀୟ ବୈଷ୍ଣବମାନଙ୍କ ଚିନ୍ତାଧାରାରେ ପ୍ରଭାବିତ ହୋଇଥିଲେ।

ଚୈତନ୍ୟଙ୍କଠାରୁ ଅତିବଡ଼ି ଉପାଧି ପାଇ ଓଡ଼ିଆ ଭାଗବତ ରଚୟିତା ଜଗନ୍ନାଥ ଦାସ ଶ୍ରୀଚୈତନ୍ୟଙ୍କ ନିକଟରେ ରହି ତାଙ୍କର ସେବା କରୁଥିଲେ। ଶ୍ରୀଚୈତନ୍ୟଙ୍କର ବଙ୍ଗୀୟ ଭକ୍ତଗଣ କ୍ଷୁବ୍ଧ ହୋଇ ଶ୍ରୀଚୈତନ୍ୟଙ୍କଠାରୁ ବିଦାୟ ନେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଏ ଉପାଖ୍ୟାନଟି ଚୈତନ୍ୟଙ୍କ ସମସାମୟିକ ବୈଷ୍ଣବ କବି ମାଧବ ପଟ୍ଟନାୟକଙ୍କ 'ବୈଷ୍ଣବ ଲୀଳାମୃତ' କାବ୍ୟଟିରେ ବର୍ଣ୍ଣିତ ହୋଇଛି। ବଳରାମ ଦାସ ଓ ଶ୍ରୀଚୈତନ୍ୟ ସମବୟସ୍କ ଥିଲେ ଏବଂ ଉଭୟ ଭକ୍ତ ଓ ସିଦ୍ଧସାଧକ ଥିଲେ। ବଳରାମ ଦାସ ଶ୍ରୀଚୈତନ୍ୟଙ୍କୁ ସ୍ୱୟଂ ଶ୍ରୀକୃଷ୍ଣଙ୍କ ଅବତାର ବୋଲି ଜ୍ଞାନ କରୁଥିଲେ ଏବଂ ଅପରପକ୍ଷେ ଶ୍ରୀଚୈତନ୍ୟ ବଳରାମ ଦାସଙ୍କଠାରୁ ଗୁରୁମନ୍ତ୍ର ଦୀକ୍ଷା ନେଇଥିଲେ ଯଦିବା ସେ ଶୂଦ୍ର ଥିଲେ।

ଅଚ୍ୟୁତାନନ୍ଦ ଦାସ ପିତା ମାତାଙ୍କ ସହ ଶ୍ରୀକ୍ଷେତ୍ରକୁ ଆସିଥିଲା ବେଳେ ଶ୍ରୀଚୈତନ୍ୟଙ୍କ ସାକ୍ଷାତ ପାଇଥିଲେ ଓ ତାଙ୍କ ପାଦ ସ୍ପର୍ଶ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀଚୈତନ୍ୟଙ୍କ ଆଦେଶରେ ସନାତନ ଗୋସାଇଁ ଅଚ୍ୟୁତାନନ୍ଦଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ଅଚ୍ୟୁତାନନ୍ଦ ଦାସଙ୍କ 'ଶୂନ୍ୟସଂହିତା'ରେ ଶ୍ରୀଚୈତନ୍ୟ ଦେବ ଏହି ପାଞ୍ଚ ମହାପୁରୁଷଙ୍କୁ ପଞ୍ଚଆତ୍ମା ଭାବେ ସ୍ୱୀକାର କରିଥିଲେ। ପଞ୍ଚସଖାର ଏହି ସାଧକ ଗଣ ଜ୍ଞାନିମଶ୍ରା ମତବାଦର ପ୍ରବକ୍ତା ଥିଲେ, କିନ୍ତୁ ବିଶୁଦ୍ଧ ପ୍ରେମଭକ୍ତି ଧର୍ମ ପ୍ରତି ସେମାନଙ୍କର କୌଣସି ବିରୋଧ ନଥିଲା। ତେଣୁ ସେମାନେ ରାଗ ମାର୍ଗରେ ଭଜନ କୀର୍ତ୍ତନ କରିବାକୁ ମଧ୍ୟ ଗ୍ରହଣ କରିଥିଲେ।

ଏହିପରି ଆରମ୍ଭ ହୋଇଥିଲା ବୈଷ୍ଣବ ଧର୍ମର ଏକ ନୂତନ ଆଭିମୁଖ୍ୟ। ଶ୍ରୀଚୈତନ୍ୟ ଶେଷ ଜୀବନରେ ରାଧାତତ୍ତ୍ୱରେ ନିମଜ୍ଜିତ ରହୁଥିଲେ। ନିତ୍ୟାନନ୍ଦ ଓ ଅଦ୍ୱୈତଙ୍କର ବଂଶଧରମାନେ ଥିଲେ ଚୈତନ୍ୟ ଧର୍ମପନ୍ଥୀ। ଅଦ୍ୱୈତଙ୍କର ପନ୍ଥୀ ବୈଷ୍ଣବମାନଙ୍କ ମଧ୍ୟରେ ସଖୀ ଭାବ ପ୍ରବର୍ତ୍ତନ କରିଥିଲେ। ଏହି ଗୋଷ୍ଠୀର ସମସ୍ତେ ପୁରୁଷ ହେଲେ ମଧ୍ୟ ନାରୀବେଶ ପରିଧାନ କରି ଗୋପୀ ଭଳି ବ୍ୟବହାର କରୁଥିଲେ। ଏମାନଙ୍କର ଗଭୀର ବିଶ୍ୱାସ ଥିଲା ଯେ ନିଜକୁ ରାଧା ଭାବି ଶ୍ରୀକୃଷ୍ଣଙ୍କୁ ଭକ୍ତି କଲେ ହିଁ କୃଷ୍ଣ ପ୍ରାପ୍ତି ସମ୍ଭବ।

ବଙ୍ଗୀୟ ବୈଷ୍ଣବମାନଙ୍କର ନୀଳାଚଳ ଆଗମନ କିଛି ପରିମାଣରେ ଉତ୍କଳରେ ବୈଷ୍ଣବ ଧର୍ମକୁ ପ୍ରଭାବିତ କରିଥିଲା। ଏମାନଙ୍କ ମଧ୍ୟରୁ ଅଦ୍ୱୈତାଚାର୍ଯ୍ୟ, ନିତ୍ୟାନନ୍ଦ, ଶିବାନନ୍ଦ, ସେନ, ସ୍ୱରୂପ ଦାମୋଦର ଓ ହରିଦାସ ଠାକୁର ମୁଖ୍ୟ ଥିଲେ। ଯେଉଁ ବୈଷ୍ଣବବାଦୀ ଗୋସ୍ୱାମୀମାନେ ବୃନ୍ଦାବନରୁ ନୀଳାଚଳ ଆସିଥିଲେ ସେମାନଙ୍କ ମଧ୍ୟରେ ରୂପ ଗୋସ୍ୱାମୀ ସନାତନ ଗୋସ୍ୱାମୀ, ଜୀବ ଗୋସ୍ୱାମୀ, ରଘୁନାଥ ଦାସ ମୁଖ୍ୟ ଥିଲେ। କାଶୀରୁ କବୀର ଦାସ ନୀଳାଚଳ ଆସି କିଛିଦିନ କଟାଇ (ପ୍ରାୟ ଏକ ମାସ) ବୈଷ୍ଣବମାନଙ୍କର ସାହଚର୍ଯ୍ୟ ଲାଭ କରିଥିଲେ। ଦାକ୍ଷିଣାତ୍ୟରୁ ବଲ୍ଲଭାଚାର୍ଯ୍ୟ ମଧ୍ୟ ନୀଳାଚଳକୁ ଆସି ଭକ୍ତି ଧର୍ମ ସ୍ରୋତରେ ଝାସ ଦେଇଥିଲେ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

■ ବାହାନଗା ଟ୍ରେନ୍ ଦୁର୍ଘଟଣା ପ୍ରସଙ୍ଗ

## ସିବିଆଇକୁ ହାଇକୋର୍ଟଙ୍କ ନୋଟିସ

**କଟକ, ୨୦।୫ (ସମିସ):** ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ସିବିଆଇ ଦ୍ୱାରା ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଟେକ୍ନିସିଆନ ପପୁ କୁମାରଙ୍କ ଆବେଦନରେ ଶୁଣାଣି କରି ହାଇକୋର୍ଟ ସିବିଆଇକୁ ନୋଟିସ୍ ଜାରି କରିଛନ୍ତି। ଅଭିଯୁକ୍ତ ଆବେଦନକାରୀଙ୍କ ବିରୋଧରେ ଥିବା ତଥ୍ୟ ପ୍ରମାଣ ସମ୍ପର୍କରେ ଅବଗତ କରିବାକୁ ସିବିଆଇକୁ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାରୁ ପ୍ରକାଶ ଯେ ଗତ ୨୦୨୩, ଜୁନ ୨ ସନ୍ଧ୍ୟାରେ ବାଲେଶ୍ୱର ବାହାନଗା ଷ୍ଟେସନରେ ଏହି ଭୟଙ୍କର ରେଳ ଦୁର୍ଘଟଣା ହୋଇଥିଲା। ଏଥିରେ ୨୯୬ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ପ୍ରାୟ ୧୨୦୦ଜଣ ଆହତ ହୋଇଥିଲେ। ତିନି ଜଣ ରେଳ କର୍ମଚାରୀଙ୍କୁ ତଦନ୍ତକାରୀ ସଂସ୍ଥା ସିବିଆଇ ଗିରଫ କରିଥିଲା। ଗିରଫ ହୋଇଥିବା ସିନିୟର ସେକ୍ସନ ଇଂଜିନିୟର (ସିଗନାଲ) ଅରୁଣ କୁମାର ମହନ୍ତ, ସୋରର ସିନିୟର ସେକ୍ସନ ଇଂଜିନିୟର ମହମ୍ମଦ ଅମିର ଖାଁଙ୍କ ସମେତ ଅନ୍ୟତମ ଟେକ୍ନିସିଆନ ପପୁ କୁମାରଙ୍କ ଜାମିନ ବିଚାରାଧୀନ ରହିଥିବା ବେଳେ ଡିସଚାର୍ଜ ପିଟିସନ୍ ନିମ୍ନ ଅଦାଲତରେ ଖାରଜ ହୋଇଥିଲା। ଏପରି ନିର୍ଦ୍ଦେଶ ବିରୋଧରେ ପପୁ କୁମାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ କେବଳ ଜଣେ ଟେକ୍ନିସିଆନ୍ ହୋଇଥିବା ବେଳେ ତାଙ୍କର ଏହି ଘଟଣାରେ କୌଣସି ଭୂମିକା ନାହିଁ। ତେଣୁ ତାଙ୍କ ବିରୋଧରେ ମାମଲା ରଦ୍ଦ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

## ବଜ୍ରପାତ ନେଲା ୨ ଜୀବନ; ୪ ଆହତ

**ଭଞ୍ଜନଗର/ଟିକିରି, ୨୦।୫ (ସମିସ):** କାଳବୈଶାଖୀ ଯୋଗୁଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ବଜ୍ରପାତରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗଂଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଗୋଠଲି ଗ୍ରାମର ବାଳକୃଷ୍ଣ ବରିହା (୩୬) ଓ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ସାଗନାଟିକଣା ଗ୍ରାମର ମହିଳା ହୋଇକ ମାଝୀ (୩୮)। ବାଳକୃଷ୍ଣଙ୍କ ଘର ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଅଞ୍ଚଳ। ସେହିପରି ଗୋଠଲି ଗ୍ରାମର ଶାନ୍ତି ନାୟକ, ବିନୋଦିନୀ ବିଶୋୟୀ, ପାଟରାପଲ୍ଲି ଗ୍ରାମର ଅମିତ ନାୟକ ଓ ଖମାରଡ଼ି ଗ୍ରାମର ଲକ୍ଷ୍ମୀ ସାଇଁ ପ୍ରମୁଖ ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

## ବିଦ୍ୟୁତ ଫାଶରେ ପଡ଼ି ଦନ୍ତା ମୃତ



**ଅନୁଗୋଳ,୨୦।୫(ସମିସ):** ଅନୁଗୋଳ ଜିଲ୍ଲା ବନ୍ତଳା ରେଞ୍ଜ ଅନ୍ତର୍ଗତ ଟଳଗଡ଼ ପଞ୍ଚାୟତର କରଡମେଘ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ଆନୁମାନିକ ବୟସ ୩୦/୩୫ ହେବ। ଖବର ପାଇ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ବନ୍ତଳା ରେଞ୍ଜରଙ୍କ କହିବାନୁଯାୟୀ, ସୋମବାର ସକାଳେ ଗୋଟିଏ ଦନ୍ତାହାତୀ ମରି ପଡ଼ିଥିବା ଖବର ସ୍ଥାନୀୟ ଲୋକଙ୍କଠାରୁ ମିଳିଥିଲା। ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଜଣେ ବ୍ୟକ୍ତି କଦଳୀ ବଗିଚାକୁ ସୁରକ୍ଷା ଦେବା ପାଇଁ ବାଡ଼ି ଚାରିପଟେ ବିଛାଯାଇଥିବା ବିଦ୍ୟୁତ୍ ତାର ଲାଗି ଦନ୍ତାର ମୃତ୍ୟୁ ଘଟିଥିବା କୁହାଯାଉଛି।

# ୨୪ରୁ ଉପକୂଳ ଓଡ଼ିଶାରେ ବର୍ଷା

**ଭୁବନେଶ୍ୱର,୨୦।୫(ସମିସ):** ଆସନ୍ତା ୨୨ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପକୁ ନେଇ ଭୟ ବଢ଼ିବାରେ ଲାଗିଛି। ଏହି ଲଘୁଚାପ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବା ନେଇ ଏକାଧିକ ମଡେଲ୍ ଆକଳନ କରିବା ପରେ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଛି। ଯଦିଓ ବର୍ତ୍ତମାନ ପର୍ଯ୍ୟନ୍ତ ଆଇଏମ୍‌ଡି ପକ୍ଷରୁ ବାତ୍ୟା ସୃଷ୍ଟି ସମ୍ପର୍କରେ କୌଣସି ସୂଚନା ଜାରି କରାଯାଇନାହିଁ, ହେଲେ ୨୪ ତାରିଖରୁ ଏହି ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଓ ସମୁଦ୍ର ଆଶାନ୍ତ ହେବା ନେଇ ବିଭାଗ ପକ୍ଷରୁ କୁହାଯାଇଛି।

୨୪ ତାରିଖରେ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ସେହିଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ କଟକରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ସେହିପରି ୨୫ ତାରିଖରେ ଏହାର ପ୍ରଭାବ ବଢ଼ିବା ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷାର ଆକଳନ କରାଯାଇଛି। ସେହିପରି ସେହିଦିନ ଜଗତସିଂହପୁର, କଟକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ମଧ୍ୟ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଲଘୁଚାପ ଯୋଗୁଁ ଆସନ୍ତା ୨୩ତାରିଖରୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିବ। କେନ୍ଦ୍ରୀୟ ବଙ୍ଗୋପସାଗରରେ ପବନର ବେଗ ବୃଦ୍ଧି ହୋଇ ୪୦-୫୦ କିମି ରହିବ। ସମୟେ ସମୟେ ଏହା ୬୦କିମି ପ୍ରତି ଘଣ୍ଟା ଛୁଇଁବ। ସେହିପରି ୨୪ ତାରିଖ ସୁଦ୍ଧା ପବନର ବେଗ ବୃଦ୍ଧି ପାଇବ ଉତ୍ତର-ବଙ୍ଗୋପସାଗରରେ ଘଣ୍ଟା ପ୍ରତି ୫୦-୬୦ କିମି ବେଗରେ ପବନ ବହିବ ଏବଂ ସମୟେ ସମୟେ ଏହା ୭୦ କିମି ପ୍ରତି ଘଣ୍ଟା ମଧ୍ୟ ଛୁଇଁପାରେ ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ତାରିଖଠାରୁ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ଆସନ୍ତା ୨୨ରେ ଲଘୁଚାପ ସୃଷ୍ଟି ହୋଇ ୨୪ ତାରିଖରେ ଏହା ଅବପାତର ରୂପ ନେଇ ପାରେ। ପରବର୍ତ୍ତୀ ସମୟରେ ଏହା ଆହରି ଘନୀଭୂତ ହେବାକୁ ଥିବାରୁ ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ।

ଅନ୍ୟପଟେ, ରାଜ୍ୟରେ ବର୍ତ୍ତମାନ ତାତି ସହ ଗୁଳୁଗୁଳି ଜାରି ରହିଛି। ସୋମବାର ଝାରସୁଗୁଡ଼ାରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୨.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଜ୍ୟର ୧୦ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତଦୂର୍ଦ୍ଧ୍ୱ ରେକର୍ଡ କରାଯାଇଛି। ଅନ୍ୟପଟେ ଉପକୂଳରେ ଅସହ୍ୟ ଗୁଳୁଗୁଳି ତଥା ଉଷ୍ମ ଆର୍ଦ୍ର ପାଣିପାଗ ସ୍ଥିତି ଯୋଗୁଁ ଲୋକେ ନାହିଁ ନଥିବା କଷ୍ଟ ଭୋଗିଛନ୍ତି। ଆଗାମୀ ୩ ଦିନ ମଧ୍ୟରେ ତାତି ଆହୁରି ୨ ରୁ ୩ ଡିଗ୍ରୀ ଯାଏଁ ବଢ଼ିବା ସମ୍ଭାବନା ରହିଛି। ଫଳରେ ତାତି ଓ ଗୁଳୁଗୁଳି ଆହୁରି ଅଧିକ ଅନୁଭୂତ ହେବ ବୋଲି ଆଶଙ୍କା କରାଯାଉଛି। ମଙ୍ଗଳବାର ନୂଆପଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ବରଗଡ଼, ବୌଦ୍ଧ ଓ ବଲାଙ୍ଗିରରେ ପ୍ରବଳ ତାତି ଅନୁଭୂତ ହେବା ଏହି ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ତାତି ସାଙ୍ଗକୁ ବର୍ତ୍ତମାନ ଅପରାହ୍ଣରେ ଅନେକ ସ୍ଥାନରେ କାଳବୈଶାଖୀ ଆଶଙ୍କା ରହୁଛି।

■ ଇଭିଏମ୍‌ରେ ୩୦୫ ପ୍ରାର୍ଥୀଙ୍କ ଭାଗ୍ୟ

# ସନ୍ଧ୍ୟା ସୁଦ୍ଧା ୬୨.୨୩ % ମତଦାନ

**ଭୁବନେଶ୍ୱର, ୨୦।୫(ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ, ଆସ୍କା ଲୋକସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହୋଇଛି। ଏହାସହ ଉପରୋକ୍ତ ଲୋକସଭା ଏବଂ ବିଧାନସଭା ଆସନରେ ଲଢ଼ୁଥିବା ମୋଟ ୩୦୫ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମିଳିଥିବା ପ୍ରାଥମିକ ତଥ୍ୟ ଅନୁସାରେ ରାଜ୍ୟରେ ମତଦାନ ହାର ୬୨.୨୩ ପ୍ରତିଶତ ରହିଛି। ଭାରତୀୟ ନିର୍ବାଚନ କମିଶନଙ୍କ ଭୋଟର ଟର୍ଣ୍ଣ ଆଉଟ ଆପ୍‌ରୁ ମିଳିଥିବା ଶେଷ ତଥ୍ୟ ଅନୁଯାୟୀ ଆସ୍କା ଲୋକସଭା କ୍ଷେତ୍ରରେ ୫୮.୪୬ ପ୍ରତିଶତ ମତଦାନ ହୋଇଛି। ସେହିପରି ବରଗଡ଼ରେ ୬୮.୨୩ ପ୍ରତିଶତ, ବଲାଙ୍ଗୀରରେ ୬୧.୩୫ ପ୍ରତିଶତ, କନ୍ଧମାଳରେ ୫୮.୭୨ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୬୩.୮୭ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ମତଦାନରେ ସମସ୍ତ ବର୍ଗର ଭୋଟର ସାମିଲ ହୋଇ ନିଜ ଅଧିକାର ସାବ୍ୟସ୍ତ କରି ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥିବାରୁ ସମସ୍ତ ଭୋଟରଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ କେତେକ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିବା ପାଇଁ ଭୋଟରମାନେ ଲମ୍ବା ଧାଡିରେ ଛିଡା ହୋଇଥିଲେ। ସକାଳୁ ମକ୍‌ପୋଲ୍ ସମୟରେ ଅଳ୍ପକିଛି ସ୍ଥାନରେ ଇଭିଏମ୍ ମେସିନ୍‌ରେ ତ୍ରୁଟି ଦେଖାଯାଇଥିବାରୁ ତୁରନ୍ତ ତାହା ବଦଳା ଯାଇଥିଲା ଏବଂ ମତଦାନ ସ୍ୱାଭାବିକ ଭାବେ ଚାଲିଥିଲା। ଭୋଟରମାନଙ୍କୁ ମତଦାନ ପ୍ରତି ଆକର୍ଷିତ କରିବା ପାଇଁ ଆଦର୍ଶ ମତଦାନ କେନ୍ଦ୍ରରେ ଗଣତନ୍ତ୍ରର ମହାପର୍ବର ଖୁବ୍ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିଲା। ଯୁବ କର୍ମଚାରୀ ପରିଚାଳିତ ବୁଥ୍, ମହିଳା କର୍ମଚାରୀ ପରିଚାଳିତ ବୁଥ୍, ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ବୁଥ୍ ଆଦି ସ୍ଥାପନ କରାଯାଇ ଭୋଟରମାନଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରତି ବୁଥ୍‌ରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଥିଲା। ସମସ୍ତ ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ରଖାଯାଇଥିଲା। ୱେବ୍‌କାଷ୍ଟିଂ ଜରିଆରେ ନିର୍ଦ୍ଦିଷ୍ଟ ବୁଥ୍‌ଗୁଡ଼ିକ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରିଟର୍ଣ୍ଣିଂ ଅଫିସରମାନଙ୍କ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିଲା। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ତିରୁମାଲା ନାୟକଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀମାନେ ୱେବ୍‌କାଷ୍ଟିଂ ଜରିଆରେ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ଉପରେ କଡ଼ା ନଜର ରଖିଥିଲେ। ରିପୋର୍ଟ ପ୍ରସ୍ତୁତ ବେଳକୁ ବିଭିନ୍ନ ବୁଥ୍‌ରୁ ପୋଲିଂ ପାର୍ଟିମାନେ ରିସିଭିଂ ସେଣ୍ଟରକୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛନ୍ତି।


**AFFIDAVIT**

I, Sanskruti Subrat Sarangi, D/o- Subrat Kumar Sarangi, resident of At- Kabita Niwas,Gopalmal, Po-Budharaja, Ps-Ainthapali, Tahasil/Dist-Sambalpur, Pin -768004, Odisha, declare by this affidavit No.2661, date- 26/04/2024 that now onwards I shall be known as **SANSKRITI SUBRAT SARANGI** for all future purposes.


## ଅବଶିଷ୍ଟାଂଶ...

### ମୁଖ୍ୟମନ୍ତ୍ରୀ ନବୀନ...

କିମ୍ବା କ୍ଷମତା ପାଇଁ ନୁହେଁ; ଲୋକଙ୍କ ସେବା କରିବା ପାଇଁ ସେ ଆସିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ଜବାବ ରଖିଛନ୍ତି।

ଆଜି କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସାଲେପୁର, ମାହାଙ୍ଗା, ଆଳି, ରାଜନଗର, ମହାକାଳପଡ଼ା ଓ ପାଟକୁରାରେ ଆୟୋଜିତ ସଭାମଞ୍ଚରୁ ପ୍ରଧାନମନ୍ତ୍ରୀ ପଚାରିଥିବା ପ୍ରଶ୍ନର ଗୋଟି ଗୋଟି ଉତ୍ତର ରଖି ଶ୍ରୀ ପାଣ୍ଡିଆନ କହିଥିଲେ, ଚାଷୀଭାଇମାନେ ଧାନର ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୩୦୦ ଟଙ୍କା ପାଉଛନ୍ତି; ସେମାନେ ୩୧୦୦ ଟଙ୍କା ପାଇବା କଥା ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଜାଣି ରଖିବା ଉଚିତ ଯେ ଏମ୍‌ଏସ୍‌ପି ବଢ଼ାଇବା ଦାୟିତ୍ୱ ହେଉଛି କେନ୍ଦ୍ର ସରକାରଙ୍କର। ଏହା ରାଜ୍ୟ ସରକାରଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ଯଦି ପ୍ରଧାନମନ୍ତ୍ରୀ ଏକଥା କହୁଛନ୍ତି, ତା'ହେଲେ ତା'ର ଅର୍ଥ କଣ? ପ୍ରଧାନମନ୍ତ୍ରୀ ଚାହିଁଥିଲେ ଗୋଟିଏ ମିନିଟ୍‌ରେ ଏମ୍‌ଏସ୍‌ପି ବୃଦ୍ଧି କରିପାରିଥା'ନ୍ତେ। ଧାନର ଏମ୍‌ଏସ୍‌ପି ବଢ଼ାଇବାକୁ ଆମ ମୁଖ୍ୟମନ୍ତ୍ରୀ ସବୁବେଳେ ଦାବି କରି ଆସୁଛନ୍ତି; କିନ୍ତୁ କେନ୍ଦ୍ର ସରକାର କେବେ ଶୁଣି ନାହାଁନ୍ତି। ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଖାରଜ କରାଯାଇଛି। ଏପରି କାହିଁକି କରାଗଲା, ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ପ୍ରଥମେ ତା'ର ଉତ୍ତର ଦେବା ଜରୁରୀ। ଓଡ଼ିଶାରେ କେବଳ ନବୀନ ଇଞ୍ଜିନ୍ କାମ ଦେବ; ଡବଲ୍ ଇଞ୍ଜିନ୍ ଫେଲ୍ ମାରିବ। କ୍ଷମତା ପାଇଁ ଗ୍ୟାରେଣ୍ଟି ଦେଉଥିବା ଲୋକଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ୧୦ ବର୍ଷ ମଧ୍ୟରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ବିଜେପି ସରକାର ଭାଙ୍ଗି ଦେଇଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଦ୍ୱିତୀୟ ପ୍ରଶ୍ନର ଜବାବ୍ ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ, ଓଡ଼ିଶାରେ ବିଜେଡି ସରକାର ଧିମା ଗତିରେ କାମ କରୁଛି ବୋଲି ଆଜି ପ୍ରଧାନମନ୍ତ୍ରୀ କହିଛନ୍ତି। କିନ୍ତୁ ମୁଁ ତାଙ୍କୁ ଅତ୍ୟନ୍ତ ବିନମ୍ରତାର ସହ କହୁଛି, ସେ ଥରେ କଟକରୁ ସମ୍ବଲପୁର ଗାଡ଼ିରେ ଯାଆନ୍ତୁ, ତାଙ୍କ ସରକାର କେତେ କାର୍ଯ୍ୟଦକ୍ଷ ତାହା ସେ ନିଜ ଆଖିରେ ଦେଖିବାକୁ ପାଇବେ। ସାମାନ୍ୟ ରାସ୍ତା କାମଟିଏ ୧୦ ବର୍ଷ ହେଲା ଚାଲିଛି ଯେ ସରୁ ନାହିଁ। ଏହା କ'ଣ ଡବଲ୍ ଇଞ୍ଜିନ୍‌ର ସ୍ପିଡ୍ କି ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରଶ୍ନ କରିଥିଲେ।

ତୃତୀୟରେ ପ୍ରଶ୍ନର ଉତ୍ତର ରଖି ସେ କହିଥିଲେ, ନବୀନ ପଟ୍ଟନାୟକ ସରକାର ସ୍ୱଚ୍ଛ ନୁହେଁ ବୋଲି କହିବା ହାସ୍ୟାସ୍ପଦ ଛଡ଼ା ଆଉ କିଛି ନୁହେଁ। ଆମ ମୁଖ୍ୟମନ୍ତ୍ରୀ କେତେ ସ୍ୱଚ୍ଛ ତାହା ସାରା ବିଶ୍ୱ ଜାଣିଛି। କୋଇଲା ରାଜସ୍ୱ ୧୦ ଗୁଣ ବୃଦ୍ଧି ପାଇ ୫ ହଜାରରୁ ୫୦ ହଜାର କୋଟିରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ନିଜେ ନବୀନ ବାବୁଙ୍କୁ ପ୍ରଶଂସା କଲେ ଆଉ ଆଜି କେବଳ ନିର୍ବାଚନ ପାଇଁ ତାଙ୍କୁ ଅସ୍ୱଚ୍ଛ ବୋଲି କହିବା ଦୁର୍ଭାଗ୍ୟର ବିଷୟ।

ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ସାରା ଓଡ଼ିଶା ଗୋଟିଏ ସ୍ୱରରେ କହୁଛି ଯେ ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ନବୀନ ପଟ୍ଟନାୟକଙ୍କ ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀଙ୍କୁ ଆସିବା ପାଇଁ ନିମନ୍ତ୍ରଣ କରି ଶ୍ରୀ ପାଣ୍ଡିଆନ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଓଡ଼ିଶାବାସୀ ତିନିଟି ଉପହାର ଆଶା କରୁଛନ୍ତି। ପ୍ରଥମରେ ଧାନର ଏମ୍‌ଏସ୍‌ପି ୩୧୦୦ ଟଙ୍କାକୁ ବୃଦ୍ଧି, ଦ୍ୱିତୀୟରେ କୋଇଲା ରୟାଲ୍ଟି ବୃଦ୍ଧି ଏବଂ ତୃତୀୟରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା। ଏତିକି କରିପାରିଲେ ଓଡ଼ିଶାବାସୀ ଖୁସି ହେବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

କେନ୍ଦ୍ରାପଡ଼ାର ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ତୀବ୍ର ସମାଲୋଚନା କରି ଶ୍ରୀ ପାଣ୍ଡିଆନ୍ କହିଥିଲେ, ତାଙ୍କୁ ଯେଉଁ ହାତ ଖାଇବାକୁ ଦେଉଛି, ସେହି ହାତକୁ ସେ କାମୁଡ଼ୁଛନ୍ତି। ସେ ଏବଂ ତାଙ୍କ ଦଳର ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣ ଜାଣିଛନ୍ତି କୁମ୍ଭୀର କିଏ। ଏ ଅଞ୍ଚଳରେ କଳା, ଧଳା ସବୁ ପ୍ରକାର କୁମ୍ଭୀର ଅଛନ୍ତି। କେନ୍ଦ୍ରାପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ସେ ୧୦ ବର୍ଷ ସାଂସଦ ଥିଲେ। କେନ୍ଦ୍ରାପଡ଼ାର ବିକାଶ କରିବା, ପୁଞ୍ଜି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଦାୟିତ୍ୱ ଦେଇଥିଲେ। ଶିଳ୍ପ ପ୍ରତିଷ୍ଠା ପାଇଁ ଦାୟିତ୍ୱ ଦେଇଥିଲେ। କିନ୍ତୁ ସେ କେନ୍ଦ୍ରାପଡ଼ା ପାଇଁ ପୁଞ୍ଜି ଆଣିବା ବଦଳରେ ନିଜ ଶିଳ୍ପର ପୁଞ୍ଜି ବଢ଼େଇ ଚାଲିଲେ। ଏହି ମାଟି ସହ ବିଶ୍ୱାସଘାତକତା କଲେ। ସେଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରିଦେଲେ। ତାଙ୍କ ଦଳ ଏବେ ବାହାରୁ ନେତା ଆଣି ପ୍ରଚାର କରୁଛି। ତାଙ୍କୁ ପଚାରନ୍ତୁ ବର୍ଷା, ବାତ୍ୟା, ବନ୍ୟା ବେଳେ ସେମାନେ କେଉଁଠି ଥିଲେ ?

ବିଜେପି ଦଳର ଦୋମୁହାଁ କଥାର ଉଦାହରଣ ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ, ଅନ୍ୟ ରାଜ୍ୟରୁ ଆସୁଥିବା ତାଙ୍କ ଦଳର ନେତାମାନେ କେବଳ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ପେଟ୍ରୋଲ, ଡିଜେଲ, ଏଲ୍‌ପିଜି, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇଁ ପ୍ରତିଶ୍ରୁତି ଦେଇଥିଲେ, ଗୋଟିଏ ବି ରଖିଲେ ନାହିଁ। ୨ କୋଟି ରୋଜଗାର କଥା ବି ଭୁଲିଗଲେ। ଏହା ହୋଇଥିଲେ ଓଡ଼ିଶା ଭାଗରେ ୮୦ ଲକ୍ଷ ଏବଂ କେନ୍ଦ୍ରାପଡ଼ା ଭାଗରେ ୩ ଲକ୍ଷ ରୋଜଗାର ପଡ଼ିଥା'ନ୍ତା। ମୋଦୀଙ୍କର ଏହି ଗ୍ୟାରେଣ୍ଟି କିଏ ପାଇଛନ୍ତି ବୋଲି ସେ ଜନତାଙ୍କୁ ପଚାରି ଥିଲେ। ସେ ଆହୁରି କହିଥିଲେ, ବିଜେପି କହୁଛି ମା'ମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ଭାଉଚର ଦେବ। ଏଥିପାଇଁ କେବଳ ଓଡ଼ିଶାର ମା' ମାନଙ୍କ ପାଇଁ ଦରକାର ୧ ଲକ୍ଷ କୋଟି। ସାରା ଭାରତ ପାଇଁ ୩୦ ଲକ୍ଷ କୋଟି ଆବଶ୍ୟକ। ଆମ ଦେଶର ମୋଟ ବଜେଟ ପରିମାଣ ତ ୨୦ ଲକ୍ଷ କୋଟି ଟଙ୍କା। ସେଥିରୁ ସେମାନେ ମା'ମାନଙ୍କୁ ୩୦ଲକ୍ଷ କୋଟି ଟଙ୍କା ଦେବେ କେମିତି? ପୂର୍ବରୁ ଯେମିତି ୧୫ ଲକ୍ଷ ଟଙ୍କା ଦେବେ ବୋଲି ଭଣ୍ଡେଇଲେ, ଏ ପ୍ରତିଶ୍ରୁତି ବି ସେମିତି ସମ୍ପୂର୍ଣ୍ଣ ମିଛ ଆଉ ବିଜେପିର ଫମ୍ପା ନିର୍ବାଚନୀ ଆବାଜ୍ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ।

ଶ୍ରୀ ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଗ୍ୟାରେଣ୍ଟି କଥା ଶୁଣି ବିଜେପିକୁ ଶକ୍ତ ଝଟ୍‌କା ଲାଗିଛି। ସେମାନେ ମଧ୍ୟ ମାଗଣା ବିଜୁଳି ଦେବେ ବୋଲି କହୁଛନ୍ତି। କିନ୍ତୁ କିଛି ମାଗଣା ନୁହେଁ। ସେମାନେ ପ୍ରଥମେ ୫୦ ହଜାର ନେବେ, ଆଉ ତା'ପରେ ସୂର୍ଯ୍ୟଙ୍କ ଠାରୁ ବିଜୁଳି ଆଣି ଦେବେ। ଏହା ଦିନରେ ଲୋକଙ୍କୁ ଲଣ୍ଠନ ଦେଖାଇବା ଛଡ଼ା ଆଉ କିଛି ନୁହେଁ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ। କେନ୍ଦ୍ରାପଡ଼ାରେ ବିକାଶ କାମର ହିସାବ ଦେଇ ସେ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆର୍ସେଲର୍ ମିତ୍ତଲ ପକ୍ଷରୁ ୧ ଲକ୍ଷ କୋଟି ବିନିଯୋଗରେ କାରଖାନା ପ୍ରତିଷ୍ଠା ହେବ। ଏହା ହେଉଛି ସାରା ଭାରତ ବର୍ଷରେ ସବୁଠାରୁ ବଡ଼ ପୁଞ୍ଜିନିବେଶ। ଏହାଦ୍ୱାରା କେନ୍ଦ୍ରାପଡ଼ା ନୂଆ ପରିଚୟ ପାଇବ। ଯୁବ ପିଢ଼ିଙ୍କୁ ରୋଜଗାର ମିଳିବ। ସାଲେପୁରକୁ ଏନ୍‌ଏସି ମାନ୍ୟତା ଦିଆଯାଇଛି। ଆଳିରେ ଫୁଟବଲ ଟ୍ରେନିଂ ସେଣ୍ଟର ପାଇ ୨୦ କୋଟି ଟଙ୍କା ଦିଆଯାଇଛି। ଆଳି, ରାଜକନିକାରେ ଘରେ ଘରେ ପିଇବା ପାଣି ଯୋଗାଇ ଦେବା ପାଇଁ ୨୪୦ କୋଟି ଟଙ୍କା ଦିଆଯାଇଛି। ରାଜନଗର ଅଞ୍ଚଳରେ ଧାର୍ମିକ ସ୍ଥଳର ଉନ୍ନତି, ରାସ୍ତାଘାଟ ଉନ୍ନତି ପାଇଁ ୪୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମତ୍ସ୍ୟଜୀବୀଙ୍କ ପାଇଁ ୧୫ ହଜାର ଟଙ୍କାର ପ୍ୟାକେଜ ବ୍ୟବସ୍ଥା କରାଯାଇଛି। ମା' ରାମଚଣ୍ଡୀ ମନ୍ଦିରର ବିକାଶ ପାଇଁ ୬ କୋଟି ଟଙ୍କା ଦିଆଯାଇଥିବା କହି ଶ୍ରୀ ପାଣ୍ଡିଆନ ଲୋକଙ୍କ ଆଗରେ ବିକାଶର ହିସାବ ରଖିଥିଲେ।

ମହାକାଳପଡ଼ା ଜନସଭାରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ବଙ୍ଗାଳୀ ଭାଇଭଉଣୀମାନଙ୍କର ୪୦ ବର୍ଷର ନରନାରାୟଣ ମନ୍ଦିର ଜମି ସମସ୍ୟା ଦୂର କରାଯାଇ ସେମାନଙ୍କୁ ଜମି ପଟ୍ଟା ଦିଆଯାଇଛି। ମହାକାଳପଡ଼ା ବଙ୍ଗାଳୀ ଭାଇଭଉଣୀମାନଙ୍କର ଯାହା ସମସ୍ୟା ଅଛି ଦୂର ହେବ। ଏହା ହେଉଛି ନବୀନ ଗ୍ୟାରେଣ୍ଟି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ।

ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଉଚ୍ଚ ପ୍ରଶଂସା କରି ସେ କହିଥିଲେ ଯେ ରାଜନଗର ଅଞ୍ଚଳରୁ ମୁଖ୍ୟମନ୍ତ୍ରୀ ପ୍ରଥମ ଥର ସାଂସଦ ପ୍ରାର୍ଥୀ ଦେଇଛନ୍ତି। ଅଂଶୁମାନ ବାବୁ ଟୁରିଷ୍ଟ ଭଳି ହେବେ ନାହିଁ। ସେ ଏ ମାଟିର ପୁଅ, ନିଜ ଅଞ୍ଚଳରେ ରହି ଲୋକଙ୍କ ପାଇଁ କାମ କରିବେ। ହେଲିକପ୍ଟରରେ ଆସି ଉଡ଼ିଯିବେ ନାହିଁ। ଆପଣମାନେ ତାଙ୍କୁ ଲକ୍ଷାଧିକ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀ ଏବଂ ଆପଣଙ୍କ ଅଞ୍ଚଳର ସମ୍ମାନ ରଖନ୍ତୁ ବୋଲି ସେ ଅନୁରୋଧ କରିଥିଲେ। କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା, ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା, ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ପାଟକୁରା ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ସେ ନିବେଦନ କରିଥିଲେ।

### ଜଗନ୍ନାଥ ମୋଦୀଙ୍କ...

କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ଏବଂ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ସମ୍ବିତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଟୁଇଟ୍ କରି କହିଛନ୍ତି।

ଆଜି ପ୍ରଧାନମନ୍ତ୍ରୀଙ୍କ ପୁରୀ ରୋଡ୍ ଶୋ' ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ବେଳେ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର କହିଥିଲେ ଯେ ମୋଦୀଙ୍କୁ ଦେଖିବା ପାଇଁ ଆଜି ଲକ୍ଷାଧିକ ଲୋକ ପୁରୀ ଆସିଛନ୍ତି। 'ଶ୍ରୀଜଗନ୍ନାଥ ହେଉଛନ୍ତି ମୋଦୀଙ୍କର ଭକ୍ତ'ଏବଂ ଆମେ ସମସ୍ତେ ମୋଦୀଙ୍କ ପରିବାରର ସଦସ୍ୟ। ସମ୍ବିତଙ୍କ ଏହି ପଦିଏ କଥା କୋଟି କୋଟି ଓଡ଼ିଆ ଏବଂ ଶ୍ରୀଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଥିବା ବେଳେ ବୟାନକୁ ନେଇ ସେମାନେ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ମିଛ ଓଡ଼ିଆ ଅସ୍ମିତାର କଥା କହୁଥିବା ବିଜେପି ନେତାଙ୍କୁ ଏପରି ଦୁଃସାହସ କରିବାକୁ କିଏ ଅନୁମତି ଦେଲା ବୋଲି ରାଜ୍ୟବାସୀ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ରାଜନୀତି ନାଁରେ ଆମେ ସବୁକିଛି ଗ୍ରହଣ କରିପାରୁ; ମାତ୍ର ଆମ ଠାକୁର, ଆମ ମୁରବୀ ଶ୍ରୀଜଗନ୍ନାଥଙ୍କ ନାମକୁ ନେଇ କିଏ ଏପରି କଟୁକଥା କହିଲେ ତାକୁ ଆମେ ବରଦାସ୍ତ କରିବୁ ନାହିଁ ବୋଲି ଅଗଣିତ ଜଗନ୍ନାଥପ୍ରେମୀ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ସମ୍ବିତଙ୍କ ଏପରି ବୟାନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଠାକୁର। ତାଙ୍କୁ ଅନ୍ୟ ଜଣେ ମନୁଷ୍ୟର ଭକ୍ତ କହିବା ମହାପ୍ରଭୁଙ୍କ ପ୍ରତି ସବୁଠୁ ବଡ଼ ଅପମାନ। ଏହା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତ ଓ ଓଡ଼ିଆମାନଙ୍କ ଭାବାବେଗ ଓ ବିଶ୍ୱାସକୁ କ୍ଷତାକ୍ତ କରିଛି। ମହାପ୍ରଭୁ ହେଉଛନ୍ତି ଓଡ଼ିଆ ଅସ୍ମିତାର ସବୁଠାରୁ ବଡ଼ ପ୍ରତୀକ। ମହାପ୍ରଭୁଙ୍କୁ ଅନ୍ୟଜଣେ ମଣିଷର ଭକ୍ତ ବୋଲି କହିବା ସମ୍ପୂର୍ଣ୍ଣ ଭାବରେ ନିନ୍ଦନୀୟ। ମୁଁ ବିଜେପିର ପୁରୀ ଲୋକସଭା ପ୍ରାର୍ଥୀଙ୍କ ଏପରି ମନ୍ତବ୍ୟକୁ ଦୃଢ଼ ନିନ୍ଦା କରୁଛି ଓ ମହାପ୍ରଭୁଙ୍କୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖିବାକୁ ବିଜେପିକୁ ନିବେଦନ କରୁଛି। ଏପରି କହି ଆପଣ ଓଡ଼ିଆ ଅସ୍ମିତାକୁ ଗଭୀର ଭାବରେ ଆଘାତ ପହଞ୍ଚାଇଛନ୍ତି। ଯାହା ଓଡ଼ିଶାବାସୀ ଦୀର୍ଘଦିନ ପାଇଁ ମନେ ରଖିବେ ଆଉ ନିନ୍ଦା କରିବେ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ସାଧାରଣ ନିର୍ବାଚନରେ ସମ୍ବିତ ପାତ୍ର ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ କାନ୍ଧରେ ଧରି ପ୍ରଚାର କରିବାକୁ ନେଇ ଜଗନ୍ନାଥପ୍ରେମୀ ସହଜରେ ଗ୍ରହଣ କରିପାରି ନ ଥିଲେ। ନିର୍ବାଚନରେ ପରାଜିତ ହେବା ପରେ ସମ୍ବିତ ପୁରୀରୁ ଅନ୍ତର୍ଧାନ ହୋଇଯାଇଥିଲେ। ଏବେ ପୁଣିଥରେ ସମ୍ବିତ ପୁରୀ ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଆଜି ଏପରି ଅରୁଚିକର ଏବଂ ହୀନ ବୟାନ ଦେଇ ରାଜ୍ୟବ୍ୟାପୀ ଜଗନ୍ନାଥପ୍ରେମୀଙ୍କ ମନକୁ ଆଘାତ ଦେଇଛନ୍ତି।

ସମ୍ବିତଙ୍କ ବୟାନକୁ ନେଇ ସମାଜବାଦୀ ପାର୍ଟି ରାଜ୍ୟ ଶାଖା ସଭାପତି ରବି ବେହେରା ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ସମ୍ବିତ ପାତ୍ରଙ୍କ ଏପରି ବୟାନ ଅକ୍ଷମଣୀୟ। ବିଜେପି ଓ ନିଜେ ସମ୍ବିତ ଓଡ଼ିଆ ଜାତିଙ୍କ ଆରାଧ୍ୟଙ୍କୁ ଅପମାନିତ କରିଥିବାରୁ ଉଭୟେ କ୍ଷମା ମାଗନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ ଚଳିତ ନିର୍ବାଚନରେ ଲଢ଼େଇ ପୂର୍ବରୁ ବିଜେପି ପ୍ରସଙ୍ଗହୀନ ହୋଇ ପଡିଛି। ଓଡ଼ିଆ ଅସ୍ମିତାକୁ ନେଇ ଲଢ଼େଇ ଆରମ୍ଭ କରିଥିବା ବିଜେପି ନିଜ ଜାଲରେ ନିଜେ ଫସିବା ପରେ ଶେଷରେ ବାଧ୍ୟ ହୋଇ ଧର୍ମ ଓ ଠାକୁରଙ୍କୁ ନେଇ ରାଜନୀତି ଆରମ୍ଭ କରି ଦେଇଛି। ରାମ ମନ୍ଦିରଠାରୁ ଆରମ୍ଭ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ରତ୍ନଭଣ୍ଡାର ପ୍ରସଙ୍ଗରେ ବିଜେପିର ନେତାମାନେ, ଏପରିକି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପ୍ରତିଦିନ ମିଛ ଏବଂ ମନଗଢ଼ା ଗପ ଶୁଣାଉଛନ୍ତି। ଲୋକଙ୍କୁ ବିଭ୍ରାନ୍ତ କରି ଭୋଟ ହାତେଇବାକୁ ଉଦ୍ୟମ କରୁଛନ୍ତି। ଶାସକ ଦଳ ବିଜେଡିର ଲୋକପ୍ରିୟତାକୁ ଦେଖି ନିରାଶ ହୋଇ ପଡିଥିବା ବିଜେପିର ନେତାମାନେ ଏବେ ଅନ୍ୟ ରାଜ୍ୟ ପରି ଶାନ୍ତିପ୍ରିୟ ଓଡ଼ିଶାରେ ଲୋକଙ୍କୁ ଧର୍ମ ରାଜନୀତି ଭିତରକୁ ଭିଡ଼ିନେବାକୁ ଉଦ୍ୟମ କରୁଛନ୍ତି। ଏହିକ୍ରମରେ ଆଜି ସମ୍ବିତ ଅତ୍ୟନ୍ତ ଅହଙ୍କାର, ଗର୍ବ ଭାବନା ମନରେ ରଖି ଏପରି ଘୃଣ୍ୟ ବୟାନ ଦେଇଛନ୍ତି। ଏହାର ଜବାବ୍ ନିର୍ବାଚନରେ ଭୋଟ ମାଧ୍ୟମରେ ବିଜେପିକୁ ଦିଆଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


**ଦଲିଲ ହଜିଛି**

ମୁଁ ଶ୍ରୀ ପ୍ରସନ୍ନ କୁମାର ନିଶଙ୍କ,ପିତା ସ୍ୱର୍ଗତ ପ୍ରଦୀପ ଚନ୍ଦ୍ର ନିଶଙ୍କ, ହାଇସ୍କୁଲ ରୋଡ୍, ଥାନା- ତହସିଲ, ମୁନିଗୁଡା, ଜିଲ୍ଲା ରାୟଗଡା, ପିନ-୭୬୫୦୨୦, ଓଡିଶା, ମୋ. ନମ୍ବର-୭୩୮୧୮୯୮୯୧, ମୁଁ ତା ୦୫/୦୪/୨୦୨୪ରିଖ ସକାଳ ୧୧ ଘଣ୍ଟିକା ସମୟରେ ମୁନିଗୁଡା ଷ୍ଟେଟ ବ୍ୟାଙ୍କକୁ ଲୋନ ବିଷୟରେ କଥା ହେବା ପାଇଁ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଦେଖା କରିବା ପାଇଁ ଯାଇଥିଲି। ମୋର ଦୁଇଟି ଦଲିଲ ଯଥାକ୍ରମେ ଦଲିଲ ନମ୍ବର ୩୯୬/୧୯୭୭ ଓ ୩୭/୧୯୭୮ ଏକ ଜୋରି ବେଗରେ ଥିଲା ତାହା ଭୁଲ ବଶତଃ ବ୍ୟାଙ୍କରେ ଛାଡି ଦେଇଛି। ଯଦି କାହାରିକୁ ଏହି ସେଲଡିଡ୍ ମିଳେ ତାହାହେଲେ ଦୟାକରି ଉକ୍ତ ଠିକଣାରେ ଫେରସ୍ତ କରିବେ ବୋଲି ଅନୁରୋଧ। ଏନେଇ ମୁନିଗୁଡା ଥାନାରେ ଏତଲା ଦିଆଯାଇଛି। ଜେନେରାଲ ଡାଇରୀ ନମ୍ବର୦୧୨, ତା୧୯/୫/୨୦୨୪ରିଖ।



**AFFIDAVIT**

I, Harihar Swain, S/o-Late Maheswar Swain resident Mansada, Jajpur, Pin-755012, Odisha, declare by this affidavit No.295, date-08/05/2024 that now onwards I shall be known as **HARIHARA SWAIN** for all future purposes.

**AFFIDAVIT**

I, Binay Bhusan Sirichandra Pradhan, S/o late. Sirish Chandra Bipin Chandra Pradhan as per my old passport, resident of C5, Rashmi tower, Nageswar tangi, Po. Old town, Bhubaneswar, Khudra, Pin. 751002 declared by this affidavit no.64, dtd.20.05.2024 that now onwards I shall be known as **BINAY BHUSAN PRADHAN** for all Purposes.

**AFFIDAVIT**

I, Subrankeshari Mohanty, S/o-Hari Hara Mohanty, resident of Plot No- 406/973, 407/974, Ananta Vihar, Pokhariput, Near Hanuman Mandir, Ps-Airfield, Bhubaneswar urban, Odisha declare by this affidavit No.6360, dated- 06/05/2024, that now onwards I shall be known as **Subarna Keshari Mohanty** for all future purposes.



କାନାରା ବ୍ୟାଙ୍କ Canara Bank — ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ-୧, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍‌ର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ବାଲୁଗାଁ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ବାଲୁଗାଁ ଶାଖା (୩୨୫୫୫)/ (ସାଙ୍କେତିକ ଦଖଲ)** ଋଣଗ୍ରହୀତା: ଶ୍ରୀମତୀ ସଙ୍ଗୀତା ସାହୁ, ସ୍ୱାମୀ: ଶ୍ରୀ ମିକୁନ ସାହୁ, ସା: ଆୟତପୁର, ପୋ: ବାଣପୁର, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦ | (କ) ଶ୍ରୀମତୀ ସଙ୍ଗୀତା ସାହୁଙ୍କ ନାମରେ ଥିବା ଜମି, ଗୃହ ଏବଂ ସେଡ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆୟତପୁର, ଥାନା: ବାଣପୁର, ଥାନା ନଂ. ୧୪୧, ଏସ୍‌ଆର୍/ତହସିଲ: ବାଣପୁର, ତହସିଲ ନଂ. ୧୪୧, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୯୯, ପ୍ଲଟ୍ ନଂ.: ୯୦୫/୧୧୩୯/୧୧୪୮, କ୍ଷେତ୍ର: ଏକର୦.୦୮୫ଡିସିମିଲି ଯଥା ୩୭୦୨ ବର୍ଗଫୁଟ, କିସମ: ଘରବାରି, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଗୋବର୍ଦ୍ଧନ କାଳସି, ପଶ୍ଚିମ: କୁମାରୀ ପରିଡ଼ା, ଉତ୍ତର: ରାସ୍ତା, ଦକ୍ଷିଣ: କୁମାରୀ ପରିଡ଼ା / (ଖ) ୧୫.୦୨.୨୦୨୪ / (ଗ) ୧୬.୦୫.୨୦୨୪/ (ଘ) ଟ.୧୭,୪୫,୨୫୯.୨୪ (ସତର ଲକ୍ଷ ପଚିଶାଳିଶି ହଜାର ଦୁଇ ଶହ ଅଣଷଠି ଟଙ୍କା ଏବଂ ଚବିଶି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୨୦.୦୫.୨୦୨୪, ସ୍ଥାନ : ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



(An Autonomous Body under Ministry of Tourism, Govt. of India)

पर्यटन मंत्रालय Ministry of Tourism

सत्यमेव जयते

पर्यटन शिक्षा संस्कृति रक्षा www.iittmb.in

**IITTM**

Gwalior (H.O), Bhubaneswar, Noida, Goa, Nellore

**INDIAN INSTITUTE OF TOURISM & TRAVEL MANAGEMENT**

40+ Yrs of Experience in Education & Training

in collaboration with

Jawaharlal Nehru University (JNU)

(A Public University, New Delhi)

**ADMISSION OPEN**

**Session : 2024-25**

**BBA** Tourism & Travel | **MBA** Tourism & Travel Management

For online registration and detailed information please visit : www.iittm.ac.in

or E-mail : admissioniittmb@gmail.com, admissions@iittm.ac.in

Contact - 8342082073, 9778180241, 9438622056, 9861103962

NO AGE BAR

**Benefits of Study in IITTM**

- Exceptional Placement in last years in India and Abroad
- Highest packages in Industry with Global job Opportunities
- Largest Tourism Faculty with International Exposure
- Tourism Industry Leaders visit campuses for Placement
- Research work at IITTM-IRC (International Resource Centre)

+ Scholarships available for meritorious students from Government Scheme
+ Study Loan Assistance
+ Excellent Placement Record

Nodal Officer
IITTM, Bhubaneswar

Dumduma, Bhubaneswar, Odisha-751019

ଆମ୍ବିରୀ ଓ ସାମନ୍ତରାପୁରରେ ବିଜେଡିର କର୍ମୀ ସମ୍ମିଳନୀ

# ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ତିର୍ତ୍ତୋଲ, ୨୦।୫(ସମିସ)



ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ତିର୍ତ୍ତୋଲ ବ୍ଲକର ଆମ୍ବିରୀ ଓ ସାମନ୍ତରାପୁର ପଞ୍ଚାୟତରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆମ୍ବିରୀଠାରେ ପଞ୍ଚାୟତ ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ରୀନାବାଳା ମଲ୍ଲିକ, ବିଜେଡି ନେତା ତଥା ଓଡିଆ ଚଳଚ୍ଚିତ୍ର ପ୍ରଯୋଜକ ଅରୁଣ କୁମାର ମହାନ୍ତି, କୁନମୁନ ମହାନ୍ତି, ଅତନୁ ଆଚାର୍ଯ୍ୟ, ଅଜୟ ସୂତାର, ଶିକ୍ଷାବିତ ନିତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଆସୀନ କରିବା ପାଇଁ ଦୁଇଥର ଶଙ୍ଖ ଚିହ୍ନରେ ଉଭୟ ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଓ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏ ଅବସରରେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ସମିତି ସଭ୍ୟ ଅରୁଣ ମଲ୍ଲିକ, ପ୍ରେମାନନ୍ଦ ମହାନ୍ତି, ରଞ୍ଜିତ ମହାନ୍ତି ଓ ଦେବେନ୍ଦ୍ର ମହାନ୍ତିଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ବିଧାୟକ ଶ୍ରୀ ରାଉତରାୟ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ।

ସାମନ୍ତରାପୁର ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପଞ୍ଚାୟତ ସଭାପତି ନିରଞ୍ଜନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଶ୍ରୀ ରାଉତରାୟ, ବ୍ଲକ ଅଧ୍ୟକ୍ଷ ଶ୍ରୀ ବେହେରା, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବେହେରା, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟନାରାୟଣ ବେହେରା, ବାବାଜୀ ବସନ୍ତିଆ, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବିଜୟ ବସନ୍ତିଆ, ସତ୍ୟାନନ୍ଦ ଲେଙ୍କା, ଗଗନ ତ୍ରିପାଠୀ, ଗଗନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏ ଅବସରରେ କଂଗ୍ରେସ ଓ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ହୃଦାନନ୍ଦ ସେଠୀ, ପ୍ରବୀର ସ୍ୱାଇଁ, ଗୋପନ ଦାସ, ଶାନ୍ତନୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ଶ୍ରୀ ରାଉତରାୟ ଓ ବ୍ଲକ ଅଧ୍ୟକ୍ଷ ଶ୍ରୀ ବେହେରା ସ୍ୱାଗତ କରିଥିଲେ। ଆଲୋକ ନାୟକ, ବିଭୂତିଭୂଷଣ ନାୟକ, ରବୀନ୍ଦ୍ର ଲେଙ୍କା, ସୁଢଳ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୀତାଞ୍ଜଳିଙ୍କ ରୋଡ୍ ଶୋ'ରେ ସାମିଲ ହେଲେ ମୋନିଦୀପା



**ପାରାଦୀପ, ୨୦।୫ (ସମିସ):** ପାରାଦୀପ ବିଧାନସଭା କ୍ଷେତ୍ରରେ ଏଥର ଇତିହାସ ରଚିବ ବିଜେଡି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନର ସହର ଭାବେ ପରିଚିତ ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେଡିର ପ୍ରଚାର ଅଭିଯାନ ଜୋରଦାର ରହିଛି। ପ୍ରତ୍ୟେକ ଦିନ ପୌରାଞ୍ଚଳ ବ୍ୟତୀତ ୩୬ଟି ପଞ୍ଚାୟତରେ ହଜାର ହଜାର ଲୋକଙ୍କ ସହ ଦଳୀୟ ନେତା ଓ କର୍ମୀ ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ଓ ସାଂସଦ ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକଙ୍କ ପାଇଁ ରୋଡ ଶୋ, ବାଇକ ରାଲି ଓ ଘରେ ଘରେ ବୁଲି ପ୍ରଚାରକୁ ଆଗେଇ ନେଉଛନ୍ତି। ଏକ ବୃହତ ରେକର୍ଡ ବ୍ୟବଧାନରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥିନୀଙ୍କୁ ବିଜୟ କରି ଇତିହାସ ସୃଷ୍ଟି କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ବିଜେଡି। ବିକାଶ ଅସ୍ତ୍ରରେ ବିରୋଧୀଙ୍କୁ ଧରାଶାୟୀ କରିବାକୁ ବିଜେଡି କଳ ବଳ କୌଶଳ ଲଗାଇ ଦେଇଛି। ଆଜି ଅପରାହ୍ନରେ ପାରାଦୀପ ପୌରାଞ୍ଚଳର ୨, ୩, ୪ ଓ ୭ ନମ୍ବର ୱାର୍ଡରେ ଗୀତାଞ୍ଜଳି ରାଉତ ଏକ ବିଶାଳ ରୋଡ ଶୋ କରିଥିଲେ। ଗୀତାଞ୍ଜଳିଙ୍କ ସହିତ ବିଜୁ ଶ୍ରମିକ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ ସାମିଲ ହୋଇ ପ୍ରଚାରକୁ ଆହୁରି ସରଗରମ କରିଥିଲେ। ଏହି ରୋଡ ଶୋ ସହିତ ଦଳୀୟ କର୍ମୀ ସଙ୍ଗୀତର ତାଳେ ତାଳେ ନାଚ ଗୀତ ପରିବେଶକୁ ପ୍ରକମ୍ପିତ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ପାରାଦୀପର ବିକାଶ ଶିଖର ଛୁଇଁଥିବାରୁ ବିଜେଡିକୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ସହିତ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥିନୀଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ବିଶାଳ ରୋଡ ଶୋରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜ୍ୟୋତିକାନ୍ତ ପରିଡ଼ା, ରଶ୍ମିରଞ୍ଜନ ପରିଡ଼ା, ସମୀର ବିଶ୍ୱାଳ, ସବିତା ମହାପାତ୍ର, ଛବିଲତା ରାଉତଙ୍କ ସମେତ ଶହ ଶହ ସଂଖ୍ୟାରେ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିଲେ।

## ଅଢ଼ଙ୍ଗା ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ବାଲିକୁଦା, ୨୦।୫(ସମିସ):** ବାଲିକୁଦା ବ୍ଲକ ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଅଢ଼ଙ୍ଗା ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମୀନକେତନ ଅମାତ, ବିଜେଡି ଜିଲ୍ଲା ଉପଦେଷ୍ଟା ଜ୍ୟୋତିରଞ୍ଜନ ଦାସ, ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ରାଜ୍ୟ ବିଜେଡି ଯୁବ ସଂଗଠକ କମଳାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଟୁକୁନା ମଲ୍ଲିକ, କାଳନ୍ଦୀ ସ୍ୱାଇଁ, ସମାଜସେବୀ ପବିତ୍ର ସ୍ୱାଇଁ, ତପନ କୁମାର ବିଶ୍ୱାଳ, ଶୈଳେନ୍ଦୁ ମହାନ୍ତି, ମନୋଜ ମହାନ୍ତି, ବିନୋଦ ବେହେରା, ସନ୍ତୋଷ ଦାସ, ଜିତେନ୍ଦ୍ର ଦାସ, ଅମୀୟ ପରିଡ଼ା, ପ୍ରତାପ ସାହୁ, ମାନସ ରଞ୍ଜନ ନାୟକଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ମହିଳାଙ୍କୁ ସଂଗଠିତ କରି ପ୍ରଚାର କରୁଛନ୍ତି ଜିନ୍ମୟୀ

**କୁଜଙ୍ଗ, ୨୦।୫ (ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ସବୁ ଦଳ ଭଳି ସିପିଆଇ ପକ୍ଷରୁ ମଧ୍ୟ ନେତାମାନେ ବିଭିନ୍ନ ଗ୍ରାମ ବୁଲି ପ୍ରଚାର କରୁଛି। ବିଧାୟିକା ପ୍ରାର୍ଥିନୀ ଜିନ୍ମୟୀ ସାହାଣୀ ପଥପ୍ରାନ୍ତ ସଭା କରି ଭୋଟ ଭିକ୍ଷା କରୁଛନ୍ତି। ମହିଳା ମାନଙ୍କୁ ସଂଗଠିତ କରିବା ସହ ଜମି ହରାମାନଙ୍କ ଦୁଃଖ ଲାଘବ ପାଇଁ ସେ ଲଢେଇ କରିଥିବା କହି ସଂଗ୍ରାମକୁ ସ୍ମରଣ କରିବା ସହ ନିଜର ହକ୍ ପାଇଁ ଭୋଟ ମାଧ୍ୟମରେ ଜବାବ ଦେବାକୁ ସମୟ ଆସିଛି ବୋଲି ଆହ୍ୱାନ ଦେଇଛନ୍ତି। ଜିନ୍ମୟୀଙ୍କ ସଭା ସାଧାରଣରେ ମନମୋହୁଥିବା ବେଳେ ଏହି ଅବସରରେ ଦଳର ନେତା ଓ ସଂଗଠକ ମାନେ ଗଣ୍ଡିକିପୁର ଓ ଫତେପୁର ଗ୍ରାମ ପରିକ୍ରମା କରିବା ସହ ମାଟିର କନ୍ୟା ଜିନ୍ମୟୀହିଁ ଏକ ମାତ୍ର ଯୋଗ୍ୟା ପ୍ରାର୍ଥୀନୀ ବୋଲି କହିବା ସହ ରାଜନୈତିକ ତଥା ସାମାଜିକ ଜୀବନରେ ସେ ସାଧାରଣ ଲୋକଙ୍କ ସହ ରହିଥିବା ଓ ସାଧାରଣ ଲୋକଙ୍କ ସ୍ୱର ବନିଥିବା କହିଛନ୍ତି କମ୍ରେଡ୍ ଶ୍ରୀନିବାସ ଜୁଝାରସିଂହ। ଏହି ପ୍ରଚାରେ ଚାଷୀ ନେତା ରବୀନ୍ଦ୍ର ମାଝି, କେଶବ ଦଳାଇ, ନିରଞ୍ଜନ ସାମଲ, ଅଭୟ ସାମଲ, ଇନ୍ଦ୍ରମଣୀ ସାହୁ, ପ୍ରତିମା ମଲିକ, ଶରତଚନ୍ଦ୍ର ବଳିୟାରସିଂହ, ସୁଜାତା ଦାସ, କଲ୍ୟାଣୀ ଦାସ, ହରେକୃଷ୍ଣ ମାଝୀ ପ୍ରମୁଖ ବହୁ କ୍ୟା।ଡର ଓ ନେତା ସାମିଲ ହୋଇଥିଲେ।

## ବ୍ଲକ୍ କଂଗ୍ରେସ ଯୁବ ସଭାପତି ବିଜେଡିରେ ସାମିଲ୍



**ଏରସମା, ୨୦।୫(ସମିସ):** ଏରସମା ବ୍ଲକ କଂଗ୍ରେସ ଯୁବ ସଭାପତି ସାରଦା ପ୍ରସନ୍ନ ମହାନ୍ତି (ଯୁବୁଲା) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବାଲିକୁଦା-ଏରସମାର ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନାଙ୍କ ନେତୃତ୍ୱରେ ଏରସମା ବିଜେଡି କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ଶ୍ରୀ ଜେନାଙ୍କୁ କାର୍ଯ୍ୟାଳୟରେ ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରଦା ପ୍ରସନ୍ନ ସ୍ୱାଇଁ, ସୋନକ ସାସମଲ, ସୁବାସ ଚନ୍ଦ୍ର ସାହୁ, ପ୍ରତାପ ଜେନା, ମାନସ ରାଉତ, ସୁଧାଂଶୁ ଶେଖର ଜେନା, ଅଗସ୍ତି ପରିଡ଼ା, ହିମାଂଶୁ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ପାରାଦୀପ, ୨୦।୫ (ସମିସ):** ବାଲିଝରାସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଷୋଡଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ ହେମନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ତଥା ଉପାଧ୍ୟକ୍ଷ ପ୍ରଶାନ୍ତ ପାତ୍ର ସଭା ପରିଚାଳନା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ପାରାଦୀପ ପରିବହନର ଅଧ୍ୟକ୍ଷ ଖଲିଦ ଖାନ, ମୁଖ୍ୟବକ୍ତା ପ୍ରଫେସର ଡଃ ଜେକେ ପାଣିଗ୍ରାହୀ, ସମ୍ମାନିତ ଅତିଥି ପିପିଏଲର ସିଏସଆର ମୁଖ୍ୟ ପରିଚାଳକ ସୌମ୍ୟଶ୍ରୀ ଏମ୍ ପ୍ରକାଶ ସାହୁ, ଟ୍ରାକେଲ ଲିଃର ପରିଚାଳନା ନିର୍ଦ୍ଦେଶକ ବରଦା ପ୍ରସାଦ ମହାପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ପ୍ରଭାତ କୁମାର ନନ୍ଦୀ, ୫ ନମ୍ବର ୱାର୍ଡ କାଉନସିଲର ଜ୍ୟୋସ୍ନାରାଣୀ ଜେନା ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୋପାଳପୁରରେ ଯାଦବେନ୍ଦ୍ରଜୀଉଙ୍କ ଚନ୍ଦନ ଯାତ୍ରା

**ରଘୁନାଥପୁର, ୨୦।୫(ସମିସ):** ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତର ଗୋପାଳପୁରରେ ଥିବା ଯାଦବେନ୍ଦ୍ରଜୀଉଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଯାତ୍ରାକୁ ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଚନ୍ଦନ ଯାତ୍ରା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାରମାସରେ ତେରଯାତ୍ରା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଅଟେ ବୋଲି କହିଥିଲେ। ଏଥିରେ ଚନ୍ଦନଯାତ୍ରା କମିଟି ସଭାପତି ରତନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ କମିଟିର କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ସାହୁ, ଉପସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାୟ, ସହସମ୍ପାଦକ ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ପଦ୍ମଲାଭ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁରେନ୍ଦ୍ର ସାହୁ, କାର୍ତ୍ତିକ ଦାସ, ଭାସ୍କର ପଟ୍ଟନାୟକ, ଅଶୋକ ମୁଦୁଲି, କେଦାରନାଥ ସାହୁ, ରାଜେଶ ସାହୁ, ଫକିର ମହାରଣା, ମୁନାମାନସ ପ୍ରମୁଖ ଯୋଗଦେଇ ଏହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସନ୍ଧ୍ୟାରେ ମେଲୋଡି ପାର୍ଟି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଚନ୍ଦନ ପୋଖରୀରେ ଯାଦବେନ୍ଦ୍ରଜୀଉଙ୍କୁ ବସାଯାଇ ଚାପ ଖେଳାଯାଇଥିଲା। ଏହି ଚନ୍ଦନଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଯାତ୍ରା ୨୩ ତାରିଖରେ ଉଦ୍‌ଯାପିତ ହେବ।

## ଗଞ୍ଜେଇ ସହ ଟଙ୍କା ଜବତ; ଜଣେ ଗିରଫ

**ପାରାଦୀପ, ୨୦।୫ (ସମିସ):** ପାରାଦୀପ ଆଦର୍ଶ ଥାନା ପୁଲିସ ଗଞ୍ଜେଇ ଆଡ୍ଡା ଉପରେ ଚଢଉ କରି ୧ କେଜି ୮୦୦ ଗ୍ରାମ ଗଞ୍ଜେଇ ସହ ୫ ଲକ୍ଷ ୫୮ ହଜାର ୪୦୦ ଟଙ୍କା ଜବତ କରିବା ସହ ବାପିନା ମାଳି ନାମକ ଜଣେ ଯୁବକକୁ ଗିରଫ କରିଛି। ମାଲିକ ବାପିନା ପାତ୍ର ଫେରାର ଅଛି। ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସଙ୍କ ସୂଚନା ଅନୁଯାୟୀ ପାରାଦୀପ ବୃନ୍ଦାବନ କଲୋନୀ ଶିବ ମନ୍ଦିର ନିକଟରେ ଏକ କ୍ୟାବିନରେ ଦୀର୍ଘଦିନ ଧରି ଲୁଚି ଛପି ଗଞ୍ଜେଇ ବେପାର ଚାଲିଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଭୋର ସମୟରେ ଏକ ପୁଲିସ ଟିମ୍ ସେହି କ୍ୟାବିନ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ମୁଖ୍ୟ ବାପିନା ପାତ୍ର ଫେରାର ହୋଇଯାଇଥିବାବେଳେ ସହଯୋଗୀ ବାପିନା ମାଳିକୁ ପୁଲିସ କାବୁ କରିଥିଲା। ବାପିନାକୁ କୋର୍ଟ ଚାଲାଣ କରାଯାଇଛି।

## ବ୍ଲକ୍ ପଡ଼ିଆରେ ବିଜେଡିର କର୍ମୀ ସମାବେଶ




କୁଜଙ୍ଗ, ୨୦।୫ (ସମିସ)

ଆଜି ବିଜେଡି ପକ୍ଷରୁ କୁଜଙ୍ଗ ବ୍ଲକ ପଡ଼ିଆରେ ଏକ ଦଳିୟସମାବେଶ ହେବା ଶକ୍ତିପ୍ରଦର୍ଶନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମିଶ୍ରଣ ପର୍ବ, ଏହି ସମାବେଶ ଓ ଶକ୍ତି ପ୍ରଦର୍ଶନରେ ସଦ୍ୟ ବିଜେଡିରେ ଯୋଗଦେଇଥିବା ଜିଲ୍ଲାର ହେଭି ୱେଟ୍ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜିବ୍ ବିଶ୍ୱାଳ ଯୋଗଦେଇ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକଳ୍ପ ନଥିବା କହି ଦୀର୍ଘଦିନ କଂଗ୍ରେସରେ ରହି ସେ ଅନୁଭବ କଲେ ନିଜ ପାଇଁ, ରାଜ୍ୟ ବାସୀଙ୍କ ସ୍ୱାର୍ଥ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସାହସ, ଧୈର୍ଯ୍ୟ ଓ ତ୍ୟାଗ ନେଇ କାମ କରୁଛନ୍ତି ତାଙ୍କ ସହ ସାମିଲ ହୋଇ ଏହି ବିକାଶକୁ ଅଧିକ ଗତି ଦେବା ବୋଲି କହିବା ସହ ରାଜ୍ୟର ରୂପାନ୍ତରଣରେ ନବୀନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଜେଡି ପ୍ରଚାର କମିଟି ଅଧ୍ୟକ୍ଷ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ କୁଜଙ୍ଗରେ ବିଜେଡିର ଏହି ମହାସମାବେଶରେ ଜିଲ୍ଲା ଉପସଭାପତି ପୀତାମ୍ବର ତରାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ପାରାଦ୍ୱୀପ ବିଧାୟକ ଇଂ ସମ୍ବିତ ରାଉତରାୟ ଅତିଥି ପରିଚୟ ଦେବା ସହ ମା' ମାନଙ୍କ ପଣତ କାନିର ଆର୍ଶୀବାଦ ଯଦି କାହା ଉପରେ ରହିଛି ସେ ହେଉଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲିକ, ଶ୍ରମିକ ନେତା ଅରିନ୍ଦମ ସର୍ଖେଲ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲ, ବିଜେଡି ରାଜ୍ୟ ଉପସଭପତି ଡାକ୍ତର କୁଳମଣି ସାମଲ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସବିତା ମହାପାତ୍ର, ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇଂ ପ୍ରମୋଦ କିଶୋର ଜେନା, ଜଗତସିଂହପୁର ବିଜେଡି ସହ ପର୍ଯ୍ୟପେକ୍ଷକ ଗିରିଶ ଚନ୍ଦ୍ର ଦାସ, ପାରାଦ୍ୱୀପ ପର୍ଯ୍ୟବେକ୍ଷକ ଡ, ସନ୍ତୋଷ କୁମାର ବେଜ, ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ ପ୍ରମୁଖ ପ୍ରମୁଖ ଯୋଗଦେଇ ବିଜୁବାବୁ ଆଦର୍ଶରେ ଗଠିତ ଏହି ଦଳ ଦୀର୍ଘ ୨୫ ବର୍ଷ ଧରି ରାଜ୍ୟର ପ୍ରଗତିରେ ଯେଉଁ ଧାରା ଅବ୍ୟାହତ ରଖିଛି ତାହା ଆହୁରି ବ୍ୟାପକ ହେବାକୁ ଆହ୍ୱାନ ଜଣାଇବା ସହ ବିଜେଡି ସରକାରର ବିଭିନ୍ନ ଯୋଜନା ମିଶନ ଶକ୍ତି, ବିଏସ୍‌କେୱାଇ ସହ ଶତାଧିକ ଯୋଜନା ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ସହ ସହଭାଗୀ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ଓ ସାଂସଦ ପ୍ରାର୍ଥନୀ ରାଜଶ୍ରୀଙ୍କ ପାଇଁ ପାଇଁ ଦୁଇଟି ଶଙ୍ଖରେ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ମିଶ୍ରଣ ପର୍ବରେ ବିଜେପି ସମର୍ଥକ ରମେଶ ପରିଡ଼ା ଓ ପବନୀ ସ୍ୱାଇଁ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ବ୍ଲକ ସଭାପତି ନରେନ୍ଦ୍ର କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁ, ଯୁବ ବିଜେଡି ନେତା ଅରୂପ ପ୍ରସାଦ ମହାନ୍ତି, ମାନଭଞ୍ଜନ ମଲ୍ଲ, ନାରୀନେତ୍ରୀ ବଅନ୍ତୀ ମାଝି, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିବାବେଳେ କୁଜଙ୍ଗ ସରପଞ୍ଚଅଧନ୍ୟବାଦ ଅର୍ପଣ କରିଥିଲେ।


**Format C-1**

(for candidate to publish in Newspapers, TV)

Declaration about Criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India and Anr.)

Name and Address of Candidate: SHRI SARADA PRASANNA JENA, At/PO/PS - Erasama Dist - Jagatsinghpur, PIN- 754139, Odisha

Name of Political Party: BIJU JANATA DAL

Name of Election: GENERAL ELECTIONS TO STATE LEGISLATIVE ASSEMBLY OF ODISHA-2024

Name of Constituency: 103-BALIKUDA-ERASAMA Assembly Constituency

I SHRI SARADA PRASANNA JENA (name of candidate), a candidate for the above- mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | Civil Judge-cum-JMFC, Erasama | CT No. - 386/2016 | For Appearance | U/s.Sec-143-Punishment for un-lawful assembly. Sec-149-Every member of un-lawful assembly guilty of offence committed in prosecution of common object.Sec-188-Disobedience of order duly promulgated by a Public Servant.Sec-283-Danger of obstruction in public way or line of navigation.Sec-294-Obsence act and songs. Sec-341- Punishment for wrongful restraint. Sec-342- Punishment for wrongful confinement. Sec-379-Punishment for theft.Sec-120(B)-Punishment for criminal conspiracy.Sec-506-Punishment for criminal intimidation. |
| 2. | Chief Metropolitan Magistrate Kolkata | Case No-C/144498/09 | For Trial | U/s 138 NI Act / Dishonour of Cheque |

(B) Detail about cases of conviction for criminal offence(s)

| Sl. No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | NA | NA | NA |

*In the case of election to Council of States or election to Legislative Council by MLAs, mention I, SARADA PRASANNA JENA, Son of LATE SHANKAR JENA, aged about 53 years, resident of At/Po/Ps-Erasama, Dist- Jagatsinghpur, Pin-754139 (mention full postal address), a candidate at the above election, do hereby solemnly affirm and state on oath as under:

(1) I am a candidate set up by BIJU JANATA DAL (name of the political party). on the election concerned in the place of name of constituency.

SD/- SHRI SARADA PRASANNA JENA

## ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ଶୋଭାଯାତ୍ରାରେ ସବ୍ୟସାଚୀ ଓ ଅର୍ଚ୍ଚିତା






**ବଅଁରପାଳ,୨୦ା୫(ସମିସ):** ବଅଁରପାଳ ବ୍ଲକ ଅଞ୍ଚଳରେ ଆଜି ବିଜୁ ଜନତା ଦଳ ପକ୍ଷରୁ ବାଇକ୍ ଶୋଭା ଯାତ୍ରାରେ ମାରାଥନ ପ୍ରଚାର କରାଯାଇଛି। ଏହି ପ୍ରଚାର ଶୋଭାଯାତ୍ରାରେ ଦୁଇ ଷ୍ଟାର ସିନେତାରକା ସବ୍ୟସାଚୀ ଓ ଅର୍ଚ୍ଚିତା ସାମିଲ ହୋଇ ଉଭୟ ସାଂସଦ ଓ ବିଧାୟକ ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ଭୋଟର ଙ୍କୁ ନିବେଦନ କରିଥିଲେ। ଏହି ବାଇକ ରାଲିରେ ଢେଙ୍କାନାଳ ନିର୍ବାଚନ ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀ ଡାଃ ଅବିନାଶ ସାମଲ, ଅନୁଗୁଳ ବିଧାୟିକା ପ୍ରାର୍ଥୀନୀ ସଂଯୁକ୍ତା ସିଂହ, ଏବଂ ଷ୍ଟାର ସିନେ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତା ଯୋଗଦେଇ ଭୋଟ ଭିକ୍ଷା କରିଥିଲେ ଆଜି ଏହି ନିର୍ବାଚନ ରାଲି ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକର କମଳାଙ୍ଗ ଗ୍ରାମର ଗ୍ରାମ ଦେବୀ ଓ କମଳେଶ୍ୱର ମନ୍ଦିରରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରି ପ୍ରଚାର ଶୋଭାଯାତ୍ରା ଆରମ୍ଭ କରିଥିଲେ।କମଳାଙ୍ଗ ଗ୍ରାମରୁ ବାହାରି ଖଜୁରିଆକଟା ଗ୍ରାମ ଦେଇ ସାତମାଇଲ , ମହୀଧରପୁର୍, ତଳମୂଳ, ବଉଳିଗଡ଼, ଗଡସନ୍ତ୍ରୀ, ନୂଆହତା, ବୁଢ଼ାପଙ୍କ ,ଗୋତମରା ଦେଇ ବନ୍ତଳା ଅଞ୍ଚଳକୁ ଯାଇଥିଲେ।ବାଟରେ ତଳମୂଳ ଦୁର୍ଗା ମାଧବ ମନ୍ଦିରରେ ଏବଂ ଗଡ଼ସନ୍ତ୍ରୀ ଗ୍ରାମରେ ଲୋଭୀଠାକୁରାଣୀ ମନ୍ଦିର ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ।ଏହି ଶୋଭାଯାତ୍ରାରେ ୫ ହଜାରରୁ ଉର୍ଦ୍ଧ୍ୱ ବାଇକ ସାମିଲ ହୋଇଥିବା ବେଳେ ଷ୍ଟାର ପ୍ରଚାରକ ସାମିଲ ହୋଇଥିବାରୁ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ସୁଧୀର ସାମଲଙ୍କ ମାରାଥନ୍ ପ୍ରଚାର

■ ଗାଁକୁ ଗାଁ ବୁଲିଲା ବିଶାଳ ବାଇକ୍ ଶୋଭାଯାତ୍ରା



**ଢେଙ୍କାନାଳ, ୨୦ା୫(ସମିସ):** ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସୁଧୀର କୁମାର ସାମଲ ବିଭିନ୍ନ ଗ୍ରାମରେ ମାରାଥନ ପ୍ରଚାର ଚଳାଇଛନ୍ତି। ଗାଁକୁ ଗାଁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନାକରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାଗଣା ବିଜୁଳି ଯୋଜନା ଏବଂ ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ ସମ୍ପର୍କରେ ଅବଗତ କରିବା ସହିତ ଭୋଟ ଭିକ୍ଷା କରିଛନ୍ତି। ସଦର ବ୍ଲକ ଅନ୍ତର୍ଗତ ସିଆରିଆ ଗ୍ରାମଠାରୁ ଏକ ବିଶାଳ ମୋଟରସାଇକଲ ଶୋଭଯାତ୍ରାରେ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଗାଁକୁ ଗାଁ ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ସଦରବ୍ଲକର ନଡିଆଳୀ, ବଳଦିଆବନ୍ଧ, ସିଆରିଆ, ତାଳବରକୋଟ, ମାଣିପୁର, ଗୋବିନ୍ଦପୁର,ସପ୍ତଶଯ୍ୟା ପଞ୍ଚାୟତର ବିଭିନ୍ନ ଗ୍ରାମ ସହିତ କାଇମାଟି ବୁଲି ପ୍ରଚାର କରିଥିଲେ। ସେହିପରି ପ୍ରଚାର ସମୟରେ ତାଙ୍କୁ ଜନସାଧାରଣ ସ୍ୱାଗତ କରିଥିଲେ।ତାଙ୍କ ସହିତ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ,ସଦର ବ୍ଲକ ଅଧ୍ୟକ୍ଷା ରୀନା ନାଏକ,ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ରେବତୀ ବେହେରା,ନରୋତ୍ତମ ସାହୁଙ୍କ ସହିତ ବହୁ କର୍ମୀ ଉପସ୍ଥିତ ରହିଥିଲେ।ତାଙ୍କ ସହିତ ସଦରବ୍ଲକ ପର୍ଯ୍ୟବେକ୍ଷକ ଅମରଜିତ ସେନାପତି ମଧ୍ୟ ଉପସ୍ଥିତ ରହିଥିଲେ। ନବୀନ ପଟ୍ଟନାୟକଙ୍କର ମାଗଣା ବିଜୁଳି,ବିଜୁ ସ୍ୱାସ୍ଥ୍ୟ କାର୍ଡଏବଂ ବଜୁ ପକ୍କା ଘର ସମ୍ପର୍କରେ ନିଜେ ସୁଧୀର କୁମାର ସାମଲ ଲୋକମାନଙ୍କୁ ବୁଝାଇଥିଲେ। ପ୍ରକାଶଥାଉକି ସଦର ବ୍ଲକ୍‌ର ୩୦ଟି ପଞ୍ଚାୟତ ଓ ୪ଟି ଜିଲ୍ଲା ପରିଷଦ ଜୋନ୍‌ରେ୨୧ଟି ପଞ୍ଚାୟତ ରହିଥିବାବେଳେ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୯ଟି ପଞ୍ଚାୟତ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ରହିଛି। ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୪୯ହଜାର ୫୬୮ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୨୯ ହଜାର ୫୭୪ଜଣ ପୁରୁଷ ଏବଂ ୧ଲକ୍ଷ ୧୯ ହଜାର ୯୯୪ଜଣମହିଳା ଭୋଟର ରହିଛନ୍ତି। ଗତ ନିର୍ବାଚନରେ ବିଜେଡିର ସୁଧୀର କୁମାର ସାମଲ ୮୯ହଜାର ୯୫୬ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ନିର୍ବାଚନରେ ସୁଧୀର ସାମଲଙ୍କ ସପକ୍ଷରେ ଭୋଟରମାନଙ୍କର ସମର୍ଥନ ରହିଥିବା ବେଳେ ବିଜେଡି ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ,ମିଶନ ଶକ୍ତି,ମମତା ଯୋଜନା,ଲକ୍ଷ୍ମୀବସ,୫ଟି ସ୍କୁଲ,କାଳିଆ ଯୋଜନା,ମଧୁବାବୁ ପେନସନ ଯୋଜନା,ଜବ କାର୍ଡକୁ ନେଇ ପ୍ରଚାର କରୁଛନ୍ତି। ବିଭିନ୍ନ ସ୍ଥାନରେ ସଭାସମିତି କରି ଭୋଟର ମାନଙ୍କୁ ନବୀନ ପଟ୍ଟନାୟକଙ୍କର ଦୁଇ ଗ୍ୟାରେଣ୍ଟି ଆସନ୍ତା ଜୁନ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶପଥ ନେବା ପରେ ତାଙ୍କର ପ୍ରଥମ ଦସ୍ତଖତ ୧ଶହ ୟୁନିଟ ମାଗଣା ବିଜୁଳି ପାଇଁ ପ୍ରଥମ ସ୍ୱାକ୍ଷର ଏବଂ ସମସ୍ତଙ୍କ ପାଇଁ ବିଏସକେୱାଇ ଯୋଜନା ଲାଗୁହେବ ବୋଲି କହିଛନ୍ତି। ବିଜେଡି ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି ଏବଂ ବିଏସକେୱାଇ ଯୋଜନାର ଘୋଷଣା ପରେ ଭୋଟର ବେଶ ଉତ୍ସାହିତ ରହିଛନ୍ତି। ସୁଧୀର ସାମଲ କର୍ମୀମାନଙ୍କ ଗହଣରେ ବିଭିନ୍ନ ଗ୍ରାମରେ ନିର୍ବାଚନ ସଭା କରିବା ସହିତ ବିଜେଡିକୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଛନ୍ତି।

## ମା' ମାଟି ତାଳଚେର ସ୍ୱାଭିମାନ ପାଇଁ ବିଜେଡିର ଲଢ଼େଇ

# କଣିହାଁ ଅଞ୍ଚଳରେ ବ୍ରଜ କିଶୋରଙ୍କୁ ବିପୁଳ ସମର୍ଥନ





**କଣିହାଁ,୨୦ା୫(ସମିସ):** ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ଅନୁଗୁଳ ଜିଲ୍ଲା ତାଳଚେର ନିର୍ବାଚନ ମଣ୍ଡଳୀ କଣିହା ବ୍ଲକ ୯ ନମ୍ବର ଜୋନରେ ସୋମବାର ବିଜେଡି ପକ୍ଷରୁ ୨ୟ ପର୍ଯ୍ୟାୟରେ ବିଜିଗୋଳ, ଗଦାଶୀଳା, କଣିହା, କମରେଇ ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ଜୋରଦାର ପ୍ରଚାର ରୋଡ଼ ସୋ'ରେ ବିଜେଡି ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା ସମର୍ଥନ ମିଳୁଥିବାର ପରିଲକ୍ଷିତ ହୋଇଛି। ଫଳରେ ଏଠାରେ ନିର୍ବାଚନ ଉଷ୍ମତା ବୃଦ୍ଧି ପାଇଛି । ବିଜେଡି ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନଙ୍କ ଏହି ରୋଡ ସୋରେ ବିଭିନ୍ନ ଗ୍ରାମରେ ମହିଳା ,ପୁରୁ. ଯୁବ ବର୍ଗ ଠାରୁ କୁନିକୁନି ପିଲାମାନେ ଉତ୍ସାହ ସହ ସାମିଲ ହୋଇ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କୁ ରାଜନୈତିକ ଉତ୍ସାହ ଯୋଗାଇ ଦେଇଛନ୍ତି । ତାଳଚେର ଅଞ୍ଚଳ ଖଣି ଶିଳ୍ପ ସମୃଦ୍ଧ ହୋଇଥିବାରୁ ନୂତନ ଓଡିଶା ଗଠନରେ ତାଳଚେର ନିର୍ବାଚନ ମଣ୍ଡଳୀ ମୁଖ୍ୟ ଭୂମିକା ନିର୍ବାହ କରୁଛି ।ନୂତନ ତାଳଚେର ଏକ ବିକଶିତ ତାଳଚେର ଗଠନ ଦିଗରେ ସଭିଙ୍କର ସହଯୋଗ ଲୋଡିବା ସହ ମା', ମାଟି ଓ ସ୍ୱାଭିମାନର ଏ ଲଢେଇରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କୁ ଶଙ୍ଖ ଚିହ୍ନ ରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ବିଭିନ୍ନ ଗ୍ରାମର ଜନସାଧାରଣ ଙ୍କୁ ନିବେଦନ କରିଥିଲେ । ଚଳିତ ମାସ ୨୫ ତାରିଖରେ ଲୋକସଭା କ୍ଷେତ୍ରର ସାଂସଦ ପ୍ରାର୍ଥୀ ଡ଼ା ଅବିନାଶ ସାମଲ ଓ ତାଳଚେର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଳଚେରବାସୀଙ୍କ ସେବା କରିବାର ସୁଯୋଗ ଦେବା ପାଇଁ ସେ ଆଶୀର୍ବାଦ କାମନା କରିଛନ୍ତି ଓ ଆଗାମୀ ୫ ବର୍ଷ ପାଇଁ ଯୁବ ବର୍ଗ ମଧ୍ୟବିତ୍ତ ପରିବାରର ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ ୟୁନିଟ୍ ବିଦ୍ୟୁତ ବିଲ ଜୁଲାଇ ମାସ ରୁ ଛାଡ କରିବା ଘୋଷଣା ପତ୍ର ଜରିଆରେ ଭୋଟରଙ୍କୁ ଦଳୀୟ କର୍ମୀମାନେ ପ୍ରଚାର ପ୍ରସାର ମଧ୍ୟରେ ସଚେତନତା କରୁଛନ୍ତି । ଏହି କାର୍ଯ୍ୟକ୍ରମ କଣିହା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ପ୍ରଧାନ ନେତୃତ୍ୱରେ କଣିହା ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧା. ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ , ସରପଞ୍ଚ ରୁକ୍ମଣୀ ପ୍ରଧା. ସୁଜାତା ପ୍ରଧାନ, ବୃନ୍ଦାବନ ପ୍ରଧା. ଶାନ୍ତନୁ କୁମାର ପ୍ରଧାନ, ସମିତି ସଭ୍ୟ ମିନାକ୍ଷୀ ସାହୁ, ପ୍ରଦ୍ୟୁମ୍ନ ମହାପାତ୍ର ,ଦିବ୍ୟଜ୍ୟୋତି ପ୍ରଧା. କିଶୋରୀ ବେହେରା, ବିଜେଡି ନେତା ନିର୍ମଳ ସାହୁ,ବିଜେଡି କାର୍ଯ୍ୟକାରୀ ଯୁବ ସଭାପତି ଜିତେନ୍ଦ୍ରିୟ ସାହ. ଇଶ୍ୱର ସାହ, ବିଶ୍ୱମ୍ଭର ସାହୁ, ସୁଧାକର ପ୍ରଧାନ. କୀର୍ତ୍ତନ ସାହୁ, ବିଶ୍ୱ ରଞ୍ଜନ ମହାନ୍ତି, ଅନିଲ ଭୁତିଅ. ମାନସ ନାଥ ପ୍ରମୁଖ ସହସ୍ରାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇ ପ୍ରଚାରରେ ସାମିଲ ହୋଇଥିଲେ ।

## ପ୍ରଚାରକୁ ଜୋରଦାର କଲା କଂଗ୍ରେସ୍

**ତାଳଚେରସଦର,୨୦ା୫(ସମିସ):** ଆଜି ତାଳଚେର କଂଗ୍ରେସ୍ ତରଫରୁ ଢେଙ୍କାନାଳ ଲୋକସଭା ପ୍ରାର୍ଥିନୀ ଇଂ ସସ୍ମିତା ବେହେରା ବିଧାନସଭା ପ୍ରାର୍ଥୀର୍ ପ୍ରଫୁଲ୍ଲ ଦାସ ସେମାନଙ୍କ ସମର୍ଥକଙ୍କ ସହ ତାଳଚେର ଟାଉନ୍ ଜଗନ୍ନାଥ ମନ୍ଦିରରେ ଠାକୁରଦର୍ଶନ କରି ଏକ ବିରାଟ ପଟୁଆରରେ ସହର ପରିକ୍ରମା କରି ପ୍ରଚାର କରିଛନ୍ତି। କଂଗ୍ରେସ୍ ଦେଇଥିବା ୯ଗ୍ୟାରେଣ୍ଟି ଓ ପୂର୍ବରୁ କରିଥିବା ଲୋକାଭିମୁଖୀ ଯୋଜନାକୁ ନେଇ ସେମାନେ ବଖାଣିଥିଲେ। କଂଗ୍ରେସ୍ ସରକାର ଅମଳରେ ସମଲ ବ୍ୟାରେଜ୍, ରେଙ୍ଗାଲୀ ବହୁମୁଖୀ ଯୋଜନା, ଏଫିସିଆଇ, ଏନଟିପିସି, ଟିଟିପିଏସ୍ ଇତ୍ୟାଦି ଗଢି ଉଠିଥିବା ବେଳେ ଆଜି ସେଥି ମଧ୍ୟରୁ କେତେକ ରୁଗଣା ହୋଇ ପଡ଼ିରହିଥିବା ବେଳେ ଆଉ କେତେକ ଘରୋଇ କରଣ ହୋଇଥିବା ଘଟଣାକୁ ନେଇ ଶାସକ ଦଳକୁ ସମାଲୋଚନା କରିଥିଲେ। ତେବେ ଢେଙ୍କାନାଳ ଲୋକସଭା ପ୍ରାର୍ଥିନୀ ଇଂ ସସ୍ମିତା ବେହେରା ଏଥର ନୂତନଭାବେ ସଂସଦୀୟ କ୍ଷେତ୍ର ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇ ଥିବା ବେଳେ ସେହିଭଳି ତାଳଚେର ବିଧାନସଭା ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ମଧ୍ୟ ନୂତନଭାବେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ଏଥର ତାଳଚେର ବିଧାନସଭା ଓ ଢେଙ୍କାନାଳ ସାଂସଦ କ୍ଷେତ୍ର ପାଇଁ ଉଭୟ ନେତା ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରହିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମୋହନ ବେହେରାଙ୍କ ଝିଅ ସସ୍ମିତା ବେହେରା ବାପାଙ୍କ ନିର୍ବାଚନ ପ୍ରଚାର ପଥକୁ ଅନୁସରଣ କରି ଓ ତାଙ୍କର ରାଜନୈତିକ ଭିତ୍ତିଭୂମି ତିଆରି କରି ପ୍ରଥମେ ତାଳଚେର ବ୍ଲକ ଅଧ୍ୟକ୍ଷା ଏବଂ ଏହାପରେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷାକୁ ଅନୁଭୂତିକୁ ନେଇ ସେ ତାଳଚେର, ପାଲଲହଡ଼ା, ହିନ୍ଦୋଳ, ଛେଣ୍ଡିପଦା, ଅନୁଗୋଳ ଢେଙ୍କାନାଳରେ ଦବଦବା ରହିଥିବାରୁ ଏହି ସବୁ ଅଞ୍ଚଳଗୁଡ଼ିକରେ ଭିନ୍ନଭିନ୍ନ ସମୟରେ ଗସ୍ତ କରି ଲୋକଙ୍କ ଦୁଃଖସୁଖରେ ସାମିଲ ହୋଇଥିବାରୁ ସେ ଭଲ ଭୋଟ ହାତେଇବେ ବୋଲି କୁହାଯାଉଛି।



## ଭାରତ ବିକାଶ ପରିଷଦ ଦ୍ୱାରା 'ଏନିମିଆ ମୁକ୍ତ ଭାରତ' ଅଭିଯାନ



**ଅନୁଗୋଳ, ୨୦ା୫(ସମିସ):** ଆଧୁନିକ ଜୀବନଶୈଳୀ ଓ କୁପୋଷଣ ଯୋଗୁଁ ସମାଜରେ ବିଶେଷ ଭାବେ ମହିଳାମାନଙ୍କ ଭିତରେ ରକ୍ତହୀନତା ବୃଦ୍ଧି ପାଇବା ପରିଲକ୍ଷିତ ହେଉଅଛି। ଏହାକୁ ଦୃଷ୍ଟିରେ ରଖି ସର୍ବ ଭାରତୀୟ ସଂଗଠନ ଭାରତ ବିକାଶ ପରିଷଦ, ଅନୁଗୋଳ ଶାଖା ଆନୁକୂଲ୍ୟରେ 'ଏନିମିଆ ମୁକ୍ତ ଭାରତ' ଅଭିଯାନ ଅନ୍ତର୍ଗତ ଏକ ରକ୍ତହୀନତା ପରୀକ୍ଷଣ ଶିବିର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ଗାନ୍ଧୀମାର୍ଗ ପରିସରରେ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ ଶିବିରରେ ପ୍ରାୟ ଷାଠିଏ ଜଣ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କର ହେମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଶିବାନନ୍ଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ବନ୍ତଳା ଓ ଅନୁଗୋଳ ଡାକ୍ତରଖାନାର ସ୍ୱାସ୍ଥ୍ୟକର୍ମୀମାନେ ଏହି ରକ୍ତ ପରୀକ୍ଷଣ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅନ୍ତର୍ଯ୍ୟାମୀ ମିଶ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିଥିଲେ। ଶାଖାର ସମ୍ପାଦକ ବିଜୟ କୁମାର ମୋଦୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାପତି ପ୍ରଫେସର ଶାନ୍ତନୁ କୁମାର ସର ଏହି ଅଭିଯାନକୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ କରିବା ଯୋଜନା ସମ୍ପର୍କରେ ସୂଚେଇଥିଲେ। ମୁଖ୍ୟ ଅତିଥି ଡାଃ ମିଶ୍ର ରକ୍ତହୀନତାର ବିଭିନ୍ନ କାରଣ, ଲକ୍ଷଣ , ଶରୀର ଉପରେ ପ୍ରଭାବ ଓ ଏହାର ନିରାକରଣ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ବିପ୍ର ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।ଶାଖାର ଉପ ସଭାପତି ଭରତ ଚନ୍ଦ୍ର ଗଡନାୟକ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ,ଡଃ ସିଦ୍ଧନାଥ ସାହୁ, ବଜରଙ୍ଗ ଲାଲ ଅଗ୍ରୱାଲ, ବିଜୟ କୁମାର ରାଉତ, ମନ୍ମଥ କୁମାର ଦାଶ, ପ୍ରମୋଦ କୁମାର ନାୟକ, ଅନିରୁଦ୍ଧ ଦାସ, ଶକ୍ତି ସ୍ୱରୂପା, ସ୍ମିତା ପଟ୍ଟନାୟକ, ସରୋଜିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିର ସଂଚାଳନ ରେ ସହଯୋଗ କରିଥିଲେ।

## ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନ,୨୦ା୫(ସମିସ):** ଭୁବନ ଥାନା ଅନ୍ତର୍ଗତ ମାର୍ଥାପୁର ଅଞ୍ଚଳରେ ଏକ କାଜୁ ବାଗିଚା ମଧ୍ୟରେ ଜନୈକ ବୃଦ୍ଧଙ୍କର ସନ୍ଦେହଜନକଭାବେ ମୃତ୍ୟୁ ଘଟିଥିବାର ଜଣାପଡିଛି। ଆଦିପୁରା ଗ୍ରାମର ଯମୁନା ସିଂଙ୍କ ପୁଅ ରବି ସିଂ (୫୫) କାଜୁବାଗିଚା ନିକଟରେ ଥିବା ଜନୈକ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ । ସେଠାରେ ଖାଇସାରି କାଜୁ ଗଛ ମୂଳେ ଶୋଇବାକୁ ଯାଇଥିଲେ । ଦିନ ୩ଟା ସମୟରେ ଝିଅ ରବିଙ୍କୁ ଉଠେଇବାକୁ ଆସିଥିବା ବେଳେ ତାଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ମୃତ ରବିଙ୍କ କାନରୁ ରକ୍ତ ବାହାରୁଥିବା ବେଳେ ଏହି ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଖବରପାଇ ଘଟଣା ସ୍ଥଳରେ ଭୁବନ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଅଧିକ ତଦନ୍ତ ଜାରି ରଖିଛି । ପ୍ରାଥମିକ ତଦନ୍ତରୁ ରବିଙ୍କର ମୃତ୍ୟୁ ଅଂଶୁଘାତ ଯୋଗୁ ହୋଇଥାଇପାରେ ବୋଲି କହିଥିବା ବେଳେ ବ୍ୟବଚ୍ଛେଦ ପାରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଅନୁମାନ କରାଯାଉଛି।

■ ହିନ୍ଦୋଳ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ

## ୧୭ ଏଲଆଇଙ୍କ ବଦଳରେ ଅଛନ୍ତି ୬

**ଢେଙ୍କାନାଳ,୨୦ା୫(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟରେ ୧୭ଜଣ ଏଲଆଇଙ୍କ ବଦଳରେ ମାତ୍ର ୬ଜଣ କର୍ମଚାରୀ ରହିଥିବା ଯୋଗୁ ଚିକିତ୍ସା କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଇଛି। ବିଭାଗୀୟ ଅଧିକାରୀଙ୍କ ବେପରୁଆ ନୀତି ଯୋଗୁଁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲାଇଭ ଷ୍ଟକ ବୀମା ଯୋଜନାରେ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ କରା ଯାଉଥିବା ବୀମା ଓ ସଠିକ ପରିଚାଳନା ହେଉନଥିବାରୁ ଗୋରୁ ଚାଷୀ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ହିନ୍ଦୋଳ ବ୍ଲକ ବାଉଁଶ ପୋଖରୀ ପଞ୍ଚାୟତ ନୂଆକୋଟ ଡିହସାହି ଗ୍ରାମର ଗୋରୁ ଚାଷୀ କ୍ଷେତ୍ରବାସୀ ବେହେରା ପ୍ରାୟ ତିନି ବର୍ଷ ପୂର୍ବେ ୩୦ ହଜାର ଟଙ୍କା ମୂଲ୍ୟର ଏକ ଗିର୍ ପ୍ରଜାତିର ଗାଇ କ୍ରୟ କରି ପାଳନ କରି ଆସୁଥିଲେ।ବିଭିନ୍ନ ସମୟରେ ହିନ୍ଦୋଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଜନୈକ ଏଲଆଇ ଷ୍ଟାଫ ଗୋପାଳକ କ୍ଷେତ୍ରବାସୀଙ୍କ ଅନ୍ୟାନ୍ୟ ଗାଇ ଗୋରୁଙ୍କ ସହିତ ଉକ୍ତ ଗାଇଟିର ଲାଇଭ ଷ୍ଟକ ବୀମା କରାଇଥିଲେ।ବୀମା ବାବଦ ପ୍ରତ୍ୟେକ ବର୍ଷ ଆଧାର କାର୍ଡ ସହିତ ଉଚିତ ପ୍ରାପ୍ୟ ବୀମା ରାଶି ନେଇଥାନ୍ତି। ମାତ୍ର ଏବେ କୌଣସି କାରଣରୁ ଅସୁସ୍ଥ ହୋଇ ପଡିବାରୁ ସେ ବିଭାଗର ଜଣେ କର୍ମଚାରୀଙ୍କ ସହାୟତାରେ ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଗାଇଟିର ମୃତ୍ୟୁ ଘଟିଥିଲା। ଉପାୟଶୂନ୍ୟ ହୋଇ କ୍ଷେତ୍ରବାସୀ ଦୁଃଖରେ ଭାଙ୍ଗି ପଡିବା ସତ୍ତ୍ୱେ ଫୋନ ଯୋଗେ ବିଭାଗୀୟ ଏଲଆଇ,ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ବୀମା ରାଶି ସଂକ୍ରାନ୍ତରେ ପରାମର୍ଶ ଲୋଡିଥିଲେ। ତେବେ ଉଭୟ ଅଧିକାରୀ ଓ ଏଲଆଇଙ୍କ ସହାୟତା ରାଶି ପାଇବା ସଂକ୍ରାନ୍ତୀୟ ପରାମର୍ଶ ତାଙ୍କୁ ନିରୁତ୍ସାହିତ କରିଛି। ଏଠି ପ୍ରଶ୍ନ ଉଠୁଛି ଯେ, ଜଣେ ଚାଷୀ ବର୍ଷକୁ ବର୍ଷ ପ୍ରିମିୟମ ଦେବା ପରେ ଯଦି କୌଣସି କାରଣରୁ ବିଭାଗୀୟ ଅବହେଳା ଯୋଗୁଁ କିମ୍ବା ସରକାରୀ ନିର୍ଦ୍ଦେଶନାମା ବିଳମ୍ବ ହୁଏ ତେବେ ଉକ୍ତ ସୀମା ମଧ୍ୟରେ ଯଦି ଚାଷୀଟି ତାର ଗୋରୁ ଛେଳି ମେଣ୍ଢା ଆଦି ହରାଇ ବସେ ତେବେ ତାଙ୍କୁ କ୍ଷତି ପୂରଣ ଦେବ କିଏ? କ୍ଷେତ୍ରବାସୀଙ୍କ ସହିତ ଏଭଳି ଘଟଣା ଦେଖିବାକୁ ମିଳିଛି। ଚାଷୀ ପ୍ରତି ବର୍ଷ ଫାଟୁଆ ରୋଗରେ ଆକ୍ରାନ୍ତ ଗାଇଗୋରୁଙ୍କ ପାଇଁ ବାହାରୁ ଔଷଧ କିଣି ନୟାନ୍ତ ହେଉଥିବା ବେଳେ ସରକାରୀ ସ୍ତରରେ ଭ୍ୟାକ୍ସିନ ମିଳୁନାହିଁ। ଉପଖଣ୍ଡ ଚିକିତ୍ସାଳୟରେ କୌଣସି ଔଷଧ ମିଳୁନଥିବା ବେଳେ ଗରିବ ଲୋକମାନେ ହତାଶ ହୋଇପଡୁଛନ୍ତି। ଉପଖଣ୍ଡରେ ୧୭ଜଣ ଏଲଆଇ କର୍ମଚାରୀଙ୍କ ବଦଳରେ ମାତ୍ର ୬ଜଣ ରହିଥିବା ଯୋଗୁ ଗୋରୁଗାଇଙ୍କ ଚିକିତ୍ସାରେ ଘୋର ଅବହେଳା ଦେଖିବାକୁ ମିଳିଛି।

## ଫାଷ୍ଟଫୁଡ୍ ଦୋକାନରେ ଘରୋଇ ସିଲିଣ୍ଡରର ବ୍ୟବହାର



# ଯୋଗାଣ ବିଭାଗର କାର୍ଯ୍ୟଦକ୍ଷତା ଉପରେ ଉଠିଛି ପ୍ରଶ୍ନ

**ତାଳଚେରସଦର,୨୦ା୫(ସମିସ):** ତାଳଚେର ପୌରପାଳିକା ଅଞ୍ଚଳରେ ଶହରୁ ଅଧିକ ଫାଷ୍ଟଫୁଡ୍ ଦୋକାନ ରହିଛି। ଏମାନଙ୍କ ମଧ୍ୟରୁ ଅନେକ ଭିଡ଼ ଭାଡ ଥିବା ରାସ୍ତା କଡ଼ରେ ଦେଇଛନ୍ତି ଓ ଆଉକିଛି ହାତତୋଟା ପ୍ରଜାମଣ୍ଡଳ ଭବନ ଭିତରେ ରହିଛି। ଏହି ଦୋକାନରେ ବେଫିକରଭାବେ ଏହି ସିଲିଣ୍ଡର ବ୍ୟବହାର କରାଯାଉଥିବାରୁ ଯୋଗାଣ ବିଭାଗ ଅଧିକାରୀଙ୍କକାର୍ଯ୍ୟ ଦକ୍ଷତା ଉପରେ ଏବେ ଉଠିଛି ପ୍ରଶ୍ନ। ଏହି ଫାଷ୍ଟଫୁଡ୍ ଦୋକାନରେ ସବୁ ବେଆଇନ ଭାବେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରି ବେପାର କରୁଛନ୍ତି।ଏହିସବୁ ଦୋକାନ ବାଣିଜ୍ୟକ ଗ୍ୟାସସିଲିଣ୍ଡର ବ୍ୟବହାର କରିବାକୁ ନିୟମ ଥିଲେ ମଧ୍ୟ ଏହାକୁ ଦୋକାନୀମାନେ ମାନୁନଥିବା ଦେଖିବାକୁ ମିଳିଛି।ଏହାଛଡା ଦୋକାନ ସୁରକ୍ଷା ବ୍ୟବସ୍ଥା ବିନା ଯେଭଳି ଖୋଲାମେଲାରେ ଗ୍ୟାସ ବ୍ୟବହାର କରୁଛନ୍ତି ତାହା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଅନୁଗୁଳ ପୁରୁଣା ବସ୍‌ଷ୍ଟାଣ୍ଡ ରାଜାଛକରେ ଯେଭଳି ଗ୍ୟାସ ସିଲିଣ୍ଡର ଫାଟି ଭୟାବହ ଅଗ୍ନିକାଣ୍ଡ ହେଲା। ଯଦି ଗ୍ୟାସ ସେହିଭଳି ତାଳଚେର ଜନଗହଳି ଅଞ୍ଚଳରେ ସିଲିଣ୍ଡରଟି ଫାଟେ ତେବେ ବହୁ ଧନଜୀବନ ହାନି ଘଟିବାର ଆଶଙ୍କା ରହିଛି।ତେଣୁ ପୌରପାଳିକା ପକ୍ଷରୁ ଏଭଳି ବେଆଇନ ଫାଷ୍ଟଫୁଡ୍ ଦୋକାନ ସବୁକୁ ବେପାର ପାଇଁ ଅନୁମତି ଦେବା ଉଚିତ ନୁହେଁ ବୋଲି ସାଧାରଣରେ ଦାବି ହେଉଛି। ପୌରପାଳିକା ଏବଂ ଯୋଗାଣ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ଆଳି ବିଧାନସଭା କ୍ଷେତ୍ର ଓଲାଭରରେ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର

# 'ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି'









**ରାଜକନିକା,୨୦।୫(ସମିସ):** ଆଳି ନିର୍ବାଚନ ମଣ୍ଡଳୀର ଓଳାଭର କାଳୀ ପଡ଼ିଆରେ ଆଜି ନିର୍ବାଚନ ପ୍ରଚାର କରିଛନ୍ତି ଭି କେ ପାଣ୍ଡିଆନ। ଏହି ଉପଲକ୍ଷେ ଆୟୋଜିତ ବିରାଟ ଜନସଭାରେ ସମ୍ବୋଧିତ କରିବାକୁ ଯାଇ ସେ ପ୍ରଥମେ ପଚାରିଥିଲେ ଆଳିରେ ଫୁଟବଲ ଟ୍ରେନିଂ ସେଣ୍ଟର ପାଇଁ ୨୦ କୋଟି ଟଙ୍କା କିଏ ଦେଇଛି ? ଲକ୍ଷ୍ମୀନାରାୟଣ ମନ୍ଦିର ଉନ୍ନତି ଲାଗି ୮ କୋଟି ଟଙ୍କା କିଏ ଦେଇଛି ?ଆଳି ଆଉ କନିକା ବ୍ଲକରେ ୨୪୦ କୋଟି ଟଙ୍କାର ପାଇପ୍ ଯୋଗେ ପିଇବା ପାଣି ଘର ଘରକୁ କିଏ ଦେଉଛି ? କାଳିଆ ଟଙ୍କା କିଏ ଦେଉଛି ? ମଧୁବାବୁ ଭତ୍ତା ହଜାରେ ଟଙ୍କା କିଏ ଦେଉଛି ?ମିଶନ ଶକ୍ତି କିଏ ଆଣିଛି?ଲକ୍ଷ୍ମୀ ଯୋଜନା କିଏ କରିଛି ?ନୂଆ ଓ ସ୍କଲାରସିପ୍ ଟଙ୍କା କିଏ ଦେଉଛି? ଏଭଳି ପ୍ରଶ୍ନରେ ସମବେତ ଜନତା ନବୀନ ଦେଉଛନ୍ତି ବୋଲି କହିଥିଲେ। ପାଣ୍ଡିଆନ ପ୍ରଥମେ ଜୟ ଜଗନ୍ନାଥ ଦୁଇ ଥର, ପରେ ମା କାଳୀ କହି ସମ୍ବୋଧନ କରି କହିଥିଲେ ଯେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ଏଥିପାଇଁ ସାରା ରାଜ୍ୟର ଲୋକେ ତାଙ୍କୁ ଏଥର ବି ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ଚିନ୍ତା ବି କରିଛନ୍ତି।। କେଉଁ ତାରିଖରେ ସେ ଶପଥ ନେବେ ବୋଲି ପଚାରିଥିଲେ। ଉପସ୍ଥିତ ଲୋକେ ଜୁନ୍ ୯ ତାରିଖରେ ବୋଲି କହିବା ପରେ ସମଗ୍ର ଓଡିଶା ଗୋଟିଏ ସ୍ୱରରେ ଜୁନ୍ ୯ ବୋଲି କହୁଛନ୍ତି ବୋଲି ସେ କହିଥିଲେ। ତେବେ ପ୍ରତାପ ଭାଇ ଆଉ ଅଂଶୁମାନ ଭାଇଙ୍କୁ କେତେ ମାର୍ଜିନ୍ ଭୋଟରେ ଜିତାଇବେ ବୋଲି ପଚାରିଥିଲେ। ଆପଣମାନେ ଯଦି ଲାଗି ପଡିବେ ତେବେ ପଚାଶ ହଜାର ଭୋଟ ବ୍ୟବଧାନରେ ଜିତିବେ ବୋଲି ସେ କହିଥିଲେ। ନବୀନବାବୁଙ୍କ ଚିହ୍ନ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆହୁରି ମଧ୍ୟ ବିରୋଧି ବିଜେପିକୁ ସମାଲୋଚନା କରି ସେ କହିଥିଲେ ଯେ ବିଜେପିର ବହୁ ନେତା କହୁଛନ୍ତି ବିଜେପିକୁ ଭୋଟ ଦେଲେ ସେମାନେ ଓଡ଼ିଶାକୁ ନମ୍ବର ୱାନ୍ ରାଜ୍ୟ କରିଦେବେ।ଏହିକଥା ସବୁଠି ଯାଇ କହୁଛନ୍ତି।ହେଲେ କେତେକ ବିଜେପି ଶାସିତରାଜ୍ୟର ନାଁ ନେଇ ପାଣ୍ଡିଆନ କହିଥିଲେ ଯେ ସେ ରାଜ୍ୟ ସବୁ କଣ ଏକ ନମ୍ବର ହେଇଛି।ଏହା ସହିତ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଜୁଲାଇ ମାସରୁ ବିଦ୍ୟୁତ ବିଲ୍ ଆଉ ଆସିବେନି ବୋଲି କହିବା ପରେ ବିଜେପିକୁ ଶକ୍ତ କରେଣ୍ଟ ଲାଗିଛି ବୋଲି କଟାକ୍ଷ କରିଥିଲେ। ତେବେ ଦଶବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତି କଣ ସେମାନେ ପାଳନ କରିଛନ୍ତି ବୋଲି ପଚାରିଥିଲେ, ।ଏବେ ପୁଣି ନୂଆ ପ୍ରତିଶ୍ରୁତି କଥାକହି ପଚାଶ ଷାଠିଏ ହଜାର ଟଙ୍କା ଦେଇ ନିଜ ଘର ଛାତ ଉପରେ ସୋଲାର ପ୍ୟାନେଲ ଲଗେଇ ସୂର୍ଯ୍ୟଠୁ ଶକ୍ତି ଆଣି ଦେବେ ବୋଲି ମଧ୍ୟ କଟାକ୍ଷ କରି ଦିନରେ ବିଜେପି ଲଣ୍ଠନ ଦେଖାଉଥିବା କଥା କହିଥିଲେ। ଜୁନ୍ ୯ ତାରିଖରେ ନବୀନ ଶପଥ ନେବା ପରେ ପ୍ରଥମ ଦସ୍ତଖତ ମାଗଣା ବିଦ୍ୟୁତ ,୨ୟ ଦସ୍ତଖତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଓ ୩ୟ ଦସ୍ତଖତ ମିଶନ ଶକ୍ତି ବରିଷ୍ଠ ମହିଳାଙ୍କ ପାଇଁ ଭତ୍ତା ଯୋଜନା ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।ଯାହାକି ଓଡିଶାକୁ ରୂପାନ୍ତରିତ କରିବା ସହିତ ସଶକ୍ତ ବି କରିବ। ଓଡ଼ିଶାବାସୀ ଏଥିରେ ଖୁସି ହେବେ, ତାଙ୍କ ମୁହଁରେ ହସ ଫୁଟିବ ବୋଲି ପାଣ୍ଡିଆନ କହିଥିଲେ।ଏଥିରେ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ମଧ୍ୟ ନବୀନବାବୁଙ୍କ ଯୋଗୁଁ ସବୁଠି ବିକାଶ ହୋଇଛି।ଆରାଧ୍ୟ ଜଗନ୍ନାଥଙ୍କ ଠାରୁ ଗାଁ ମଠ, ମନ୍ଦିର ,ସ୍କୁଲର ଉନ୍ନତି ହୋଇଛି ବୋଲି କହିବା ସହିତ ଏସବୁ ବିକାଶ ବିରୋଧିଙ୍କୁ ଦିଶୁନି ବୋଲି ସମାଲୋଚନା କରିଥିଲେ।ସେଇଭଳି କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ମଧ୍ୟ ନବୀନ ସରକାରରେ ବିକାଶର ଧାରା ବେଶ୍ ପ୍ରଶଂସନୀୟ ବୋଲି କହିବା ସହ ସରକାର ଆସିଲେ ଆହୁରି ବିକାଶ ଦ୍ରୁତ ଭାବେ ତ୍ୱରାନ୍ୱିତ ହୋଇପାରିବ।ତା ସହିତ ନବୀନବାବୁଙ୍କ ଯୁବ ବଜେଟ ସମଗ୍ର ଦେଶରେ ଓଡିଶା ପ୍ରଥମ ବୋଲି କହିଥିଲେ।ଏହା ସହିତ ବିରୋଧିଙ୍କୁ ଟାର୍ଗେଟ କରି କହିଥିଲେ ଯେ ସେମାନେ ସବୁ ମିଥ୍ୟା ପ୍ରତିଶୃତି ଦିଅନ୍ତି। ନିର୍ବାଚନ ପରେ ପରେ ସବୁ ଭୁଲି ଯାଆନ୍ତି।ଏମିତିକି ଗୁଜବରେ ସେମାନେ ବିଶ୍ୱାସ କରନ୍ତି।ହେଲେ ଲୋକମାନେ ମନସ୍ଥ କରିଲେଣି ଷଷ୍ଠଥର ପାଇଁ ନବୀନ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ଅଂଶୁମାନ କହିଥିଲେ।ଶେଷରେ ପାଣ୍ଡିଆନ ଦୁଇ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଆଉ ପ୍ରତାପ ଦେବଙ୍କୁ ଶଙ୍ଖ ଚିହ୍ନରେ ବହୁ ସଂଖ୍ୟାରେ ଭୋଟ ଦେଇ ଜିତାଇ ଆଣିବାକୁ ସମବେତ ଜନତାଙ୍କୁ ନିବେଦନ କରିଥିଲେ।ଆଜିର ଏହି ବିଶାଳ ଜନସଭାରେ ଆଳି କନିକାରୁ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତଙ୍କ ସହିତ ସ୍ଥାନୀୟ ଅଞ୍ଚଳର ସମସ୍ତ ସରପଞ୍ଚ,ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ,ସଭ୍ୟା,ଓ ସମସ୍ତ ଦଳୀୟକର୍ମୀ ଉପସ୍ଥିତ ଥିଲେ।

## ବିଜେଡିର ବ୍ଲକ୍‌ସ୍ତରୀୟ ଛାତ୍ର ସମାବେଶ




**ଡେରାବିଶ, ୨୦।୫ (ସମିସ):** ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳସ୍ଥ ଏକ ମଣ୍ଡପରେ ବିଜୁ ଜନତା ଦଳର ଡେରାବିଶ ବ୍ଲକସ୍ତରୀୟ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଛାତ୍ର ସମାବେଶରେ ମୁଖ୍ୟଅତିଥି ଭାବେ ପାଟକୁରାର ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଯୋଗଦେଇ ସମାଜ ଗଠନରେ ଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଦେଶର ସମ୍ବିଧାନ ସୁରକ୍ଷା, ଅବାଧ ଓ ନିରପେକ୍ଷ ନିର୍ବାଚନରେ ଯୁବ, ଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ ନିର୍ବାଚନରେ ପାଟକୁରା ବିଧାନସଭା ଓ କେନ୍ଦ୍ରାପଡ଼ା ଲୋକସଭା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ସହିତ ଅଧିକ ଭୋଟ ସଂଗ୍ରହ ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ମହାପାତ୍ର ନିର୍ବାଚିତ ହେଲେ ପାଟକୁରାର କୃଷକଙ୍କ ପାଇଁ ଜଳସେଚନ ଓ ଜଳନିଷ୍କାସନର ସଠିକ ବ୍ୟବସ୍ଥା କରିବା, ଶୀତଳଭଣ୍ଡାର ପ୍ରତିଷ୍ଠା, ସର୍ବୋପରି ପାଟକୁରାର ଯୁବଛାତ୍ରଙ୍କ ଦକ୍ଷତା ବିକାଶ କରିବା ସହ କର୍ମନିଯୁକ୍ତି ସଂସ୍ଥାନ ଯୋଗାଇ ଦେବାକୁ ଚେଷ୍ଟା କରିବା ପାଇଁ କହିଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀ ମହାପାତ୍ରଙ୍କ ପରାମର୍ଶକୁ ସମର୍ଥନ କରି ବିଜେଡି ଛାତ୍ର ରାଜ୍ୟ ଯୁଗ୍ମ ସମ୍ପାଦକ ପରେଶ ମଲିକ, ଜିଲ୍ଲା ସମ୍ପାଦକ ରଜତ କୁମାର ଦାଶ, ଆଲୋକ ମାହାଳି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ବୁଦ୍ଧାଦିତ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁନୀଲ ମଲ୍ଲ, ଶମ୍ଭୁ ପ୍ରଧାନ, ରାଜେଶ କୁମାର ପ୍ରତାପ, ପ୍ରଭାଶିଷ ଦାସ, ଜ୍ଞାନରଞ୍ଜନ କର ପ୍ରମୁଖ ପରିଚାଳନା କରିଥିଲେ। ପରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ର ବିଜେଡି ପ୍ରାର୍ଥୀ ଅରବିନ୍ଦଙ୍କୁ ଏକ ବିଶାଳ ବାଇକ୍ ରାଲିରେ ଗୋଲରାହାଟଠାରେ ହେଉଥିବା ନିର୍ବାଚନୀ ସଭାକୁ ପାଛୋଟି ନେଇଥିଲେ।

## ନିକ୍ଷେପକ ମଧୁସୂଦନ ମଲ୍ଲିକଙ୍କ ପରଲୋକ



**କେନ୍ଦ୍ରାପଡ଼ା,୨୦।୫(ସମିସ):** ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର ନିକ୍ଷେପକ ମଧୁସୂଦନ ମଲ୍ଲିକଙ୍କ ପରଲୋକ ହୋଇଛି। ଅଫିସ କାମ ସାରି ଘରକୁ ଫେରୁଥିବାବେଳେ ଗତ ମେ ୧୭ ତାରିଖରେ ତାଙ୍କ ପୈତୃକ ଘର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲର ଟ୍ରମାକେୟାର ୱାର୍ଡର ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳ ୭.୩୦ ମିନିଟ୍ ସମୟରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ୨୦୧୪ ଜାନୁଆରୀ ୩୦ ତାରିଖରେ ଶ୍ରୀ ମଲ୍ଲିକ ନିକ୍ଷେପକ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟରେ ଯୋଗଦାନ କରିଥିଲେ। ସେ ଏହା ପୂର୍ବରୁ ଭୁବନେଶ୍ୱର, ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, କେନ୍ଦୁଝର ଉପ-ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଓ ବିଭାଗୀୟ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଶୋକବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶେଷ ଦର୍ଶନ କରିବା ସହ ତାଙ୍କ ପୈତୃକ ବାସଭବନରେ ଅନୁଷ୍ଠିତ ଅନ୍ତିମ ସଂସ୍କାରରେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ମୃତିଚାରଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ସମ୍ମିଳନୀ

# ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ସଙ୍କଳ୍ପ



**କେନ୍ଦ୍ରାପଡ଼ା,୨୦।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଗରାପୁରସ୍ଥିତ ଦି ପ୍ୟାଲେସ୍ ପରିସରରେ ଏକ ଆଇନଜୀବୀ ସମ୍ମିଳନୀ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁଙ୍କ ସଭାପତିତ୍ୱରେ ଓ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ବାର୍ କାଉନସିଲ୍‌ର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଭାପତି ମିଳନ କାନୁନଗୋ, ସଂଯୋଜକ ମନୋଜ ବର୍ମା, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ ଓ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇ ଆଗାମୀ ସାଧାରଣ ନିର୍ବାଚନରେ ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦୁଇଥର ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ଉପସ୍ଥିତ ଆଇନଜୀବୀ ଓ ବିଜେଡି ସମର୍ଥକଙ୍କୁ ନିବେଦନ କରିଥିଲେ।

ନବୀନ ପଟ୍ଟନାୟକ ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏକି ଓଡିଶାର ଓକିଲଙ୍କ କଲ୍ୟାଣ ନିମନ୍ତେ ଚିନ୍ତା କରିବା ସହିତ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏଥିସହିତ ଆଗାମୀ ଦିନରେ ଓକିଲଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିସାରିଛି। ଏହାବ୍ୟତୀତ ଓକିଲଙ୍କ ସୁରକ୍ଷା ନିମନ୍ତେ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେବାକୁ ଯାଉଛି। ତେଣୁ ସମସ୍ତ ଓକିଲ ବନ୍ଧୁ ଆଗାମୀ ଜୁନ୍ ୧ ତାରିଖରେ କେନ୍ଦ୍ରାପଡା ଲୋକସଭା କ୍ଷେତ୍ରର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ସମେତ ସମସ୍ତ ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ରାଜ୍ୟ ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଶ୍ରୀ କାନୁନଗୋ ନିବେଦନ କରିଥିଲେ। ଆଇନଜୀବୀ ମନୋଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ରଜସୁନ୍ଦର ରାଉତ ସ୍ୱାଗତ ଭାଷଣ, ରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଆଇନଜୀବୀ ମମତାମୟୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ଭୀମସେନ ପ୍ରଧାନ, ରାଜେଶ ମହାନ୍ତି, ତମସା ପାତ୍ର, ରମାକାନ୍ତ ସ୍ୱାଇଁ, ଶାନ୍ତିସ୍ୱରୂପ ଭୂୟାଁ, ଇତିହାସ ଲେଙ୍କା, ପ୍ରମୋଦ ସାମଲ, ଅଫସର ଅଲ୍ଲୀ ବକ୍ସ, ନିରଞ୍ଜନ ବଳ, ଅରୁଣ ପ୍ରସାଦ ଦାସ, ମାନସ ରଞ୍ଜନ ଧଳ, ସେକ୍ ମୁଜିବୁର ରହେମନ, ଦିଲ୍ଲୀପ କୁମାର ପରିଡା, ହରିପ୍ରସାଦ କର, ଦୀପକ ପ୍ରଧାନ, ମହେଶ୍ୱର ବେହେରା, ସୁଶୀଲ ଦାସ, ଶିଶିର ମଲ୍ଲିକ, ସୁରେଶ ଚନ୍ଦ୍ର ନାୟକ, ହାଡ଼ିବନ୍ଧୁ ସିଂ, ଚୈତନ୍ୟ ମଲ୍ଲିକ, ନିରାକାର ପ୍ରଧାନ, ସୁବାସ ଭଦ୍ର, ମୋହନ ସାହୁ, ଧିରେନ୍ଦ୍ର ଦାସ, ସତ୍ୟବ୍ରତ ସିଂ, ଅକ୍ଷୟପ୍ରିୟ ଦାସ, ରେଣୁବାଳା ସାମଲ, ଅଜୟ ମହାନ୍ତି, ବିକ୍ରମ ବାରିକ, ମୁକ୍ତାର ଖାଁ ପ୍ରମୁଖ ଶତାଧିକ ବିଜୁ ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟ ଯୋଗ ଦେଇ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କୁ ଜିତାଇବା ନିମନ୍ତେ ସଂକଳ୍ପ ନେଇଥିଲେ।

## ଧୋଇଆ ଅଞ୍ଚଳରେ ବିଜେଡିର ଜୋରଦାର ପ୍ରଚାର

**ଗୋବିନ୍ଦପୁର, ୨୦।୫(ସମିସ):** ଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧୋଇଆ ଅଞ୍ଚଳରେ ବିଜେଡି ଦଳ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ସଂସିଧା ଓ ପେତପଡ଼ା ପଞ୍ଚାୟତରେ ପଦଯାତ୍ରା କରି ପ୍ରଚାରକୁ ଜୋରଦାର କରିଛନ୍ତି । ଶ୍ରୀ ଦେବଙ୍କ ସହିତ ବିଜେଡି ଦଳର ବହୁ ସମର୍ଥକ ସାମିଲ ହୋଇଥିଲେ। ବିଜେଡି ଦଳର ଛାମୁଆଁ ସଂଗଠକ ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଏରଡଙ୍ଗର ପ୍ରାକ୍ତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ଦେସାହି ସରପଞ୍ଚ ମୋନାଲିସା ଦାସ, ସମିତିସଭ୍ୟ କୈଳାସ ବେହୁରିଆ, କେତୁଆପାଳ ଯୁବ ସଂଗଠକ ସୁଦର୍ଶନ ସାମଲ, ପ୍ରାକ୍ତନ ସରପଞ୍ଚ ସୁରେଶ ଚନ୍ଦ୍ର ଜେନା, ସଂଗଠକ ନନ୍ଦକିଶୋର ଦାସ, ଗୋବିନ୍ଦପୁର ପ୍ରାକ୍ତନ ସରପଞ୍ଚ ନିଖିଳ ସାମଲ, ସଂଗଠକ ଅଧର ସାମଲ, ଅର୍ଗଳ ପ୍ରାକ୍ତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଯଶୋବନ୍ତ ନାୟକ, ପେତାପଡ଼ା ସରପଞ୍ଚ ଅନୁପମା ପ୍ରିୟଦର୍ଶିନୀ ଦାସ, ପାଳିମି ପଞ୍ଚାୟତର ସଂଗଠକ ଜ୍ୟୋତି ରଂଜନ ସାମଲ, ସଂସିଧା ସରପଞ୍ଚ ଦୀପକ ଭୂୟାଁଙ୍କ ସମେତ ଧୋଇଆ ଅଞ୍ଚଳର ବିଜେଡି କର୍ମୀ ଘରକୁ ଘର ଯାଇ ପ୍ରଚାର ଚଳାଇଛନ୍ତି। ବିଜେଡି ସରକାରର ବିଭିନ୍ନ ଜନକଲ୍ୟାଣ ଯୋଜନା, ନିର୍ବାଚନ ମଣ୍ଡଳୀର ବିକାଶ କଥା କହି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଛନ୍ତି।

### ଅବ୍ୟବସ୍ଥା ଭିତରେ ବାରିମୂଳ ଜେଲ୍

# ସୁରକ୍ଷା ବ୍ୟବସ୍ଥା ଢିଲା, ୧୪ ସିସିଟିଭି ଅଚଳ




**କେନ୍ଦ୍ରାପଡ଼ା,୨୦।୫(ସମିସ):** କଏଦୀଙ୍କ ଗତିବିଧିକୁ କଡ଼ା ନଜର ରଖିବାକୁ ଜେଲ୍ ବିଭାଗ ପକ୍ଷରୁ ବାରିମୂଳ ଜେଲରେ ୪୮ଟି ସିସିଟିଭି କ୍ୟାମେରା ଲଗାଯାଇଛି। ତେବେ ଏଥିରୁ ପ୍ରାୟ ଅଧା ସିସିଟିଭି ଏବେ ଅଚଳ ହୋଇପଡ଼ିଛି। କେତେବେଳେ ଅଧାରୁ ଅଧିକ କାମ କରୁନି ତ ଆଉ କେତେବେଳେ ପୂରା ସିସିଟିଭି ଚାଲୁ ନ ଥିବା ସୂଚନା ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲାର ବାରିମୂଳ ଜେଲ୍‌ରେ ବହୁ କୁଖ୍ୟାତ ଅପରାଧୀ ରହୁଛନ୍ତି। ସେମାନଙ୍କୁ ୨୪ ଘଣ୍ଟା ନଜର ରଖିବାକୁ ସିସିଟିଭି ଲାଗିଛି। କେଉଁ ଅପରାଧୀ କ'ଣ କରୁଛି, ତାଙ୍କର ଗତିବିଧି କ'ଣ, କାହା କାହା ସହିତ ମିଶୁଛନ୍ତି; ସେ ସମସ୍ତ ତଥ୍ୟ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ରହିବା ନିମନ୍ତେ ସିସିଟିଭି ଲଗାଯାଇଛି। ହେଲେ ଜେଲ୍‌ରେ ୪୮ ସିସିଟିଭି ମଧ୍ୟରୁ ୧୪ଟି ଅଚଳ ହୋଇଯାଇଛି। ବାରିମୂଳ ଜେଲ୍‌ରେ ୧୯୨ ଜଣ କଏଦୀ ରହିବା କ୍ଷମତା ରହିଥିବାବେଳେ ବର୍ତ୍ତମାନ ୨୨୫ ଜଣ ରହୁଛନ୍ତି। ୧୪ଟି ସିସିଟିଭି ଅଚଳ ଯୋଗୁଁ ସମସ୍ତ ୱାର୍ଡ, ସେଲ, ଜେଲ ଭିତରେ ଓ ବାହାରେ କ'ଣ ଘଟୁଛି ତାହା ଜଣାପଡୁନି। ଏହି ଜେଲ୍‌ରେ ଏବେ ଅନେକ ଅବ୍ୟବସ୍ଥା ଦେଖାଦେଇଛି। ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ସୁବୁଠୁ ଢିଲା ହୋଇପଡ଼ିଛି। ବିଭିନ୍ନ ସମୟରେ ଜେଲ ଭିତରେ ମୋବାଇଲ, ନିଶାଦ୍ରବ୍ୟ କାରବାର ହେଉଥିବା ନେଇ ଅଭିଯୋଗ ମଧ୍ୟ ହେଉଛି। ଏହାଛଡ଼ା ଜେଲ୍ ପାଇଁ ହେଉଥିବା ବିଭିନ୍ନ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ ନ ଥିବାରୁ ଦୀର୍ଘଦିନ ହେବ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ବିଭିନ୍ନ ସାମଗ୍ରୀ ଯୋଗାଇ ଦେବାକୁ ଟେଣ୍ଡର ଦିଆଯାଇଛି । ଫଳରେ ସେମାନଙ୍କ ଦ୍ୱାରା ଜେଲ୍ ଭିତରକୁ ବିଭିନ୍ନ ପ୍ରକାରର ନିଶା ସହିତ ମୋବାଇଲ ଯିବା ନେଇ ସନ୍ଦେହ କରାଯାଉଛି। ଟେଣ୍ଡର ନେଇଥିବା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ଜେଲ୍‌ର କେତେଜଣ କର୍ମଚାରୀ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହେଉଛି। ଜେଲ୍ ଭିତରେ ବିଚାରଧୀନ କଏଦୀ ରଞ୍ଜନ ମଲ୍ଲିକଙ୍କୁ ଗତ ଶୁକ୍ରବାର ପିଟି ପିଟି ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ଅଭିଯୋଗ ଆଣିଥିଲେ। ଯାହା ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କର୍ମଚାରୀଙ୍କ ଅଭାବ ଯୋଗୁଁ ବିଚାରଧୀନ କଏଦୀଙ୍କୁ ଜେଲ୍ କାମରେ ଲଗାଇବା ସହ ନିୟମ ଓ ଜେଲ୍ କୋଡ ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ଏମିତିକି ପ୍ରାୟ ୨୦ ଫୁଟରୁ ଅଧିକ ଉଚ୍ଚତାର ପାଚେରି ଦେଇ ଜେଲ୍ ଭିତରକୁ ନିଶାଦ୍ରବ୍ୟ ଫୋପଡା ଯାଉଛି। ଆବଶ୍ୟକ ସୁରକ୍ଷା କର୍ମୀ ରହୁ ନ ଥିବାରୁ ଜେଲ୍ ଭିତରେ ନିଶାଦ୍ରବ୍ୟ ପଡିବା ପରେ କଏଦୀମାନେ ଗୋଟାଇ ନେଉଥିବା ଭଳି ଘଟଣା ଘଟୁଛି। ଯଦି କଏଦୀଙ୍କ ଅନୁପାତରେ ସୁରକ୍ଷା କର୍ମୀଙ୍କୁ ଦେଖାଯାଏ, ତେବେ ଏଠାରେ ତାହା ବହୁତ କମ୍ ରହିଛନ୍ତି। ଏଭଳି ସ୍ଥଳେ ଜେଲ୍‌ରେ ଲାଗିଥିବା ସିସିଟିଭି ମଧ୍ୟରୁ ୧୪ଟି ଅଚଳ ହୋଇପଡିଛି। ଫଳରେ ବାରିମୂଳ ଜେଲ ଏବେ ଅବ୍ୟବସ୍ଥାରେ ଗତି କରୁଛି। ଏ ନେଇ ଜେଲର ଶଶୀକାନ୍ତ ମହାଳିକ କହିଛନ୍ତି, ଜେଲ୍‌ରେ ଆବଶ୍ୟକତାଠାରୁ କମ୍ ସୁରକ୍ଷା କର୍ମୀ ଅଛନ୍ତି। ଫଳରେ ଅନେକ କାର୍ଯ୍ୟ ସଠିକ ଢଙ୍ଗରେ କରିହେଉନି। ଅନେକ ବେଆଇନ କାର୍ଯ୍ୟ ରୋକିବା ପାଇଁ ଆମେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛୁ। ଅଚଳ ହୋଇପଡିଥିବା ସିସିଟିଭିକୁ ମରାମତି କରାଯିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛୁ ବୋଲି ସେ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ ● ପାଉଣ୍ଡ ୧୦୫.୭୮
- ୟୁରୋ ୯୦.୧୭ ● ୟେନ୍ ୦.୫୩

**ସୁନା, ରୁପା ଦର**




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୮,୫୦୦ (ଭୁବନେଶ୍ୱର)
- ରୁପା : ୯୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୦୦୫.୦୦
- ନିଫ୍ଟି ୨୨,୫୦୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଟେଲିକମ୍ କମ୍ପାନୀଗୁଡ଼ିକୁ ଡଟ୍‌ର ନିର୍ଦ୍ଦେଶ

# ବନ୍ଦ ହେବ ୧୮ ଲକ୍ଷ ମୋବାଇଲ୍ ନମ୍ବର !

**ନୂଆଦିଲ୍ଲୀ,୨୦।୫(ଏଜେନ୍ସି):** ଦେଶରେ ଟେଲିକମ୍ କମ୍ପାନୀଗୁଡିକର ୧୮ ଲକ୍ଷ ମୋବାଇଲ୍ ନମ୍ବର ବନ୍ଦ ହେବାକୁ ଯାଉଛି । ସାଇବର ଅପରାଧ ଏବଂ ଅନଲାଇନ୍ ଠକେଇ ଉପରେ ସରକାର ନେଇଥିବା ବଡ଼ ପଦକ୍ଷେପ ସ୍ୱରୂପ ଏହା ହୋଇପାରେ। ନିକଟରେ, ଟେଲି ଯୋଗାଯୋଗ ବିଭାଗ (ଡିଓଟି) ୨୮ ହଜାରରୁ ଅଧିକ ମୋବାଇଲ୍ ହ୍ୟାଣ୍ଡସେଟର ସଂଯୋଗ ବିଚ୍ଛିନ୍ନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲା। ଡଟ୍‌ର ଅଭିଯୋଗ ଅନୁଯାୟୀ, ଏହି ମୋବାଇଲ୍ ହ୍ୟାଣ୍ଡସେଟଗୁଡିକ ସାଇବର ଅପରାଧ ପାଇଁ ବ୍ୟବହୃତ



ହେଉଥିଲା। ବର୍ତ୍ତମାନ ଏହି ମୋବାଇଲ୍ ହ୍ୟାଣ୍ଡସେଟରେ ବ୍ୟବହୃତ ମୋବାଇଲ୍ ନମ୍ବରକୁ ଅବରୋଧ କରିବାକୁ ସରକାର ଟେଲିକମ୍ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ସାଇବର ଅପରାଧ ତଥା ଅନଲାଇନ୍ ଠକେଇକୁ ରୋକିବା ପାଇଁ ସରକାର ସାରା ଦେଶରେ ପ୍ରାୟ ୧୮ ଲକ୍ଷ ମୋବାଇଲ୍ ନମ୍ବରକୁ ବ୍ଲକ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। ବିଭିନ୍ନ ବିଭାଗର ଅନୁସନ୍ଧାନକାରୀ ସଂସ୍ଥା ଏହି ମୋବାଇଲ୍ ନମ୍ବରକୁ ଆର୍ଥିକ ଠକେଇରେ ଜଡିତ ଥିବା ଜାଣିବାକୁ ପାଇଛନ୍ତି। ମେ'୯ ରେ, ଟେଲିକମ୍ ବିଭାଗ ୨୮,୨୨୦ ମୋବାଇଲ୍ ହ୍ୟାଣ୍ଡସେଟକୁ ବ୍ଲକ୍ କରିବାକୁ ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲା। ଏହା ବ୍ୟତୀତ, ୨ ନିୟୁତ ଅର୍ଥାତ୍ ପ୍ରାୟ ୨୦ ଲକ୍ଷ ମୋବାଇଲ୍ ନମ୍ବର ପୁନଃ-ଯାଞ୍ଚ କରିବାକୁ କୁହାଯାଇଥିଲା, ଯାହା ଏହି ମୋବାଇଲ୍ ହ୍ୟାଣ୍ଡସେଟରେ ବ୍ୟବହୃତ ହୋଇଥିଲା। ଟେଲିକମ୍ ବିଭାଗର ଅଧିକାରୀମାନେ କହିଛନ୍ତି ଯେ, ୨୦ ଲକ୍ଷ ମୋବାଇଲ୍ ନମ୍ବରର ପ୍ରାୟ ୧୦ ପ୍ରତିଶତ ପୁନଃ-ଯାଞ୍ଚ କରାଯାଇଛି। ଟେଲିକମ୍ କମ୍ପାନୀଗୁଡ଼ିକୁ ଏହି ମୋବାଇଲ୍ ନମ୍ବରଗୁଡିକୁ ୧୫ ଦିନ ମଧ୍ୟରେ ଯାଞ୍ଚ କରାଯାଇଛି। ଏନସିଆରପି (ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ) ଅନୁଯାୟୀ ୨୦୨୩ ମସିହାରେ ସାଇବର ଠକେଇ ମାଧ୍ୟମରେ ୧୦,୩୧୯ କୋଟି ଟଙ୍କା କ୍ଷତି ହୋଇଛି। ଏହି ସମୟ ମଧ୍ୟରେ ଏନସିଆରପି ପୋର୍ଟାଲରେ ସାଇବର ଠକେଇର ମୋଟ ୬.୯୪ ଲକ୍ଷ ଅଭିଯୋଗ ପଞ୍ଜିକୃତ ହୋଇଥିଲା।

## ଇରାନ ରାଷ୍ଟ୍ରପତିଙ୍କ ମୃତ୍ୟୁର ପ୍ରଭାବ

# ବିଶ୍ୱ ତୈଳ ବଜାରରେ ସୃଷ୍ଟି ହେବ ଅସ୍ଥିରତା

**ନୂଆଦିଲ୍ଲୀ,୨୦।୫(ଏଜେନ୍ସି)**

ହେଲିକପ୍ଟର ଦୁର୍ଘଟଣାରେ ଇରାନର ରାଷ୍ଟ୍ରପତି ସୟଦ ଇବ୍ରାହିମ ରାଇସିଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ତାଙ୍କର ମୃତ୍ୟୁ ଇରାନ, ଇସ୍ରାଏଲ, ଭାରତ ଏବଂ ବିଶ୍ୱବ୍ୟାପୀ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ରାଷ୍ଟ୍ରପତିଙ୍କ ମୃତ୍ୟୁ ପରେ ଇରାନର ରାଜନୈତିକ ଅନିଶ୍ଚିତତା ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି କରିପାରେ। କାରଣ ନିବେଶକମାନେ କାରବାରରେ ବେଶ ସତର୍କତା ଅବଲମ୍ବନ କରିପାରନ୍ତି। କାରଣ ସେମାନେ ଏହାର ପ୍ରଭାବ ଇରାନର ତୈଳ ଉତ୍ପାଦନ ଏବଂ ରପ୍ତାନି ଉପରେ ସମ୍ଭାବ୍ୟ ପ୍ରଭାବ ଆକଳନ କରୁଛନ୍ତି। ଏହି ଘଟଣା ପରେ ଏସୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେଅହେତୁକ ବୃଦ୍ଧି ପାଇଥିଲା। ଇରାନର ତୈଳ ଉତ୍ପାଦନରେ ଯେ କୌଣସି ବ୍ୟାଘାତ ବିଶ୍ୱ ତୈଳ ଯୋଗାଣ ଏବଂ ମୂଲ୍ୟ ଉପରେ ପ୍ରଭାବ ପକାଇପାରେ। କାରଣ ଇରାନ ଏକ ପ୍ରମୁଖ ତୈଳ ଉତ୍ପାଦନକାରୀ। ବିଶେଷଜ୍ଞଙ୍କ ଅନୁଯାୟୀ, ଅସ୍ଥିରତା ସତ୍ତ୍ୱେ ତୈଳ ବଜାର ଏକ ସୀମା ମଧ୍ୟରେ କାରବାର କରୁଥିବା ଜଣାପଡିଛି। ବିଶ୍ୱ ବଜାରରେ ସୋମବାର ବ୍ରେଣ୍ଟ ଅଶୋଧିତ ବ୍ୟାରେଲ ପିଛା ପିଛା ୮୩.୭୭ ଡଲାରରେ କାରବାର କରୁଛି।

ଭୌଗୋଳିକ ଅନିଶ୍ଚିତତା ପ୍ରାୟତଃ ସୁନା ଭଳି ସୁରକ୍ଷିତ ଧାତୁର ମୂଲ୍ୟ ଉପରେ ପ୍ରଭାବ ପକାଇଥାଏ। ଏପରି ପରିସ୍ଥିତିରେ, ଲୋକମାନେ ସେମାନଙ୍କର ନିବେଶକୁ ନିରାପଦ ମନେ କରି ପ୍ରଚୁର କ୍ରୟ କରିଥାନ୍ତି। ରାଇସିଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ପରେ ସୁନା ଦର ମଜବୁତ ହୋଇ ସର୍ବକାଳୀନ ସ୍ତରରେ ପହଞ୍ଚିଛି। ରାଇସିଙ୍କ ମୃତ୍ୟୁ ଖବର ସାରା ବିଶ୍ୱରେ ଷ୍ଟକ୍ ବଜାର ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଆଞ୍ଚଳିକ ସ୍ଥିରତା ଏବଂ ଅର୍ଥନୈତିକ ନୀତି ଉପରେ ସମ୍ଭାବ୍ୟ ପ୍ରଭାବକୁ ବିଚାର କରି ନିବେଶକମାନେ କାରବାର କରୁଥିବାରୁ ବଜାର ଅସ୍ଥିରତା ଦେଖାଦେଇପାରେ।





**ବ୍ୟାହତ ହୋଇପାରେ ତୈଳ ଉତ୍ପାଦନ**

ଇରାନ ରାଷ୍ଟ୍ରପତିଙ୍କ ଅପ୍ରତ୍ୟାଶିତ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଭାରତ-ଇରାନ ସମ୍ପର୍କ ବୃଦ୍ଧିରେ ରାଇସିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମୋଦୀ ସ୍ୱୀକାର କରିଛନ୍ତି। ସମ୍ପ୍ରତି ଭାରତ ଚାବାହାର ବନ୍ଦରକୁ ପରିଚାଳନା କରିବା ପାଇଁ ଇରାନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର କରିଛି, ଯାହା ମଧ୍ୟ ଏସିଆ ସହିତ ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି।୨୦୦୩ରେ ପ୍ରଥମ ଥର ପାଇଁ ଇରାନକୁ ଭାରତ ଏକ ପ୍ରସ୍ତାବ ଦେଇଥିଲା, କିନ୍ତୁ ଆଣବିକ କାର୍ଯ୍ୟକଳାପ ସନ୍ଦେହରେ ଇରାନ ଉପରେ ଆମେରିକାର ପ୍ରତିବନ୍ଧକ ଲାଗୁ ହେତୁ ଏହି ଚୁକ୍ତି ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ପରେ ଆମେରିକା ଏହି ଚୁକ୍ତିନାମାକୁ ସମାଲୋଚନା କରିଛି। ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ବେଦାନ୍ତ ପଟେଲ ଇରାନ ସହ ହୋଇଥିବା ଏହି ଚୁକ୍ତିନାମାକୁ ସମାଲୋଚନା କରିଛନ୍ତି। ତେବେ ଏହାର ଜବାବରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ବନ୍ଦରର ଆଞ୍ଚଳିକ ଲାଭ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଇସିଙ୍କ ଅକାଳ ମୃତ୍ୟୁ ଚାବାହାର ବନ୍ଦର ପ୍ରକଳ୍ପ ଉପରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ନିକଟରେ ଏହି ବନ୍ଦର ପରିଚାଳନା ପାଇଁ ଭାରତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହା ବ୍ୟତୀତ ପେଟ୍ରୋଲିୟମ ଉତ୍ପାଦ ଦୃଷ୍ଟିରୁ ଭାରତ ଇରାନର ଏକ ବଡ କ୍ରେତା ହୋଇଛି। ଯଦି ଇରାନର ରାଷ୍ଟ୍ରପତିଙ୍କ ମୃତ୍ୟୁ ଅଶୋଧିତ ତୈଳ ମୂଲ୍ୟ ଏବଂ ଯୋଗାଣ ଉପରେ ପ୍ରଭାବ ପକାଇଏ, ତେବେ ଭାରତ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେବ।

## ଫିକା ପଡ଼ିଲା ସେନ୍‌ସେକ୍ସ, ବିଟ୍ କଏନ୍ ,ସୁନା

# ରୁପା ଦେଇଛି ବମ୍ପର ରିଟର୍ଣ୍ଣ

**ନୂଆଦିଲ୍ଲୀ,୨୦।୫(ଏଜେନ୍ସି)**



**ମେ'ରେ ଲାଭ ଦୁଇ ଅଙ୍କ ଟପିଲା**

**ରୁପା ୧୦ ହଜାର, ସୁନା ତିନି ହଜାର ଟଙ୍କା ବଢ଼ିଛି**

ଚଳିତମାସ ଅର୍ଥାତ୍ ମେ' ମାସରେ ରୁପା ମୂଲ୍ୟ ଅସାଧରଣ ଭାବେ ବୃଦ୍ଧି ପାଇଛି। ନା ସୁନା ମୂଲ୍ୟରେ ଏଭଳି ଅଭିବୃଦ୍ଧି ଦେଖିବାକୁ ମିଳିଛି। ନା ବିଟ୍ କଏନ୍ କି ଷ୍ଟକ୍ ବଜାର ସବ ପଡିଛନ୍ତି ଫିକା। ମେ ' ମାସର ୧୭ ତାରିଖ ପର୍ଯ୍ୟନ୍ତ ରୁପା ଏହାର ନିବଶେକଙ୍କୁ ଦୁଇ ଅଙ୍କ ବିଶିଷ୍ଟ ରିଟର୍ଣ୍ଣ ଦେଇଛି। ଯେଉଁଠାରେ ଷ୍ଟକ୍ ବଜାରର ଉଭୟ ପ୍ରମୁଖ ସୂଚକାଙ୍କ ନିବେଶକଙ୍କୁ ନିରାଶ କରିଛି। ସୁନା ଏବଂ ବିଟ୍ କଏନ୍ ରିଟର୍ନର୍ଣ୍ଣ ଦେଇଛି, କିନ୍ତୁ ସେଗୁଡ଼ିକ ରୁପା ଠାରୁ ବହୁତ କମ୍। କୌତୂହଳର ବିଷୟ ହେଉଛି ଯେ, କେବଳ ମେ' ମାସରେ ରୁପା ମୂଲ୍ୟ କିଲୋ ପିଛା ୧୦ ହଜାର ଟଙ୍କା ବୃଦ୍ଧି ହୋଇଛି।

ସମ୍ପ୍ରତି ରୁପା ମୂଲ୍ୟ କ୍ରମାଗତ ଭାବରେ ଆନ୍ତର୍ଜାତୀୟ ବଜାରରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି। ସୋମବାର ଅନ୍ତର୍ଜାତୀୟ ବଜାରରେ ରୁପା ମୂଲ୍ୟ ଆଉନ୍ସ ପିଛା ୩୨ ଡଲାର ଅତିକ୍ରମ କରିଛି। ଅନ୍ୟପକ୍ଷରେ ଦେଶରେ ଭୋଟ୍ ଯୋଗୁ ଆଜି ବଜାର କାରବାର ବନ୍ଦ ରହିଥିଲା। ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଶେଷ ଥର ପାଇଁ ମେ' ୧୭ ରେ ଖୋଲା ରହିଥିଲା | ସେହିଦିନ ରୂପା ମୂଲ୍ୟ ପ୍ରଥମ ଥର ପାଇଁ ୯୨ ହଜାର ଟଙ୍କା ଅତିକ୍ରମ କରି ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିଲା। ଏପ୍ରିଲ ମାସର ଶେଷ ବାଣିଜ୍ୟ ଦିବସ ୩୦ ଏପ୍ରିଲ୍ରେ ଏମ୍‌ସିଏକ୍ସରେ ରୂପା ମୂଲ୍ୟ କିଲୋଗ୍ରାମ ପିଛା ୮୦,୮୫୧ ଟଙ୍କା ରହିଥିଲା। ମେ' ୧୭ରେ ରୂପା ମୂଲ୍ୟ କିଲୋଗ୍ରାମ ପିଛା ୯୧,୦୨୪ରେ ଟଙ୍କାରେ ପହଞ୍ଚିଥିଲା। ସେହିପରି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଶନିବାର ରୁପା କିଲୋ ଗ୍ରାମ ପିଛା ପ୍ରଥମ ଥର ପାଇଁ ୯୨,୦୦୦ ଟଙ୍କା ଛୁଇଁଥିଲା। ମେ' ମାସରେସମଗ୍ର ଦେଶରେ ରୂପା ମୂଲ୍ୟରେ କିଲୋଗ୍ରାମ ପିଛା ୧୦,୧୭୩ ଟଙ୍କା ବୃଦ୍ଧି ଘଟିଛି। ଏହାର ଅର୍ଥ ହେଉଛି ରୁପା ନିବେଶକମାନଙ୍କୁ ୧୨.୫୮ ପ୍ରତିଶତ ରିଟର୍ଣ୍ଣ ଦେଇଛି। ମେ ମାସରେ ସୁନା ମୂଲ୍ୟରେ ବୃଦ୍ଧି ଘଟିଛି, କିନ୍ତୁ ରୁପା ମୂଲ୍ୟରେ ଯେତିକି ବୃଦ୍ଧି ଘଟିଛି ସୁନାରେ ସେତିକି ବୃଦ୍ଧି ହୋଇନାହିଁ। ଗତ ମାସର ଶେଷ ବାଣିଜ୍ୟ ଦିନରେ ଅର୍ଥାତ୍ ଏପ୍ରିଲ୍ ୩୦ ରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ୭୦,୪୧୫ ଟଙ୍କା ଥିଲା। ଯାହା ମେ ୧୭ରେ ୧୦ ଗ୍ରାମ ପ୍ରତି ୭୩,୭୧୧ ଟଙ୍କାକୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ଯେ ମେ ମାସରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୩,୨୯୬ ଟଙ୍କା ବୃଦ୍ଧି ଘଟିଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ଏହି ସମୟରେ ନିବେଶକଙ୍କ ପାଇଁ କ୍ଷତି ପହଞ୍ଚାଇଛି। କେବଳ ମେ' ମାସରେ ନିଫ୍ଟି ନିବେଶକଙ୍କ ପାଇଁ ୦.୪୫ ପ୍ରତିଶତ କ୍ଷତି ଘଟାଇଛି।

ଅନ୍ୟପକ୍ଷରେ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ମୁଖ୍ୟ ସୂଚକାଙ୍କ ସେନ୍‌ସେକ୍ସ ନିବେଶକଙ୍କୁ ଲାଭ ଦେଇନାହିଁ। ଏପ୍ରିଲ୍ ୩୦ରେ ସେନ୍‌ସେକ୍ସ ୭୪,୪୮୨.୭୮ ପଏଣ୍ଟରେ ବନ୍ଦ ହୋଇଥିଲା। ମେ' ୧୮ ରେ ସ୍ୱତନ୍ତ୍ର କାରବାର ବନ୍ଦ ହେବା ପରେ ସେନସେକ୍ସ ୭୪,୦୦୫.୯୪ ପଏଣ୍ଟରେ କାବରାର ଶେଷ କରିଥିଲା। ଏହାର ଅର୍ଥ ହେଉଛି ଏହି ସମୟ ମଧ୍ୟରେ ସେନ୍‌ସେକ୍ସରେ ୪୭୬.୮୪ ପଏଣ୍ଟ ହ୍ରାସ ହୋଇଛି। ମେ' ମାସରେ ସେନସେକ୍ସରୁ ନିବେଶକମାନେ ୦.୬୪ ପ୍ରତିଶତ କ୍ଷତି ସହିଛନ୍ତି। ଅନ୍ୟପକ୍ଷରେ ବିଟକଏନ୍ ନିବେଶକମାନଙ୍କ ପାଇଁ ଅନେକ ଲାଭ ଆଣିଛି, କିନ୍ତୁ ରୋଜଗାର କ୍ଷେତ୍ରରେ ଏହା ରୁପାଠାରୁ ପଛରେ ପଡିଛି। ଏହି ଅବଧି ମଧ୍ୟରେ, ବିଟ୍ କଏନ୍ ମୂଲ୍ୟରେ ୪,୪୪୬୭୪ ଟଙ୍କା ବୃଦ୍ଧି ଘଟିଛି। ଫଳରେ ନିବେଶକମାନେ ୮.୭୫ ପ୍ରତିଶତ ରୋଜଗାର କରିଛନ୍ତି।

# ଏମ୍‌ଜି ହେକ୍ଟରର ସର୍ବୋତ୍ତମ ଭାଲ୍ୟୁ-ଫର୍-ମନି ଏସ୍‌ୟୁଭି

**ଭୁବନେଶ୍ୱର,୨୦।୫(ସମିସ)**

ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ଏମ୍‌ଜି (ମୋରିସ ଗ୍ୟାରେଜ)ର ଫ୍ଲାଗସିପ୍ ଏସ୍‌ୟୁଭି 'ହେକ୍ଟର' ଅନେକ ଆକର୍ଷଣୀୟ ବୈଶିଷ୍ଟ୍ୟରେ ସୁସଜ୍ଜିତ ହୋ ଆସୁଥିବାବେଳେ ଏକ ଆରାମଦାୟକ ଯାତ୍ରା ମଧ୍ୟ ଯୋଗାଇ ଦେଉଛି ଏବଂ ଏହା ଏସ୍‌ୟୁଭି ବର୍ଗରେ ସର୍ବୋତ୍ତମ ମୂଲ୍ୟର ଯାନ ହୋଇଛି। ଏହା ସମ୍ପ୍ରତି ନିଲ୍‌ସେନଆଇକ୍ୟୁ ସର୍ଭିସ କଷ୍ଟ ସର୍ଭେରେ ଲୋକପ୍ରିୟ ହ୍ୟାଚ୍‌ବ୍ୟାକ କାର୍ ଏବଂ କମ୍ପାକ୍ଟ ଏସ୍‌ୟୁଭିଗୁଡିକ ମଧ୍ୟରେ ମାଲିକାନା ବାବଦ ଖର୍ଚ୍ଚରେ ଶୀର୍ଷ ର୍‍ୟାଙ୍କିଂଙ୍ଗ ହାସଲ କରିଛି। ଏଥିସହିତ ଡ୍ରୁମ୍‌ସ୍‌ର ସାମ୍ପ୍ରତିକ ବିଶ୍ଳେଷଣ ହେକ୍ଟରକୁ ପୁନଃବିକ୍ରି ମୂଲ୍ୟ, ଇନ୍ଧନ ସଞ୍ଚୟକାରିତା ଏବଂ ଗ୍ରାହକ ସନ୍ତୁଷ୍ଟି ଆଦି ଦିଗରୁ ସର୍ବାଗ୍ରେ ସ୍ଥାନିତ କରିଛି। ଏସବୁ ସହିତ ଅତି ବ୍ୟାପକ ଡ୍ରୁମ୍ ସର୍ଭେରେ କୁହାଯାଇଛି ଯେ ହେକ୍ଟର ଏଭଳି ଏକ ଏସ୍‌ୟୁଭି ଯାହାର ଡିଜେଲ ଭାରିଆଢକ୍ଷଗ୍ସ୍;ରେ ସର୍ବାଧିକ ୭୪% ପୁନଃବିକ୍ରି (ରିସେଲ) ମୂଲ୍ୟ ରହିଛି ଏବଂ



ପେଟ୍ରୋଲ ଭାରିଆଢକ୍ଷଗ୍ସ୍; ଏହି ପ୍ରତିଯୋଗିତାକୁ ପଛରେ ପକାଇ ୬୭% ରିସେଲ୍ ଭାଲ୍ୟୁ ପ୍ରଦାନ କରୁଛି। ଏହି ସଫଳତା ସମ୍ପର୍କରେ ମତ ଦେଇ ସତୀନ୍ଦର ସିଂହ ବାଜୱା, ଚିଫ୍ କମର୍ସିଆଲ ଅଫିସର, ଏମ୍‌ଜି ମୋଟର ଇଣ୍ଡିଆ କହିଛନ୍ତି, ଏମ୍‌ଜି ହେକ୍ଟର ତାହାର ପ୍ରଚଳନ ଦିନଠାରୁ ଭାରତୀୟ ଏସ୍‌ୟୁଭି ଆକାଂକ୍ଷୀଙ୍କ ମଧ୍ୟରେ ତାହା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଏହା ବିଳାସ, କାର୍ଯ୍ୟଦକ୍ଷତାର ସଠିକ୍ ସମ୍ମିଶ୍ରଣ ହୋଇଛି ଏବଂ ଏକ ଦମ୍‌ଦାର ଏବଂ ସୁଦୃଶ୍ୟ ଡିଜାଇନ ସହିତ ଟେକ୍-ନେତୃତ୍ୱରେ ପରିଚାଳିତ ବୈଶିଷ୍ଟ୍ୟଗୁଡିକ ଏହାର ଯାତ୍ରୀମାନଙ୍କୁ ଏକ ଆରାମଦାୟକ ଯାତ୍ରା ପ୍ରଦାନ କରୁଛି। ୫.୬ ଓ ୭-ସିଟର୍ ସଂରଚନାରେ ଉପଲବ୍ଧ ଏମ୍‌ଜି ହେକ୍ଟର ଆକର୍ଷଣୀୟ ୧୩.୯୯ ଲକ୍ଷ ଟଙ୍କା (ଏକ୍ସ-ସୋ ରୁମ୍)ରୁ ଆରମ୍ଭ ହେଉଛି। ଏମ୍‌ଜି ଇଣ୍ଡିଆ ନିକଟରେ ଏମ୍‌ଜି ହେକ୍ଟର୍‌ର ବ୍ଲାକଷ୍ଟର୍ମ ସଂସ୍କରଣ ବଜାରକୁ ଛାଡିଛି। ଏହି ନୂତନ ସଂସ୍କରଣରେ ଷ୍ଟାରି-ବ୍ଲାକ ବାହ୍ୟଭାଗ ଏବଂ ଷ୍ଟାଇଲିଶ ବ୍ଲାକ୍ ଥିମ୍ ଇଣ୍ଟେରିଅର୍ ରହିଛି, ଯେଉଁଥିରେ ଗନ୍ ମେଟାଲ ସୌନ୍ଦର୍ଯ୍ୟ ସନ୍ନିବେଶିତ।

# ଆର୍‌ବିଆଇଠାରୁ କେନ୍ଦ୍ର ନେବ ୧ ଲକ୍ଷ କୋଟି

**ନୂଆଦିଲ୍ଲୀ,୨୦।୫(ଏଜେନ୍ସି):** ଚଳିତବର୍ଷ କେନ୍ଦ୍ର ସରକାରଙ୍କ ରାଜକୋଷରେ ବିପୁଳ ପରିମାଣରେ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ତେବେ କେନ୍ଦ୍ର ସରକାରଙ୍କ ରାଜକୋଷ ବାସ୍ତବରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲାଭାଂଶ ଅର୍ଥରେ ଭରିବାକୁ ଯାଉଛି। କାରଣ କେନ୍ଦ୍ର ସରକାର ବର୍ତ୍ତମାନ ଆର୍‌ବିଆଇଠାରୁ ଏହାର ୧ ଲକ୍ଷ କୋଟି ଟଙ୍କାର ଲାଭାଂଶ ଅର୍ଥ ନେଇଯିବେ। ସରକାରଙ୍କ ଋଣ ପରିଚାଳନା କରୁଥିବା କାର୍ଯ୍ୟ କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ମାସ ଶେଷ ସୁଦ୍ଧା ସରକାରୀ ଆକାଉଣ୍ଟକୁ ବଳକା ଅର୍ଥ ସ୍ଥାନାନ୍ତର କରିବାକୁ ଘୋଷଣା କରିପାରିବ। ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଅର୍ଥନୀତି ପରାମର୍ଶଦାତା କାନିକା ପାସ୍ରିକା ଏକ ଅନୁସନ୍ଧାନକାରୀ ରିପୋର୍ଟରେ କହିଛନ୍ତି ଯେ ଆଇବିଆଇରୁ ।ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ଆକାଉଣ୍ଟକୁ ସ୍ଥାନାନ୍ତର ହେବ ବୋଲି ଆମେ ଆଶା କରୁଛୁ। ୨୦୨୫ ଆର୍ଥିକବର୍ଷରେ ସରକାର ଏହି ଅର୍ଥକୁ ସ୍ଥାନାନ୍ତର କରିନେବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ବାଲାନ୍ସ ସିଟ୍ ସମ୍ବନ୍ଧରେ ସର୍ବସାଧାରଣଙ୍କ ନିକଟରେ ଉପଲବ୍ଧ ସୂଚନା ଆଧାରରେ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ବିଶ୍ଳେଷଣ ଅନୁଯାୟୀ, ଏଥର ଆରବିଆଇ ଗତ ବର୍ଷ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ୮୭,୪୧୬ କୋଟି ଟଙ୍କାର ଲାଭାଂଶ ଦେଇପାରିବ।



## ଡାଲି ମହଙ୍ଗା।

# ଅକ୍ଟୋବର ପର୍ଯ୍ୟନ୍ତ ମିଳିବନି ନିସ୍ତାର

**ନୂଆଦିଲ୍ଲୀ,୨୦।୫(ଏଜେନ୍ସି)**



- **ହୁ ହୁ ହୋଇ ବଢୁଛି ଖାଦ୍ୟ ସାମଗ୍ରୀ ଦର**
- **ଡାଲି କିଲୋ ୧୭୦ ଟପିଲାଣି**

ନିର୍ବାଚନୀ ଋତୁରେ ଦେଶରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ। ଖୁଚୁରା ମୁଦ୍ରାସ୍ଫୀତି କିଛି ମାତ୍ରାରେ କମିଥିବାବେଳେ ଖାଦ୍ୟ ସାମଗ୍ରୀ ଦର ବଢ଼ିବାରେ ଲାଗିଛି। ଏଭଳି ସମୟରେ ଦେଶରେ ବଢ଼ିବାରେ ଲାଗିଛି ଡାଲି ଦର, ଯାହାକୁ ନେଇ ଖାଉଟି ଏବେ ଚିନ୍ତାରେ। କାରଣ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ଚାଉଳ , ଅଟା, ଖାବା ତେଲ ସବୁ କ୍ଷେତ୍ରରେ ଡାଲି ଦର ଖୁବ୍ ଜୋରରେ ବଢ଼ିବାରେ ଲାଗିଛି। ତେବେ ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ଚଳିତବର୍ଷ ଅକ୍ଟୋବର ମାସ ପର୍ଯ୍ୟନ୍ତ ଖାଉଟୀଙ୍କ ଡାଲି ଦରବୃଦ୍ଧିରୁ ସାଧାରଣ ଖାଉଟିଙ୍କୁ କୌଣସି ଆଶ୍ୱସ୍ତି ମିଳି ନ ପାରେ।

ଘରୋଇ ବଜାରରେ ଖାଦ୍ୟ ସାମଗ୍ରୀ ଦର ବର୍ତ୍ତମାନ ଏଭଳି ସ୍ତରରେ ରହିଛି, ଯେଉଁଠି ଲୋକଙ୍କୁମାନଙ୍କୁ ଆଗକୁ ଏକ ଦୀର୍ଘ ସମୟ ପାଇଁ ମୁଦ୍ରାସ୍ଫୀତି ଜନିତ ସମସ୍ୟାର ସାମ୍ନା କରିବାକୁ ପଡିପାରେ। ସମ୍ପ୍ରତି ଖୁଚୁରା ବଜାରରେ ବଜାରରେ ବିଶେଷକରି ଡାଲି ଦରରେ ଖାଉଟଙ୍କୁ ଏ ତେଲେ ଜଲ୍‌ଦି ଆରାମ ମିଳିବନାହିଁ। କାରଣ ବର୍ତ୍ତମାନ ଖୁଚୁରା ବଜାରରେ ଡାଲି ମୂଲ୍ୟରେ ହ୍ରାସ ଘଟିବାର ମୂଲ୍ୟରେ କୌଣସି ଲକ୍ଷଣ ଦେଖାଯାଉନାହିଁ। ଏହାର ଅନ୍ୟତମ କାରଣ ହେଉଛି ଡାଲି ଯୋଗାଣ ଯେଉଁ ଅନୁପାତରେ ହେଉଛି ତାହା ଚାହିଦା ପୂରଣ କରିବା ସ୍ଥିତିରେ ନାହିଁ। ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ କହିଛନ୍ତି ଯେ ବଜାରରେ ନୂତନ ଫସଲର ଯୋଗାଣ ଆରମ୍ଭ ନ ହେବା ପର୍ଯ୍ୟନ୍ତ ଦେଶରେ ଡାଲିର ମୂଲ୍ୟ ଅଧିକ ରହିପାରେ। ଅକ୍ଟୋବର ମାସରେ ନୂତନ ଫସଲର ଆସିବା ଆରମ୍ଭ ହେବ। ଏଭଳି ପରିସ୍ଥିତିରେ ଅକ୍ଟୋବର ପର୍ଯ୍ୟନ୍ତ ଜନସାଧାରଣ ମୁଦ୍ରାସ୍ଫୀତିରୁ ମୁକ୍ତି ପାଇବାକୁ ଯାଉନାହାଁନ୍ତି। ବଜାର ବିଶେଷଜ୍ଞଙ୍କ ମତରେ ଦେଶରେ ଡାଲିର ଚାହିଦା ଯୋଗାଣ ଅନୁଯାୟୀ, ହେଉ ନାହିଁ। ଚାହିଦା ଏବଂ ଯୋଗାଣ ମଧ୍ୟରେ ଅସନ୍ତୁଳନତା ହେତୁ ଡାଲିର ମୂଲ୍ୟ ଅତ୍ୟଧିକ ବଢ଼ିଯାଉଛି। କେବଳ ଡାଲି ମୂଲ୍ୟରେ ଏଭଳି ଉଚ୍ଚ ବୃଦ୍ଧି ହେତୁ ସାମଗ୍ରିକ ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ପ୍ରଭାବିତ ହେଉଛି। ଅପରପକ୍ଷେ ଭାରତ ହେଉଛି ବିଶ୍ୱରେ ଡାଲିର ସବୁଠାରୁ ବଡ଼ ଉତ୍ପାଦନକାରୀ। ଏଭଳି ପରିସ୍ଥିତିରେ ଭାରତକୁ ଡାଲି ଆମଦାନୀ କରିବାକୁ ପଡିବ। ୨୦୨୨-୨୩ ଫସଲ ବର୍ଷରେ ଦେଶରେ ଡାଲିର ଆନୁମାନିକ ଉତ୍ପାଦନ ୨୬.୦୫ ନିୟୁତ ଟନ୍ ରହିଥିବାବେଳେ ଏହାର ବ୍ୟବହାର ୨୮ ନିୟୁତ ଟନ୍ ରହିଥିଲା।

ଯଦି ଆମେ ବର୍ତ୍ତମାନ ଡାଲିର ମୂଲ୍ୟ ବିଷୟରେ ଆଲୋଚନା କହିବା, ତେବେ ସମ୍ପ୍ରତି ଘରୋଇ ବଜାରରେ ହରଡ, ବୁଟ ଏବଂ ମସୁର ଡାଲି କ୍ଷେତ୍ରରେ ମୁଦ୍ରାସ୍ଫୀତି ସର୍ବାଧିକ ରହିଛି। ଅର୍ଥାତ୍ ଏହି ତିନୋଟି ଡାଲି ଦର ବେଶ ଉଚ୍ଚରେ ଅଛି। ଡାଲିର ମୁଦ୍ରାସ୍ଫୀତି ଏପ୍ରିଲ ମାସରେ ୧୬.୮ ପ୍ରତିଶତ ରହିଥିଲା। ଏପ୍ରିଲରେ ୩୧.୪ ପ୍ରତିଶତ ସର୍ବାଧିକ ମୁଦ୍ରାସ୍ଫୀତି ହରଡ ଡାଲି କ୍ଷେତ୍ରରେ ରହିଥିଲା। ସେହିଭଳି ବୁଟ ଡାଲିରେ ମୁଦ୍ରାସ୍ଫୀତି ହାର ୧୪.୬ ପ୍ରତିଶତ ଏବଂ ମସୁର ଡାଲିରେ ୧୪.୩ ପ୍ରତିଶତ ହାର ରହିଛି। ଖାଦ୍ୟ ସାମଗ୍ରୀ ଶ୍ରେଣୀରେ ମୁଦ୍ରାସ୍ଫୀତିରେ ଡାଲିର ଯୋଗଦାନ ପ୍ରାୟ ୬ ପ୍ରତିଶତ ରହିଛି।

# ପଟେଲ କଣ୍ଟେନର୍ ଇଣ୍ଡିଆରେ ସେଲ୍‌ୱିନ ଟ୍ରେଡର୍ସ କରିବ ନିବେଶ

**ଭୁବନେଶ୍ୱର,୨୦।୫(ସମିସ):** ଅହମ୍ମଦାବାଦସ୍ଥିତ ସେଲ୍‌ୱିନ ଟ୍ରେଡର୍ସ ଲିମିଟେଡର ବୋର୍ଡ ଅଫ ଡାଇରେକ୍ଟର୍ସ ପଟେଲ କେଣ୍ଟେନର୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡରେ ରଣକୌଶଳାତ୍ମକ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। କମ୍ପାନୀ ପଟେଲ କଣ୍ଟେନରରେ ୩୬% ଅଂଶ ଅଧିଗ୍ରହଣ କରିବ ଯାହା ଆଗାମୀ ଦୁଇବର୍ଷ ମଧ୍ୟରେ ୫୧% ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ସେଲ୍‌ୱିନ ଟ୍ରେଡର୍ସ ଦ୍ୱାରା ପୁଞ୍ଜିନିବେଶ ଅର୍ଥକୁ ଗୁଜରାଟର ଭାବନଗର ଜିଲ୍ଲାରେ ଲଜିଷ୍ଟିକ୍ କେଣ୍ଟନର୍ସ ନିମନ୍ତେ ଏକ ନୂତନ ବିନିର୍ମାଣ ସୁବିଧା ସ୍ଥାପନକୁ ସମର୍ଥନ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। ପଟେଲ କଣ୍ଟେନର୍ ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ ୨୦୨୪ ଅବସରରେ ଗୁଜରାଟର ଭାବନଗର ଜିଲ୍ଲାରେ ଲଜିଷ୍ଟିକ୍ କେଣ୍ଟେନର୍ସ ନିମନ୍ତେ ଏକ ବିନିର୍ମାଣକାରୀ କାରଖାନା ସ୍ଥାପନ ନିମନ୍ତେ ୪୫ କୋଟି ଟଙ୍କା ନିବେଶ କରିବାକୁ ଏକ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲା। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଆକଳନ କରାଯାଇଛି ଏବଂ ଏହା ୨୦୨୫ ବର୍ଷରେ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। ଏହି ୟୁନିଟ୍ ସ୍ଥାପନ ନିମନ୍ତେ ଭାବନଗର ପ୍ରମୁଖ ବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତି ଏବଂ ବାଣିଜ୍ୟ ରୁଟ୍ ନିକଟ ଆଦି ସହିତ ଅନେକ ରଣକୌଶଳାତ୍ମକ ସୁବିଧା ଯୋଗାଇ ଦେଉଛି, ଯାହା ଲଜିଷ୍ଟିକ୍ସ ଏବଂ ଆବଢକ୍ଷଗ୍ସ୍;ନକୁ ଶୀର୍ଷସ୍ତରରେ ପହଞ୍ଚାଇବ। ୨୦୨୪ ଆର୍ଥିକ ବର୍ଷରେ କମ୍ପାନୀ ତାହାର ବ୍ୟବସାୟିକ ପରିଚାଳନାକୁ ଲାଭଜନକ କରିଥିଲା ଏବଂ ଏହାର ମୋଟ ଆୟରେ ୫୬% ଅଭିବୃଦ୍ଧି ଘଟି ତାହା ୬୧.୭ କୋଟି ଟଙ୍କାରେ ପହଞ୍ଚିଥିଲା, ଯାହା ୨୦୨୩ ଆର୍ଥିକ ବର୍ଷରେ ୩୯.୬୦ କୋଟି ଟଙ୍କା ହୋଇଥିଲା।



# ଆତଙ୍କବାଦ ବିରୋଧୀ ଦିବସ



ଆଜି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ। ୧୯୯୧ ମସିହାରେ ଆଜିର ଦିନରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁର ଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେବାବେଳେ ଏଲ୍‌ଟିଟିଇ ଉଗ୍ରବାଦୀଙ୍କ ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ମୃତିରେ ଭି.ପି. ସିଂହ ସରକାର ମେ' ୨୧କୁ 'ଆତଙ୍କବାଦ ବିରୋଧୀ ଦିବସ' ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ବିଶ୍ୱବ୍ୟାପୀ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଅହିଂସାର ବାର୍ତ୍ତା ପ୍ରଚାର କରିବା ନିମନ୍ତେ ଏହି ଦିବସ ପାଳନ କରାଯାଏ। ଦେଶର ଯୁବକମାନଙ୍କୁ ଆତଙ୍କବାଦ ହିଂସାଠାରୁ ଦୂରେଇ ରଖିବା ଏହି ଦିବସର ମୂଳ ଆଭିମୁଖ୍ୟ । ଆତଙ୍କବାଦ ଦେଶର ନିରାପତ୍ତା ଏବଂ କଲ୍ୟାଣ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହାର ଉଦ୍ଦେଶ୍ୟ ହେଉଛି ଭୟ ସୃଷ୍ଟି କରିବା, ସାମାଜିକ ଶୃଙ୍ଖଳାକୁ ବାଧା ଦେବା ଏବଂ ଶାନ୍ତିପୂର୍ଣ୍ଣ ସହଭାଗିତାକୁ ସମର୍ଥନ କରୁଥିବା ମୌଳିକ ମୂଲ୍ୟବୋଧକୁ ଦୁର୍ବଳ କରିବା। ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱାରା ଧନ ଜୀବନ ନଷ୍ଟ ହେବା ସହ ସମ୍ପ୍ରଦାୟ ମଧ୍ୟରେ ବିଶ୍ୱାସ ଭଙ୍ଗ ହୋଇପାରେ। ତେଣୁ, ଏହିପରି ବିପଦର ସମ୍ମୁଖୀନ ପାଇଁ ସଜାଗ ରହିବା ଏବଂ ଏକଜୁଟ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଦିବସରେ ସ୍କୁଲ୍ ଓ କଲେଜଗୁଡ଼ିକରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ଆତଙ୍କବାଦ ଓ ଏହାର ପରିଣାମ ଉପରେ ଆଲୋଚନା କରାଯାଏ। ସରକାରୀ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୂରେଇ ଦେବା ପାଇଁ ଶପଥ ନିଆଯାଏ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ମାନବିକତାକୁ ଜୀବିତ ରଖିବା।

## ଆଜିର ଦିନରେ

- ୧୮୪୦: ନ୍ୟୁଜିଲାଣ୍ଡ ବ୍ରିଟିଶ୍ ଉପନିବେଶର ଅଂଶ ହେଲା।
- ୧୮୮୧: ଆମେରିକାରେ ରେଡ୍‌କ୍ରସ୍ ସଂସ୍ଥାର ସ୍ଥାପନା।
- ୧୯୭୦: ସୋଭିଏତ୍ ରୁଷର ଆଣବିକ ପରୀକ୍ଷଣ।
- ୧୯୯୧: ବୋମା ବିସ୍ଫୋରଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିହତ।
- ୧୯୯୪: ସୁସ୍ମିତା ସେନ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।
- ୨୦୦୬: ଶ୍ରୀନଗରରେ କଂଗ୍ରେସ ର୍‍ୟାଲି ଉପରେ ଆକ୍ରମଣ।

## ତ୍ୱଚା କର୍କଟରୁ ସୁରକ୍ଷା ଦେବ

# ସନସ୍କ୍ରିନ୍ ଭେଣ୍ଡିଂ ମେସିନ୍

ସାଧାରଣତଃ ଭେଣ୍ଡିଂ ମେସିନ୍‌ରୁ ଚିପ୍ସ, ଚକ୍‌ଲେଟ୍, ପାଣି, କ୍ଷୀର ଆଦି ବାହାରିବା କଥା ସମସ୍ତେ ଜାଣନ୍ତି। ଏହି କ୍ରମରେ ନେଦରଲ୍ୟାଣ୍ଡର ସର୍ବସାଧାରଣ ସ୍ଥାନରେ ଏକ ଭିନ୍ନ ପ୍ରକାର ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା କରାଯାଇଛି। ଯେଉଁଥିରୁ ସନସ୍କ୍ରିନ୍ ଲୋସନ୍ ବାହାରୁଛି। ଏହାର ଉଦ୍ଦେଶ୍ୟ ଲୋକଙ୍କୁ ମାଗଣାରେ ସନସ୍କ୍ରିନ୍ ଲୋସନ୍ ପ୍ରଦାନ କରିବା ନୁହେଁ, ବରଂ ସେମାନଙ୍କୁ ଚର୍ମ କର୍କଟଠାରୁ ସୁରକ୍ଷିତ ରଖିବା। କାରଣ ସନ୍‌ସ୍କ୍ରିନ୍ ଲୋସନ୍ ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମିରୁ ତ୍ୱଚାକୁ ସୁରକ୍ଷିତ ରଖିଥାଏ। ଏଠାରେ ଅଧିକାଂଶ ଲୋକ ଚର୍ମ କର୍କଟ ସହ ସଂଘର୍ଷ କରୁଛନ୍ତି। ଏଣୁ ଏହି ରୋଗକୁ ମୁକାବିଲା କରିବା ଉଦ୍ଦେଶ୍ୟରେ ଏଠାରେ ବିଭିନ୍ନ ସ୍ଥାନରେ ସନ୍‌ସ୍କ୍ରିନ୍ ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା କରାଯାଇଛି। ଭେଣ୍ଡିଂ ମେସିନ୍ ମାଧ୍ୟମରେ ଏବେ ଲୋକଙ୍କୁ ମାଗଣାରେ ସନସ୍କ୍ରିନ୍ ଲୋସନ୍ ମିଳିପାରୁଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏଥିରୁ ଦେଖିବାକୁ ମିଳିଛି ଯେ, ଉକ୍ତ ଭେଣ୍ଡିଂ ମେସିନ୍ ସାମ୍ନାରେ ଜଣେ ମହିଳା ହାତ ଦେଖାଇଛନ୍ତି ଏବଂ ସେଥିରୁ ନିଭିୟା ବ୍ରାଣ୍ଡର ସନ୍‌ସ୍କ୍ରିନ୍ ଲୋସନ୍ ବାହାରୁଛି। ଯାହାକୁ ସେ ତାଙ୍କ ଶରୀରରେ ଲଗାଉଛନ୍ତି। ତେବେ ଚର୍ମ କର୍କଟକୁ ମାତ୍ ଦେବା ଉଦ୍ଦେଶ୍ୟରେ ଏଭଳି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି।









## ଆସିବ 'ରକ୍‌ଷ୍ଟାର୍'ର ସିକ୍ୱେଲ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ 'ଆନିମଲ୍' ହିଟ୍ ହେବା ପରେ ଏବେ ତାଙ୍କୁ ବହୁ ବଡ଼ ବ୍ୟାନର୍‌ରୁ ଅଫର୍ ଆସୁଛି। ଏବେ ସେ ନୀତେଶ ତିୱାରୀଙ୍କ ବିଗ୍ ବଜେଟ୍ ଫିଲ୍ମ 'ରାମାୟଣ'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିବା ପାଇଁ ରଣବୀର ସ୍ୱତନ୍ତ୍ର ତାଲିମ୍ ନେବା ସହ ଆମିଷ ଖାଉ ନାହାନ୍ତି। ଇତିମଧ୍ୟରେ ରଣବୀରଙ୍କ ଅଭିନୀତ ଫିଲ୍ମ 'ରକ୍‌ଷ୍ଟାର୍'ର ସିକ୍ୱେଲ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ୨୦୧୧ରେ ଏହି ଫିଲ୍ମ ଆସିଥିଲା। ଏଥିରେ ରଣବୀରଙ୍କ ସହ ନର୍ଗିସ୍ ଫକରି ଲିଡ୍ ରୋଲରେ ନଜର ଆସିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଇମ୍‌ତାଜ୍ ଅଲ୍ଲୀ। ଏହି ଫିଲ୍ମକୁ ରଣବୀରଙ୍କ ଫିଲ୍ମି କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ କୁହାଯାଏ। ଏଥିରେ ରଣବୀରଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଇମ୍‌ତାଜ୍ ଏହାର ସିକ୍ୱେଲ ଆଣିବାକୁ ଯାଉଛନ୍ତି। ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ଏ.ଆର୍ ରେହମାନ୍ ଥିଲେ। ନିକଟରେ ଏକ ସାକ୍ଷାତକାରବେଳେ ଇମ୍‌ତାଜ୍‌ଙ୍କୁ ରେହମାନ୍ ସେ 'ରକ୍‌ଷ୍ଟାର୍'ର ସିକ୍ୱେଲ ଆଣୁଛନ୍ତି କି ବୋଲି ପଚାରିଥିଲେ। ସେ ଏହାର ଜବାବରେ 'ହଁ' କହିଥିଲେ। ତେବେ ରେହମାନ୍ ଓ ଇମ୍‌ତାଜ୍ 'ରକ୍‌ଷ୍ଟାର୍'ର ସିକ୍ୱେଲ ଆଣିବା ପାଇଁ ଯୋଜନା କରିଥିବା ଏଥିରୁ ସ୍ପଷ୍ଟ ହୋଇଛି। ରଣବୀର କପୁର ଏଥିରେ ଲିଡ୍ ରୋଲରେ ଆସିବେ କି ନାହିଁ ତାହା ଜଣାପଡ଼ିନାହିଁ।



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।



# ବାଇଗଣ ନର୍ସରୀ ପାଇଁ ଉନ୍ନତ କିସମ

**ମଇ ମାସରେ ବାଇଗଣ ଚାଷ ପାଇଁ ଅନୁକୂଳ ସମୟ। ସ୍ୱଳ୍ପ ପରିଶ୍ରମ ଓ ଖର୍ଚ୍ଚରେ ବାଇଗଣ ଭଲ ଲାଭ ଦେଇଥାଏ। ତେଣୁ ଏହି ଚାଷ ପାଇଁ ନର୍ସରୀ ପ୍ରସ୍ତୁତ କରୁଥିଲେ, ରୋଗ ସହଣୀ କିସମ ବ୍ୟବହାର କରିବା ଉଚିତ। ପ୍ରଥମେ ଟନେଲ ପଲିହାଉସ୍ ତଥା ନର୍ସରୀ କରି ସଙ୍କର କିସମ ପୁସା ଗ୍ରୀନ୍ ୧୦୦ରୁ ୧୨୦ ଗ୍ରାମ୍ ରୋଗସହଣୀ ବାଇଗଣ ମଞ୍ଜି ନିଅନ୍ତୁ। ଏଥିରେ ମଞ୍ଜି ବୁଣିବା ପୂର୍ବରୁ ୪ ଗ୍ରାମ୍ ଟ୍ରାଇକୋଡର୍ମା କିମ୍ବା ୨ ଗ୍ରାମ୍ ଥିରମ ପ୍ରତି କିଲୋରେ ଗୋଳାଇବା ଉଚିତ।**

**ପୁସା ହାଇବ୍ରିଡ୍-୬:** ଫଳ ଗୋଲାକାର ଏବଂ ବାଇଗଣୀ ରଙ୍ଗର ହୋଇଥାଏ। ପ୍ରତ୍ୟେକ ଫଳର ଓଜନ ପାଖାପାଖି ୨୦୦ ଗ୍ରାମ୍ ହୋଇଥାଏ। ମଞ୍ଜି ବୁଣିବାର ପ୍ରାୟ ୮୫ରୁ ୯୦ ଦିନ ମଧ୍ୟରେ ଫଳ ଫଳିଥାଏ। ହେକ୍ଟର ପିଛା ୪୦ରୁ ୬୦ ଟନ୍ ଅମଳ ହୁଏ। ୧୦ ଗ୍ରାମ୍‌କୁ ୩୦୦ ଟଙ୍କାରୁ ୫୦୦ ଟଙ୍କା ରହିଛି।

**ପୁସା ପର୍ପଲ ଲଙ୍ଗ୍:** ଏହି କିସମ ବାଇଗଣ ଲମ୍ବାକାର ହୋଇଥାଏ। ହେକ୍ଟର ପିଛା ୨୫ ରୁ ୨୭ କ୍ୱିଣ୍ଟାଲ ଅମଳ ହୋଇଥାଏ।

**ସ୍ୱର୍ଣ୍ଣ ଶକ୍ତି କିସମ:** ସଙ୍କର ଜାତୀୟ ଏହି କିସମ ବ୍ୟବହାର କରି ତଳି ଲଗାଇବା ଠାରୁ ୫୫ ରୁ ୬୦ ଦିନରେ ପ୍ରଥମ ଫଳ ଫଳିବାକୁ ଲାଗେ । ହେକ୍ଟର ପିଛା ୭୦୦ରୁ ୭୫୦ କ୍ୱିଣ୍ଟାଲ ଅମଳ ମିଳେ। ଏହି ଗଛର ଉଚ୍ଚତା ୭୦ରୁ ୮୦ ସେମି। ଫଳ ମଧ୍ୟମ ଆକାର। ଗୋଟିଏ ଫଳର ଓଜନ ପାଖାପାଖି ୧୫୦ରୁ ୨୦୦ ଗ୍ରାମ୍ ହୋଇଥାଏ।

**ପୁସା ପର୍ପଲ ରାଉଣ୍ଡ:** ଗୋଲାକାର ଏହି ଫଳର ଓଜନ ୧୩୦ରୁ ୧୪୦ ଗ୍ରାମ୍ ହୋଇଥାଏ। ୬୦ ରୁ ୭୦ ଦିନ ମଧ୍ୟରେ ଫଳ ଫଳିବାକୁ ଲାଗେ। ଏହି କିସମରେ ମୂଳପଚା ଓ ଫଳଶଢ଼ା ରୋଗପ୍ରତିରୋଧକ ଶକ୍ତି ରହିଛି।

**ପୁସା ପର୍ପଲ କ୍ଲଷ୍ଟର:** ଗୁଚ୍ଛା ଗୁଚ୍ଛା ହୋଇ ଫଳ ଫଳେ। ଏହି ଫଳ ୧୦ରୁ ୧୨ ସେମି ଲମ୍ବା ହୋଇଥାଏ। ଜୀବାଣୁଜନିତ ରୋଗପ୍ରତିରୋଧ ହୋଇଥିବାରୁ ରୋଗ ପୋକ ଲାଗିବାର ଭୟ ନଥାଏ। ଅନ୍ୟ କିସମ ତୁଳନାରେ ଏହି କିସମରୁ ଅଧିକ ଲାଭ ମିଳେ।





# କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଜମିର ପ୍ରକାର, ମାଟିର ଉର୍ବରତା ଓ ଜଳସେଚନର ସୁବିଧାକୁ ଦୃଷ୍ଟିଦେଇ ଖରିଫ ଫସଲ ଯୋଜନା କରନ୍ତୁ।
- ଅମଳ ଉପଯୋଗୀ ଅଣଧାନ ଫସଲ ଯଥା- ଚିନାବାଦାମ ଓ ଡାଲିଜାତୀୟ ଫସଲ ଶୀଘ୍ର ଅମଳ କରିଦିଅନ୍ତୁ।
- ଖରାଟିଆ ଚାଷ ଜମିରେ ସବୁଜ ସାର ହିସାବରେ ଧଣିଚା ମଞ୍ଜିକୁ ଏକର ପ୍ରତି ୧୦ କିଗ୍ରା ହିସାବରେ ବୁଣନ୍ତୁ।
- ମେ ଓ ଜୁନ୍ ମାସରେ ବେବି କର୍ଣ୍ଣ ଲଗାଇବା ପାଇଁ ଉପଯୁକ୍ତସମୟ। ଭିଏଲ୍-୪୨, ଏମ୍‌ଇଏଚ୍-୧୧୪, ଏମ୍‌ଇଏଚ୍-୧୩୩ ଆଦି ସଙ୍କର ଜାତୀୟ ବିହନ ଲଗାନ୍ତୁ। ଏକ ଏକର ଜମି ପାଇଁ ୧୦ରୁ ୧୨ କିଲୋ ବିହନ ଦରକାର।
- ଆଖୁ ଫସଲରେ ସଅଳ କାଣ୍ଡବିନ୍ଧାପୋକର ନିୟନ୍ତ୍ରଣ ପାଇଁ ପ୍ରଥମ ଥର ହୁଡ଼ା ଟେକିବା ସମୟରେ ମାଟିରେ ଏକର ପ୍ରତି ୧୦ କିଗ୍ରା ଫିପ୍ରୋନିଲ ନାମକ ଦାନାଦାର ପ୍ରୟୋଗ କରନ୍ତୁ।



- ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ାଙ୍କର ଟିକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା କରିବା ଉଚିତ। ବିଜୁଳି ଘଡ଼ଘଡ଼ି ସମୟରେ ଫାର୍ମ ପାଖରେ କିଛି ବିଦ୍ୟୁତ୍ ଉପକରଣ ରଖନ୍ତୁ ନାହିଁ। ଉଷ୍ମ ଲହରୀ ସମୟରେ କୁକୁଡ଼ା ଫାର୍ମରେ ଥିବା ଝରକାଗୁଡିକୁ ଓଦା ଅଖି ବସ୍ତା କିମ୍ବା ଗନି ବ୍ୟାଗରେ ଛାତକୁ ନଡ଼ାରେ ଘୋଡାନ୍ତୁ। କୁକୁଡ଼ା ସେଡରେ ବାୟୁ ଚଳପ୍ରଚଳନ ପାଇଁ ଘରକୁ ଥଣ୍ଡା ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ। ଉଷ୍ମ ଲହରୀ ଶେଷ ହେବା ପର୍ଯ୍ୟନ୍ତ ଭିଟାମିନ୍ ଇ ଏବଂ ସି ସପ୍ଲିମେଣ୍ଟକୁ ପାନୀୟ ଜଳ ସହିତ ମିଶାଇ ଖାଇବାକୁ ଦିଅନ୍ତୁ।

### କୃଷି ଆବିଷ୍କାର

# ରୋଟେସନ୍ କମ୍ପୋଷ୍ଟର ଭାପ୍ରା

## ସାତଦିନରେ ବର୍ଜ୍ୟ ଖତ



ଆଧୁନା ଲୋକେ ନିଜ ଫସଲରେ ଜୈବିକ ସାର ପ୍ରୟୋଗକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗଛକୁ ପୋଷଣସାର ଯୋଗାଇବା ପାଇଁ ଅନେକ ପରିବା ବର୍ଜ୍ୟରୁ ଖତ ପ୍ରସ୍ତୁତ କରନ୍ତି। ହେଲେ କିଛି ଜଣ ଏହି ଖତ କରିବାକୁ ଅଧିକ ସମୟ ଓ ପରିଶ୍ରମ ପଡ଼ିବା ଚିନ୍ତା କରି ଏଥିରୁ ଦୂରେଇ ରୁହନ୍ତି। ତେଣୁ ଘରେ ଶୁଖିଲା ଓ ଓଦା ବର୍ଜ୍ୟକୁ ଅଲଗା କରି କମ୍ ସମୟରେ ଖତ ପ୍ରସ୍ତୁତ କରିବାକୁ ହାଇଦ୍ରାବାଦ୍ ପାବନୀ ଲୋଲା 'ଗ୍ରୀନ୍ ପ୍ରୋଜେକ୍ଟ' ଜରିଆରେ ରୋଟେସନ୍ କମ୍ପୋଷ୍ଟର ଭାପ୍ରା କରିଛନ୍ତି। ଏହା ୬୫ରୁ ୭୦ ପ୍ରତିଶତ ବର୍ଜ୍ୟକୁ ସହଜରେ ଖତ କରିପାରେ। ଏହା ଏକ ବକ୍ସ ପରି ହୋଇଥାଏ, ଯେଉଁଥିରେ ଦୈନିକ ରୋଷେଇ ଘରୁ ବାହାରୁ ଥିବା ବର୍ଜ୍ୟକୁ ପକାଯାଇ ଏହା ଉପରେ ଘୋଡ଼ଣୀ ଘୋଡ଼ାଇ ଦିଆଯାଏ। ଏଥିରେ ଘୂରିବା ବିକଳ୍ପ ଥିବାରୁ ମାତ୍ର ୭ ଦିନ ମଧ୍ୟରେ ଏହା ଖତ ପ୍ରସ୍ତୁତ କରିଥାଏ। ଏହାକୁ ସ୍ୱଳ୍ପ ସ୍ଥାନରେ ବେଶ୍ ଆରାମରେ ବ୍ୟବହାର କରାଯାଇପାରିବ। ନିଜସ୍ୱ ଷ୍ଟାର୍ଟଅପ୍ 'ଭାପ୍ରା' ଗ୍ରୀନ୍ ମିକ୍ସ ପାଉଡର ଜରିଆରେ ପାବନୀ ଏହାକୁ ସମଗ୍ର ଦେଶରେ ବିକ୍ରି କରୁଛନ୍ତି।

# ଭେଣ୍ଡି ଫସଲରେ ଜଳ ସିଞ୍ଚନ

**ରାଜ୍ୟର ଅନେକ ଚାଷୀ ଭେଣ୍ଡି ଚାଷ କରି ସ୍ୱାବଲମ୍ବୀ ହୋଇଥାନ୍ତି। ଯଦିଓ ବର୍ଷକ ବାରମାସ ଭେଣ୍ଡି ଚାଷ କରାଯାଏ। ତେବେ ବର୍ଷର ପ୍ରଥମ ମଞ୍ଜି ବୁଣା କାମ ଫେବୃୟାରୀ ଏବଂ ମାର୍ଚ୍ଚ ମାସ ମଧ୍ୟରେ ହୋଇଥାଏ। ତେଣୁ ମଞ୍ଜି ବୁଣିବାର ମାତ୍ର ଦୁଇ ମାସ ମଧ୍ୟରେ ଭେଣ୍ଡି ଅମଳ ହୋଇଯାଉଥିବାରୁ ଏପ୍ରିଲ – ମଇ ମାସ ମଧ୍ୟରେ ଏହି ଫସଲରେ ଜଳସିଞ୍ଚନର ଆବଶ୍ୟକତା ଅଧିକ। ବର୍ତ୍ତମାନ ଭୀଷଣ ଗରମ ପଡ଼ିଥିବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଜଳ ସିଞ୍ଚନ ନ କଲେ, ଗଛ ମରିଯିବାର ସମ୍ଭାବନା ଥାଏ। ତେଣୁ ଗଛର ବୃଦ୍ଧି ପାଇଁ ମଇ ମାସରେ ୧୦ରୁ ୧୨ ଦିନ ଅନ୍ତରାଳରେ ଜଳସିଞ୍ଚନ କରିବା ଜରୁରି।**

ଫସଲରେ ଜଳ ପରିଚାଳନା କରିବା ଦ୍ୱାରା ଭେଣ୍ଡିରୁ ପ୍ରଚୁର ମାତ୍ରାର ଭିଟାମିନ୍-ଏ, ବି ଏବଂ ସି ମିଳିଥାଏ। ଭେଣ୍ଡି ଫସଲରେ ଭୂତାଣୁ ଜନିତ ଏବଂ ପତ୍ରମୋଡ଼ା ଓ ପତ୍ରବଙ୍କା ପୋକ ଲାଗିବାର ଅଧିକ ଆଶଙ୍କା ଥିବାରୁ ଏହାର ନିୟନ୍ତ୍ରଣ ପାଇଁ ୧୦ ଲିଟର ପାଣିରେ ୩ ଗ୍ରାମ୍ ଏସିଟାମାଇପ୍ରିଡ୍ ୩ ଗ୍ରାମ କିମ୍ବା କନପଫିଡୋର-୨୦୦ ଏସ୍.ଏଲ୍.୦୩-୦.୫ ମିଲି/ ଲିଟର ପାଣିରେ ମିଶାଇ ବୁଣିବାର ୨୦ ଦିନ ପରେ ଆବଶ୍ୟକତା ଅନୁସାରେ ୧୫ ଦିନ ଅନ୍ତରାଳରେ ଛିଞ୍ଚିବା ଜରୁରି।

ସେହିପରି ଭେଣ୍ଡି ଫସଲରେ ଭେଣ୍ଡି ପତ୍ରକୁ କାଟୁଥିବା ପୋକକୁ ନିୟନ୍ତ୍ରଣ କରିବାକୁ ସାଇପରମେଥ୍ରିନ୍ ୦.୫ ମିଲି/ଲିଟର ପାଣିରେ ଘୋଳ କରି ପ୍ରାୟ ୧୫ ଦିନ ଅନ୍ତରାଳରେ ସିଞ୍ଚନ କରିବା ଜରୁରି। ଫଳକୁ ଫଳମାଛିଆ ଏବଂ କାଣ୍ଡବିନ୍ଧା ପୋକ ଅଧିକ କ୍ଷତି ପହଞ୍ଚାଉଥିବାରୁ ୧୦ ଲିଟର ପାଣିରେ ଏମାମେକ୍ଟିନ୍ ବେନଜୋଏଟ୍ ୨ ଗ୍ରାମ୍ କିମ୍ବା ତିନି ଲିଟର ପାଣିରେ ୧ ମିଲି ସ୍ପିନୋସେଡ୍ ମିଶାଇ ଛିଞ୍ଚି ପାରିବେ।



# ସୁଗାର ଫ୍ରି ଆମ୍ବ



ବଜାରରେ ବିଭିନ୍ନ କିସମର ଆମ୍ବ ମଧ୍ୟରୁ ସମସ୍ତେ ମିଠା ଆମ୍ବ ଖାଇବାକୁ ପସନ୍ଦ କରନ୍ତି। ହେଲେ ମଧୁମେହ ପୀଡ଼ିତଙ୍କ ସ୍ୱାସ୍ଥ୍ୟ ପାଇଁ ମିଠା ଆମ୍ବ କ୍ଷତିକାରକ ହୋଇଥିବାରୁ ସେମାନେ ଆମ୍ବ ଖାଇବାକୁ ବଞ୍ଚିତ ରୁହନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏବେ ଆମ ଦେଶରେ ଚାଷୀମାନେ ସୁଗାର ଫ୍ରି ଆମ୍ବ ଫଳାଇବାକୁ ଗୁରୁତ୍ୱ ଦେଉଛନ୍ତି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ସୁଗାର ଫ୍ରି 'ଆମେରିକାନ ବ୍ୟୁଟି ଆମ୍ବ ଫଳାଇ ଚର୍ଚ୍ଚାରେ ରହିଛନ୍ତି ବିହାର, ମୁଜାଫରପୁର, ରୋହୁଆ ଗାଁର ଚାଷୀ ରାମ କିଶୋର ସିଂହ। ଏହି ଆମ୍ବର ଆକାର, ରଙ୍ଗ ଏବଂ ସ୍ୱାଦ ଅନ୍ୟ ଆମ୍ବ ଠାରୁ ଭିନ୍ନ। ସାଧାରଣତଃ ମିଠା ଆମ୍ବରେ ଟିଏସ୍‌ଏସ୍ ମାତ୍ରା ୨୫ ଯାଏଁ ଥାଏ, ହେଲେ ଏହି ଆମ୍ବରେ ଟିଏସ୍‌ଏସ୍ ୧୪ ରହିଥାଏ। ଏହି ଆମ୍ବ ମିଠା ଲାଗୁନଥିବାରୁ ଏହାକୁ ସୁଗାର ଫ୍ରି ଆମ୍ବ କୁହାଯାଉଛି। ଅମେରିକାନ ବ୍ୟୁଟି ଆମ୍ବ ଅମଳ ହେବାକୁ ପାଞ୍ଚ ମାସ ସମୟ ଲାଗୁଥିବାବେଳେ ଜୁଲାଇ ମାସରେ ଆମ୍ବ ପାଚିଯାଏ। ଗଛ ଲଗାଇବାର ଦୁଇ ବର୍ଷ ମଧ୍ୟରେ ଫଳ ଫଳିବା ଆରମ୍ଭ କରେ। କୃଷି ବିଶେଷଜ୍ଞଙ୍କ ମତ ଅନୁସାରେ ଏହି ଆମ୍ବ ୧୬ଥର ରଙ୍ଗ ବଦଳାଇଥାଏ। ଏହି ସ୍ୱତନ୍ତ୍ର କିସମ ଆମ୍ବର ମୂଲ୍ୟ ଅଧିକ ହୋଇଥାଏ।

ରାମ କିଶୋର କୋଲକାତାରୁ ଏହି ପ୍ରଜାତିର ଚାରିଟି ଆମ୍ବ ଗଛ ଆଣିଥିଲେ। ଗୋଟିଏ ଗଛର ମୂଲ୍ୟ ୧୬୦୦ ଟଙ୍କା ହୋଇଥାଏ। ବର୍ତ୍ତମାନ ସେ ପ୍ରାୟ ୬ଟି ଗଛ ଲଗାଇଛନ୍ତି। ସେ କୁହନ୍ତି, ଏହି ଗଛ ପାଇଁ ଅଧିକ ସ୍ଥାନର ଆବଶ୍ୟକ ହୁଏ ନାହିଁ। ବଜାରରେ ଏହି କିସମ ଆମ୍ବର ଦରଦାମ ଅଧିକ ରହୁଥିବାରୁ ଏହାକୁ ଚାଷୀ ଚାଷ କରି ବେଶ୍ ଦୁଇପଇସା ରୋଜଗାର କରିପାରିବେ। ପୂରା ପାଚିଲା ପରେ ଆମ୍ବ ରଙ୍ଗ ଲାଲ୍ ହୋଇଥାଏ। ଏହି ସମୟରେ ଆମ୍ବର ଓଜନ ଅଧିକ ହୋଇଥାଏ। ଗୋଟିଏ ଆମ୍ବର ଓଜନ ଅଧକିଲୋରୁ ଅଧିକ ହୋଇଥାଏ।

## ଇଟାଲିଆନ୍ ଓପନ୍ ଟେନିସ୍

# ଜ୍ୱେରେଭଙ୍କୁ ଦ୍ୱିତୀୟ ଟାଇଟଲ



**ରୋମ,୨୦।୫(ଏଜେନ୍ସି):** ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ ଏଥର ଇଟାଲିଆନ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ତୃତୀୟ ସିଡ୍ ମାନ୍ୟତା ପାଇଥିବା ଜେରେଭ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଚିଲିର ୨୧ତମ ସିଡ୍ ନିକୋଲାସ ଜେରୀଙ୍କୁ ୬-୪, ୭-୫ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଛନ୍ତି। ବିଜୟୀ ହେବାକୁ ଜ୍ୱେରେଭଙ୍କୁ ଏକ ଘଣ୍ଟା ୪୧ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା।

ବିଶ୍ୱର ୫ ନଂ ଖେଳାଳି ଜ୍ୱେରେଭ ପୂର୍ବରୁ ୨୦୧୭ରେ ଇଟାଲିଆନ୍ ଓପନ୍ ଟାଇଟଲ ଜିତିଥିଲେ। ଏଥିସହ ସେ କ୍ୟାରିୟରର ଷଷ୍ଠ ମାଷ୍ଟର୍ସ ୧୦୦୦ ଟାଇଟଲ ହାସଲ କରିଛନ୍ତି। ଆସନ୍ତା ସପ୍ତାହ ଶେଷରେ ଆରମ୍ଭ ହେବାକୁ ଯାଉଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ପୂର୍ବରୁ ଜ୍ୱେରେଭ ଏହି ଟାଇଟଲ ହାସଲ କରି ତାଙ୍କର ପ୍ରସ୍ତୁତି ଜୋରଦାର କରିଛନ୍ତି। ପୁଣି ୨୭ ବର୍ଷୀୟ ଜ୍ୱେରେଭ ୧୧ତମ ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରି ପୂର୍ବତନ ଜର୍ମାନୀ ଖେଳାଳି ବୋରିସ ବେକରଙ୍କ ସମକକ୍ଷ ହୋଇଛନ୍ତି। ଏଥିସହ ଜ୍ୱେରେଭ ଚଳିତ ବର୍ଷର ପ୍ରଥମ ଟାଇଟଲ ଜିତିଛନ୍ତି। ବିଶ୍ୱର ୧ ନଂ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟରେ ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ।

## ଫ୍ରେଞ୍ଚ ଓପନ୍ ଟେନିସ

# ନାଗଲ, ବୋପାନ୍ନାଙ୍କ ଉପରେ ନଜର

**ପ୍ୟାରିସ୍,୨୦।୫(ଏଜେନ୍ସି)**

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ମୁଖ୍ୟ ଡ୍ର ମ୍ୟାଚ୍‌ଗୁଡିକ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। କିନ୍ତୁ ଟୁର୍ଣ୍ଣାମେଣ୍ଟର କ୍ୱାଲିଫାୟର ମ୍ୟାଚ୍‌ଗୁଡିକ ସୋମବାରଠାରୁ ଆରମ୍ଭ ହୋଇଛି। ଏଥର ପୁରୁଷ ଏକକରେ ସୁମିତ ନାଗଲ ଓ ପୁରୁଷ ଯୁଗଳରେ ରୋହନ ବୋପାନ୍ନ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଏଟିପି ମାନ୍ୟତାରେ ୯୪ତମ ସ୍ଥାନରେ ରହିଥିବାର ନାଗଲ ଏକକ ମୁଖ୍ୟ ଡ୍ର'ରେ ସିଧାସଳଖ ସାମିଲ ହୋଇଛନ୍ତି। ୨୦୧୯ ପରେ ସେ ପ୍ରଥମ ଭାରତୀୟ ଖେଳାଳି ଭାବେ ଫ୍ରେଞ୍ଚ୍ ଓପନ୍ ପୁରୁଷ ମୁଖ୍ୟ ଡ'ରେ ସାମିଲ ହୋଇଛି। ପୂର୍ବରୁ ପ୍ରଜନେଶ ଗୁଣେଶ୍ୱରନ ଶେଷଥର ପାଇଁ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ୨୬ ବର୍ଷୀୟ ନାଗଲ ମଣ୍ଟେକାର୍ଲୋ ମାଷ୍ଟର୍ସରେ ବିଶ୍ୱର ୩୮ ନଂ ଖେଳାଳି ଇଟାଲୀର ମାଟେଓ ଅର୍ଣ୍ଣାଲ୍ଡିଙ୍କୁ ପରାସ୍ତ କରିଥିଲେ। ସେ ଗତ ୪୨ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଖେଳାଳି ଭାବେ କୌଣସି ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ତେଣୁ ଏଥର ସେ କିଛି କମାଲ କରିବେ ବୋଲି ଆଶା କରାଯାଉଛି।

ସେହିପରି ପୁରୁଷ ଯୁଗଳରେ ଅଭିଜ୍ଞ ରୋହନ ବୋପାନ୍ନା ଭାରତ ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି। ୪୩ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ବୋପାନ୍ନା ଫିଟ୍‌ନେସ ଓ ପ୍ରଦର୍ଶନରେ ଅନ୍ୟମାନଙ୍କୁ ପଛରେ ପକାଇବାର ଦକ୍ଷତା ରଖୁଛନ୍ତି। ସେ ଯୁଗଳ ମାନ୍ୟତାରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ବିଶ୍ୱର ୩ ନଂ ଖେଳାଳି ଅଷ୍ଟ୍ରେଲିଆ ମାଥ୍ୟୁ ହେଡେନଙ୍କ ସହ ସେ କୋର୍ଟକୁ ଓହ୍ଲାଇବେ। ଦୁହେଁ ଚଳିତ ବର୍ଷ ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ପୁରୁଷ ଯୁଗଳ ଟାଇଟଲ ହାସଲ କରିଥିଲେ। ଏଥର ଫ୍ରେଞ୍ଚ୍ ଓପନ୍‌ରେ ଦୁହିଁଙ୍କୁ ଦ୍ୱିତୀୟ ସିଡ୍ ମାନ୍ୟତା ମିଳିଛି। ସ୍ପେନ୍ ଓ ଆର୍ଜେଣ୍ଟିନା ଯୋଡି ମାର୍ସେଲ ଗ୍ରାନୋଲେର୍ସ ଓ ହୋରାସିଓ ଜେବାଲୋସଙ୍କୁ ଶ୍ରେଷ୍ଠ ସିଡ୍ ମାନ୍ୟତା ମିଳିଛି।



ଅନ୍ୟତମ ଭାରତୀୟ ଖେଳାଳି ଯୁକି ଭାମ୍ବ୍ରୀ ଓ ତାଙ୍କ ଫ୍ରାନ୍ସ ସାଥି ଅଲବାନୋ ଓଲିଭେଟି ସହ ପୁରୁଷ ଯୁଗଳରେ ଭାଗ ନେବେ। ସେହିପରି ନାଗଲ ଓ ଅଷ୍ଟ୍ରିଆର ସେବାଷ୍ଟିଆନ ଓଫନର ମଧ୍ୟ ପୁରୁଷ ଯୁଗଳରେ ଭାଗ ନେବେ। ସେହିପରି ଭାରତର ଅର୍ଜୁନ ଖାଡେ ଓ ଅନିରୁଦ୍ଧ ଚନ୍ଦ୍ରଶେଖର, ରିଥଭିକ୍ ଚୌଧୁରୀ ବୋଲିପାଲି ଓ ନିକି କାଲିୟାନ୍ଦା ପୁନାଚା ମଧ୍ୟ ଏହି ଇଭେଣ୍ଟରେ ଅବତୀର୍ଣ୍ଣ ହେବେ। ତେବେ ଏଥର ମହିଳା ଏକକ, ମହିଳା ଯୁଗଳ କୌଣସି ଭାରତୀୟ ଖେଳାଳି ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିନାହାନ୍ତି।

ଫ୍ରେଞ୍ଚ୍ ଓପନ୍‌ର ଗତ ୨୦୨୩ ସଂସ୍କରଣରେ ସର୍ବିଆର ନୋଭାକ ଜୋକୋଭିଚ୍ ପୁରୁଷ ଏକକ, ପୋଲାଣ୍ଡର ଇଗା ସ୍ୱିଆଟେକ ମହିଳା ଏକକ, ପୁରୁଷ ଯୁଗଳରେ କ୍ରୋଏସିଆର ଇଭାନ ଡୋଡିଗ ଓ ଆମେରିକାର ଅଷ୍ଟିନ କ୍ରାଜିସେକ, ମହିଳା ଯୁଗଳ ପ୍ରତିଯୋଗିତାରେ ତାଇୱାନର ସିଏ ସୁ- ୱେଇ ଓ ଚୀନର ୱାଙ୍ଗ ଜିନ୍‌ୟୁ ଏବଂ ମିଶ୍ରିତ ଯୁଗଳରେ ଜାପାନର ମିୟୁ କାଟୋ ଓ ଜର୍ମାନୀ ଟିମ ପୁଜ୍ ଟାଇଟଲ ହାସଲ କରିଥିଲେ।



### ଫ୍ରେଞ୍ଚ୍ ଓପନ୍‌ରେ ଭାରତୀୟ ଖେଳାଳି

**ପୁରୁଷ ଏକକ:** ସୁମିତ ନାଗଲ

**ପୁରୁଷ ଯୁଗଳ:** ରୋହନ ବୋପାନ୍ନା ଓ ମାଥ୍ୟୁ ଏବଡେନ (ଅଷ୍ଟ୍ରେଲିଆ), ଯୁକି ଭାମ୍ବ୍ରୀ ଓ ଅଲବାନୋ ଓଲିଭେଟି (ଫ୍ରାନ୍ସ), ସୁମିତ ନାଗଲ ଓ ସେବାଷ୍ଟିଆନ ଓଫନର (ଅଷ୍ଟ୍ରିଆ), ଶ୍ରୀରାମ ବାଲାଜୀ ଓ ମିଗୁଏଲ ଆଞ୍ଜେଲ ରେୟେସ ଭାରେଲା (ମେକ୍ସିକୋ), ଅର୍ଜୁନ ଖାଡେ-ଅନିରୁଦ୍ଧ ଚନ୍ଦ୍ରଶେଖର, ରିଥଭିକ୍ ଚୌଧୁରୀ ବୋଲିପାଲି ଓ ନିକି କାଲିୟାନ୍ଦା ପୁନାଚା।

# ଭୋଟ ଦେଲେ ସଚିନ, ସୂର୍ଯ୍ୟକୁମାର, ରାହାଣେ



ପୁତ୍ର ଅର୍ଜୁନଙ୍କ ସହ ସଚିନ

**ମୁମ୍ବଇ, ୨୦।୫ (ଏଜେନ୍ସି)**

ଚଳିତ ଲୋକସଭା ନିର୍ବାଚନର ୫ମ ପର୍ଯ୍ୟାୟ ଭୋଟ ସୋମବାର ମହାରାଷ୍ଟ୍ର ସମେତ ଦେଶର ବିଭିନ୍ନ ଭାଗରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁମ୍ବଇରେ ରହୁଥିବା ତାରକା କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ସମେତ ଅଜିଙ୍କ୍ୟା ରାହାଣେ ଓ ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ଭୋଟ୍ ଦାନ କରିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ଭୋଟ ଦେବା ଲାଗି ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଭାରତୀୟ ନିର୍ବାଚନ କମିସନରଙ୍କ ଦ୍ୱାରା 'ନ୍ୟାସନାଲ ଆଇକନ୍' ନିଯୁକ୍ତ ହୋଇଥିବା ସଚିନ ପୁଅ ଅର୍ଜୁନ ତେନ୍ଦୁଲକରଙ୍କ ସହ ଭୋଟଗ୍ରହଣ କେନ୍ଦ୍ରରେ ପହଞ୍ଚିଥିଲେ। ଉଭୟ ସଚିନ ଓ ଅର୍ଜୁନ ଭୋଟ ଦେବାପରେ ଅଙ୍ଗୁଠିରେ ଲାଗିଥିବା କାଳି ଚିହ୍ନ ସହ ଫଟୋକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ତେବେ ଝିଅ ସାରାଙ୍କ ସମାବର୍ତ୍ତନ ଉତ୍ସବକୁ ଯାଇଥିବାରୁ ସଚିନଙ୍କ ପତ୍ନୀ ଅଞ୍ଜଳୀ ଭୋଟ ଦେବାକୁ ଆସିପାରି ନ ଥିବା ଜଣାପଡ଼ିଛି। ସେହିଭଳି ନିର୍ଭରଯୋଗ୍ୟ ମଧ୍ୟକ୍ରମ ବ୍ୟାଟର୍ ଅଜିଙ୍କ୍ୟା ରାହାଣେ ପତ୍ନୀ ରାଧିକାଙ୍କ ସହ ଭୋଟ ଦେଇଛନ୍ତି। ଏକ ଫଟୋ ସେୟାର କରି ରାହାଣେ ଲେଖିଛନ୍ତି, 'ଆମେ ଆମର କର୍ତ୍ତବ୍ୟ ପାଳନ କରିଛୁ।' ବିସ୍ଫୋରକ ବ୍ୟାଟର୍ ତଥା ଅନ୍ୟତମ ମୁମ୍ବଇ ବାସିନ୍ଦା ସୂର୍ଯ୍ୟକୁମାର ମଧ୍ୟ ଭୋଟ ଦେଇ ଏକ ଫଟୋ 'ଏକ୍ସ'ରେ ସେୟାର କରିଛନ୍ତି। ଏଥିସହ ସେ ଉଲ୍ଲେଖ କରିଛନ୍ତି, ଆଜି ଆମର ଭୋଟ ଦେଇ ଆମ ଦେଶର ଭବିଷ୍ୟତ ଗଠନ କରିବା।





ପତ୍ନୀ ରାଧିକାଙ୍କ ସହ ରାହାଣେ

# ଅରବିନ୍ଦ ସ୍ମାରକୀ କ୍ରିକେଟ: ଫାଇନାଲରେ ପାରାମାଉଣ୍ଟ-ଏ'

**ଭୁବନେଶ୍ୱର, ୨୦।୫ (ସମିସ)**

କ୍ରିକେଟ ଆସୋସିଏସନ ଅଫ ପଠାନ (ସିଏପି)କୁ ୨୨୬ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଆୟୋଜକ ପାରାମାଉଣ୍ଟ-ଏ' ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଆସନ୍ତାକାଲି ବା ମେ ୨୧ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ପାରାମାଉଣ୍ଟ-ଏ' ଆସନ୍ତା ୨୬ ତାରିଖରେ ଫାଇନାଲ ଖେଳିବ।

ପାରାମାଉଣ୍ଟ ଖେଳ ପଡ଼ିଆରେ ସୋମବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରନ୍ତିକ ପ୍ରିୟାଂଶୁ ନାୟକ ୧୪୭ବଲ୍‌ରେ ଅପରାଜିତ ୧୮୮ ଓ ସ୍ୱାଗତ ସୌରଭ ମିଶ୍ର ୭୬ ବଲ୍‌ରେ ୧୦୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ସ୍ପୋର୍ଟିଂ ୪୦ ଓଭରରେ ୨ ୱିକେଟ ହରାଇ କରିଥିଲା ୩୪୦ ରନ୍। ଜବାବରେ କ୍ରିକେଟ ଏକାଡେମୀ ଅଫ ପଠାନ ୨୦.୨ ଓଭରରେ ମାତ୍ର ୧୧୪ ରନ୍ କରିଅଲଆଉଟ ହୋଇଯାଇଥିଲା। ଅରବିନ୍ଦ ମୁଦୁଲିଙ୍କ ୩୮ ଓ ସ୍ୱର୍ଣ୍ଣ ଝାଙ୍କ ୨୨ ରନ୍ ଯୋଗୁ ଦଳ ୧୦୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଶୁଭମ ପରିଡ଼ା ସର୍ବାଧିକ ୩ଟି, ସେକ୍ ନାଜୀବ ସରୱାର ଓ ସାତ୍ତ୍ୱିକରାଜ ସୁବୁଦ୍ଧି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ବିରାଟ ଶତକ ହାସଲ କରିଥିବା ପ୍ରନ୍ତିକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଡଭୋକେଟ ଡଃ ଗଙ୍ଗାଧର ମାନସିଂ ଏହି ମ୍ୟାଚ୍‌ରେ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍

# ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଦୀପ୍ତି

**ନୂଆଦିଲ୍ଲୀ,୨୦।୫(ଏଜେନ୍ସି):** ଜାପାନର କୋବ୍ ସହରରେ ଚାଲିଥିବା ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା କ୍ରୀଡ଼ାବିତ୍ ଦିପ୍ତୀ ଜୀବନଜୀ ବିଶ୍ୱରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ସେ ମହିଳା ୪୦୦ମିଟର ଟି୨୦ ବର୍ଗ ଦୌଡ଼ରେ ଏହି ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ସେ ୫୫. ୦୭ ସେକେଣ୍ଡ ସମୟ ନେଇ ଆମେରିକାର ବ୍ରେଆନା କ୍ଲାର୍କସ ବିଶ୍ୱ ରେକର୍ଡକୁ ପଛରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ବ୍ରେଆନା ପ୍ୟାରିସ୍‌ରେ ଅନୁଷ୍ଠିତ ଗତ ସଂସ୍କରଣରେ ୫୫.୧୨ ସକେଣ୍ଡ ସମୟ ନେଇ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ତୁର୍କୀର ଅସେଲ ଓଣ୍ଡର ୫୫.୧୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିବା ବେଳେ ଇକୁଏଡରର ଲିଜାନସେଲା ଅନଗୁଲୋ ୫୬. ୬୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ। ରବିବାର ଦୀପ୍ତି ୫୬.୧୮ ସେକେଣ୍ଡ ସମୟ ନେଇ ଏସୀୟ ରେକର୍ଡ ସୃଷ୍ଟି କରିବା ସହ ଫାଇନାଲ ରେସ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଯେଉଁ ଆଥଲେଟମାନେ ବୌଦ୍ଧିକ ଭାବେ ଅକ୍ଷମ ସେମାନଙ୍କୁ ଟି୨୦ ବର୍ଗରେ ସାମିଲ କରାଯାଇଥାଏ।




### ଯୋଗେଶଙ୍କୁ ଡିସ୍‌କସ୍ ଥ୍ରୋ'ରେ ରୌପ୍ୟ

ଏହି ମେଗା ଇଭେଣ୍ଟରେ ଅନ୍ୟତମ ଭାରତୀୟ କ୍ରୀଡ଼ାବିତ୍ ଯୋଗେଶ କାଥୁନିଆ ପୁରୁଷ ଏଫ୍୫୬ ବର୍ଗ ଡିସ୍‌କସ୍ ଥ୍ରୋ'ରେ ୪୧.୮୦ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଚାମ୍ପିଅନସିପ୍‌ରେ ଭାରତ ଏପର୍ଯ୍ୟନ୍ତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ୨ଟି କାଂସ୍ୟ ଜିତି ମୋଟ୍ ୪ଟି ପଦକ ହାସଲ କରିଛି। ରବିବାର ଭାରତର ନିଶଦ କୁମାର ଟି୪୭ ହାଇଜମ୍ପରେ ଓ ପ୍ରୀତି ପଲ୍ ଟି୩୫ ୨୦୦ମିଟର ରେସ୍‌ରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ଗତ ୧୭ରୁ ଆରମ୍ଭ ହୋଇଥିବା ଏହି ବିଶ୍ୱ ପାରା ଆଥଲେଟିକ ଚାମ୍ପିଅନସିପ୍ ୨୫ ତାରିଖରେ ଶେଷ ହେବ। ଚୀନ୍ ୧୧ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୦ କାଂସ୍ୟ ସହ ମୋଟ୍ ୩୦ ପଦକ ହାସଲ କରି ଶୀର୍ଷରେ ରହିଛି।

## ଏସିଆନ ରିଲେ ଚାମ୍ପିଅନସିପ୍

# ଜାତୀୟ ରେକର୍ଡ ସହ ଭାରତକୁ ସ୍ୱର୍ଣ୍ଣ



**ବ୍ୟାଙ୍କକ୍, ୨୦।୫ (ଏଜେନ୍ସି)**

ଭାରତର ୪ ଗୁଣା ୪୦୦ ମିଟର ମିକ୍ସଡ ରିଲେ ଟିମ୍ ଏସିଆନ ରିଲେ ଚାମ୍ପିଅନସିପ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛି। ମହମ୍ମଦ ଆଜମଲ୍, ଜ୍ୟୋତିକା ଶ୍ରୀ ଦାଣ୍ଡି, ଅମୋଲ ଜ୍ୟାକବ ଓ ଶୁଭ ଭେଙ୍କଟେଶନଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ରିଲେ ଟିମ୍ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏହି ଦୂରତାକୁ ୪ ଭାରତୀୟ ଧାବକ ୩ ମିନିଟ୍ ୧୪.୧୨ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତର ଏହା ନୂଆ ଜାତୀୟ ରେକର୍ଡ ହୋଇଛି। ପୂର୍ବରୁ ଗତବର୍ଷ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୪ ଗୁଣା ୪୦୦ମିଟର ମିକ୍ସଡ୍ ରିଲେ ରେସକୁ ଭାରତ ୩ ମିନିଟ୍ ୧୪.୩୪ ସେକେଣ୍ଡରେ ଫିନିଶ କରି ରେକର୍ଡ କରିଥିଲା।

ନୂତନ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଭାରତୀୟ ରିଲେ ଦଳ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ପ୍ୟାରିସ ଅଲିମ୍ପିକ୍ସ ଲାଗି ମିକ୍ସଡ ୪ ଗୁଣା ୪୦୦ ମିଟର ରିଲେ ପାଇଁ ଯୋଗ୍ୟତା ମାନଦଣ୍ଡ ୩ ମିନିଟ୍ ୧୧.୯୮ ସେକେଣ୍ଡ ରହିଛି। ଉଲ୍ଲେଖଯୋଗ୍ୟ, ଭାରତର ୪ ଗୁଣା ୪୦୦ ମିଟର ପୁରୁଷ ଓ ମହିଳା ରିଲେ ଦଳ ପ୍ୟାରିସ ଅଲିମ୍ପିକ୍ସ ଲାଗି ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

### ଜର୍ମାନ ଆଥ୍‌ଲେଟିକ୍ସ ମିଟ୍‌ରେ ଅନୁଙ୍କୁ ରୌପ୍ୟ

ଜର୍ମାନୀରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ସ୍ପୋର୍ଟ୍ସଫିଷ୍ଟ ରେହଲିଙ୍ଗେନ ଆଥ୍‌ଲେଟିକ ପ୍ରତିଯୋଗିତାରେ ଭାରତୀୟ ମହିଳା ଜାଭେଲିନ ଫିଙ୍ଗାଳୀ ଅନୁ ରାଣୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଅନୁ ତାଙ୍କ ପ୍ରଥମ ପ୍ରୟାସରେ ୫୬.୦୭ ମିଟର ଜାଭେଲିନ ଫିଙ୍ଗିଥିଲେ। ଯାହାକି ତାଙ୍କର ସବୁଠୁ ଶ୍ରେଷ୍ଠ ଥ୍ରୋ ରହିଥିଲା ଏବଂ ସେ ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ରିଓ ଅଲିମ୍ପିକ ଚାମ୍ପିଅନ କ୍ରୋଏସିଆର ସାରା କୋଲାକ ୫୮.୮୫ ମିଟର ସହ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଘରୋଇ ଜର୍ମାନୀର କ୍ରିଷ୍ଟେନ ହୁସୋଙ୍ଗ ୫୫.୯୪ ମିଟର ସହ ୩ୟ ସ୍ଥାନରେ ରହିଥିଲେ। ଅନୁଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୬୩.୮୨ ମିଟର ରହିଛି। ଯାହାକୁ ସେ ୨୦୨୨ରେ ହାସଲ କରିଥିଲେ। ତେବେ ପ୍ୟାରିସ ଅଲିମ୍ପିକ୍ସ ଲାଗି ମହିଳା ଜାଭେଲିନରେ ଯୋଗ୍ୟତା ମାନଦଣ୍ଡ ୬୪ ମିଟର ରଖାଯାଇଛି।






### ଟ୍ରିପଲ ଜମ୍ପରେ ଏଲଡୋସଙ୍କୁ ରୌପ୍ୟ

ଗ୍ରୀସରେ ଅନୁଷ୍ଠିତ ଚାନିଆ ଇଣ୍ଟରନ୍ୟାସନାଲ ମିଟ୍‌ର ପୁରୁଷ ଟ୍ରିପଲ ଜମ୍ପରେ ଭାରତର ଏଲଡୋସ୍ ପଲ୍ ରୌପ୍ୟ ପଦକ ଜିତିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଅନ୍ତର୍ଗତ ଏହି ପ୍ରତିଯୋଗିତାରେ ପଲ୍ ୧୬.୩୫ ମିଟର ଲମ୍ବକୁ ଡେଇଁ ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ଏଥିରେ ତୁର୍କୀର ନେକାଟି ଏର୍ ୧୬.୮୫ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



# କ୍ରୀଡ଼ା





### କ୍ୱାଲିଫାୟର-୧ ଆଜି

# ଫାଇନାଲ ଲକ୍ଷ୍ୟରେ କୋଲକାତା, ହାଇଦ୍ରାବାଦ୍

**ଅହମ୍ମଦାବାଦ୍,୨୦।୫(ଏଜେନ୍ସି)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ର ଚଳିତ ୧୭ତମ ସଂସ୍କରଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମଙ୍ଗଳବାର ଟେବଲ ଟପ୍ପର କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ର ବିଜୟୀ ଦଳ ସିଧାସଳଖ ଫାଇନାଲକୁ ଉଠିବ। କିନ୍ତୁ ପରାଜିତ ଦଳ ପାଇଁ ଆଉ ଗୋଟିଏ ସୁଯୋଗ ରହିଛି। ପରାଜିତ ଦଳ କ୍ୱାଲିଫାୟର-୨ରେ ରାଜସ୍ଥାନ ରୟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ମଧ୍ୟରେ ଖେଳାଯିବାକୁ ଥିବା ଏଲିମିନେଟର ବିଜୟୀ ଦଳକୁ ଭେଟିବ। ଏହି ହାଇଭୋଲ୍ଟେଜ ମ୍ୟାଚ୍‌ରେ ଉଭୟ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ। ପାୱାର ହିଟିଂ ପାଇଁ ଉଭୟ ଦଳ ବେଶ୍ ଜଣାଶୁଣା।

କୋଲକାତା ପ୍ରଥମ ଦଳ ଭାବେ ଏଥର ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଗତ ୧୦ ଦିନ ମଧ୍ୟରେ ବର୍ଷା କାରଣରୁ କେତୋଟି ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ଫଳରେ ଉଭୟ ଦଳ ପର୍ଯ୍ୟାପ୍ତ ପରିମାଣର ବିଶ୍ରାମ ପାଇଛନ୍ତି। ଶ୍ରେୟସ ଆୟରଙ୍କ ନେତୃତ୍ୱରେ କୋଲକାତା କ୍ରମାଗତ ୪ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା ଓ ଏହାପରେ ବର୍ଷା କାରଣରୁ ତା'ର ଶେଷ ଦୁଇଟି ମ୍ୟାଚ୍ ବାତିଲ ହୋଇଥିଲା। ଚଳିତ ସଂସ୍କରଣରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋର କରିଥିବା କୋଲକାତା ବ୍ୟାଟର ଫିଲ ସଲ୍ଟ (୪୩୫ ରନ) ଆଗାମୀ ଟି-୨୦ ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ କୋଲକାତା ପାଇଁ ଏହା ଝଟ୍‌କା ସଦୃଶ ହୋଇଛି। କୋଲକାତାର ସୁନୀଲ ନାରିନ୍ ଏପର୍ଯ୍ୟନ୍ତ ୪୬୧ ରନ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ଅବଶ୍ୟ ମଧ୍ୟକ୍ରମରେ ଆୟର (୨୮୭ ରନ) ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି। ମଧ୍ୟକ୍ରମରେ ନୀତୀଶ ରାଣା ସ୍ଥିରତା ଆଣିଛନ୍ତି।



ଦୁଇ ଅଧିନାୟକ ପ୍ୟାଟ କୁମିନ୍ସ ଓ ଶ୍ରେୟସ ଆୟାର

ସେହିପରି ଆନ୍ଦ୍ରେ ରସେଲ ଫିନିଶର ଭୂମିକାକୁ ଠିକ୍ ଭାବେ ତୁଲାଇବାରେ ସକ୍ଷମ ହୋଇଛନ୍ତି। କୋଲକାତାର ବୋଲିଂ ଲାଇନ୍‌ଅପ୍ ମଧ୍ୟ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି। ମିଚେଲ ଷ୍ଟାର୍କଙ୍କ ନେତୃତ୍ୱରେ ବୋଲିଂ ବିଭାଗରେ କେତେଜଣ ବିଶ୍ୱସ୍ତରୀୟ ସ୍ପିନର ରହିଛନ୍ତି। ନାରିନ୍, ବରୁଣ ଚକ୍ରବର୍ତ୍ତୀ, ରସେଲ ଓ ହର୍ଷିତ ରାଣା ପୁଣି ଥରେ ଉପଯୋଗୀ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

ଅପରପକ୍ଷରେ କୋଲକାତା ତୁଳନାରେ ପ୍ୟାଟ କୁମିନ୍ସଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ ମଧ୍ୟ କୌଣସି ବିଭାଗରେ ପଛରେ ପଡିନାହିଁ। ଦଳର ଦୁଇ ପ୍ରମୁଖ ବ୍ୟାଟର ଟ୍ରାଭିସ ହେଡ ଓ ଅଭିଷେକ ନାୟାରଙ୍କ ଷ୍ଟ୍ରାଇକ୍‌ରେଟ ୨୦୦ରୁ ଉର୍ଦ୍ଧ୍ୱ ରହିଛି। ହେଡ୍ ଏପର୍ଯ୍ୟନ୍ତ ୫୩୩ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ସାମିଲ ରହିଛି। ହେଡ୍‌ଙ୍କ ନିର୍ଭିକ ବ୍ୟାଟିଂ ଦଳର ବାକି ବ୍ୟାଟରଙ୍କୁ ମଧ୍ୟ ଉତ୍ସାହିତ କରିଛି। ପୁଣି ଥରେ ୩ ନଂରେ ରାହୁଲ ତ୍ରିପାଠୀ ଉପଯୋଗୀ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି। ଏଥିସହ ଟୁର୍ଣ୍ଣାମେଣ୍ଟ ମ ଝ । ମ ଝି ରେ ହେନେରିଚ୍ କ୍ଲାସେନ ତାଙ୍କ ଫର୍ମ ଫେରିପାଇବା ଦଳ ପାଇଁ ବରଦାନ ସଦୃଶ ହୋଇଛି। ମୋଟାମୋଟି ଉପରେ ଦଳର ବ୍ୟାଟିଂ ଲାଇନ୍ ବେଶ୍ ମଜବୁତ ରହିଛି। ସେହିପରି ଅଭିଜ୍ଞ ପ୍ୟାଟ କୁମିନ୍ସଙ୍କ ନେତୃତ୍ୱରେ ଭୁବନେଶ୍ୱର କୁମାର, ୟର୍କର ସ୍ପେଶାଲିଷ୍ଟ ଟି ନଟରାଜନ, ନୀତୀଶ ରେଡ୍ଡୀ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ସେହିପରି ସ୍ପିନର ଶାହାବାଜ ଅହମ୍ମଦ ବୋଲିଂ ବିଭାଗରେ ସନ୍ତୁଳନ ଆଣିବାରେ ସଫଳ ହୋଇଛନ୍ତି।

### ଅହମ୍ମଦାବାଦରେ ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା

ଏଠାରେ ଗତବର୍ଷ ଦିନିକିଆ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପଛରେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆୟୋଜକ ଭାରତକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ପଛରେ ବ୍ୟାଟିଂ କରିଥିବା ଦଳ ଅଧିକ ସଫଳ ରହିଛି। ଏଠାରେ ୬ଟି ମ୍ୟାଚ୍‌ରୁ ଚେଜ୍ କରିଥିବା ଦଳ ୪ଟିରେ ବିଜୟୀ ହୋଇଛି। ତେଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ମ୍ୟାଚ୍ ହାଇସ୍କୋରିଂ ହେବ ଏବଂ ଛକା ଓ ଚୌକାର ବର୍ଷା ହେବ। କିନ୍ତୁ ବୋଲରମାନେ ଏହି ମ୍ୟାଚ୍‌ରେ ନିର୍ଣ୍ଣାୟକ ଭୂମିକା ନେବେ। ଗତ ମ୍ୟାଚ୍‌ରେ କୋଲକାତା ୪ ରନରେ ହାଇଦ୍ରାବାଦକୁ ହରାଇଥିଲା। ତେଣୁ ଏହି ମ୍ୟାଚ୍‌ରେ ଜବରଦସ୍ତ ରୋମାଞ୍ଚ ଓ ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**କ୍ୱାଲିଫାୟର-୧**
**କୋଲକାତା-ହାଇଦ୍ରାବାଦ**
ସ୍ଥାନ- ଅହମ୍ମଦାବାଦ, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ସମ୍ଭାବ୍ୟ ଦଳ

**କୋଲକାତା :** ସୁନୀଲ ନାରିନ, ରହମନୁଲ୍ଲା ଗୁରବାଜ, ଶ୍ରେୟସ ଆୟର (ଅଧିନାୟକ), ଭେଙ୍କଟେଶ ଆୟର, ନୀତୀଶ ରାଣା, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ରମନଦୀପ ସିଂ, ମିଚେଲ ଷ୍ଟାର୍କ, ଅନୁକୁଳ ରଏ/ ବୈଭବ ଆରୋରା, ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀ।

**ହାଇଦ୍ରାବାଦ:** ଟ୍ରାଭିଡ ହେଡ୍, ଅଭିଷେକ ଶର୍ମା, ରାହୁଲ ତ୍ରିପାଠୀ, ନୀତୀଶ କୁମାର ରେଡ୍ଡୀ, ହେନେରିଚ କ୍ଲାସେନ୍, ଶାହାବାଜ ଅହମ୍ମଦ, ଅବଦୁଲ ସମାଦ, ସନବୀର ସିଂ, ପ୍ୟାଟ କୁମିନ୍ସ (ଅଧିନାୟକ), ଭୁବନେଶ୍ୱର କୁମାର, ବିଜୟକାନ୍ତ ଭିୟାସକାନ୍ତ ଓ ଟି ନଟରାଜନ।

## ରୋହିତଙ୍କୁ ଷ୍ଟାର ସ୍ପୋର୍ଟ୍ସର ପାଲଟା ଜବାବ

**ନୂଆଦିଲ୍ଲୀ,୨୦।୫(ଏଜେନ୍ସି):** ଖବର ପରିବେଷଣ କରିବାକୁ ଖେଳାଳିମାନଙ୍କ ଗୋପନୀୟତା, ବ୍ୟକ୍ତିଗତ କଥାବାର୍ତ୍ତା ତଥା ଭିଡିଓ ପ୍ରସାରଣ କରିବା ନେଇ ଭାରତୀୟ ଅଧିନାୟକ ରୋହିତ ଶର୍ମା ଅସନ୍ତୋଷ ଜାହିର କରି ଅଭିଯୋଗ ଆଣିଥିଲେ। ଏବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବ୍ରଡକାଷ୍ଟର ଷ୍ଟାର ସ୍ପୋର୍ଟ୍ସ ମଧ୍ୟ ରୋହିତଙ୍କ ଏହି ଅଭିଯୋଗର ଜବାବ୍ ରଖି ସଫେଇ ଦେଇଛି। ଭାଇରାଲ ହୋଇଥିବା ରୋହିତଙ୍କ ଭିଡିଓ ମ୍ୟାଚ୍ ପୂର୍ବର ଲାଇଭ କଭରେଜର ଅଂଶ ରହିଥିଲା। ତେଣୁ ଏହା ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଥିଲା। କିନ୍ତୁ ଏହାପରେ ଏହି ଭିଡିଓକୁ ଆଉ ବ୍ୟବହାର କରାଯାଇନାହିଁ କି ପ୍ରସାରିତ କରାଯାଇନାହିଁ ବୋଲି ଷ୍ଟାରସ୍ପୋର୍ଟ୍ସ ତରଫରୁ କୁହାଯାଇଛି। ସାରା ବିଶ୍ୱରେ କ୍ରିକେଟ ପ୍ରସାରଣ କରିବା ସମୟରେ ଖେଳାଳିମାନଙ୍କ ଗୋପନୀୟତାକୁ ଆମେ ସମ୍ମାନ କରିଥାଉ ଓ ଏ ନେଇ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଷ୍ଟାରସ୍ପୋର୍ଟ୍ସ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ରୋହିତଙ୍କ ଦୁଇଟି ଭିଡିଓ ଭାଇରାଲ ହୋଇଥିଲା। ପ୍ରଥମେ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ଦ୍ୱିତୀୟଟି ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ବିପକ୍ଷ ମ୍ୟାଚ ସମ୍ପର୍କିତ ଥିଲା। ରୋହିତ ଏ ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜର ଅସନ୍ତୋଷ ଜାହିର କରିଥିଲେ।

## ଇଂଲଣ୍ଡ ଖେଳାଳିଙ୍କୁ ସମାଲୋଚନା

**ମୁମ୍ବାଇ, ୨୦।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ ପ୍ଲେଅଫ୍ ପୂର୍ବରୁ ସ୍ୱଦେଶ ଫେରିଯାଇଥିବା ଇଂଲଣ୍ଡର ତାରକା ଖେଳାଳିଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। ପ୍ରଥମେ ଭାରତୀୟ କ୍ରିକେଟର କିମ୍ବଦନ୍ତୀ ପୁରୁଷ ସୁନୀଲ ଗାଭାସ୍କର ଓ ଅଲରାଉଣ୍ଡର ଇର୍ଫାନ ପଠାନ ତୀବ୍ର ସମାଲୋଚନା କରିଛନ୍ତି। ପ୍ଲେ ଅଫ୍ ପୂର୍ବରୁ ଫେରିଯାଇଥିବା ଇଂଲଣ୍ଡ ଖେଳାଳିଙ୍କ ଉପରେ ଜରିମାନା କରିବାକୁ ଗାଭାସ୍କର ଦାବି କରିଛନ୍ତି। କିନ୍ତୁ ପଠାନ କହନ୍ତି, ଯଦି ଆଇପିଏଲ୍ ଖେଳିବ ତେବେ ପୂରା ସିଜନ ଖେଳ, ନଚେତ ଆଦୌ ଖେଳନାହିଁ। ଏଭଳି ବିତର୍କ ସମୟରେ ଇଂଲଣ୍ଡ ଖେଳାଳିଙ୍କୁ କିନ୍ତୁ ସମର୍ଥନ ଦେଇଛନ୍ତି ମାଇକେଲ ଭନ୍। ସେ କହନ୍ତି, ଦେଶ ଆଗ ଅନ୍ୟ ସବୁ ପଛ। ଏଣୁ ଖେଳାଳିଙ୍କୁ ଦୋଷ ଦେଇହେବ ନାହିଁ। ଦେଶ ଲାଗି ଖେଳିବା ଲାଗି ଯଦି ସେମାନେ ମନୋନୀତ ହୋଇଛନ୍ତି, ତେବେ ସେମାନେ ଶୀଘ୍ର ଦେଶଛାଡି ଚାଲିଯିବା ଆଦୌ ଅପରାଧ ନୁହେଁ ବୋଲି ଭନ୍ କହିଛନ୍ତି। ଚଳିତ ସିଜନରେ ଇଂଲଣ୍ଡର ଖେଳାଳିମାନେ ବେଶ ଚମତ୍କାର ପ୍ରଦର୍ଶନ ଖେଳିଥିଲେ। ସେମାନଙ୍କ ମଧ୍ୟରୁ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ରାଜସ୍ଥାନ ରୟାଲ୍ସର ଜୋଶ ବଟଲର, କୋଲକାତା ନାଇଟ୍ ରାଇଡର୍ସର ଫିଲିପ ସଲ୍ଟ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ୱିଲ ଜ୍ୟାକ୍ସ ଓ ରିସି ଟୋପ୍‌ଲେ ଚମତ୍କାର ପ୍ରଦର୍ଶନ କରି କେବଳ ସେମାନଙ୍କ ଦଳକୁ ସଫଳତା ଦେଇ ନଥିଲେ, ବରଂ ସଫଳତାର ବଡ଼ ଅଂଶୀଦାର ପାଲଟିଯାଇଥିଲେ। ଏମାନଙ୍କ ସ୍ଥାନ ପୂରଣ କରିବା ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ଦଳଗୁଡିକ ଲାଗି କଷ୍ଟକର। ଏଣୁ ନିଶ୍ଚିତ ଭାବେ ଏହି ଦଳଗୁଡିକର ଖେଳ ପ୍ରଭାବିତ ହେବ। ଭନ୍‌ଙ୍କ ମତରେ ଚଳିତବର୍ଷ ଆଇପିଏଲ୍ ମେ ୧୯ରେ ଶେଷ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଯାହା ଫଳରେ ମେ ୨୨ରୁ ପାକିସ୍ତାନ ବିପକ୍ଷ ସିରିଜ୍‌କୁ ସ୍ୱୀକୃତି ଦିଆଯାଇଥିଲା। ଚଳିତ ଆଇପିଏଲ୍‌ରେ ଡବଲ ହେଡର ମ୍ୟାଚ୍ ସଂଖ୍ୟା କମାଇଦିଆଯାଇଥିଲା। ଯାହା ଫଳରେ ଟୁର୍ଣ୍ଣାମେଣ୍ଟ ଶେଷ ହେବାକୁ କିଛି ଅଧିକ ସମୟ ଲାଗିଛି। ରିପୋର୍ଟ ଅନୁଯାୟୀ ଯଦି ମେ ୧୯ରେ ଆଇପିଏଲ୍ ଫାଇନାଲ ହୋଇଥାନ୍ତା ତେବେ ପ୍ଲେ ଅଫ୍‌ରେ ସମସ୍ତ ଇଂଲଣ୍ଡ ଖେଳାଳି ଖେଳିବାର ସୁଯୋଗ ପାଇଥାନ୍ତେ। ସବୁଠାରୁ ବଡ଼ କଥା ହେଉଛି ଇଂଲଣ୍ଡର ଖେଳାଳିମାନେ ଚଳିତ ଆଇପିଏଲରେ ବେଶ ଲୋକପ୍ରିୟତା ହାସଲ କରିଛନ୍ତି। ଏମାନଙ୍କୁ ଟିମ୍ ଯେତିକି ଆବଶ୍ୟକ କରୁଛି, ତା'ଠାରୁ ଅଧିକ ମିସ୍ କରୁଛନ୍ତି ସମର୍ଥକ। ଏଣୁ ସେମାନଙ୍କ ଅନୁପସ୍ଥିତି ନେଇ ଏଭଳି ବିତର୍କ ଆରମ୍ଭ ହୋଇଛି। ୫ ମ୍ୟାଚ୍ ବିଶିଷ୍ଟ ଇଂଲଣ୍ଡ-ପାକିସ୍ତାନ ଟି-୨୦ ସିରିଜ୍ ମେ ୨୨ରୁ ଆରମ୍ଭ ହେବ।

**ଆଇପିଏଲ୍ ପ୍ଲେ ଅଫ୍‌ରେ ଅନୁପସ୍ଥିତ**

● ଜେନେଭା ଓପନ୍ ଟେନିସ୍

## ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ନାଗଲ

**ଜେନେଭା, ୨୦।୫(ଏଜେନ୍ସି):** ସୁଇଜରଲାଣ୍ଡର ଜେନିଭାରେ ଚାଲିଥିବା ଏଟିପି ଟୁର ୨୫୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଶ୍ରେଷ୍ଠ ଏକକ ତାରକା ସୁମିନ ନାଗଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏଟିପି ମାନ୍ୟତାର ୯୪ତମ ସ୍ଥାନରେ ରହିଥିବା ନାଗଲ ୬-୭, ୩-୬ ସେଟ୍‌ରେ ଆର୍ଜେଣ୍ଟିନାର ୫ମ ସିଡ୍ ଖେଳାଳି ସେବାଷ୍ଟିଆନ ବାଏଜଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛନ୍ତି। ନାଗଲ ମାତ୍ର ଏକ ଘଣ୍ଟା ୫୨ ମିନିଟ୍‌ରେ ପରାସ୍ତ ହୋଇଥିଲେ। ନିଜ ପ୍ରଦର୍ଶନରେ ନାଗଲ ଅସନ୍ତୋଷ ଜାହିର କରିଛନ୍ତି। ଆସନ୍ତା ସପ୍ତାହରେ ୨୬ ବର୍ଷୀୟ ନାଗଲ ଫ୍ରେଞ୍ଚ ଓପନ୍‌ରେ ଭାରତ ପାଇଁ ପୁରୁଷ ଏକକ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ।

## ୬ଟି ରାଜ୍ୟରେ ହେବ ଇନ୍‌ଡୋର କ୍ରିକେଟ ଏକାଡେମୀ

**ନୂଆଦିଲ୍ଲୀ, ୨୦।୫(ଏଜେନ୍ସି):** ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ କ୍ରିକେଟ ଖେଳର ଉନ୍ନତି ଲାଗି ବିସିସିଆଇ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହି ଅଞ୍ଚଳରେ ୬ଟି ରାଜ୍ୟରେ ୬ଟି ଇନ୍‌ଡୋର କ୍ରିକେଟ ଏକାଡେମୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ରାଜ୍ୟଗୁଡିକ ହେଲା, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଓ ସିକ୍କିମ। ଏହି ରାଜ୍ୟଗୁଡିକରେ ଯଥା ଇଟାନଗର, ଇମ୍ଫାଲ, ଶିଲଂ, ଆଇଜଲ, କୋହିମା ଓ ଗାଙ୍ଗଟକରେ ଏହି ଏକାଡେମୀ ପ୍ରତିଷ୍ଠା କରିବା ଲାଗି ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ଫଳରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ କ୍ରିକେଟ ଖେଳର ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ଆସିବ। ଏହି ଅଞ୍ଚଳର ଖେଳାଳିମାନେ ବର୍ଷାସାରା ଅତ୍ୟାଧୁନିକ ପ୍ରଶିକ୍ଷଣ ନେଇପାରିବେ। ଏମାନଙ୍କୁ ଆଉ ଦେଶର ବିଭିନ୍ନ ଏକାଡେମୀକୁ ଯିବାକୁ ପଡ଼ିବ ନାହିଁ। ବର୍ଷା ଦିନରେ ମଧ୍ୟ ଏହି ଏକାଡେମୀରେ ପ୍ରଶିକ୍ଷଣ ବ୍ୟବସ୍ଥା ରହିବ। ଏହାଛଡ଼ା ଏହି ଅଞ୍ଚଳର ଉନ୍ନତି ଲାଗି ବିସିସିଆଇ ପକ୍ଷରୁ ଉତ୍ତର-ପୂର୍ବାଞ୍ଚ କ୍ରିକେଟ ଉନ୍ନୟନ କମିଟି ଗଠନ କରାଯାଇଛି। ଏହି କମିଟି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିବାକୁ ବିସିସିଆଇ ସହ ସମନ୍ୱୟ ରକ୍ଷା କରିବ। ବେଙ୍ଗାଲୁରୁରେ ଦ୍ୱିତୀୟ ନ୍ୟାସନାଲ କ୍ରିକେଟ ଏକାଡେମୀ ପ୍ରତିଷ୍ଠା କରାଯିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି।

**ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଲାଗି ବିସିସିଆଇର ବଡ଼ ଘୋଷଣା**

## ୧୧-୩ ଗୋଲରେ ଜିତିଲା ତିଦ୍ଧିମ ରୋଡ୍ ଆଥ୍‌ଲେଟିକ ୟୁନିୟନ

**ଭୁବନେଶ୍ୱର, ୨୦।୫ (ସମିସ):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଭୁବନେଶ୍ୱରରେ ଚାଲିଥିବା ଉପ-କନିଷ୍ଠ ଲିଗ୍ ପ୍ରତିଯୋଗିତାରେ ସୋମବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଫୁଟ୍‌ବଲ ଏକାଡେମୀରେ ଅନୁଷ୍ଠିତ ଏକ ମୁକାବିଲାରେ ମଣିପୁରର ତିଦ୍ଧିମ ରୋଡ୍ ଆଥ୍‌ଲେଟିକ ୟୁନିୟନ ୧୧-୩ ଗୋଲରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନକୁ ପରାସ୍ତ କରିଛି। ବିଜୟୀ ଦଳର ଅଧିନାୟକ ସିନୋମ ପାଇଖୋମ୍ବା ସିଂ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବିଧାନନଗର ମୁନିସିପାଲ୍ ସ୍ପୋର୍ଟ୍ସ ଏକାଡେମୀ (କୋଲକାତା) ୨-୧ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ, ବେଙ୍ଗାଲୁରୁ ଫୁଟ୍‌ବଲ କ୍ଲବ ୯-୫ ଗୋଲରେ ଦି ସ୍ପୋର୍ଟ୍ସ ସ୍କୁଲକୁ ଓ ଏଫ୍‌ସି ମାଦ୍ରାସ ୩-୨ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇଛି।

## କାସାବ୍ଲାଙ୍କା ଚେସ୍‌ରେ କାର୍ଲସେନ ଚାମ୍ପିଅନ

**କାସାବ୍ଲାଙ୍କା, ୨୦।୫(ଏଜେନ୍ସି)**



ବିଶ୍ୱର ଏକ ନମ୍ବର ଖେଳାଳି ମ୍ୟାଗ୍ନସ କାର୍ଲସେନ୍ ଏଠାରେ ୪ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଆୟୋଜିତ କାସାବ୍ଲାଙ୍କା ଚେସ୍ ଭାରିଆଣ୍ଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ଖେଳରେ କାର୍ଲସେନ ସର୍ବାଧିକ ୪.୫ ପଏଣ୍ଟ ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ବିଶେଷତ୍ୱ ଥିଲା ଯେ, ଜଣେ ଖେଳାଳିଙ୍କୁ ଅତୀତର ଏକ ବିଶେଷ ପ୍ରଣାଳୀର ଏକ ନିର୍ଦ୍ଦିଷ୍ଟ ମୁଭ୍‌ରୁ ଖେଳ ଆରମ୍ଭ କରିବାକୁ କୁହାଯାଇଥିଲା। ସେହି ମୁଭ୍‌ରୁ ଖେଳାଳି ଲଢ଼େଇ ଆରମ୍ଭ କରିଥିଲେ। ଏଥିରେ ଭାଗ ନେଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆମେରିକାର ହିକାରୁ ନାକାମୁରା ୩.୫ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲେ। ୫ଥରର ବିଶ୍ୱଚାମ୍ପିଅନ୍ ଭାରତର ବିଶ୍ୱନାଥନ ଆନନ୍ଦ ୩ ପଏଣ୍ଟ ସଂଗ୍ରହ କରି ତୃତୀୟ ଓ ଇଜିପ୍ଟର ଶ୍ରେଷ୍ଠ ଖେଳାଳି ବାସିମ ଅମିନ ୧ ପଏଣ୍ଟ ସଂଗ୍ରହ କରି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ୧୯୩୫ ବିଶ୍ୱ ଚାମ୍ପିଅନସିପ୍‌ରେ ଆଲେକ୍‌ଜାଣ୍ଡର ଆଲଖାଇନ୍ ଓ ମ୍ୟାକ୍ସ ୟୁୱେଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲା, ୧୯୮୭ରେ ଆନାତୋଲି କାର୍ପୋଭ ଓ ଗ୍ୟାରୀ କାସ୍ପୋରୋଭଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲା ଓ ୨୦୧୩ରେ ଆନ୍ନା ଉସେନିନା ଓ ହୋଉ ୟି ଫାନ୍ ମଧ୍ୟରେ ଖେଳାଯାଇଥିବା ଖେଳକୁ ଶେଷ ଦିନରେ ଖେଳିବାକୁ ଦିଆଯାଇଥିଲା। ଏହି ଫର୍ମାଟରେ ଆମେ ସମସ୍ତେ ଖେଳର ପୋଜିସନ ଜାଣିଥାଉ। ଏଣୁ ଏହି ମୁକାବିଲା ଗୁଡ଼ିକ ନିଜ ଜାଣତରେ ଖେଳାଯାଇଥିଲା। ଯାହାଫଳରେ ମୁକାବିଲା ବେଶ ରୋମାଞ୍ଚକର ହୋଇଥିଲା। ଏଭଳି ଟୁର୍ଣ୍ଣାମେଣ୍ଟରେ ମୁଁ ବାରମ୍ବାର ଖେଳିବାକୁ ପସନ୍ଦ କରିବି ବୋଲି ଟାଇଟଲ ଜିତିବା ପରେ କାର୍ଲସେନ୍ କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଆମେ ମନଭରି ଉପଭୋଗ କରିଛୁ ବୋଲି ଭାରତୀୟ ସୁପର ଗ୍ରାଣ୍ଡମାଷ୍ଟର ଆନନ୍ଦ କହିଥିଲେ।

# ଧୋନିଙ୍କ ନାମରେ ସବୁଠୁ ଲମ୍ବା ଛକା



**ମୁମ୍ବାଇ, ୨୦।୫ (ଏଜେନ୍ସି) :** ଆଇପିଏଲ୍‌ର ଚଳିତ ସପ୍ତଦଶ ସଂସ୍କରଣର ଲିଗ୍ ପର୍ଯ୍ୟାୟ ଶେଷ ହୋଇଯାଇଛି। ଲିଗ୍ ପର୍ଯ୍ୟାୟରେ ୭୦ଟି ମ୍ୟାଚ୍ ଖେଳାଯାଇଥିବାବେଳେ ମୋଟ୍ ୧୨୦୮ ଛକା ଓ ୨୦୭୦ ଚୌକା ଦେଖିବାକୁ ମିଳିଛି। ତେବେ ଲିଗ୍ ପର୍ଯ୍ୟାୟର ସବୁଠୁ ଲମ୍ବା ଛକା ଚେନ୍ନାଇ ସୁପର୍ କିଙ୍ଗ୍‌ସର ତାରକା ବ୍ୟାଟର୍ ମହେନ୍ଦ୍ର ସିଂ ଧୋନି ମାରିଛନ୍ତି। ଚେନ୍ନାଇ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଶନିବାର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଚେନ୍ନାଇ ପାଳିର ଶେଷ ଓଭର ବୋଲିଂ କରିବାକୁ ଆସିଥିବା ବେଙ୍ଗାଲୁରୁର ବାମହାତୀ ଦ୍ରୁତ ବୋଲର୍ ୟଶ ଦୟାଲଙ୍କ ପ୍ରଥମ ବଲକୁ ଧୋନି ସ୍କୋୟାର ଲେଗ୍‌ରେ ଏକ ବିଶାଳ ଛକା ମାରିଥିଲେ। ଯାହାକି ଷ୍ଟାଡିୟମର ଛାତ ଉପରେ ପଡ଼ିଥିଲା। ଧୋନିଙ୍କ ବ୍ୟାଟରୁ ବାହାରିଥିବା ଏହି ଛକାଟି ୧୧୦ ମିଟର ଅତିକ୍ରମ କରିଥିଲା। ଚଳିତ ସଂସ୍କରଣରେ ହୋଇଥିବା ୧୨୦୮ ଛକା ମଧ୍ୟରୁ ଏହା ସବୁଠୁ ଲମ୍ବା ଛକା ବିବେଚିତ ହୋଇଛି।

**ଆଇପିଏଲ୍-୧୭ରେ ଲମ୍ବା ଛକା**

| ବ୍ୟାଟର୍ | ଛକା ମିଟର | ମ୍ୟାଚ |
|---|---|---|
| ମହେନ୍ଦ୍ର ସିଂ ଧୋନି | ୧୧୦ | ଚେନ୍ନାଇ-ବେଙ୍ଗାଲୁରୁ |
| ଦୀନେଶ କାର୍ତ୍ତିକ | ୧୦୮ | ବେଙ୍ଗାଲୁରୁ-ହାଇଦ୍ରାବାଦ |
| ହେନରିଚ୍ କ୍ଲାସେନ | ୧୦୬ | ହାଇଦ୍ରାବାଦ୍-ବେଙ୍ଗାଲୁରୁ |
| ଭେଙ୍କଟେଶ ଆୟର | ୧୦୬ | କୋଲକାତା-ବେଙ୍ଗାଲୁରୁ |
| ନିକୋଲସ ପୁରନ | ୧୦୬ | ଲକ୍ଷ୍ନୌ-ବେଙ୍ଗାଲୁରୁ |
| ସିମରନ ହେଟ୍‌ମାୟର | ୧୦୬ | ରାଜସ୍ଥାନ-ହାଇଦ୍ରାବାଦ |
| ଇଶାନ କିଶାନ | ୧୦୩ | ମୁମ୍ବାଇ-ହାଇଦ୍ରାବାଦ |
| ଆନ୍ଦ୍ରେ ରସେଲ | ୧୦୨ | କୋଲକାତା-ହାଇଦ୍ରାବାଦ |
| ମହେନ୍ଦ୍ର ସିଂ ଧୋନି | ୧୦୧ | ଚେନ୍ନାଇ-ଲକ୍ଷ୍ନୌ |
| ଟ୍ରିଷ୍ଟାନ ଷ୍ଟବ୍ସ | ୧୦୧ | ଦିଲ୍ଲୀ-ମୁମ୍ବାଇ |

### ଅସ୍ତ୍ରୋପଚାର ପାଇଁ ଲଣ୍ଡନ ଯିବେ

ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଚଳିତ ଆଇପିଏଲ୍‌କୁ ମିଶାଇ ତୃତୀୟଥର ପ୍ଲେ-ଅଫ୍‌ରେ ପ୍ରବେଶ କରିବାରେ ବିଫଳ ହୋଇଛି। ନୈରାଶ୍ୟଜନକ ବିଦାୟ ପରେ ପ୍ରାକ୍ତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଆଇପିଏଲ୍ କ୍ୟାରିୟର ଏକପ୍ରକାର ସମାପ୍ତ ହୋଇଛି। ଇତିମଧ୍ୟରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମ୍ୟାନେଜମେଣ୍ଟରୁ ଏକ ଭିତିରିଆ ଖବର ପ୍ରକାଶ ପାଇଛି। ଯେଉଁଥିରେ କୁହାଯାଇଛି 'ଆଇପିଏଲ୍‌ରେ ଧୋନି ମାଂସପେଶୀଜନିତ ଆଘାତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିଲେ ମଧ୍ୟ ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳିଥିଲେ। ଏବେ ସେ ଅସ୍ତ୍ରୋପଚାର ଲାଗି ଲଣ୍ଡନ ଗସ୍ତରେ ଯିବେ। ତାଙ୍କୁ ସୁସ୍ଥ ହେବାକୁ ୫-୬ ମାସ ଲାଗିବ। ଏହାପରେ ସେ ଆଇପିଏଲ୍ ଅବସର ସମ୍ପର୍କରେ ଘୋଷଣା କରିବେ' ବୋଲି ଚେନ୍ନାଇ ଟିମ୍ ସୂତ୍ରରୁ ଜଣାପଡ଼ିଛି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୪ ମେ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA